

ହଇରାଣ ନ କରିବାକୁ ହାତ ଯୋଡ଼ିଲେ ରୀତା

ପୃଷ୍ଠା ୪

# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com

RNI NO :ODIODI/2001/04811 Postal Regd No : BN/249/15-17



## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ

Mail :- sancharodisha@gmail.com

Whatsapp :- +91 8093008776






ମହାନଦୀ ଜଳ ବିବାଦ: ଆନ୍ତଃ-ମନ୍ତ୍ରିସ୍ତରୀୟ କମିଟିର ପ୍ରଥମ ବୈଠକ

## ଓଡ଼ିଶାର ସ୍ୱାର୍ଥରକ୍ଷା ପୂର୍ବକ ସମାଧାନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ)ଃ ଦଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପଡ଼ୋଶୀ ଛତିଶଗଡ଼ ସହ ଚାଲିଥିବା ମହାନଦୀ ଜଳ ବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ସକାଶେ ରାଜ୍ୟ ସରକାରଙ୍କ ପକ୍ଷରୁ ଗଠିତ ଆନ୍ତଃ-ମନ୍ତ୍ରିସ୍ତରୀୟ କମିଟିର ପ୍ରଥମ ବୈଠକ ଆଜି ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଜଳ ସମ୍ପଦ ବିଭାଗର 'ରାଜୀବ ଭବନ'ଠାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ବିଭିନ୍ନ ପ୍ରସଙ୍ଗରେ ପ୍ରାଥମିକ ସମୀକ୍ଷା କରାଯାଇଥିଲା। ମହାନଦୀ ବିବାଦର ଇତିହାସ ଓ ହୀରାକୁଦ ପ୍ରକଳ୍ପ ସମ୍ବନ୍ଧୀୟ ତଥ୍ୟ ଉପରେ ଆଲୋଚନା ହୋଇଛି। ମହାନଦୀ ଜଳ ବିବାଦ ନେଇ ଟ୍ରିବ୍ୟୁନାଲ୍‌ରେ ଚାଲିଥିବା ମାମଲାର ସାମ୍ପ୍ରତିକ ସ୍ଥିତି ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ସମୀକ୍ଷା କରାଯାଇଛି। ଛତିଶଗଡ଼ ସହ କିଭଳି ଭାବେ ଆଲୋଚନା ମାଧ୍ୟମରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରାଯାଇପାରିବ, ବିଶେଷକରି ଓଡ଼ିଶାର ସ୍ୱାର୍ଥ ମଧ୍ୟ କ୍ଷତିଗ୍ରସ୍ତ ହେବ ନାହିଁ, ସେନେଇ ରଣନୀତି ପ୍ରସ୍ତୁତ କରାଯାଇଛି। ମହାନଦୀ ଅବବାହିକାର ସାମଗ୍ରିକ ସ୍ଥିତି ଓ ଓଡ଼ିଶାର ସ୍ୱାର୍ଥ ରକ୍ଷା ଉପରେ ବି ବୈଠକରେ ଗୁରୁତ୍ୱ ଦିଆଯାଇଛି। ଏହି ସର୍ବଦଳୀୟ ଉଚ୍ଚସ୍ତରୀୟ ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ଏହାଛଡ଼ା ବିଧାୟକ ସରୋଜ କୁମାର ପ୍ରଧାନ, ନିରଞ୍ଜନ ପୂଜାରୀ ଓ ସୋଫିଆ ଫିର୍ଦୋସ ମଧ୍ୟ ସାମିଲ ହୋଇଥିଲେ। ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଭର୍ଚୁଆଲ୍ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ବୈଷୟିକ ତଥ୍ୟ ଉପସ୍ଥାପନ କରିଥିଲେ। ଏହି କମିଟିର ପରବର୍ତ୍ତୀ ବୈଠକ ଆସନ୍ତା ମାସରେ ଅନୁଷ୍ଠିତ ହେବ ବୋଲି ମଧ୍ୟ ସୂଚନା ଦିଆଯାଇଛି।

# ଏସସିବିରେ ମିଳିବ ବିଶ୍ୱସ୍ତରୀୟ ସେବା



ଚାପମୁକ୍ତ ହେବେ ଡାକ୍ତରୀ ଛାତ୍ରଛାତ୍ରୀ

ପାର୍କିଂ ପାଇଁ ପ୍ରତିଷ୍ଠା ହେବ ୧୭ ମହଲା ବିଲ୍ଡିଂ

ମେଡିକାଲ କଲେଜରେ ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମ ଗୃହ

ପିପିପି ମୋଡରେ ହେବ ପାଣିକୋଇଲି ଟ୍ରମା କେୟାର

ବ୍ରହ୍ମପୁର ଓ ବୁର୍ଲା ମେଡିକାଲ କଲେଜର ହେବ ରୂପାନ୍ତରଣ

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ)ଃ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମୀରେ ଆତ୍ମନିର୍ଭର ହେବ ଓଡିଶା। ଏସସିବି ମେଡିକାଲ କଲେଜଠାରୁ ଆରମ୍ଭ କରି ୭ଟି ଯାକ ସରକାରୀ ମେଡିକାଲ କଲେଜରେ ଭିତ୍ତିଭୂମି ସହ ମାନବ ସମ୍ବଳର ବିକାଶ କରାଯିବ। ଏପରିକି ସବୁ ସରକାରୀ ମେଡିକାଲ କଲେଜରେ ରୋଗୀଙ୍କ ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମ ଗୃହ ମଧ୍ୟ ପ୍ରତିଷ୍ଠା କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବୈଠକରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସସିବି) ମେଡିକାଲ କଲେଜର ପୁନଃବିକାଶ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ରାଜ୍ୟର ସର୍ବବୃହତ ମେଡିକାଲ କଲେଜ ହିସାବରେ ଏଠାକୁ ପ୍ରତିଦିନ ହଜାର ହଜାର ରୋଗୀ ଓ ସେମାନଙ୍କର ସମ୍ପର୍କୀୟମାନେ ଆସିଥାନ୍ତି। ଏହି ମେଡିକାଲ କଲେଜକୁ ଏକ ବିଶ୍ୱସ୍ତରୀୟ ମେଡିକାଲ କଲେଜ ରୂପେ ବିକଶିତ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ଆବଶ୍ୟକୀୟ ପାର୍କିଂ ସୁବିଧା ଉପରେ ବୈଠକରେ ଆଲୋଚନା ହୋଇଥିଲା।

ଏସସିବି ମେଡିକାଲ କଲେଜରେ ୬.୫୧ ଏକର ପରିମିତ ଅଞ୍ଚଳରେ ୧୭ ମହଲା ବିଶିଷ୍ଟ ଏକ ମଲ୍ଟି ➪ପୃଷ୍ଠା-୬



## ଲୋକାର୍ପିତ ହେଲା ୧୫୦ ନୂଆ ଆମ୍ବୁଲାନ୍ସ

ରାଜ୍ୟର ସ୍ୱାସ୍ଥ୍ୟ ସେବାରେ ଆଉ ଏକ ନୂତନ ଅଧ୍ୟାୟ ଯୋଡି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳିଙ୍ଗ ଷ୍ଟାଡିୟମଠାରେ ପ୍ରଥମ ପର୍ଯ୍ୟାୟରେ ୧୫୦ ଗୋଟି ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। ସୂଚନାଯୋଗ୍ୟଯେ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ୪୨୮ଟି ନୂଆ ୧୦୮- ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ଏଥିରେ ୪୧୯ ଟି ପୁରୁଣା ଆମ୍ବୁଲାନ୍ସ, ଦୁଇଟି ଦୁର୍ଘଟଣାରେ ନଷ୍ଟ ହୋଇଯାଇଥିବା ଆମ୍ବୁଲାନ୍ସକୁ ପରିବର୍ତ୍ତନ କରାଯାଇ ନୂଆ ଆମ୍ବୁଲାନ୍ସ ବ୍ୟବହାର କରାଯିବ। ଏହା ବ୍ୟତୀତ ବାଣିଜ୍ୟ ଏବଂ ପରିବହନ ବିଭାଗରେ ➪ପୃଷ୍ଠା-୬

# ଅସ୍ତ୍ର ଛାଡ଼ି ଗୋଲାପ ଧରିଲେ ମାଓବାଦୀ

ବ୍ୟାପକ ମାତ୍ରାରେ ଅସ୍ତ୍ରଶସ୍ତ୍ର ଜମାକଲେ




ମାଲକାନଗିରି,୨୩।୧୨(ସଂଚାର ବ୍ୟୁରୋ)ଃ ମାଓବାଦୀ ଦମନ ଅଭିଯାନରେ ଆଜି ଓଡ଼ିଶା ପୁଲିସକୁ ଏକ ବଡ ସଫଳତା ମିଳିଛି। ମାଲକାନଗିରି ଜିଲ୍ଲା ପୁଲିସ କାର୍ଯ୍ୟାଳୟଠାରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଉପସ୍ଥିତିରେ ୨୨ ଜଣ ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଜଣେ ଡିଭିଜନାଲ କମିଟି ସଦସ୍ୟ (ଡିଭିସିଏମ୍), ୬ ଜଣ ଏରିଆ କମିଟି ସଦସ୍ୟ (ଏସିଏମ୍)ଙ୍କ ସମେତ କେତେକ ପାର୍ଟି ମେମ୍ବର ବି ରହିଛନ୍ତି। ଏହାଛଡ଼ା ସେମାନଙ୍କ ମଧ୍ୟରେ ୧୦ ଜଣ ମହିଳା କ୍ୟାଡର୍ ମାଓବାଦୀ ବି ଅଛନ୍ତି। ସେହିପରି ଏହି ମାଓବାଦୀମାନେ ବ୍ୟବହାର କରୁଥିବା ବ୍ୟାପକ ମାତ୍ରାରେ ଅସ୍ତ୍ରଶସ୍ତ୍ର ମଧ୍ୟ ଜମା କରିଛନ୍ତି। ଏଥିରେ ଗୋଟିଏ ଟି ଏକେ-୪୭ ରାଇଫଲ୍, ୨ଟି ଇନ୍‌ସାସ୍ ରାଇଫଲ୍, ୭.୬୨ ଏମ୍‌ଏମ୍ ଏସ୍‌ଏଲ୍‌ଆର୍ ରାଇଫଲ୍, ୩ଟି ପଏଣ୍ଟ ଥ୍ରୀନଟ୍‌ଥ୍ରୀ ରାଇଫଲ୍ ଓ ୨ଟି ସିଙ୍ଗଲ୍-ଶଟ୍ ରାଇଫଲ୍, ୧୫୦ ରାଉଣ୍ଡ ଜୀବନ୍ତ ଗୁଳି, ୯ଟି ମାଗାଜିନ୍, ୨୦ କିଗ୍ରା ଓଜନର ବିସ୍ଫୋରକ, ୧୩ଟି ଆଇଇଡି ଓ ଅନ୍ୟାନ୍ୟ ସାମଗ୍ରୀ ରହିଛି।

ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ଡିସିଏମ, କମାଣ୍ଡର ଲିଙ୍ଗେ ଓରଫ ମୁୟେ ମଡକାମ ଏବଂ ଏସିଏମ, କମାଣ୍ଡର, ବାମନ ମଡକାମ, ଏରିଆ କମିଟି ମେମ୍ବର (ଏସିଏମ), ସୁକ୍କା ମୁଚାକି, ଆଇତୁ ଆଉଲାମି,କୋସା ➪ପୃଷ୍ଠା-୬

### କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

## ୧୦୮ ଏସଇବିସିଙ୍କୁ ଓବିସିରେ ସାମିଲ କର

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ)ଃ ଓଡ଼ିଶାର ବିଭିନ୍ନ ପଛୁଆ ସମ୍ପ୍ରଦାୟର ସ୍ୱାର୍ଥରକ୍ଷା ଏବଂ ସେମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା ଦିଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟ ଏସଇବିସି ତାଲିକାରେ ସ୍ୱୀକୃତିପ୍ରାପ୍ତ ୧୦୮ଟି ସମ୍ପ୍ରଦାୟକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ କରିବା ପାଇଁ ସେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡାକ୍ତର ବୀରେନ୍ଦ୍ର କୁମାରଙ୍କୁ ପତ୍ର ଲେଖି ଏଦିଗରେ ତାଙ୍କର ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି।



ଶ୍ରୀ ପ୍ରଧାନ ଉକ୍ତ ପତ୍ରରେ ଦର୍ଶାଇଛନ୍ତି ଯେ ଏହି ସମ୍ପ୍ରଦାୟଗୁଡ଼ିକ ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟ ଏସଇବିସି ତାଲିକାରେ ମାନ୍ୟତା ପାଇଥିଲେ ମଧ୍ୟ

ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି ଏହି ବର୍ଗ

କେନ୍ଦ୍ରୀୟ ତାଲିକାରେ ସ୍ଥାନ ପାଇନାହାଁନ୍ତି। ଏପରି ଏକ ଅସଙ୍ଗତି କାରଣରୁ ଏହି ବର୍ଗର ଲୋକମାନେ କେନ୍ଦ୍ର ସରକାରଙ୍କ ଚାକିରି, ଶିକ୍ଷାନୁଷ୍ଠାନରେ ନାମଲେଖା ତଥା ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶାର ଜନସଂଖ୍ୟା ଅନୁସାରେ ଏସଇବିସି ବର୍ଗର ଲୋକମାନଙ୍କ ସଂଖ୍ୟା ଅଧିକ। ଏହି ସମ୍ପ୍ରଦାୟର ଜାତି/ଉପଜାତି/ବର୍ଗର ଲୋକମାନଙ୍କୁ କେନ୍ଦ୍ରୀୟ ତାଲିକାରେ ଅନ୍ତର୍ଭୁକ୍ତ କରାଗଲେ ➪ପୃଷ୍ଠା-୬

# ଭକ୍ତଙ୍କ ଉପରେ ନାଖୁସ ବରିଷ୍ଠ ନେତା



'ସେ ଏକା କିଛି କରିପାରିବେନି'

ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲନ୍ତୁ

ବନ୍ଧୁମିଳନରେ ହେବ ସଙ୍ଗଠନ ଚର୍ଚ୍ଚା

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ)ଃ ପିସିସି ସଭାପତି ଭକ୍ତ ଦାସଙ୍କ ଏକଚାଟିଆ କାରବାରକୁ ନେଇ ରାଜ୍ୟ କଂଗ୍ରେସରେ ବଢୁଛି ଅସନ୍ତୋଷ। ଏକା ପିସିସି ସଭାପତି ଚାହିଁଲେ ଦଳକୁ ଆଗକୁ ନେଇପାରିବେ ନାହିଁ। ସବୁ ବରିଷ୍ଠ, ଅନୁଭବୀ ଓ ଯୁବ ନେତାଙ୍କୁ ସାଙ୍ଗରେ ନେଇ ଚାଲିବାକୁ ପରାମର୍ଶ ଦେଇଛନ୍ତି କିଛି ବରିଷ୍ଠ ନେତା। ଦଳୀୟ କାର୍ଯ୍ୟକ୍ରମ ପ୍ରସ୍ତୁତି ପୂର୍ବରୁ ସଭାପତି ସବୁ ବର୍ଗର ନେତାଙ୍କ ମତାମତ ନେବା ଆବଶ୍ୟକ ବୋଲି ବରିଷ୍ଠ ନେତାମାନେ ମତ ଦେଇଛନ୍ତି।

ଯଦିଓ ଓ ମହମ୍ମଦ ମୋକିମଙ୍କ ପରି ବରିଷ୍ଠ ନେତାମାନେ ସିଧାସଳଖ ପିସିସି ସଭାପତିଙ୍କୁ ଚ୍ୟାଲଞ୍ଜ କରିନାହାଁନ୍ତି କି ତାଙ୍କ ବିରୋଧରେ ଏଆଇସିସିକୁ ଚିଠି ଲେଖିନାହାଁନ୍ତି, କିନ୍ତୁ ସଭାପତିଙ୍କ କାର୍ଯ୍ୟକଳାପକୁ ନେଇ ସେମାନେ ଖୁସି ମଧ୍ୟ ନାହାଁନ୍ତି। ଯେଉଁଥିପାଇଁ ପୂର୍ବତନ ପିସିସି ସଭାପତି ଓ ବରିଷ୍ଠ ନେତାମାନେ ବିଭିନ୍ନ ମାଧ୍ୟମରେ ପିସିସିରେ ଥିବା ଫାଟ ମରାମତି ପାଇଁ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟ ରାଜନୀତିରେ ଏବେ ମୁଖ୍ୟ ବିରୋଧୀ ବିଜେଡି ନଜସ୍ୱ କନ୍ଦଳରୁ ମୁକୁଳିପାରିନଥିବାରୁ କଂଗ୍ରେସ ପାଇଁ ସୁବର୍ଣ୍ଣ ସୁଯୋଗ ରହିଛି। କଂଗ୍ରେସ ପାଖରେ ଥିବା ଏହି ସୁଯୋଗର କିନ୍ତୁ ସଫଳ ବିନିଯୋଗ ହୋଇପାରୁନି। କିଛି ହାତଗଣତି ନେତାଙ୍କୁ ନେଇ ରାଜନୈତିକ କାର୍ଯ୍ୟକ୍ରମ କରାଗଲେ ତାହା ଫଳପ୍ରଦ ହେବ ନାହିଁ। ବିଜେଡି ପରି କଂଗ୍ରେସରେ ବି କନ୍ଦଳ ଥିବା ତାହା ପ୍ରମାଣିତ କରୁଛି। ସମୟ ଆସିଛି, କଂଗ୍ରେସର ସବୁ ପୂର୍ବତନ ପିସିସି ସଭାପତି, ପୂର୍ବତନ ମନ୍ତ୍ରୀ, ବରିଷ୍ଠ ତଥା ଅନୁଭବୀ ନେତାମାନେ ଗୋଟିଏ ମଞ୍ଚରେ ଛିଡ଼ା ହୋଇ ଶକ୍ତି ପ୍ରଦର୍ଶନ କରାଯିବା ଉଚିତ। ସାଧାରଣ ନିର୍ବାଚନକୁ ଦୁଇ ବର୍ଷ ପୂରିବାକୁ ଯାଉଛି। ଆଉ ହାତରେ ମାତ୍ର ଅଢେଇ ବର୍ଷ। ଦଳ ରାଜ୍ୟ ସ୍ତରରେ ସରକାରଙ୍କୁ ଘେରିବା ସହ ତୃଣମୂଳ ସ୍ତରରେ ପ୍ରଭାବୀ ଢଙ୍ଗରେ ଜନଜାଗରଣ ସୃଷ୍ଟି କରାଯାଇପାରିଲେ ଯାଇଁ ୨୦୨୯ରେ କଂଗ୍ରେସ ନିଜକୁ ବିକଳ୍ପ ➪ପୃଷ୍ଠା-୬

### କମିଶନରଙ୍କ ଚେତାବନୀ

## ମତୁଆଲା ହୁଅ, କିନ୍ତୁ କ୍ରାଇମ କରନି

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ)ଃ ଆଗକୁ ବଡ଼ଦିନ, ନୂଆବର୍ଷ। ନବବର୍ଷକୁ ସ୍ୱାଗତ କରିବା ପାଇଁ ଆରମ୍ଭ ହୋଇଛି କାଉଣ୍ଟଡାଉନ। ହୋଟେଲ, କ୍ଲବ୍, ପବ୍, ରେସ୍ତୋରାଁ ସବୁଠି ସେଲିବ୍ରେସନର ମାହୋଲ ଜମିବ। ଏବେଠାରୁ ଚିକିମିକି ଆଲୁଅରେ ଚମକିଲାଣି ରାଜଧାନୀ। କିନ୍ତୁ ଏହାରି ଭିତରେ କମିଶନରେଟ ପୁଲିସ ବ୍ୟାପକ କରିଛି ସୁରକ୍ଷା ବ୍ୟବସ୍ଥା। ବଡ଼ଦିନ ଓ ନୂଆବର୍ଷ ପାଇଁ କଡ଼ା ସୁରକ୍ଷା ବଳୟରେ ରହିବ ରାଜଧାନୀ ଭୁବନେଶ୍ୱର। ଜିରୋ ନାଇଟ ସେଲିବ୍ରେସନ ପାଇଁ ମଧ୍ୟ ବଢ଼ିଲା ସୁରକ୍ଷା ବ୍ୟବସ୍ଥା। ନିଶାସକ୍ତ ଅବସ୍ଥାରେ ଡ୍ରାଇଭିଂ ନ କରିବାକୁ ପରାମର୍ଶ ଦେଇଛି କମିଶନରେଟ ପୁଲିସ। ଚେକିଂ ପାଇଁ ଅତିରିକ୍ତ ୧୫ ପ୍ଲାଟୁନ ପୁଲିସ ଫୋର୍ସର ବି ବ୍ୟବସ୍ଥା କରାଯାଇଛି। ମହିଳା ଓ ଯୁବତୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଟିମ ମୁତୟନ ହେବ। ସାଦା ପୋଷାକରେ ସେମାନେ ବିଭିନ୍ନ ସ୍ଥାନରେ ପଇଁତରା ମାରିବେ। ସିସିଟିଭି ନଜରରେ ରହିବ ପୂରା ଭୁବନେଶ୍ୱର।




ସିସିଟିଭି ନଜରରେ ରହିବ ପୂରା ରାଜଧାନୀ

ବିଭିନ୍ନ ହୋଟେଲ ସହ କେତେକ ଖାଲି ସ୍ଥାନରେ ଜିରୋ ନାଇଟ ସେଲିବ୍ରେସନ ପାଇଁ ଅନୁମତି ପ୍ରଦାନ କରାଯାଇଛି। ସେହିପରି ପ୍ରତି ଜୋନରେ ଥିବା ଥାନାଞ୍ଚଳରେ ଫୋର୍ସ ମୁତୟନ ସହ ଟ୍ରାଫିକ ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ୍ କର୍ମଚାରୀମାନେ ବାଇକରେ ପଇଁତରା ମାରିବେ। ରାସ୍ତା ଉପରେ ଗ୍ରୁପ କ୍ଲାସ ଓ ରୋଡ୍ ରୋମିଓଙ୍କ ଉପରେ ନଜର ରଖିବା ପାଇଁ ପାଟ୍ରୋଲିଂ ୟୁନିଟକୁ ମଧ୍ୟ ଆଲର୍ଟ କରାଯାଇଛି। ଆହୁରି ଜିରୋ ନାଇଟ୍ ସେଲିବ୍ରେସନ୍ ସକାଶେ ଅଗ୍ନିଶମ ବିଭାଗର ➪ପୃଷ୍ଠା-୬



### କାନ ଡେରିଆ

ନେତାନୁହେଁ ସିଏ ମ୍ୟାନେଜର ଥିଲେ
ଏବେ ମନେ ପଡିଗଲା
ବିଜେଡି ନେତାଙ୍କ ଏହି ବୟାନରେ
ପାଣ୍ଡିଆ ହେଲେ ଘାଇଲା
ଇଏ ବି ଦଳୀୟ ପାଲା...
ନିର୍ବାଚନ ବେଳେ ତାଙ୍କ
ପ୍ରଚାରରେ
ସରକାର ହାରିଥିଲା ।

■ ଦେବାଶିଷ

# ପାଣ୍ଡିଆନ ବିରୋଧୀଙ୍କୁ ମହିଳା ବ୍ରିଗେଡ୍‌ର କାଉଣ୍ଟର

ନବୀନଙ୍କ ନିଷ୍ପତ୍ତି ହିଁ ସର୍ବମାନ୍ୟ

ଖୁବ୍‌ଶୀଘ୍ର ସଭାପତିଙ୍କୁ ଭେଟିବା କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ)ଃ ବିଜେଡିରେ ପାଣ୍ଡିଆନଙ୍କୁ ବିରୋଧ କରି ଚାଲିଥିବା ମେଳିକୁ ଆଜି କାଉଣ୍ଟର କରିଛନ୍ତି ବିଜେଡିର ମହିଳା ବିଗ୍ରେଡ। ଲୁଚାଛପାରେ ନୁହେଁ, ଖୋଦ୍ ଶଙ୍ଖଭବନରେ ଦଳର ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଏକତ୍ରିତ ହେବା ସହ ସିଧାସଳଖ ନହେଲେ ବି ପାଣ୍ଡିଆନଙ୍କ ପାଇଁ ଓକିଲାତି ଆରମ୍ଭ କରିଛନ୍ତି। ନବୀନ ଯାହାକୁ ବାଛିବେ ବିଜେଡି ତାକୁ ଗ୍ରହଣ କରିବ ବୋଲି କହିଛନ୍ତି। ଏଥିସହ ବିଭିନ୍ନ ଉପାୟରେ ବିଜେଡିକୁ ଟାହିଟାପରା କରୁଥିବା ଶ୍ରୀମୟୀ ମିଶ୍ରଙ୍କୁ ବି ନିଜ ଘର ସମ୍ଭାଳିବା ପାଇଁ ପରାମର୍ଶ ଦେଇଛନ୍ତି। ନୂଆପଡ଼ା ଉପନିର୍ବାଚନ ପରେ ବିଜେଡିରେ ଦାୟିତ୍ୱ ହସ୍ତାନ୍ତର ପ୍ରସଙ୍ଗ ଉଠିବା ପରଠାରୁ ଦଳରେ ଚାଲିଛି ମେଳି। କେତେବେଳେ ଝୁମୁକାରେ ତ ଆଉ କେତେବେଳେ ଲିଙ୍ଗରାଜ ମନ୍ଦିରରେ ନେତାମାନେ ଏକାଠି ହେଉଛନ୍ତି। ଏମାନେ ନିଜ ପାଇଁ ମୁହଁ ଖୋଲୁ ନ ଥିବା ବେଳେ ପାଣ୍ଡିଆନଙ୍କୁ କିନ୍ତୁ ବିରୋଧ କରୁଛନ୍ତି। ପ୍ରଥମେ ପାଣ୍ଡିଆନଙ୍କୁ ବୁଲେଇ ବଙ୍କେଇ ବିରୋଧ କରୁଥିବାବେଳେ ସୁଜାତାଙ୍କ ନା ଚର୍ଚ୍ଚାକୁ ଆସିବା ପରେ ତାଙ୍କୁ ଖୋଲାଖୋଲି ବିରୋଧ ଆରମ୍ଭ କରିଦେଇଛନ୍ତି। ସୁଜାତା ବିଜେଡିରେ ଏଣ୍ଟ୍ରି ମାରିଲେ ଦଳ ପାଇଁ ଶଭଙ୍କର ନୁହେଁ ବୋଲି ଦେବାଶିଷ ସାମନ୍ତରାୟଙ୍କ ଭଳି ନେତା ଖୋଲାଖୋଲି କହୁଛନ୍ତି।

ତେବେ ପ୍ରଥମେ ଝୁମୁକାରେ ବିଜୁ ଲିଗାସୀମାନେ ଏକତ୍ର ହୋଇ ବିଜେଡି ନେତୃତ୍ୱ ଉପରେ ଚାପ ସୃଷ୍ଟି କରିବା ପରେ କିଛି ବରିଷ୍ଠ ନେତା ଲିଙ୍ଗରାଜ ମନ୍ଦିରରେ ଏକାଠି ହୋଇଛନ୍ତି। ଏମାନେ ଦଳର ନେତୃତ୍ୱ ପ୍ରସଙ୍ଗରେ ଆଲୋଚନା କରୁଥିବା ବେଳେ କେହି କିନ୍ତୁ ନିଜ ସପକ୍ଷରେ ମତ ରଖୁନାହାନ୍ତି କି ଅନ୍ୟ କାହା ପାଇଁ ଲବି ବି କରୁନାହାନ୍ତି। କିନ୍ତୁ ସେମାନଙ୍କର ଗୋଟିଏ ଲକ୍ଷ୍ୟ ହୋଇଛି, କୌଣସି ପ୍ରକାରେ ପାଣ୍ଡିଆନଙ୍କୁ ବିରୋଧ କରିବା।

ବିଜେଡିରେ ଏଭଳି ମେଳି ଚାଲିଥିବା ବେଳେ ଆଜି ଶଙ୍ଖ ଭବନରେ ଏକାଠି ହୋଇଥିଲେ ମହିଳା ବ୍ରିଗେଡ। ଏମାନେ ପାଣ୍ଡିଆନଙ୍କୁ ବିରୋଧ କରୁଥିବା ନେତାଙ୍କୁ ଜୋରଦାର କାଉଣ୍ଟର କରିଛନ୍ତି। ବୈଠକ ଶେଷରେ ସ୍ନେହାଙ୍ଗିନୀ ଛୁରିଆ ଗଣମାଧ୍ୟମକୁ କହିଛନ୍ତି ଯେ ନବୀନ ଯାହାକୁ ଆଣିବେ ଆମେ ତାଙ୍କୁ ମାନିବୁ। ସୁଜାତା ଏଣ୍ଟ୍ରି କଲେ ଦଳରେ ଗ୍ରହଣୀୟତା ରହିବ କି ପ୍ରଶ୍ନରେ ସ୍ନେହାଙ୍ଗିନୀ କହିଲେ ଯେ ନବୀନ ବାବୁଙ୍କର ଏହା ନିଷ୍ପତ୍ତି। ସେ ଯାହା ନିଷ୍ପତ୍ତି ନେବେ ଆମେ ତାକୁ ଗ୍ରହଣ କରିବୁ ଓ ମାନିବୁ। ଏଥିସହ ଶ୍ରୀମୟୀଙ୍କ ପୋଷ୍ଟକୁ ➪ପୃଷ୍ଠା-୬

## ନୂଆବର୍ଷ ପୂର୍ବରୁ ନିଗମ ନିଯୁକ୍ତି!

ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ)ଃ ନୂଆବର୍ଷ ପୂର୍ବରୁ ଚୂଡ଼ାନ୍ତ ହେବ ରାଜ୍ୟର ସବୁ ନିଗମ ଅଧ୍ୟକ୍ଷ ପଦ। ରାଜ୍ୟ ବିଜେପିରେ ଏଭଳି ଏକ ଚର୍ଚ୍ଚା ଏବେ ଜୋର୍ ଧରିଛି। ରାଜ୍ୟରେ ବିଜେପି ସରକାର ଗଠନକୁ ଇତି ମଧ୍ୟରେ ୧୮ ମାସ ପୂରିଗଲାଣି। କିନ୍ତୁ ନିଗମ ଅଧ୍ୟକ୍ଷ ପଦ ଅଦ୍ୟାବଧି ପୂରଣ ହୋଇପାରୁ ନ ଥିବାରୁ ବିଭିନ୍ନ ମହଲରେ ସରକାରଙ୍କୁ ସମାଲୋଚନାର ଶିକାର ହେବାକୁ ପଡୁଥିଲା। ଏପରିକି କେନ୍ଦ୍ରୀୟ ନେତୃତ୍ୱ ମଧ୍ୟ ଅସନ୍ତୁଷ୍ଟ ହୋଇଥିବା ଚର୍ଚ୍ଚା ହେଉଛି। ତେଣୁ ରାଜ୍ୟ ସରକାର ନୂଆବର୍ଷ ପୂର୍ବରୁ ନିଗମ ଓ ବୋର୍ଡ ଅଧ୍ୟକ୍ଷ ଘୋଷଣା କରିବେ ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ଅବଶ୍ୟ ପୂର୍ବରୁ ଅନେକ ଥର ଏଭଳି ଚର୍ଚ୍ଚା ହୋଇଛି। ଏଥର ଚର୍ଚ୍ଚା କେତେଦୂର ସତ ହେବ ତାହା ଦେଖିବାର କଥା। କାରଣ ନିଗମ ଓ ବୋର୍ଡ ଅଧ୍ୟକ୍ଷ ପଦ ପାଇଁ ଆଶାୟୀଙ୍କ ତାଲିକା ବେଶ୍ ଲମ୍ବା। ଦଳ ପ୍ରଥମ ଥର ପାଇଁ ରାଜ୍ୟରେ ଏକାକୀ ସରକାର ଗଠନ କରିଥିବାରୁ ସାଧାରଣ ନିର୍ବାଚନରେ ଟିକେଟ ପାଇ ନ ଥିବା କିମ୍ବା ହାରିଯାଇଥିବା ନେତାମାନେ ନିଗମ ଓ ବୋର୍ଡ ଅଧ୍ୟକ୍ଷ ପଦକୁ ଅନେଇ ବସିଛନ୍ତି। ଅନ୍ୟ ଦଳରୁ ଆସିଥିବା କିଛି ନେତା ବି ବିଜେପିରେ ଥଇଥାନ ହେବାକୁ ନେତୃତ୍ୱଙ୍କ ଶୁଭ ଦୃଷ୍ଟିକୁ ଆଖେଇଛନ୍ତି।

# ଅଯୋଗ୍ୟ ହାତେଇଛନ୍ତି ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନା

**ମହାକାଳପଡ଼ା, ୨୩।୧୨ (ସଂଚାର ବ୍ୟୁରୋ):** ଅସହାୟ, ଭୂମିହୀନ, ଦିବ୍ୟାଙ୍ଗ ମାନଙ୍କ ପାଇଁ ଥିବା ଅନ୍ତୋଦୟ ଅନ୍ନପୂର୍ଣ୍ଣା ଯୋଜନାର ଅଯୋଗ୍ୟ ବ୍ୟକ୍ତିମାନେ ଅସାଧୁ ଉପାୟରେ ସରକାରୀ ଯୋଜନାର ଲାଭ ନେଉଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷ ସରଜମିନ ତଦନ୍ତ କରି ଲାଭ ପାଉଥିବା ବ୍ୟକ୍ତିଙ୍କୁ ଅଯୋଗ୍ୟ ବୋଲି ରିପୋର୍ଟ ଦାଖଲ କରିବା ପରେ ମଧ ବ୍ଲକ୍ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ।

ଏମିତି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ମହାକାଳପଡ଼ା ବ୍ଲକ୍‌ରେ। ବାରଡାଙ୍ଗ ପଞ୍ଚାୟତ ଅଧୀନ ବାରଡାଙ୍ଗ ଗ୍ରାମର ୧୦ ନମ୍ବର ୱାର୍ଡ଼ ନିବାସୀ ପ୍ରତାପ ମହାନ୍ତିଙ୍କ ପତ୍ନୀ ସସ୍ମିତା ମହାନ୍ତି ଅନ୍ତୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ କାର୍ଡ ହାତେଇ ସରକାରଙ୍କ ପ୍ରଦତ୍ତ ୩୫ କିଲୋ ଲେଖାଏଁ ଚାଉଳ ନେଉଛନ୍ତି। ଯାହାର କାର୍ଡ ନମ୍ବର ୧୨୦୫୦୬୧୦୧୪୯ ରହିଛି। ହେଲେ କାର୍ଡଧାରୀ ସସ୍ମିତା ଜଣେ ଅଯୋଗ୍ୟ ହିତାଧୀକାରୀ ଓ ସେ ଅସାଧୁ ଉପାୟରେ କାର୍ଡ ହାତେଇ ସରକାରଙ୍କ ଯୋଜନାର ଲାଭ ଉଠାଉଥିବା ଗ୍ରାମର କେତେଜଣ ବ୍ୟକ୍ତି ମହାକାଳପଡ଼ା ବିଡ଼ିଓଙ୍କୁ ଅଭିଯୋଗ ଜଣାଇଥିଲେ। ଅଭିଯୋଗ ପାଇବା ପରେ ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ତଦନ୍ତ କରି ରିପୋର୍ଟ ଦାଖଲ ପାଇଁ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଏଡିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବିଡ଼ିଓଙ୍କ ନିର୍ଦ୍ଦେଶ ପରେ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ରୋହିତ କୁମାର ହାଂସଦା ଓ ଏଡିଇଓ ବବିତା ମହାନ୍ତି ସରଜମିନ ତଦନ୍ତ କରି କାର୍ଡଧାରୀ ସସ୍ମିତା ମହାନ୍ତିଙ୍କର ଦୁଇ ବଖରା କୋଠାଘର

**ତଦନ୍ତ ରିପୋର୍ଟ ଦାଖଲ ପରେ ବି ପଦକ୍ଷେପ ଶୂନ**

**ରାଜନୈତିକ ଚାପ ନା ଅନୁକମ୍ପା?**

ସହ ଏକ ଦୁଇ ଚକିଆ ଯାନ ରହିଛି ଯାହା ସରକାରୀ ନିୟମ ଅନୁଯାୟୀ ସେ ଅନ୍ତୋଦୟ ଯୋଜନା ପାଇବା ପାଇଁ ଅନୁପଯୁକ୍ତ ବୋଲି ୧୩ ଅଗଷ୍ଟରୁ ବିଡ଼ିଓଙ୍କୁ ରିପୋର୍ଟ ଦାଖଲ କରିସାରିଛନ୍ତି। ହେଲେ ରିପୋର୍ଟ ଦାଖଲକୁ ତିନିମାସ ବିତିଯାଇଥିଲେ ମଧ ଏଯାଏଁ ବ୍ଲକ୍ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ଓ ଅଯୋଗ୍ୟ କାର୍ଡଧାରୀ ସରକାରୀ ଯୋଜନାର ଲାଭ ଉଠାଇ ଚାଲିଥିବା ଅଭିଯୋଗକାରୀମାନେ ଅଭିଯୋଗ ଆଣିଛନ୍ତି।

ଏଠି ପ୍ରଶ୍ନ ଯୋଗ୍ୟ ହିତାଧିକାରୀ ଙ୍କୁ ଅନ୍ତୋଦୟ ଅନ୍ନପୂର୍ଣ୍ଣା ଯୋଜନାର ଲାଭ ମିଳୁନଥିବା ବେଳେ ଅଯୋଗ୍ୟ ବ୍ୟକ୍ତିମାନେ ବେଆଇନ୍ ଭାବେ କାର୍ଡ ହାତେଇଛନ୍ତି କେମିତି? ତଦନ୍ତ ରିପୋର୍ଟ ଦାଖଲ ପରେ ମଧ ପ୍ରଶାସନ ନିରବ ରହିବା ପଛର ରହସ୍ୟ କଣ? ଏ ଘଟଣାରେ ରାଜନୈତିକ ଚାପ ନା ପ୍ରଶାସନର ଅନୁକମ୍ପା ରହିଛି ତାହା ଏବେ ସନ୍ଦେହ ବଢ଼ାଇଛି।

କିଛି ଦିନ ତଳେ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମର ମାନସିକ ବିକାର ଗ୍ରସ୍ତ ବିଭୂତି ଭୂଷଣ ଜେନା ଓ ଅମିରାବାଦ(ବାଙ୍କିଛନ୍ଦା) ଗ୍ରାମର ୮୦ % ଦିବ୍ୟାଙ୍ଗ ଚନ୍ଦନ ପାଇଟାଳ ଯୋଗ୍ୟ ଥାଇ ମଧ ଅନ୍ତୋଦୟ ଅନ୍ନପୂର୍ଣ୍ଣା ଯୋଜନାରୁ ବଞ୍ଚିତ ରହିଥିବା ଖବର ପ୍ରକାଶ ପାଇଥିଲା। ବର୍ତ୍ତମାନ ଖାଲି ନଥିବା ବିଭାଗ ତରଫରୁ ସୂଚନା ଦିଆଯାଇଥିଲା। ହେଲେ ବାରଡାଙ୍ଗ ଗ୍ରାମରୁ ଆସିଥିବା ଏହି ଘଟଣା ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲା ଭଳି ମହାକାଳପଡ଼ା ବ୍ଲକ୍‌ରେ ଆଉ ଏମିତି ଅନେକ ଅଯୋଗ୍ୟ ହିତାଧୀକାରୀ ଅସାଧୁ ଉପାୟରେ ସରକାରୀ ଯୋଜନାର ସୁଫଳ ନେଉଥିବେ ବୋଲି ସନ୍ଦେହ ସୃଷ୍ଟି କରିଛି।

## ବୃଦ୍ଧାଶ୍ରମରେ କମ୍ବଳ ଓ ଖାଦ୍ୟ ବାଣ୍ଟିଲେ ଚନ୍ଦ୍ରକାନ୍ତ



**ମହାକାଳପଡ଼ା, ୨୩।୧୨ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଖରିନାସି ଠାରେ ଥିବା ବରିଷ୍ଠ ନାଗରିକ ନିବାସ (ବୃଦ୍ଧାଶ୍ରମ) ରେ ଯୁବନେତା ଇଂ ଚନ୍ଦ୍ରକାନ୍ତ ସ୍ୱାଇଁ ତାଙ୍କ ସହଯୋଗୀ ମାନଙ୍କ ସହିତ ମିଶି ସେଠାରେ ଥିବା ଅନ୍ତେବାସି ମାନଙ୍କୁ କମ୍ବଳ, ଫଳମୂଳ ଓ ଶୁଖିଲା ଖାଦ୍ୟ ଆଦି ପ୍ରଦାନ କରିଛନ୍ତି।

## ପଟ୍ଟାମୁଣ୍ଡାଇ ପାଇଁ ଗୌରବ ଆଣିଲେ ସୁନା ଝିଅ ଇଶା ପ୍ରଧାନ

### ବୃତ୍ତି ପରୀକ୍ଷାରେ ବ୍ଲକ ଟପ୍ପର



**ପଟ୍ଟାମୁଣ୍ଡାଇ, ୨୩।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ଗ୍ରାମର ଡାକ୍ତର ଇନ୍ଦ୍ରଭାନୁ ପ୍ରଧାନଙ୍କ ଝିଅ ଇଶା ପ୍ରଧାନ ବୟସ ନଅ ବାଛରା ମଣ୍ଡପଡ଼ା ଉଚ୍ଚ ପ୍ରାଥମିକ ନୋଡାଲ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ଚଳିତ ବର୍ଷ ପ୍ରାଥମିକ ତୃତୀୟ ବୃତ୍ତି ପରୀକ୍ଷାରେ ସର୍ବାଧିକ ମାର୍କ ରଖି ପଟ୍ଟାମୁଣ୍ଡାଇ ବ୍ଲକ ଟପ୍ପର ହୋଇ ଗୌରବ ଆଣିଛନ୍ତି. ତାଙ୍କର ଏହି ସଫଳତା ପାଇଁ ସେ କଠିନ ପରିଶ୍ରମ କରିଥିବା ବେଳେ ପିତା, ମାତାଙ୍କୁ ଏବଂ ବାଛରା ମଣ୍ଡପଡ଼ା ଉଚ୍ଚ ପ୍ରାଥମିକ ନୋଡାଲ ସ୍କୁଲର ଶିକ୍ଷକ ଏବଂ ଶିକ୍ଷୟତ୍ରୀ ଙ୍କୁ ଶେୟ ଦେଇଛନ୍ତି. ତାଙ୍କର ଏହି ସଫଳତା ପାଇଁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟି ବାରେ ଲାଗିଛି।

## ଜାତୀୟ କୃଷକ ଦିବସ ଉପଲକ୍ଷେ କୃଷକଙ୍କୁ ସମ୍ବର୍ଦ୍ଧନା



**ପଟ୍ଟାମୁଣ୍ଡାଇ, ୨୩।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ୍ ସରସ୍ୱତୀ ସେବା ସଂଗଠନ ଗୁଣୁପୁର ପାଟଣା ଠାରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଓ ଶ୍ରୀ ବଳଦେବ ମେଡିଆ ର ମିଳିତ ସହଯୋଗରେ ଆୟୋଜିତ ଗ୍ରାମୀଣ ପ୍ରତିଭା ମହୋତ୍ସବ ରେ ବିଭିନ୍ନ ଅଞ୍ଚଳର ଗ୍ରାମୀଣ କୃଷକ ଙ୍କୁ ଜାତୀୟ କୃଷକ ଦିବସ ଉପଲକ୍ଷେ ବଣମଲ୍ଲୀ ସମ୍ମାନରେ ସମ୍ମାନିତ କରାଯିବା ସହ ଅଙ୍ଗବସ୍ତ୍ର ଓ ନିଜ କୃଷିକ୍ଷେତ୍ରରେ କାର୍ଯ୍ୟରତ ଥିବାର ନିଜ ଚିତ୍ର ଫଳକ ଉପହାର ରୂପେ ପ୍ରଦାନ କରାଯାଇଛି। ନିପଟ ମଫସଲ ଅଞ୍ଚଳର ପରିଣତ ବୟସର ସ୍ୱାଭିମାନୀ କର୍ମଯୋଦ୍ଧା କୃଷକ ମାନଙ୍କୁ ଅତ୍ୟାଧୁନିକ ମଞ୍ଚରେ ସର୍ବସମ୍ମୁଖରେ ସମ୍ମାନିତ କରାଇ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ । ଟ୍ରଷ୍ଟର ଏପରି କାର୍ଯ୍ୟକୁ ଉପସ୍ଥିତ ଦର୍ଶକ ଉଚ୍ଚ ପ୍ରଶଂସା କରିବା ସହ ଜୟ କିଷାନ ନାରା ପ୍ରଦାନ କରିଥିଲେ।

**ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

## ଆକ୍ରମଣକାରୀଙ୍କ ଗିରଫ ପାଇଁ ଏସ୍‌ପିଙ୍କୁ ଦାବିପତ୍ର



**କେନ୍ଦ୍ରାପଡ଼ା/ମହାକାଳପଡ଼ା, ୨୩।୧୨ (ସଂଚାର ବ୍ୟୁରୋ):** ଆଜି ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ମହାକାଳପଡ଼ାର ଜଣେ ୱେବ ସାମ୍ବାଦିକ ରାଜୁ ଦାସଙ୍କୁ ଗତ ୨୦ ତାରିଖରେ ଦୁର୍ବୃତ୍ତ ମାନେ ମରଣାନ୍ତକ ଆକ୍ରମଣ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ପୋଲିସ କେବଳ ମାମଲା ରୁଜୁ କରି ଚୁପ ବସିଛି ଓ ବର୍ତ୍ତମାନ ସୁଦ୍ଧା ତଦନ୍ତ କରୁନାହାଁନ୍ତି କି ଦୋଷୀଙ୍କୁ ଗିରଫ କରୁନଥିବା ଦାବିପତ୍ରରେ ଦର୍ଶାଯାଇଛି।

ଘଟଣାରେ ପକ୍ଷପାତିତା କରୁଥିବା ପୁଲିସ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ତଦନ୍ତ କରି ସାମ୍ବାଦିକଙ୍କୁ ଆକ୍ରମଣ କରିଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସଙ୍ଘର ସଦସ୍ୟମାନେ ଦାବି କରିଛନ୍ତି। ଦାବିପତ୍ର ଗ୍ରହଣ କରିବା ସହ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନିଜେ ସେ ଘଟଣାର ତଦନ୍ତ କରିବା ସହ ଖୁବଶୀଘ୍ର ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବିଧାୟକଙ୍କ ଦ୍ୱାରା ୩ଟି ପ୍ରକଳ୍ପର ଶିଳାନ୍ୟାସ



**ମାହାଙ୍ଗା, ୨୩।୧୨ (ସଂଚାର ବ୍ୟୁରୋ):** ମାହାଙ୍ଗା ବିକାଶର ସୂତ୍ରଧାର ମାନ୍ୟବର ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନଙ୍କ କରକମଳରେ ଆଜି ଜଳସମ୍ପଦ ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା ମୋଟ୍ ୩ ଗୋଟି ବିଭିନ୍ନ ନୂତନ ପ୍ରକଳ୍ପ ଶୁଭ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯାହାର ହାରାହାରି ବ୍ୟୟ ଅଟକଳ ମୂଲ୍ୟ ୧କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ବୋଲି ଜଣାପଡିଛି। ପ୍ରାରମ୍ଭରେ ଚାହାପଡା ଗ୍ରାମପଞ୍ଚାୟତରୁ ବିଧାୟକ ଶ୍ରୀଯୁକ୍ତ ପ୍ରଧାନଙ୍କୁ ଶତାଧିକ ସମର୍ଥକମାନେ ଏକ ବିରାଟ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ପରେ ବରଦିଆ, ନୁର୍ତାଙ୍ଗ, ଚଷାଖଣ୍ଡ, ମଉଦା ଗ୍ରାମପଞ୍ଚାୟତର ତ୍ରିବେଣୀଶ୍ୱର ପ୍ରଭୃତି ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ ଉତ୍ସବ ବିଧାୟକ ଶ୍ରୀଯୁକ୍ତ ପ୍ରଧାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଞ୍ଚଳରେ ବସବାସ କରୁଥିବା ସମସ୍ତ ଚାଷୀ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଇ ଜଳ ସମ୍ପଦ ବିଭାଗ ଅଧିନରେ ଏହି ୩ଗୋଟି ଛୋଟ ଛୋଟ ପ୍ରକଳ୍ପ ଦ୍ୱାରା ନିଶ୍ଚିନ୍ତ ଭାବେ ଚାଷୀ ମାନଙ୍କ କ୍ଷେତକୁ ଜଳ ଯୋଗାଣ ସମ୍ଭବପର ହେବା ସହିତ ମାହାଙ୍ଗା ବ୍ଲକର ୪ଟି ଗ୍ରାମପଞ୍ଚାୟତ ଠାରୁ ଆରମ୍ଭ କରି ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବହୁ ଗ୍ରାମ ପଞ୍ଚାୟତବାସି ଚାଷ କ୍ଷେତ୍ରରେ ଉପକୃତ ହୋଇପାରିବେ ବୋଲି ବିଧାୟକ ଶ୍ରୀଯୁକ୍ତ ପ୍ରଧାନ ମତପ୍ରକାଶ କରିଥିଲେ। ଏଥିରେ ବହୁ ଜନପ୍ରତିନିଧି, ବୁଦ୍ଧିଜୀବୀ, ଅଞ୍ଚଳବାସୀଙ୍କ ସମେତ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବଉଳକଣି ପଞ୍ଚାୟତରୁ ମନରେଗା ତଥ୍ୟ ଗାଏବ

**ମହାକାଳପଡ଼ା, ୨୩।୧୨(ସଂଚାର ବ୍ୟୁରୋ):** ବହୁ ଚର୍ଚ୍ଚିତ ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତ ଆର୍ଥିକ ବର୍ଷ ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକ ବର୍ଷର ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ଓ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ସୂଚନା ଅଧିକାର କର୍ମୀ ତଥା ସମାଜସେବୀ ହରେକୃଷ୍ଣ ପାତ୍ର ସୂଚନା ଅଧିକାର ଆଇନରେ ପ୍ରଥମେ ମହାକାଳପଡ଼ା ବ୍ଲକ ଜନ ସୂଚନା ଅଧିକାରୀଙ୍କୁ ସମସ୍ତ ତଥ୍ୟ ମାଗିଥିଲେ। କିନ୍ତୁ ବଉଳକଣି ପଞ୍ଚାୟତର ଜନସୂଚନା ଅଧିକାରୀ ତଥା ପିଇଓ ଶ୍ରୀ ପାତ୍ରଙ୍କୁ କୌଣସି ତଥ୍ୟ ପ୍ରଦାନ କରିନଥିଲେ। ପରେ ହରେକୃଷ୍ଣ ପାତ୍ର ଓଡିଶା ସୂଚନା କଣିଶନଙ୍କ ନିକଟରେ ଦ୍ୱିତୀୟ ଅପିଲ କରିଥିଲେ।



ପ୍ରାୟ ତିନି ବର୍ଷ ପରେ ସୂଚନା କମିଶନଙ୍କ ନିର୍ଦ୍ଦେଶ କ୍ରମେ ୨୩ ଡିସେମ୍ବର ୨୦୨୫ରେ ବଉଳକଣି ପଞ୍ଚାୟତ କାର୍ଯ୍ୟାଳୟ ଚିଠି ନମ୍ବର ୪୩ ଅନୁଯାୟୀ ପଞ୍ଚାୟତରେ କୌଣସି ତଥ୍ୟ ଉପଲବ୍ଧ ନଥିବା ଦର୍ଶାଯାଇଛି। ଯାହା ବଉଳକଣି ପଞ୍ଚାୟତର ତତ୍କାଳୀନ ସରପଞ୍ଚ ଓ ପିଇଓ ବ୍ୟାପକ ଦୁର୍ନୀତି ଓ ଆର୍ଥିକ ଅନିୟମିତତା ଯୋଗୁ ତଥ୍ୟ ଗାଏବ କରାଯାଇଥିବା ଶ୍ରୀ ପାତ୍ର କହିଛନ୍ତି।

## ମନରେଗା ନାମ ପରିବର୍ତ୍ତନ ପ୍ରତିବାଦରେ ଜିଲ୍ଲା କଂଗ୍ରେସର ବିକ୍ଷୋଭ




**କେନ୍ଦ୍ରାପଡ଼ା, ୨୩।୧୨(ସଂଚାର ବ୍ୟୁରୋ):** ଦେଶର ବେକାର ଯୁବକଯୁବତୀ ଓ ସାଧାରଣ ଲୋକଙ୍କର ଆତ୍ମ ନିଯୁକ୍ତି ପାଇଁ ସରକାରୀ ସ୍ତରରେ ପ୍ରଣୟନ ହୋଇଥିବା "ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା"ରେ ଲୋକଙ୍କୁ ବର୍ଷରେ ଏକଶହ ଦିନ କର୍ମ ଯୋଗାଇ ଦେବାର ବ୍ୟବସ୍ଥା ଥିବା ବେଳେ ସରକାର ଅଦ୍ୟାବଧି ବର୍ଷକରେ ଏକଶହ ଦିନ କର୍ମ ଯୋଗାଇବାରେ ବିଫଳ ହୋଇଛନ୍ତି। ଏଥିସହିତ କାମ ଯୋଗାଇ ନପାରିଲେ ବେକାରୀ ଭତ୍ତା ଦେବା ପାଇଁ ସରକାର ଦେଇଥିବା ପ୍ରତିଶୃତି ପ୍ରତାରଣାରେ ପୂର୍ଣ୍ଣ ହୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି । ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ନାମକୁ ବାଦ ଦେଇ ଅସମ୍ମାନିତ କରିଥିବାରୁ ଦେଶର ଜନସାଧାରଣଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ବିଜେପି ସରକାରର ଏହିଭଳି ହୀନ ଚକ୍ରାନ୍ତର ପ୍ରତିବାଦ କରି କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ଡାକ୍ତର ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ବିଜେପି ସରକାରର ଏଭଳି କାର୍ଯ୍ୟକୁ ନିନ୍ଦା କରାଯାଇଥିଲା । ଏହି ପ୍ରତିବାଦ ବିକ୍ଷୋଭରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ପୂର୍ବତନ ନଗରପାଳ ଆକବର ଅଲ୍ଲୀଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ ନେତା ଉପସ୍ଥିତ ଥିଲେ ।

## ମନ୍ଦିର ପାର୍ଶ୍ୱରୁ ବିଦ୍ୟୁତ ଖୁଣ୍ଟ ଉଠାଇବାକୁ ଦାବି



**ନିଶ୍ଚିନ୍ତକୋଇଲି, ୨୩।୧୨(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ପାଖ ଓ ନିଶ୍ଚିନ୍ତକୋଇଲି-ଲଳିତଗିରି ରାସ୍ତା ପାର୍ଶ୍ୱରେ ମା' ତାରିଣୀଙ୍କ ମନ୍ଦିର ଅବସ୍ଥିତ। ଏହି ମନ୍ଦିରକୁ ଲାଗି ଏକ ବିଦ୍ୟୁତ ଖୁଣ୍ଟ ପୋତାଯାଇ ବିଦ୍ୟୁତ ସରବରାହ ଚାଲୁ ରହିଛି। ବିଗତ ଦିନରେ ଉକ୍ତ ବିଦ୍ୟୁତ ଖୁଣ୍ଟରେ ତ୍ରୁଟି ପରିଲକ୍ଷିତ ଥିବାରୁ ବିଦ୍ୟୁତ ବିଭାଗୀୟ କର୍ମଚାରୀମାନେ ମରାମତି କରିବା ପାଇଁ ମନ୍ଦିର ଉପରେ ଯୋତା ପିନ୍ଧି ମରାମତି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ମନ୍ଦିର ଉପରେ ଯୋତା ପିନ୍ଧି ମରାମତି କରିବା ହିନ୍ଦୁ ଧର୍ମୀୟ ଭାବନା ପ୍ରତି ଆଞ୍ଚ ଆସିଲା। ମନ୍ଦିର ପାର୍ଶ୍ୱରୁ ଉକ୍ତ ବିଦ୍ୟୁତ ଖୁଣ୍ଟଟିକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ଜାତୀୟ କୃଷକ ଦିବସ ପାଳିତ



**ସାଲେପୁର, ୨୩।୧୨(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଅନ୍ତର୍ଗତ ବେଲେରା ଗ୍ରାମରେ ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇ.ଆଇ.ଟି. ଖଡ଼ଗପୁରର ପ୍ରଫେସର ଅରବିନ୍ଦ ରାଉତରାୟ, ମମତା ଯେନାମଣି, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡଃ ଅର୍ଜମା ଦତ୍ତ ଷଡ଼ଙ୍ଗୀ, ଡଃ ସୁମନ୍ତ କୁମାର ମିଶ୍ରଅ, ହେମନ୍ତ କୁମାର ଦାସ, ବୀରକିଶୋର ସେଠୀ, ପ୍ରଧାନ ବୈଜ୍ଞାନିକ ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ରହି ପ୍ରାକୃତିକ ଉପାୟରେ ଜଳ ସଂରକ୍ଷଣ କରିବା, ଜୈବିକ ପଦ୍ଧତିରେ ଚାଷ କରିବା ସହିତ ରାସାୟନିକ ଚାଷରୁ ଦୂରେଇ ରହି ଜୈବିକ ପଦ୍ଧତିକୁ କିପରି ଆପଣାଇ ପାରିବା ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ଭାଇଭଉଣୀଙ୍କ ସମେତ ସମାଜସେବୀ, ବୁଦ୍ଧିଜୀବୀ, ସ୍ଥାନୀୟ ଜନପ୍ରତିନିଧି ଓ ମହିଳାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

**କେନ୍ଦ୍ରାପଡ଼ା, ୨୩।୧୨(ସଂଚାର ବ୍ୟୁରୋ):** ଆଜି ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ ନାୟକ, ମୁଖ୍ୟ ବକ୍ତା ଡ଼ ଶିବାଶିଷ ଗିରି, ସହ ନିର୍ଦ୍ଦେଶିକା ଡିପିଏମୟୁ ଆରତୀ ନାୟକ, କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ମହାକାଳପଡ଼ା ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ, ଇଚ୍ଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବୀଣାପାଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ । ବିଜ୍ଞାନ ଶିକ୍ଷକ ନିରଞ୍ଜନ ବେହେରା ଓ ଶିକ୍ଷୟତ୍ରୀ ଏଲିନା ସାହୁ ସଭା ସଂଯୋଜନା କରିଥିଲେ। ବିଜ୍ଞାନ ଶିକ୍ଷକ ଆଦିକନ୍ଦ ସାହୁ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ମହାକାଳପଡ଼ା ନୋଡାଲ ପ୍ରଧାନ ଶିକ୍ଷକ ରଘୁନାଥ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ମନୋଜ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ଚନ୍ଦ୍ର ପରିଡାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାରୁ ମୋଟ ୧୩୦ଟି ପ୍ରକଳ୍ପ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା ।

## ହନିଟ୍ରାପ୍ ମାମଲା: ୪ ଜଣଙ୍କୁ ମିଳିଲା ଜାମିନ୍

**ନିଶ୍ଚିନ୍ତକୋଇଲି, ୨୩।୧୨(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଅଞ୍ଚଳରେ ହୋଇଥିବା ବହୁଚର୍ଚ୍ଚିତ ହନିଟ୍ରାପ୍ ଘଟଣାରେ ଗତ ୨୨.୯.୨୦୨୫ ରିଖରେ ୪ ଜଣ ଅଭିଯୁକ୍ତ ଜେଲ୍ ଯାଇଥିଲେ। ଏହି ୪ ଜଣଙ୍କ ନାମରେ କୋର୍ଟରେ ୪ଟି ଲେଖାଏ ମାମଲା ଜିଆର କେଶ୍ ନଂ ୩୯୮/୨୫, ୩୮୦/୨୫, ୩୪୨/୨୫, ୩୭୯/୨୫ରୁଜୁ ହୋଇଥିଲା। ଏହି ୪ ଜଣ ଜାମିନୀରେ ଆସିବା ପାଇଁ ବାରମ୍ବାର ଆବେଦନ କରିଥିଲେ ମଧ କୋର୍ଟ ତାଙ୍କୁ ଜାମିନୀ ଦେଇନଥିଲା। ସମ୍ପୃକ୍ତ ଅଭିଯୁକ୍ତମାନେ ୩ମାସ ୩ଦିନ ଜେଲ୍‌ରେ ରହିବା ପରେ ମଙ୍ଗଳବାର ଦିନ ତାଙ୍କୁ ଜାମିନି ମିଳିଛି। ଏହି ମାମଲାରେ ସମ୍ପୃକ୍ତ ଥିବା କଳିଙ୍ଗ ଟିଭି ସାଲେପୁର ଅଞ୍ଚଳର ପ୍ରାକ୍ତନ ସାମ୍ବାଦିକ ତଥା ନିଶ୍ଚିନ୍ତକୋଇଲି ଥାନା ପଞ୍ଚସରଙ୍ଗ ବଳରାମପୁର ଗ୍ରାମର ସୁଭାଶିଷ୍ ବସନ୍ତରାୟ, ଅର୍ଗସ ଟିଭି ସାଲେପୁର ଅଞ୍ଚଳର ପ୍ରାକ୍ତନ ସାମ୍ବାଦିକ ତଥା ଭଦ୍ରେଶ୍ୱର ଥାନା ଅଧିନ ବନ୍ତଳା ଗ୍ରାମର ଅସୀତ୍ ସାମଲ, ମାହାଙ୍ଗା ଥାନା ଅଧିନସ୍ଥ ପଲ୍ଲୀସାହି ଅଞ୍ଚଳର ମହିଳା ଇତିଶ୍ରୀ ମହାନ୍ତି ଏବଂ ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ମହାଜନପୁର ଗ୍ରାମର ହିଂମାଂଶୁ ଶେଖର ଲେଙ୍କାଙ୍କୁ କୋର୍ଟ ଜାମିନୀ ଦେଇଛି।

ଚାରି ଜଣଙ୍କ ମଧରୁ ୩ ଅଭିଯୁକ୍ତମାନଙ୍କ ପକ୍ଷରୁ ଯୁବ ଆଇନଜୀବୀ ପ୍ରମୋଦ କୁମାର ରାଉତ(ଟୁଟୁ) ମାମଲା ପରିଚାଳନା କରୁଥିଲା ବେଳେ ଅନ୍ୟ ଅଭିଯୁକ୍ତ ଅସୀତ୍ ସାମଲଙ୍କ ପକ୍ଷରୁ ଆଇନଜୀବୀ ପ୍ରଭାକର ସେଠୀ ମାମଲା ପରିଚାଳନା କରୁଥିଲେ।

ଏହି ହନିଟ୍ରାପ୍ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ବିଭିନ୍ନ ସ୍ଥାନରୁ ବହୁ ବ୍ୟବସାୟୀ, ସରକାରୀ ଚାକିରୀଆ ଏବଂ ଧନୀ ଶ୍ରେଣୀର ଲୋକଙ୍କୁ ଫସେଇ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା ବେଳେ ଉକ୍ତ ମାମଲା ରାଜ୍ୟର ଦ୍ୱିତୀୟ ହନିଟ୍ରାପ୍ ଘଟଣା ବୋଲି ସାଧାରଣରେ ଚର୍ଚ୍ଚା ଯୋର ଧରିଥିଲା। ଉକ୍ତ ମାମଲାରେ ୪ ଜଣଙ୍କୁ ଜାମିନୀ ମିଳିବା ପରେ ଆଗାମୀ ଦିନରେ ଏହାର ଶେଷ ବିଚାର କ'ଣ ହେବ ସେ ନେଇ ସାଧାରଣରେ ଆଲୋଚନା ହେଉଛି।

**ସାଂସଦ ଖେଳ ମହୋତ୍ସବ ଦ୍ୱିତୀୟ ଦିନ**

## ଦଳଗତ ପ୍ରତିଯୋଗିତା ଅନୁଷ୍ଠିତ



**କେନ୍ଦ୍ରାପଡ଼ା, ୨୩।୧୨ (ସଂଚାର ବ୍ୟୁରୋ):** ଜିଲ୍ଲା ହାଇସ୍କୁଲ ପଡିଆଠାରେ ଆରମ୍ଭ ହୋଇଥିବା ଜିଲ୍ଲାସ୍ତରୀୟ ସାଂସଦ ଖେଳ ମହୋତ୍ସବର ଦ୍ୱିତୀୟ ଦିନରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ ନାୟକ, ଯୁବ ନେତା ତେଜେଶ୍ୱର ପରିଡା ଜିଲ୍ଲାପାଳ ରଘୁରାମ ଆର ଆୟର ପ୍ରମୁଖ ଯୋଗଦାନ କରି କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଛନ୍ତି । ଗତକାଲି ଆରମ୍ଭ ହୋଇଥିବା କ୍ରୀଡା ପ୍ରତିଯୋଗୀତାର ପ୍ରଥମ ଦିନରେ ବ୍ୟକ୍ତିଗତ ଇଭେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ଆଜି ଦଳଗତ ପ୍ରତିଯୋଗୀତା ମାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧରେ ସାଂସଦ ଖେଳ ମହୋତ୍ସବର ସଂଯୋଜକ ତଥା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସାଂସଦ ଖେଳ ମହୋତ୍ସବରେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ୭ ଟି ବିଧାନସଭା ମଣ୍ଡଳୀର ବ୍ଲକସ୍ତରୀୟ ପ୍ରତିଯୋଗୀତାରେ ଶ୍ରେଷ୍ଠ କ୍ରୀଡ଼ାବିତ ଅଂଶଗ୍ରହଣ କରିଛନ୍ତି । ସୂଚନା ଯେ,ଆସନ୍ତା ୨୫ ତାରିଖ ଦିନ ସାଂସଦ ଖେଳ ମହୋତ୍ସବର ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## କାର୍ଯ୍ୟର ୨ମାସ ନପୁରୁଣୁ କଟକ ଚାନ୍ଦବାଲି ରାଜ୍ୟ ରାଜପଥ ଫାଟି ଆଁ କଲାଣି

**ଦୁର୍ନୀତୀରେ ଉବୁଟୁବୁ କେନ୍ଦ୍ରାପଡ଼ା ପୂର୍ତ୍ତବିଭାଗ**



**ଡେରାବିଶ, ୨୩।୧୨ (ସଂଚାର ବ୍ୟୁରୋ):** ରାସ୍ତା ନିର୍ମାଣ କାର୍ଯ୍ୟକୁ ୨ମାସ ନପୁରୁଣୁ ରାସ୍ତା ଫାଳ ଫାଳ ହୋଇ ଫାଟି ଆଁ କରିଛି। ଏଭଳି ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ଘଟଣା ଦେଖିବାକୁ ମିଳିଛି ରାଜ୍ୟ ରାଜପଥ କଟକ ଚାନ୍ଦବାଲି ମୁଖ୍ୟ ରାସ୍ତାରେ। ଯାହା ଫଳରେ ହଜାର ହଜାର ଲୋକେ ଯାତାୟତ ଜନିତ ସମସ୍ୟାରେ ପଡ଼ିଛନ୍ତି। ଦୈନନ୍ଦିନ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଗାଡି ଦୁର୍ଘଟଣାରେ ସମ୍ମୁଖୀନ ହୋଇ କିଏ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର ହେଉଛି ତ ଆଉ କିଏ ନିଶ୍ଚିନ୍ତକୋଇଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ। ତେବେ ରାସ୍ତା କାର୍ଯ୍ୟ ହେବାର ଏତେ କମ୍ ଦିନ ମଧରେ ରାସ୍ତାର ଏ ବିକଳ ଅବସ୍ଥା ଦେଖି ଲୋକେ କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ଉପରକୁ ପ୍ରଶ୍ନବାଣ ମାରିଛନ୍ତି।

ସୂଚନା ମୁତାବକ କଟକ ଚାନ୍ଦବାଲି ମୁଖ୍ୟ ରାସ୍ତା କୋଟି କୋଟି ଟଙ୍କା ବ୍ୟୟରେ ପୂର୍ତ୍ତବିଭାଗ ତରଫରୁ ନିର୍ମାଣ କରାଯାଇଥିଲା । ହେଲେ ରାସ୍ତା ନିର୍ମାଣକୁ ୨ମାସ ପୁରିନି ରାସ୍ତାର ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଛି। ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ଗ୍ରାମପଞ୍ଚାୟତ କଟକ ଚାନ୍ଦବାଲି ମୁଖ୍ୟ ରାସ୍ତାର ଭଣଗାଁ ପୋଲ ପାଖରେ ପ୍ରାୟ ୧୦୦ ମିଟର ରାସ୍ତା ମଝିରୁ ଫାଳ ହୋଇ ଆଁ କରିଛି। ଯାହା ଫଳରେ ସେହି ରାସ୍ତା ଉପରେ ନିର୍ଭର କରୁଥିବା ହଜାର ହଜାର ଯାତ୍ରୀ ଯାତାୟତ ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ ପିଲାଙ୍କ ଠାରୁ ଆରମ୍ଭକରି ବୟସ୍କ ମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ରାସ୍ତାରେ ଯାଆଆସ ପାଇଁ ଭୟ କରୁଛନ୍ତି। ବାଧ ହୋଇ ଲୋକେ ସେହି ଫଟା ସ୍ଥାନରେ ଗଛ ଡାଳ ପୋତି ସଚେତନ କରାଉଛନ୍ତି। ଗ୍ରାମର କିଛି ବ୍ୟକ୍ତି ଓ ଯୁବକମାନେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ଆଣି ରାସ୍ତା ନିର୍ମାଣ ସମୟରେ ମଧ ନିମ୍ନମାନର କାର୍ଯ୍ୟକୁ ବିରୋଧ କରିଥିବା ଦେଖିବାକୁ ମିଳିଥିଲା। ଏବେ ରାସ୍ତାର ଅବସ୍ଥା ବିପର୍ଯ୍ୟୟ ହେବାପରେ ରାସ୍ତାର ଦୀର୍ଘସ୍ଥାୟୀ ଉପରେ ଲୋକେ ପ୍ରଶ୍ନ ଉଠାଇଛନ୍ତି ।

ଏନେଇ ପୂର୍ତ୍ତ ବିଭାଗର ଅଧକ୍ଷଣ ଯନ୍ତ୍ରୀ ବିକ୍ରମ କୁମାର ସ୍ୱାଇଁ କହିଛନ୍ତି ପୁରୁଣା ରାସ୍ତା ଉପରେ କାମଟି ହୋଇଥିଲା। ତଳ ମାଟି ଖସିଯାଇଥିବାରୁ ଏମିତି ଅବସ୍ଥା ହୋଇଥାଇ ପାରେ । ସ୍ଥିତି ଅନୁଧ୍ୟାନ କରିବା ପରେ ବିଭାଗ ତରଫରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଥିବା ବେଳେ କେନ୍ଦ୍ରାପଡା ପୂର୍ତ୍ତ ବିଭାଗର ବୁଭାଗିୟ ଅଧିକାରୀ ମାନେ ଠିକାଦାର ଠାରୁ ମୋଟା ଅଙ୍କର ପିସି ନେଇ ଏହି କାର୍ଯ୍ୟକୁ ଅତ୍ୟନ୍ତ ନିମ୍ନମାନର ନିର୍ମାଣ କରାଇଥିବା କଥା ଏବେ ସାଧାରଣରେ ଚର୍ଚ୍ଚାର ପରିସରକୁ ଆସିଥିବା ବେଳେ ଦୁର୍ନୀତିରେ ଉବୁଟୁବୁ ଥିବା କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ରାଜ୍ୟ ବିଜେପି ସରକାର ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ ନିମନ୍ତେ ଦାବୀ ଜୋର୍ ଧରିଛି।

## ରାତିରେ ଖୋଲିଛି ଅଙ୍ଗନବାଡ଼ି କେନ୍ଦ୍ର

**ଦିଦିଙ୍କ ସ୍ୱାମୀ ବସିଥିବା ଫଟୋ ଭାଇରାଲ**

**ମାର୍ଶାଘାଇ, ୨୩।୧୨(ସଂଚାର ବ୍ୟୁରୋ):** ରାତିରେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲା ଯାଇଛି। ଅଙ୍ଗନବାଡ଼ି ଦିଦିଙ୍କ ସ୍ୱାମୀ ରାତିରେ ଅଙ୍ଗନବାଡ଼ି କେନ୍ଦ୍ରରେ ବସି ମୋବାଇଲ ଚଳାଉଛନ୍ତି। ଏହାର ଫଟୋ ଭିଡ଼ିଓ ଏବେ ମୋବାଇଲ୍ ରୁ ମୋବାଇଲକୁ ଘୁରି ବୁଲୁଛି।



ସୂଚନା ଅନୁଯାୟୀ ମାର୍ଶାଘାଇ ବ୍ଲକ୍ ଅଧୀନ ମାର୍ଶାଘାଇ ପଞ୍ଚାୟତ ଅର୍ନ୍ତଗତ ବେହେରା ସାହିରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଆଜି ସନ୍ଧ୍ୟାରେ ଖୋଲାଥିବା ଓ ଭିତରେ ଲାଇଟ୍ ଲଗାଇ ଅଙ୍ଗନବାଡ଼ି ଦିଦିଙ୍କ ସ୍ୱାମୀ ଗୋଡ଼ ଉପରେ ଗୋଡ଼ ପକାଇ ବସି ମୋବାଇଲ ଚଳାଉଥିବା ଭିଡିଓରୁ ଦେଖିବାକୁ ମିଳିଛି। ଯାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏମିତି କଣ ଗୁରୁତ୍ୱପୂର୍ଣ୍ଣ କାମ ପଡିଲା ଯେ, ରାତିରେ ଦିଦିଙ୍କ ବଦଳରେ ତାଙ୍କ ସ୍ୱାମୀ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବାକୁ ପଡ଼ିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।



ଜେବି ପଟ୍ଟନାୟକ ଜନ୍ମ ଶତବାର୍ଷିକୀ କମିଟି ଅଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ କମିଟିର ସଦସ୍ୟଗଣ ମଙ୍ଗଳବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ଆସନ୍ତା ୩ରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ନିମନ୍ତ୍ରଣ କରିଛନ୍ତି।

## ପୂର୍ବତଟ ରେଳପଥର ଐତିହାସିକ ସଫଳତା

# ୨୬୩ ଦିନରେ ୨୦୦ ନିୟୁତ ଟନ୍ ପରିବହନ



**ଭୁବନେଶ୍ୱର,୨୩।୧୨ (ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ଅର୍ଥାତ ୨୦୨୫-୨୬ରେ ସବୁଠାରୁ କମ ସମୟ ମଧ୍ୟରେ ଅର୍ଥାତ୍ ମାତ୍ର ୨୬୩ ଦିନରେ ୨୦୦ ନିୟୁତ ଟନ୍ ମାଲ ପରିବହନ ପରିଚାଳନା କରି ଏ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ସଫଳତା ୨୦୨୪-୨୫ରେ ପୂର୍ବତଟ ରେଳପଥର ବିଗତ ଶ୍ରେଷ୍ଠ ୨୯୦ ଦିନକୁ ଅତିକ୍ରମ କରିଛି। ଏପରି ସଫଳତା ଜୋନ୍‌ର ପରିଚାଳନାଗତ ଉତ୍କର୍ଷତା, ଭିତ୍ତିଭୂମି ବୃଦ୍ଧି ଓ ଅଂଶୀଦାରମାନଙ୍କ ସହ ଘନିଷ୍ଠ ସମନ୍ୱୟକୁ ପ୍ରତିଫଳିତ କରୁଛି। ତୁଳନାମୂଳକ ଭାବେ ପୂର୍ବ ବର୍ଷଗୁଡ଼ିକରେ ପୂର୍ବତଟ ରେଳପଥ ୨୦୦ ନିୟୁତ ଟନ ମାଲ ପରିବହନ କରିଛି। ୨୦୨୩-୨୪ରେ ୨୯୫ ଦିନ, ୨୦୨୨-୨୩ରେ ୩୧୦ ଦିନର ସମୟ ଲାଗିଛି। ଏହି ନିରନ୍ତର ଉନ୍ନତି ସମଗ୍ର ଜୋନର ମାଲ ପରିବହନର ସୁଦୃଢ଼ ଅଭିବୃଦ୍ଧି ଗତିପଥକୁ ଦର୍ଶାଉଛି। ଏହାଛଡ଼ା ଗତକାଲି ସୁଦ୍ଧା ପୂର୍ବତଟ ରେଳପଥ ୩୮୪.୨୦ ନିୟୁତ ଟନ୍‌ର ମୋଟ ମାଲ ପରିବହନ କରି ରେକର୍ଡ ସୃଷ୍ଟି କରିଛି। ଏଥିରେ ୨୦୨.୫୦ ମେଟ୍ରିକ୍ ଟନ୍ ଲୋଡିଂ ଓ ୧୮୧.୭୦ ମେଟ୍ରିକ୍ ଟନ୍ ଅନଲୋଡିଂ ଅନ୍ତର୍ଭୁକ୍ତ। ଏହି ଐତିହାସିକ ମାଇଲଖୁଣ୍ଟ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଦୃଢ଼ ନେତୃତ୍ୱରେ ହାସଲ କରାଯାଇଛି। ଏହା ଉନ୍ନତ ଲାଇନ କ୍ଷମତା, ଯାନ୍ତ୍ରିକ ଲୋଡିଂ ସିଷ୍ଟମ, ଉନ୍ନତ ଟର୍ମିନାଲ ମ୍ୟାନେଜମେଣ୍ଟ ଓ ପୂର୍ବତଟ ରେଳପଥର କର୍ମଚାରୀ ତଥା ଅଂଶୀଦାରଙ୍କ ଉତ୍ସର୍ଗୀକୃତ ପ୍ରୟାସ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି କୁହାଯାଇଛି।

# ହତ୍ୟା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଲେ କୋର୍ଟ



**ବ୍ରହ୍ମପୁର,୨୩।୧୨ (ସଂଚାର ବ୍ୟୁରୋ):** ହତ୍ୟା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ। ଏକ ହତ୍ୟା ମାମଲାର ବିଚାର କରି ଗଞ୍ଜାମ ଜିଲ୍ଲା ଦୌରା ଜଜ ଅଶାନ୍ତ କୁମାର ଦାଶ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଢ଼େଙ୍ଗାପଦର ଗ୍ରାମରେ ୨୦୨୩ ମସିହା ମାର୍ଚ୍ଚ ୭ ତାରିଖରେ ଜୁରିଆ ବିଷୋୟୀ ନାମକ ଜଣେ ବ୍ୟକ୍ତିଙ୍କୁ ବିଜୁ ବେହେରା ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

ଏ ନେଇ ଗ୍ରାମବାସୀଙ୍କଠାରୁ ଖବର ପାଇ ଜୁରିଆଙ୍କ ଭାଇ ରାମ ପହଞ୍ଚି ଭାଇକୁ ବ୍ରହ୍ମପୁର ବଡ଼ ମେଡିକାଲ ନେଇଥିଲେ, ତେବେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପୋଲିସ ଖବର ପାଇ ବିଜୁକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଦୌରାଜଜ ୧୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ବିଚାର କରି ବିଜୁକୁ ଆଜୀବନ କାରାଦଣ୍ଡ ଶୁଣାଇଥିବା କହିଛନ୍ତି ମାମଲା ପରିଚାଳନା କରିଥିବା ସରକାରୀ ପିପି ବିଶ୍ୱଜିତ ବରାଳ।

## ଆନ୍ତଃମନ୍ତ୍ରୀସ୍ତରୀୟ କମିଟିରେ ଖରିଫ ଧାନ ସଂଗ୍ରହ ସମୀକ୍ଷା

# କିଣାସରିଲାଣି ୪.୩୯ ଲକ୍ଷ ମେଟ୍ରିକ୍ ଟନ୍ ଧାନ

### ୧୧ ଜିଲ୍ଲାରେ ମଣ୍ଡିରେ ଧାନ ବିକୁଛନ୍ତି ଚାଷୀ




**ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଖରିଫ ୨୦୨୫-୨୬ ଧାନ ସଂଗ୍ରହର ସମୀକ୍ଷା କରିଛନ୍ତି। ଚାଷୀଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସହଯୋଗ କରିବା ଓ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ଉପମୁଖ୍ୟମନ୍ତ୍ରୀ କଡାକଡି ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାରେ ନିୟୋଜିତ ବିଭାଗୀୟ ଅଧିକାରୀଙ୍କୁ ମଣ୍ଡି ଗୁଡ଼ିକୁ ନିୟମିତ ଭାବରେ ପରିଦର୍ଶନ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି। ସମ୍ପ୍ରତି ରାଜ୍ୟରେ ଖରିଫ ଧାନ ସଂଗ୍ରହ ଜାରି ରହିଛି। ଏବେ ସୁଦ୍ଧା ରାଜ୍ୟର ୧୧ ଗୋଟି ଜିଲ୍ଲାରେ ମଣ୍ଡି ଦ୍ୱାରା ସଂଗ୍ରହ ଆରମ୍ଭ ହୋଇସାରିଲାଣି। ଏଗୁଡ଼ିକ ମଧ୍ୟରେ ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଝାରସୁଗୁଡା, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ରହିଛି। ସବୁ ମଣ୍ଡିରେ ସିସି କ୍ୟାମେରା ଲାଗିସାରିଛି ଏବଂ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ସମ୍ପୂର୍ଣ୍ଣ ପ୍ରକ୍ରିୟାର ମନିଟରିଂ କରାଯାଉଛି। ଚାଷୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପୂର୍ବ ଅପେକ୍ଷା ଚଳିତ ବର୍ଷ ଅଧିକ ସଂଖ୍ୟକ ମଣ୍ଡିର ଭିତ୍ତିଭୂମି ସୁଦୃଢ଼ କରାଯାଇ କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ମାନକ ଅନୁଯାୟୀ ମଡେଲ୍ ମଣ୍ଡି ତିଆରି କରାଯାଇଛି। ତଥ୍ୟ ଅନୁଯାୟୀ ଆଜି ସୁଦ୍ଧା ରାଜ୍ୟରେ ୯୭, ୯୭୨ ଜଣ ଚାଷୀଙ୍କ ଠାରୁ ୪,୩୯,୨୯୪ ମେଟ୍ରିକ୍ ଟନ୍ ଧାନ ବିଭିନ୍ନ ମଣ୍ଡି ମାଧ୍ୟମରେ ସଂଗ୍ରହ ହୋଇସାରିଲାଣି। ବରଗଡ଼ ଜିଲ୍ଲାରେ ସର୍ବାଧିକ ୩୬, ୩୫୬ ଜଣ ଚାଷୀ ୧,୬୩, ୨୮୮ ମେଟ୍ରିକ୍ ଟନ୍ ଧାନ ମଣ୍ଡିରେ ଦେଇଛନ୍ତି ଏବଂ ଆଜି ସୁଦ୍ଧା ରାଜ୍ୟରେ ମୋଟ୍ ୯,୪୧, ୪୩୩ ଜଣ ଚାଷୀଙ୍କୁ ଟୋକେନ୍ ଯୋଗାଇ ଦିଆଯାଇଛି। ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସ୍ୱଚ୍ଛ ରଖିବା ପାଇଁ ଏବଂ ଚାଷୀଙ୍କୁ ନିଜର ପ୍ରାପ୍ୟ ସଠିକ୍ ଭାବେ ଯୋଗାଇଦେବା ପାଇଁ ରେଜିଷ୍ଟ୍ରେସନ ସମୟରେ ଇ-କେୱାଇସି ବ୍ୟବସ୍ଥା ଅବଲମ୍ବନ କରାଯାଉଛି। ମଣ୍ଡିରୁ ମିଲ୍ ପର୍ଯ୍ୟନ୍ତ ଯାଉଥିବା ଗାଡ଼ି ଗୁଡ଼ିକର ଲାଇଭ୍ ଟ୍ରାକିଂ ମଧ୍ୟ ବିଭାଗ ଦ୍ୱାରା ଜାରି ରହିଛି।

## ଜାତୀୟ ସବଜୁନିଅର ଓ ଜୁନିଅର ଜୁ-ଜିତସୁ ପ୍ରତିଯୋଗିତା

# ଓଡ଼ିଶା ଜିତିଲା ୬ ପଦକ



**ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ):** ଉତ୍ତରାଖଣ୍ଡର ଆଇଜିଆଇ ଇନ୍‌ଡୋର ଷ୍ଟାଡିୟମ ହଲଦ୍ୱାନୀଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ସବ୍-ଜୁନିଅର ଓ ଜୁନିଅର ଜୁ-ଜିତସୁ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ୬ଟି ପଦକ ହାସଲ କରିଛନ୍ତି। ଏଥିରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୪ଟି ବ୍ରୋଞ୍ଜ୍ ପଦକ ରହିଛି। ଏକମାତ୍ର ସ୍ୱର୍ଣ୍ଣପଦକଟି ସବ୍‌ଜୁନିଅର୍ ମହିଳା ୪୦ କିଗ୍ରାରୁ ଉର୍ଦ୍ଧ୍ୱ ବର୍ଗରେ ଶ୍ରେୟାଂସୀ ତ୍ରିପାଠୀ ଓ ଏକମାତ୍ର ରୌପ୍ୟ ପଦକଟି ଜୁନିଅର ମହିଳା ୫୭ କିଗ୍ରା ଓଜନ ବର୍ଗର ନେ-ୱାଜାରେ ପଲକ୍ ପ୍ରିୟଦର୍ଶିନୀ ଜିତିଛନ୍ତି। ଏହାଛଡ଼ା ଶ୍ରେୟାଂସୀ ମଧ୍ୟ ଫାଇଟିଂ ସବ୍‌ଜୁନିଅର୍ ୪୦ କିଗ୍ରା ଫାଇଟିଂ ସିଷ୍ଟମ୍‌ରେ ଗୋଟିଏ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଆହୁରି ସାନଭି ସାହୁ ସବ୍‌ଜୁନିଅର ମହିଳା ୨୫ କିଗ୍ରାରୁ କମ ନେ-ୱାଜା ବିଭାଗରେ, କୋନା ମହେଶ ରେଡ୍ଡୀ ସବଜୁନିଅର ପୁରୁଷ ୫୬ କିଗ୍ରାରୁ କମ ଫାଇଟିଙ୍ଗ ସିଷ୍ଟମରେ ଓ ପଲକ୍ ଫାଇଟିଂ ସିଷ୍ଟମ୍‌ରେ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ପଦକ ବିଜେତାଙ୍କୁ ଓଡ଼ିଶା ଜୁ-ଜିତସୁ ସଂଘ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଓ ସଭାପତି ଇଂ ଚିତ୍ତ ରଞ୍ଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି।

## ସମ୍ବଲପୁର ରେଳ ଡିଭିଜନର 'ଡିଭିଜନାଲ ବୈଠକ'ରେ କେନ୍ଦ୍ରମନ୍ତ୍ରୀ

# ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଜୋର୍



**ସମ୍ବଲପୁର,୨୩।୧୨(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସମ୍ବଲପୁର ରେଳ ଡିଭିଜନର 'ଡିଭିଜନାଲ ବୈଠକ'ରେ ଆଜି ଓଡ଼ିଶାର ପଶ୍ଚିମାଞ୍ଚଳ ଓ ପଡ଼ୋଶୀ ଛତିଶଗଡ଼ର ଲୋକସଭା ସାଂସଦମାନଙ୍କ ଉପସ୍ଥିତିରେ ରେଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କଳାହାଣ୍ଡି, ବଲାଙ୍ଗୀର, ବରଗଡ଼ ଓ ଛତିଶଗଡ଼ର ସାଂସଦମାନେ ଯୋଗଦେଇ ଅଞ୍ଚଳର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ବହୁପ୍ରତୀକ୍ଷିତ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର, ତାଳଚେର-ବିମଳାଗଡ଼, ଜରପଡ଼ା-ସମ୍ବଲପୁର ଓ ଶାସନ-ଝାରସୁଗୁଡ଼ା ତୃତୀୟ ଓ ଚତୁର୍ଥ ଲାଇନ କାର୍ଯ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଏହି ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ଉପରେ ଜୋର୍ ଦିଆଯାଇଛି। ବରଗଡ଼-ନୂଆପଡ଼ା, ଝାରସୁଗୁଡ଼ା-ବାରକୋଟ ଓ ଏମସିଏଲ ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ପ୍ରାଥମିକତା ଦିଆଯାଇଛି। ଏହାଛଡ଼ା ଓଡ଼ିଶାର ପଶ୍ଚିମାଞ୍ଚଳରୁ ବିଶାଖାପାଟଣା, ରାୟପୁର, ରାଞ୍ଚି ସମେତ ଅନ୍ୟ ରାଜ୍ୟଗୁଡ଼ିକୁ ଅଧିକ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳ ପାଇଁ ଦାବି କରାଯାଇଛି। ଯାତ୍ରୀସେବାରେ ଉନ୍ନତି ଆଣିବା ପାଇଁ 'ଅମୃତ ଷ୍ଟେସନ' ଯୋଜନା ଅନ୍ତର୍ଗତ ସମ୍ବଲପୁର ସମେତ ଅନ୍ୟାନ୍ୟ ରେଳ ଷ୍ଟେସନଗୁଡ଼ିକର ନବୀକରଣ ଓ ଆଧୁନିକୀକରଣ କାର୍ଯ୍ୟକୁ ଆଗେଇ ନେବା ଉପରେ ବି ବୈଠକରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନେତୃତ୍ୱରେ ଓଡ଼ିଶାର ରେଳ କ୍ଷେତ୍ରକୁ ବିଶେଷ ଅଗ୍ରାଧିକାର ଦିଆଯାଉଛି। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉତ୍ତମ ସମନ୍ୱୟ ଯୋଗୁଁ ଦୀର୍ଘ ବର୍ଷ ଧରି ଅଟକିରହିଥିବା ପ୍ରକଳ୍ପଗୁଡ଼ିକ ବି ଏବେ ଗତିଶୀଳ ହେଉଛି। ଆଜିର ବୈଠକ ଓଡ଼ିଶାର ପଶ୍ଚିମାଞ୍ଚଳ ଅର୍ଥନୈତିକ ଓ ସାମାଜିକ ବିକାଶରେ ରେଳବାଇର ଭୂମିକାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା ପ୍ରକାଶ ପାଇଛି।

## ● ଧାନକିଣା ପ୍ରସଙ୍ଗରେ କୃଷକଙ୍କୁ ବିଜେଡିର ସମର୍ଥନ

# ସମସ୍ୟା ଦୂର ନ ହେଲେ ଆନ୍ଦୋଳନକୁ ଓହ୍ଲାଇବ ଦଳ



**ଭୁବନେଶ୍ୱର,୨୩।୧୨ (ସଂଚାର ବ୍ୟୁରୋ):** ଧାନକିଣାକୁ ନେଇ ଚାଷୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରି ବିଜେଡି ସରକାରଙ୍କ ଉପରେ ବର୍ଷିବା ସହ ତୁରନ୍ତ ଏସବୁ ସମସ୍ୟାର ସମାଧାନ ନ ହେଲେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡବଲ୍ ଇଞ୍ଜିନ୍ ସରକାର ଇନ୍‌ପୁଟ୍ ସବସିଡି ବାବଦରେ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଦେଉଥିବା ନେଇ କେବଳ ବାହାଦୁରୀ ମାରୁଥିବା କୁହାଯାଇଛି। ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ, ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଧାନ କିଣା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ବିଫଳତା ବଖାଣିଛନ୍ତି। ଆଜି କୃଷକ ଦିବସ ଅବସରରେ ସେମାନେ ରାଜ୍ୟର କୃଷକମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ କୃଷକ ମାନଙ୍କ ସ୍ୱାର୍ଥ ପାଇଁ ସ୍ୱର ଉଠାଇଛନ୍ତି। ଶ୍ରୀ ଦାସବର୍ମା କହିଛନ୍ତି ଯେ ବିଜେପି ସରକାର ଚାଷୀଙ୍କ ପ୍ରାପ୍ୟ ଦେବାରେ ବିଫଳ ହୋଇଛି। ୨୦୨୪-୨୫ରେ ୨୦ ପ୍ରତିଶତ ଧାନ ସଂଗ୍ରହ ହୋଇପାରି ନଥିଲା। ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ସମୟ ଉପନୀତ ହୋଇସାରିଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସେହିପରି ଧାନକିଣାକୁ ନେଇ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀଙ୍କ ମନ୍ତବ୍ୟ ଚିନ୍ତାଜନକ ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

## ରାଜ୍ୟ ପୁଲିସ୍ ଆନ୍ତଃ ବାଟାଲିଅନ୍ କମାଣ୍ଡୋ ପ୍ରତିଯୋଗିତା

# ଭାଗନେଲେ ୧୭ ଟିମ୍‌ର ୪୦୨ କମାଣ୍ଡୋ



**ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ସ୍ପେଶାଲ ଅପରେଶନ ଗ୍ରୁପ (ଏସଓଜି) ଚନ୍ଦକାଠାରେ ଅଷ୍ଟମ ରାଜ୍ୟ ପୁଲିସ ଆନ୍ତଃବାଟାଲିୟନ କମାଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯୁଦ୍ଧ କୌଶଳ, ଶାରୀରିକ ସାମର୍ଥ୍ୟ, ରଣନୀତି କୌଶଳ ଓ ମାନସିକ ସହନଶୀଳତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲବିରୋଧୀ ଅଭିଯାନ) ସଞ୍ଜୀବ ପଣ୍ଡା କହିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ବିଭିନ୍ନ ସଶସ୍ତ୍ର ବାଟାଲିଅନ୍‌ର ୧୭ଟି ଟିମର ମୋଟ ୪୦୨ ଜଣ କମାଣ୍ଡୋ ଅଂଶଗ୍ରହଣ କରିଛନ୍ତି। ଏଥିସହ ପ୍ରତିଯୋଗିତାରେ ଭାଗ ନେଇଥିବା କମାଣ୍ଡୋଙ୍କ ମଧ୍ୟରେ ପେସାଦାର ମନୋଭାବ, ଶୃଙ୍ଖଳା ଓ ଦଳୀୟ ସମନ୍ୱୟକୁ ବଢ଼ାଇବାରେ ଏହା ସକ୍ଷମ ହେବ ବୋଲି ସେ କହିଛନ୍ତି। ଆହୁରି ଯେକୌଣସି ପ୍ରତିକୂଳ ପରିସ୍ଥିତିକୁ ତ୍ୱରିତ ଓ ସଫଳ ଭାବେ ମୁକାବିଲା କରିବା ପାଇଁ କମାଣ୍ଡୋମାନଙ୍କୁ ମାନସିକ ସ୍ତରରେ ସୁଦୃଢ଼ ମଧ୍ୟ କରିପାରିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଶ୍ରୀ ପଣ୍ଡା ଆହୁରି ମଧ୍ୟ କହିଛନ୍ତି ଯେ ସାମ୍ପ୍ରତିକ ପରିସ୍ଥିତିରେ ଆସୁଥିବା ଭିନ୍ନ ଭିନ୍ନ ଚ୍ୟାଲେଞ୍ଜଗୁଡ଼ିକୁ ଦୃଷ୍ଟିରେ ରଖି କମାଣ୍ଡୋମାନେ ସବୁବେଳେ ଶାରୀରିକ ଓ ମାନସିକ ଭାବେ ଫିଟ୍ ରହିବା ନିତାନ୍ତ ଆବଶ୍ୟକ। ଏଥିସହ ନୂତନ ପ୍ରଯୁକ୍ତି, ଆଧୁନିକ ଅସ୍ତ୍ରଶସ୍ତ୍ର ଓ ରଣନୀତି କୌଶଳ ସହ ନିଜକୁ ଅପଡେଟ ରଖିବା ମଧ୍ୟ ଜରୁରୀ ବୋଲି ଶ୍ରୀ ପଣ୍ଡା ମତ ବ୍ୟକ୍ତ କରିଛନ୍ତି। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସଶସ୍ତ୍ର ପୁଲିସ ବାଟାଲିୟନ୍‌ର କମାଣ୍ଡୋମାନେ ଅଂଶଗ୍ରହଣ କରି ଅବଷ୍ଟାକଲ କୋର୍ସ, ୫ କିଗ୍ରା ଓଜନର ବ୍ୟାକପ୍ୟାକ୍ ପିଣ୍ଡି କନଫିଡେନ୍ସ କୋର୍ସରେ ୧.୩ କିମିର ଦୌଡ଼, ୫ କିଗ୍ରା ଓଜନର ବ୍ୟାକପ୍ୟାକ୍ ସହ କ୍ରସ୍-କଣ୍ଟ୍ରି ପଦଯାତ୍ରା, ଫାୟାରିଂ ଭଳି ପ୍ରତିଯୋଗିତାରେ ନିଜ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇବେ।

## ● ବନ୍ୟପ୍ରାଣୀଙ୍କ ସୁରକ୍ଷା ଚିନ୍ତା

# ରେଳ ଟ୍ରାକରେ ଏଆଇ-ଆଧାରିତ ବ୍ୟବସ୍ଥା

**ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ):** ରେଳ ଧାରଣା ଉପରକୁ ଚାଲି ଆସୁଥିବା ହାତୀଙ୍କ ଉପସ୍ଥିତି ବିଷୟରେ ଆଗୁଆ ଜାଣିବା ପାଇଁ ଡିଷ୍ଟ୍ରିବ୍ୟୁଟେଡ୍ ଆକୋଷ୍ଟିକ୍ ସିଷ୍ଟମ୍ (ଡିଏଏସ) ବ୍ୟବହାର କରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସକ୍ଷମ ଅନୁପ୍ରବେଶ ଚିହ୍ନଟ ପ୍ରଣାଳୀ (ଆଇଡିଏସ) ନିୟୋଜିତ କରିଛି ଭାରତୀୟ ରେଳବାଇ। ହାତୀଙ୍କ ସହ ଟ୍ରେନ୍ ଧକ୍କାକୁ ରୋକିବା ଲାଗି ଉତ୍ତର-ପୂର୍ବ ସୀମାନ୍ତ ରେଳବାଇର ୧୪୧ ଆରକେଏମ ସେକ୍ସନରେ ଏଆଇ ପରିଚାଳିତ ଅନୁପ୍ରବେଶ ଚିହ୍ନଟ ପ୍ରଣାଳୀ କାର୍ଯ୍ୟକାରୀ କରାଯାଇଛି। ଏହି ପ୍ରଣାଳୀ ସଫଳତାର ସହ କାର୍ଯ୍ୟ କରୁଛି ଏବଂ ଏହାର କାର୍ଯ୍ୟଦକ୍ଷତାକୁ ଆଧାର କରି ସମ୍ପୂର୍ଣ୍ଣ ଭାରତୀୟ ରେଳବାଇ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ୯୮୧ ଆରକେଏମ ସେକ୍ସନରେ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଅଧିକ ଟେଣ୍ଡର ପ୍ରଦାନ କରାଯାଇଛି। ଏହା ସହିତ ମୋଟ୍ ସମ୍ପ୍ରସାରଣ ୧୧୨୨ ଆରକେଏମକୁ ବୃଦ୍ଧି ପାଇବ।

ଏହି ପ୍ରଣାଳୀ ରେଳପଥ ନିକଟରେ ହାତୀଙ୍କ ଗତିବିଧି ବିଷୟରେ ଲୋକୋ ପାଇଲଟ୍, ଷ୍ଟେସନ ମାଷ୍ଟର ଏବଂ ନିୟନ୍ତ୍ରଣ କକ୍ଷକୁ ଠିକଣା ସମୟରେ ସତର୍କ କରାଇଦେବ। ଏହାଦ୍ୱାରା ସମୟୋଚିତ ପ୍ରତିରୋଧକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ୫୦୦ ମିଟର ପୂର୍ବରୁ ଲୋକୋ ପାଇଲଟମାନଙ୍କୁ ଏଆଇ ଆଧାରିତ କ୍ୟାମେରା ସତର୍କ କରାଇଦେବ। ଭାରତୀୟ ରେଳବାଇ ପ୍ରଯୁକ୍ତିବିଦ୍ୟା ଆଧାରିତ ସମାଧାନ ମାଧ୍ୟମରେ ରେଳ ଧାରଣାରେ ବନ୍ୟପ୍ରାଣୀ, ବିଶେଷକରି ହାତୀଙ୍କ ମୃତ୍ୟୁକୁ ରୋକିବା ପାଇଁ ନିରନ୍ତର ପ୍ରୟାସ କରିଆସୁଛି। ଡିଷ୍ଟ୍ରିବ୍ୟୁଟେଡ୍ ଆକୋଷ୍ଟିକ୍ ସିଷ୍ଟମ୍ (ଡିଏଏସ) ବ୍ୟବହାର କରି ଏଆଇ ଅନୁପ୍ରବେଶ ଚିହ୍ନଟ ପ୍ରଣାଳୀର ନିୟୋଜନ ଏବଂ ବିସ୍ତାର ଭାରତୀୟ ରେଳବାଇର ବନ୍ୟପ୍ରାଣୀ ସଂରକ୍ଷଣ ଓ ସୁରକ୍ଷିତ ଟ୍ରେନ୍ ପରିଚାଳନା ଲାଗି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# ଓଡ଼ିଶାରେ ୪୦ ବର୍ଷ ପୂରଣ କଲା ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲ୍

**ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ):** ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲ ଟ୍ରଷ୍ଟ ଗତ ୨୩ ଡିସେମ୍ବର ୨୦୨୫ ରେ ରେଳବାଇ ଅଡିଟୋରିୟମରେ ପାଳନ କରିଥିଲା ବାର୍ଷିକ ଉତ୍ସବ, ଖ୍ରୀଷ୍ଟମାସ ଉତ୍ସବ ସହିତ ୪୦ ଗୌରବମୟ ଶିକ୍ଷାଗତ ଉତ୍କର୍ଷତାର ବର୍ଷ। ଏହି ଐତିହାସିକ କାର୍ଯ୍ୟକ୍ରମ, ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଭକ୍ତିପୂର୍ଣ୍ଣ ଭଜନ ସହିତ ଆରମ୍ଭ ହୋଇଥିଲା, ଏବଂ ପରେ ଆନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା। କାର୍ଯ୍ୟକ୍ରମଟି ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୁରମା ପାଢ଼ୀ ଦ୍ୱାରା ଉଦ୍ଘାଟିତ ହୋଇଥିଲା, ଯେଉଁଥିରେ ସାଂସଦ, ବିଧାନସଭା ସଦସ୍ୟ, ଶିକ୍ଷାବିତ୍, ଆଧ୍ୟାତ୍ମିକ ନେତା ଏବଂ ସାମାଜିକ କର୍ମୀଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ଅଚ୍ୟୁତାନନ୍ଦ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ସାମାଜିକ କର୍ମୀ ଡକ୍ଟର ବିପିନ ମିଶ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ବରିଷ୍ଠ ବିଜେପି ନେତା ମହେଶ ମହାନ୍ତି, ବିଜେପି ମୁଖପାତ୍ର ତେଜେଶ୍ୱର ପରିଡା, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲୀ, ଶିକ୍ଷାବିତ ଡକ୍ଟର ମନୋଜ ଦାସ, ଡକ୍ଟର ପିକେ ସାହୁ, ଅଧ୍ୟକ୍ଷ, ଚିକିତ୍ସା ସେବା, ପ୍ରଶାନ୍ତି ହସ୍ପିଟାଲ, ଡକ୍ଟର ପ୍ରତାପ ପାଣି, ନିର୍ଦ୍ଦେଶକ, ନ୍ୟୁରୋସର୍ଜରୀ, ପ୍ରଶାନ୍ତି ହସ୍ପିଟାଲ ଓ ସାମାଜିକ କର୍ମୀ ବଦ୍ରି ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ଉତ୍ସବରେ ଅଧ୍ୟକ୍ଷ ବଦ୍ରିନାଥ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା ସାଂସ୍କୃତିକ ଏବଂ ଶୈକ୍ଷିକ ପ୍ରଦର୍ଶନ।

# ବେଦାନ୍ତ ପକ୍ଷରୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ




**ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଓଡ଼ିଶାର ଜାମଖାନି, ଘୋଘରପାଲି ଓ କୁରାଲୋଇ ଅଞ୍ଚଳର ୧୦୦୦ରୁ ଅଧିକ ଯୁବକଙ୍କୁ କ୍ରୀଡା ଉପକରଣ (କିଟ୍) ବଣ୍ଟନ କରିଛି। ଏଥିସହ କମ୍ପାନୀ ତା'ର ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ସ୍ଥାନୀୟ ସମୁଦାୟଙ୍କ ମଧ୍ୟରେ କ୍ରୀଡ଼ା କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା ସହ କ୍ରୀଡ଼ା ମନୋଭାବ ସଂସ୍କୃତି ପୋଷଣ କରିବା। ଏହି କାର୍ଯ୍ୟକ୍ରମ ଅନୁସାରେ, ୨୫ଟି ଗ୍ରାମର କ୍ରୀଡା କ୍ଲବ୍ ଓ ସ୍କୁଲକୁ ଫୁଟବଲ୍, କ୍ରିକେଟ୍, ଭଲିବଲ୍, ବ୍ୟାଡମିଣ୍ଟନ୍, କ୍ୟାରମ୍ ଓ ଯୋଗ ମ୍ୟାଟ୍ ପାଇଁ କ୍ରୀଡ଼ା କିଟ୍ ଆଦି ପ୍ରଦାନ କରାଯାଇଛି। କିଟ୍ ବଣ୍ଟନ ସହ କମ୍ପାନୀ ପକ୍ଷରୁ ନିୟମିତ ଭାବେ ସମ୍ପ୍ରଦାୟସ୍ତରୀୟ ଫୁଟବଲ୍ ଓ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଆୟୋଜିତ ହୋଇଆସିଛି, ଯାହା ଯୁବ ଖେଳାଳିମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନର ସୁଯୋଗ ଦେଉଛି। ଏ ସଂକ୍ରାନ୍ତରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଆମେ ବିଶ୍ୱାସ କରୁ ଯେ କ୍ରୀଡା ଆତ୍ମବିଶ୍ୱାସୀ, ଶୃଙ୍ଖଳିତ ଏବଂ ସ୍ଥିର ସମ୍ପ୍ରଦାୟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତୃଣମୂଳ ସ୍ତରରେ କ୍ରୀଡା ଭିତ୍ତିଭୂମିର ପ୍ରବେଶକୁ ସୁଦୃଢ଼ କରି ଆମେ ଯୁବପିଢ଼ିଙ୍କ ମଧ୍ୟରେ ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ସହ ଦଳଗତ କାର୍ଯ୍ୟ ଏବଂ କ୍ରୀଡ଼ା ମନୋଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି। ଏହି ପଦକ୍ଷେପ ଆମେ କାର୍ଯ୍ୟ କରୁଥିବା ସମସ୍ତ ଅଞ୍ଚଳରେ ସମ୍ପ୍ରଦାୟ ବିକାଶ ଏବଂ ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ସେ କହିଛନ୍ତି। ସେହିପରି ପିପିଲିମାଲ ପଞ୍ଚାୟତର ସରପଞ୍ଚ ରଙ୍ଗଧର ଡିଲ୍ଲା କହିଛନ୍ତି ଯେ କ୍ରୀଡା କିଟ୍ ଓ ଟୁର୍ନାମେଣ୍ଟ ଆମ ଯୁବପିଢ଼ି ମଧ୍ୟରେ ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ସହ କ୍ରୀଡା ପାଇଁ ନୂତନ ଉତ୍ସାହ ଆଣିଦେଇଛି। ଆମ ସମ୍ପ୍ରଦାୟ ମଧ୍ୟରେ କ୍ରୀଡାକୁ ପ୍ରୋତ୍ସାହିତ କରିବାରେ ବେଦାନ୍ତ ଆଲୁମିନିୟମର ସମର୍ଥନ ବାସ୍ତବରେ ପ୍ରଶଂସନୀୟ ବୋଲି ଶ୍ରୀ ଡିଲ୍ଲା କହିଛନ୍ତି।

ଷଷ୍ଠ ବାର୍ଷିକୋତ୍ସବ ଅନୁଷ୍ଠିତ

# କର୍କଟ ଯୋଦ୍ଧାଙ୍କୁ କେସିଏଫ୍‌ର ସହାୟତା




**ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ):** କର୍କଟ ରୋଗୀଙ୍କ ସେବା ଓ ସହାୟତା ପାଇଁ ସମର୍ପିତ ଅନୁଷ୍ଠାନ 'କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ' (କେସିଏଫ୍), ଭୁବନେଶ୍ୱର ଶାଖାର ଷଷ୍ଠ ବାର୍ଷିକୋତ୍ସବ ସ୍ଥାନୀୟ ତେରାପନ୍ଥ ଭବନଠାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ରୋଟାରୀ-୩୨୬୨ର ଡିଜି ମନୋଜ ତ୍ରିପାଠୀ ଯୋଗଦେଇ ଫାଉଣ୍ଡେସନ ପକ୍ଷରୁ ହାତକୁ ନିଆଯାଉଥିବା ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ଅରୂପ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କର୍କଟ ରୋଗୀଙ୍କ ଜୀବନରେ ଆଶାର ସଞ୍ଚାର କରିବା ଦିଗରେ ଫାଉଣ୍ଡେସନର ପ୍ରତିବଦ୍ଧତା ବିଷୟରେ ଆଲୋଚନା କରିଥିଲେ। ପରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏକ ରିପୋର୍ଟ ମାଧ୍ୟମରେ ଅନୁଷ୍ଠାନର ପ୍ରାରମ୍ଭ ମୁହୂର୍ତ୍ତ ଓ ସାମ୍ପ୍ରତିକ ସ୍ଥିତିର ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଦୁଇ ଜଣ କର୍କଟ ପୀଡ଼ିତା ସେମାନଙ୍କ ସଂଘର୍ଷମୟ ଜୀବନ ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରିବା ସହ ଫାଉଣ୍ଡେସନ କିପରି ସେମାନଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି, ସେନେଇ ବର୍ଣ୍ଣନା କରିଥିଲେ।

ଉତ୍ସବର ସାମାଜିକ ସେବା ଅଂଶରେ ୧୧ ଜଣ କ୍ୟାନ୍ସର ପୀଡ଼ିତାଙ୍କୁ ବିନା ମୂଲ୍ୟରେ ଉନ୍ନତ ମାନର କୃତ୍ରିମ ସ୍ତନ ଓ କେଶ ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କ ମାନସିକତା ସଶକ୍ତ କରିବା ଦିଗରେ ପଦକ୍ଷେପ ନିଆଯାଇଛି। ସେହିପରି ଶ୍ରୀ ତ୍ରିପାଠୀ କହିଥିଲେ ଯେ କର୍କଟ ରୋଗୀଙ୍କ ସେବା କ୍ଷେତ୍ରରେ କେସିଏଫ୍‌ର କାର୍ଯ୍ୟଧାରା ଏକ ଅନନ୍ୟ ଉଦାହରଣ। ଏହା ସମାଜରେ କର୍କଟ ଯୋଦ୍ଧାମାନଙ୍କ ପାଇଁ ନୂଆ ଆଶା ସଞ୍ଚାର କରୁଛି। ଏଥିସହ ଆଗାମୀ ଦିନରେ ରୋଟାରୀ ଓ କେସିଏଫ୍ ମିଳିତ ଭାବେ କିପରି ସେବା କାର୍ଯ୍ୟକୁ ଆହୁରି ବ୍ୟାପକ କରିବେ, ସେ ସମ୍ପର୍କରେ ମଧ୍ୟ ଶ୍ରୀ ତ୍ରିପାଠୀ ଆଲୋଚନା କରିଥିଲେ। ଶେଷରେ କ୍ୟାନ୍ସର ପୀଡ଼ିତ ଓ ସେମାନଙ୍କ ପରିବାର ଫାଉଣ୍ଡେସନ୍‌କୁ ଧନ୍ୟବାଦ ଜଣାଇଥିଲେ।

# ତାମିଲନାଡୁରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

## ● ଭାଙ୍ଗିପଡ଼ିଛନ୍ତି ପରିବାର ଲୋକେ



**ବ୍ରହ୍ମପୁର,୨୩।୧୨(ସଂଚାର ବ୍ୟୁରୋ):** ତାମିଲନାଡୁରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ। ପରିବାରରେ ଶୋକର ଛାୟା। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ନୂଆଗାଁର ଯୁବକ ଅରକ୍ଷିତ ନାୟକ ତାମିଲନାଡୁ ତ୍ରିପୁର କାଙ୍ଗୀରେ ଶ୍ରମିକ ଭାବେ କୋଠାରେ କାମ କରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଅରକ୍ଷିତଙ୍କ ବାପା ଅଲେଖ ନାୟକଙ୍କ ପୂର୍ବରୁ ମୃତ୍ୟୁ ହୋଇ ସାରିଥିବା ବେଳେ ପରିବାରର ସେ ଥିଲେ ଏକମାତ୍ର ରୋଜଗାରିଆ ବ୍ୟକ୍ତି। ଘରେ ବିଧବା ମା' ଓ ୪ ଭଉଣୀ। ଏବେ ସେମାନେ ସମ୍ପୂର୍ଣ୍ଣ ଭାଙ୍ଗି ପଡି ଛନ୍ତି। ଅରକ୍ଷିତ ପରିବାର ଛାଡି ତିନି ମାସ ତଳେ ସୁଦୂର ତାମିଲନାଡୁ କାମ କରିବାକୁ ଯାଇଥିଲେ। ଅରକ୍ଷିତଙ୍କ ମୃତଦେହ ଜନ୍ମମାଟିକୁ ଆଣିବା ପାଇଁ ତାଙ୍କ ପରିବାର ସରକାରଙ୍କୁ ନିବେଦନ କରିଛନ୍ତି। ଅନ୍ୟପଟେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ କହିଛନ୍ତି ଗରିବ ପରିବାର ହୋଇଥିଲେ ମୃତଦେହକୁ ତାମିଲନାଡୁରୁ ଆଣିବା ପାଇଁ ନିଶ୍ଚୟ ସରକାରୀ ସହାୟତା ପ୍ରଦାନ କରାଯିବ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪

ବୁଧବାର ୨୪ ଡିସେମ୍ବର ୨୦୨୫, ଭୁବନେଶ୍ୱର

Wednesday 24 December 2025, Bhubaneswar


# ଅଜ୍ଞାତ ଚାନ୍ଦା ଭ୍ରଷ୍ଟାଚାରର କାରଣ

ଭାରତର ଲୋକତନ୍ତ୍ରରେ ରାଜନୈତିକ ଦଳମାନଙ୍କର ଆର୍ଥିକ ସମ୍ବଳ ନିର୍ବାଚନର ମୂଳ ଅଂଶ। ଚନ୍ଦା ବା ଦାନ ମାଧମରେ ଦଳମାନେ ନିର୍ବାଚନ ପ୍ରଚାର, ସଂଗଠନ ଏବଂ ନୀତି ନିର୍ମାଣ ପାଇଁ ଅର୍ଥ ସଂଗ୍ରହ କରନ୍ତି। କିନ୍ତୁ ଏହି ଚନ୍ଦା ପ୍ରକ୍ରିୟାରେ ଅନିୟନ୍ତ୍ରିତ ହେବା ଦ୍ୱାରା ଲୋକତନ୍ତ୍ରର ମୂଳ ମୂଲ୍ୟବୋଧ ଯଥା ସ୍ୱଚ୍ଛତା, ନ୍ୟାୟ ଏବଂ ସମାନତା ବିପନ୍ନ ହୋଇପାରେ। ସୁପ୍ରିମକୋର୍ଟର ୨୦୨୪ ଫେବୃଆରୀ ନିର୍ଣ୍ଣୟରେ ଇଲେକ୍ଟୋରାଲ ବଣ୍ଡ ଯୋଜନାକୁ ଅସାମ୍ବିଧାନିକ ଘୋଷଣା କରାଯାଇଥିଲା, ଯାହା ଅଜ୍ଞାତ ଚନ୍ଦାର ବିପଦକୁ ଉଜାଗର କରିଥିଲା। ଏହି ପ୍ରସଙ୍ଗରେ, ରାଜନୈତିକ ଚନ୍ଦା ଉପରେ କଡ଼ା ନିୟନ୍ତ୍ରଣର ଆବଶ୍ୟକତା ଆଲୋଚନା କରିବା ଅତ୍ୟନ୍ତ ପ୍ରାସଙ୍ଗିକ।



ପ୍ରଥମତଃ, ସ୍ୱଚ୍ଛତାର ଅଭାବ ହେଉଛି ଏକ ପ୍ରମୁଖ ସମସ୍ୟା। ଅଜ୍ଞାତ ଚନ୍ଦା ମାଧମରେ ବଡ଼ କମ୍ପାନୀ ବା ବ୍ୟକ୍ତିମାନେ ରାଜନୈତିକ ଦଳମାନଙ୍କୁ ପ୍ରଭାବିତ କରିପାରନ୍ତି, ଯାହା ନୀତି ନିର୍ମାଣରେ ପକ୍ଷପାତ ସୃଷ୍ଟି କରେ। ଉଦାହରଣ ସ୍ୱରୂପ, ଇଲେକ୍ଟୋରାଲ ବଣ୍ଡ ଯୋଜନାରେ କୋଟି କୋଟି ଟଙ୍କାର ଅଜ୍ଞାତ ଦାନ ହୋଇଥିଲା, ଯାହା ଭୋଟରଙ୍କର ଜାଣିବାର ଅଧିକାରକୁ ଉଲ୍ଲଙ୍ଘନ କରିଥିଲା। ସୁପ୍ରିମକୋର୍ଟ କହିଥିଲେ ଯେ ଏହା ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ)ର ଉଲ୍ଲଙ୍ଘନ, ଯାହା ଭାଷଣ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୁରକ୍ଷା ଦିଏ। ଏହି ଅସ୍ୱଚ୍ଛତା ଦୂର କରିବା ପାଇଁ ଚନ୍ଦାର ଉତ୍ସ ପ୍ରକାଶ କରିବା ଆବଶ୍ୟକ, ଯାହା କେବଳ ନିୟନ୍ତ୍ରଣ ଦ୍ୱାରା ସମ୍ଭବ।

ଦ୍ୱିତୀୟତଃ, ଅନିୟନ୍ତ୍ରିତ ଚନ୍ଦା ଭ୍ରଷ୍ଟାଚାରର ମୂଳ କାରଣ। ବଡ଼ ଦାନକାରୀମାନେ ପ୍ରତିଦାନରେ ସରକାରୀ ଅନୁଗ୍ରହ ଆଶା କରନ୍ତି, ଯାହା 'କ୍ୱିଡ୍ ପ୍ରୋ କୋ' ପରିସ୍ଥିତି ସୃଷ୍ଟି କରେ। ଏକ ସମୀକ୍ଷାରୁ ଜଣାପଡ଼ିଛି ଯେ ଇଲେକ୍ଟୋରାଲ ବଣ୍ଡରେ କେତେକ କମ୍ପାନୀ ରେଡ ପରେ ଚନ୍ଦା ଦେଇଥିଲେ ଏବଂ ପରେ ଅନୁମୋଦନ ପାଇଥିଲେ। ଏହା ସରକାରୀ ନିର୍ଣ୍ଣୟକୁ ପ୍ରଭାବିତ କରି ଜନସାଧାରଣର ହିତକୁ ଅଣଦେଖା କରେ। ନିୟନ୍ତ୍ରଣ ଯଥା ଚନ୍ଦାର ସୀମା ନିର୍ଧାରଣ ଏବଂ ନିରୀକ୍ଷଣ ଏହି ଭ୍ରଷ୍ଟାଚାରକୁ ରୋକିପାରିବ। ଭାରତରେ କମ୍ପାନୀ ଆଇନ ୨୦୧୩ର ଧାରା ୧୮୨ ଅନୁସାରେ କମ୍ପାନୀମାନେ ଯେକୌଣସି ପରିମାଣର ଚନ୍ଦା ଦେଇପାରନ୍ତି, ଯାହା ପୂର୍ବରୁ ଥିବା ୭.୫ ପ୍ରତିଶତ ଲାଭର ସୀମାକୁ ହଟାଇଦିଆଯାଇଛି। ଏହା ପୁନଃସ୍ଥାପନ କରିବା ଆବଶ୍ୟକ।

ତୃତୀୟତଃ, ଏହା ନିର୍ବାଚନରେ ସମାନ ସୁଯୋଗ ନଷ୍ଟ କରେ। ଧନୀ ଦଳମାନେ ବଡ଼ ଚନ୍ଦା ଦ୍ୱାରା ପ୍ରଚାରରେ ଆଧିପତ୍ୟ ବିସ୍ତାର କରନ୍ତି, ଯାହା ଛୋଟ ଦଳ ବା ସ୍ୱାଧୀନ ପ୍ରାର୍ଥୀଙ୍କୁ ପଛରେ ପକାଇଦିଏ। ଏହା ଲୋକତନ୍ତ୍ରର ବିବିଧତାକୁ ହ୍ରାସ କରେ। ଅଧିକନ୍ତୁ, କଳା ଟଙ୍କାର ପ୍ରବାହ ଏହି ମାଧମରେ ହୁଏ, ଯାହା ଅର୍ଥନୀତିକୁ କ୍ଷତିଗ୍ରସ୍ତ କରେ। ନିର୍ବାଚନ ଆୟୋଗର ନିୟନ୍ତ୍ରଣ ବଳକୁ ବଢ଼ାଇବା ଏବଂ ଡିଜିଟାଲ୍ ଟ୍ରାକିଂ ପ୍ରଣାଳୀ ପ୍ରବର୍ତ୍ତନ କରିବା ଦ୍ୱାରା ଏହାକୁ ରୋକାଯାଇପାରିବ।

ଭାରତର ରାଜନୈତିକ ଅର୍ଥନୀତିରେ ଏହି ସମସ୍ୟା ଦୀର୍ଘକାଳୀନ। ଅନ୍ୟାନ୍ୟ ଲୋକତାନ୍ତ୍ରିକ ଦେଶମାନଙ୍କରେ ଯଥା ଆମେରିକା ବା ଜର୍ମାନୀରେ ଚନ୍ଦା ସୀମା ଏବଂ ପ୍ରକାଶନ ନିୟମ ରହିଛି। ଭାରତରେ ମଧ ଏକ ସ୍ୱଚ୍ଛ ରାଜନୈତିକ ଅର୍ଥନୀତି ଆଇନ ଆବଶ୍ୟକ, ଯାହା ବ୍ୟକ୍ତିଗତ ଚନ୍ଦାର ସୀମା ନିର୍ଧାରଣ କରିବ ଏବଂ ସମସ୍ତ ଦାନକୁ ସାର୍ବଜନୀନ କରିବ। ଏହା କେବଳ ଭ୍ରଷ୍ଟାଚାର ହ୍ରାସ କରିବ ନାହିଁ, ବରଂ ଜନସାଧାରଣର ବିଶ୍ୱାସକୁ ବଢ଼ାଇବ। ଶେଷରେ, ରାଜନୈତିକ ଚନ୍ଦା ଉପରେ ନିୟନ୍ତ୍ରଣ ହେଉଛି ଲୋକତନ୍ତ୍ରର ସୁରକ୍ଷା ପାଇଁ ଏକ ଆବଶ୍ୟକ ପଦକ୍ଷେପ। ସରକାର, ନିର୍ବାଚନ ଆୟୋଗ ଏବଂ ନାଗରିକ ସମାଜର ମିଳିତ ପ୍ରୟାସରେ ଏହାକୁ କାର୍ଯ୍ୟକାରୀ କରାଯାଇ ପାରିବ। କେବଳ ତେବେ ଭାରତର ଲୋକତନ୍ତ୍ର ସ୍ୱଚ୍ଛ ଏବଂ ନ୍ୟାୟୋଚିତ ହୋଇପାରିବ।

# ଋତୁ ପରିବର୍ତ୍ତନର ସମସ୍ୟା



## ଡାକ୍ତର ରାମ ପ୍ରସାଦ ରାୟ

ଋତୁ ପରିବର୍ତ୍ତନ ହେଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯାଏ। ସେସବୁ ସମସ୍ୟା ମଧରୁ ଥଣ୍ଡା, ଜ୍ୱର, କାଶ ଆଦି ସାଧାରଣ। ତେବେ କିଛି କିଛି ଲୋକଙ୍କ କ୍ଷେତ୍ରରେ ବ୍ରଙ୍କିଓଲାଇଟିସ, ଆଲର୍ଜି, ଶ୍ୱାସକଷ୍ଟ, ନିଉମୋନିଆ, ଭାଇରାଲ ଫିଭର ଭଳି ରୋଗ ମଧ ହୋଇଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ସବୁ ସମସ୍ୟାଗୁଡ଼ିକ ଖୁବ୍ ଶୀଘ୍ର ଶରୀରକୁ ଆକ୍ରାନ୍ତ କରିଦିଅନ୍ତି।

**ବ୍ରଙ୍କିଓଲାଇଟିସ୍:** ବ୍ରଙ୍କିଓଲାଇଟିସ୍ ଏକ ପ୍ରକାରର ଭାଇରାଲ ଡିଜିଜ୍। ଏହି ସମସ୍ୟାରୁ ଶ୍ୱାସକଷ୍ଟ ଦେଖାଦିଏ। ବିଶେଷକରି ଛୋଟ ପିଲଙ୍କର ଥରେ ଶ୍ୱାସକଷ୍ଟ ଆରମ୍ଭ ହେଲେ ସେମାନେ ସ୍ୱାଭାବିକ ଭାବେ ନିଃଶ୍ୱାସ ପ୍ରଶ୍ୱାସ ନେଇ ପାରନ୍ତି ନାହିଁ। ଖାଦ୍ୟ ଗିଳିବା ବେଳେ କଷ୍ଟ ହୋଇଥାଏ। ସମସ୍ୟା ଅତି ଗୁରୁତର ହୋଇଗଲେ ଅକ୍ସିଜେନ ଦେବାକୁ ହୋଇଥାଏ। ନଚେତ୍ ନେବୁଲାଇଜେସନ୍ ପ୍ରକ୍ରିୟା ମାଧମରେ ଗଳା ଓ ଛାତିରୁ କଫ ବାହାର କରାଯାଏ।

**ଆଲର୍ଜି ଓ ଆସ୍ଥମା:** ଯେଉଁମାନଙ୍କର ଆଲର୍ଜି ଓ ଆସ୍ଥମା ଭଳି ସମସ୍ୟା ପ୍ରଥମରୁ ଥାଏ ସେମାନେ ଋତୁ ପରିବର୍ତ୍ତନ ସମୟରେ ଖୁବ୍ କଷ୍ଟ ପାଆନ୍ତି। କିଛି କିଛି ଲୋକଙ୍କର ଏହି ସମୟରେ ଆକ୍ୟୁଟ୍ ଆସ୍ଥମାଟିକ୍ ଆଟାକ୍ ହୋଇଥାଏ। ହଠାତ୍ କାଶୁ କାଶୁ ଶ୍ୱାସକଷ୍ଟ ଆରମ୍ଭ ହୋଇଥାଏ। ଧଇଁସଇଁ ଲାଗେ। ଛାତି ପାଖରେ ସାଁ ସାଁ ଶବ୍ଦ ହୋଇଥାଏ। ସର୍ଦ୍ଦି ସାଙ୍ଗକୁ କ୍ରମାଗତ ଭାବେ ଛିଙ୍କ ହେବାରେ ଲାଗେ। ସହଜରେ ଶରୀରରୁ ଥଣ୍ଡା ଛାଡ଼େ ନାହିଁ। ପ୍ରାୟ ଏକ ମାସ ପର୍ଯ୍ୟନ୍ତ ଶ୍ୱାସକଷ୍ଟ ଲାଗିରହେ। ପରିବାରରେ ବୟସ୍କମାନଙ୍କର ଏଭଳି ସମସ୍ୟା ଥିଲେ ଛୋଟପିଲାମାନେ ମଧ ଏହି ସମସ୍ୟା ଭୋଗିବାର ଆଶଙ୍କା ଅଛି। ଏହି ସମସ୍ୟା ଥିଲେ ନାଜାଲ ସ୍ପ୍ରେ, ଇନ୍‌ହେଲର୍ ଆଦି ବ୍ୟବହାର କରିବାକୁ ହୋଇଥାଏ। ତେବେ ସବୁଠାରୁ ବଡ଼କଥା ହେଲା ଯେଉଁସବୁ ଜିନିଷରୁ ଆଲର୍ଜି ସୃଷ୍ଟି ହୁଏ, ସେ ସବୁ ଜିନିଷ ଠାରୁ ଦୂରରେ ରହିବା ଭଲ। ଏହି ସମସ୍ୟାର ଚିକିତ୍ସା ସ୍ୱରୂପ ଆଣ୍ଟିବାୟୋଟିକ୍ ଓ ଷ୍ଟେରଏଡ୍ ଦେବାକୁ ହୋଇଥାଏ। ଆସ୍ଥମାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ହେଲା ଇନ୍‌ହେଲର୍ ବ୍ୟବହାର କରିବାକୁ ଡାକ୍ତରମାନେ ପରାମର୍ଶ ଦିଅନ୍ତି। ଷ୍ଟେରଏଡ୍ ଇନ୍‌ହେଲର୍ ଓ ବ୍ରଙ୍କୋଡାଏଲେଟର୍ ଇନ୍‌ହେଲର।

**ନିଉମୋନିଆ:** ଭାଇରାଲ ଇନ୍‌ଫେକସନ୍ ଏବଂ ବ୍ୟାକ୍ଟେରିଆ ସଂକ୍ରମଣରୁ ନିଉମୋନିଆ ସଂକ୍ରମଣ ହୁଏ। ନିଉମୋନିଆ ପାଇଁ ମୁଖ୍ୟତଃ ପାରାଇନ୍‌ଫ୍ଲୁଏନ୍‌ଜା ଏବଂ ଆଡ଼ିନୋ ଭାଇରସ୍ ଭଳି ଭୂତାଣୁ ଆଦି ଦାୟୀ। ଏହା ବ୍ୟତୀତ ନିଉମୋକ୍କାସ ବ୍ୟାକ୍ଟେରିଆ କାରଣରୁ ମଧ ନିଉମୋନିଆ ହୋଇଥାଏ। ନିଉମୋନିଆ ହେଲେ ନିଃଶ୍ୱାସ ନେବା ବେଳେ ନାକ ଫୁଲିଉଠେ। ମୁହଁ ଓ ଓଠର ଚାରିପାଖ ନୀଳ ପଡ଼ିଯିବା ସହିତ ଜ୍ୱର ଓ କମ୍ପ ଆସେ। ଛାତିରେ ଯନ୍ତ୍ରଣା ହୁଏ। ଅନେକ ସମୟରେ ଶୁଖିଲା କାଶ ମଧ ହୋଇଥାଏ। ଏହି ରୋଗରେ ନିୟମିତ ରକ୍ତପରୀକ୍ଷା ସାଙ୍ଗକୁ ଛାତିର ଏକ୍ସରେ କରିବା ମଧ ଦରକାର। ଡାକ୍ତରଙ୍କ ପରାମର୍ଶ ଅନୁସାରେ ଯେତେ ଶୀଘ୍ର ସମ୍ଭବ ଆଣ୍ଟିବାୟୋଟିକ୍ ଖାଇବା ଭଲ। ଆବଶ୍ୟକ ସ୍ଥଳେ ବାମ୍ପ ନେବାକୁ ମଧ ଡାକ୍ତର ପରାମର୍ଶ ଦେଇଥାନ୍ତି।

**ଭାଇରାଲ୍ ଫିଭର:** ଋତୁ ପରିବର୍ତ୍ତନ ସମୟରେ (ଭାଇରାଲ ଫିଭର) ପ୍ରାୟତଃ ଛୋଟ ପିଲାମାନଙ୍କ କ୍ଷେତ୍ରରେ ହୋଇଥାଏ। ଜ୍ୱର ହେବା ସାଙ୍ଗକୁ ମୁଣ୍ଡବିନ୍ଧା, ଛିଙ୍କ, କାଶ ଭଳି ଲକ୍ଷଣ ମଧ ଦେଖାଯାଏ। ଛୋଟ ପିଲାମାନଙ୍କର ହାତଗୋଡ ଘୋଳାବିନ୍ଧା ହେବା ସହିତ ତ୍ୱଚାରେ ର୍‌ୟାଶ୍ ମଧ ସୃଷ୍ଟି ହୋଇଥାଏ। ଖାଇବାକୁ ଇଚ୍ଛା ହୁଏ ନାହିଁ। ଏହା ସହିତ ବାନ୍ତି ମଧ ହୋଇଥାଏ। ଭାଇରାଲ ଫିଭର୍‌ର ଚିକିତ୍ସା ପାଇଁ ପାରାସିଟାମଲ୍ ଜାତୀୟ ଔଷଧ ପ୍ରେସ୍‌କ୍ରାଇବ କରାଯାଇଥାଏ। ୧୦୦ ଡିଗ୍ରୀରୁ ଅଧିକ ତାପମାତ୍ରା ରହିଲେ ପ୍ରତି ଚାରିଘଣ୍ଟାରେ ଥରେ ଔଷଧ ଦେବାକୁ ହୋଇଥାଏ। ଜ୍ୱର ଅଧିକ ବଢ଼ିଲେ ବା ଆଦୌ ନ କମିଲେ ନଖ ଉଷୁମ ପାଣିରେ ଶରୀର ପୋଛିଦେବେ। ଯେତେ ସମ୍ଭବ ଅଧିକ ତରଳ ଖାଦ୍ୟ ଖାଇବାକୁ ଦିଅନ୍ତୁ।

**କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ୍‌କ୍ରସ ବ୍ଲଡ ସେଣ୍ଟର, କଟକ,**
**ମୋବାଇଲ୍:: ୮୨୬୦୪୦୮୮୩୬**



# ଓଡିଆ ସାହିତ୍ୟ: ବାଗ୍ମୀ ବିଶ୍ୱନାଥ କର



## ଶାରଦା ପ୍ରସାଦ ପ୍ରଧାନ

ବାଗ୍ମୀ ବିଶ୍ୱନାଥ କର ୧୮୬୪ ମସିହା ଡିସେମ୍ବର ୨୪ ତାରିଖରେ ଜନ୍ମ ଗ୍ରହଣ କରିଥିଲେ କଟକ ଜିଲ୍ଲାସ୍ଥ ମୂଳବସନ୍ତ ଗ୍ରାମରେ। ପିତା ନାରାୟଣ ଚନ୍ଦ୍ର କର ଓ ମାତା ବୈଦେହୀଙ୍କର କୋଳରେ। ବୃତ୍ତିରେ ବିଶ୍ୱନାଥ ଜଣେ ଶିକ୍ଷକ। ସମ୍ବାଦ ପତ୍ରର ସମ୍ପାଦକ। ପ୍ରବନ୍ଧ କ୍ଷେତ୍ରରେ ସେ ବେଶ ପରିଚିତି ଲାଭ କରିଛନ୍ତି। ଜଣେ ମନନଧର୍ମୀ ପ୍ରାବନ୍ଧିକ ଭାବେ ଓଡିଆ ସାହିତ୍ୟର ପ୍ରବନ୍ଧ ବିଭାଗଟିକୁ ଯେପରି ପରିପୁଷ୍ଟ କରିଛନ୍ତି, ସେହିପରି ଶ୍ରୀମନ୍ତ କରିଛନ୍ତି। ପ୍ରବନ୍ଧ ପ୍ରସଙ୍ଗ ପଡିଲେ ପ୍ରଥମେ ସ୍ୱତଃପ୍ରବୃତ୍ତ ଭାବରେ ମନରେ ଆସେ – ପ୍ରବନ୍ଧର ଗାମ୍ଭୀର୍ଯ୍ୟମୟ ସ୍ୱରୂପର କଥା / ଯାହାକି ଜ୍ଞାନ ରୂପକ ସୂକ୍ଷ୍ମ ଚିନ୍ତାଶୀଳତା ଓ ମନସୀତା ପୂର୍ଣ୍ଣ ଶାଣିତ ରସଦୃଷ୍ଟିରେ ଋଦ୍ଧିମନ୍ତ। ଜ୍ଞାନଅନ୍ୱେଷଣ ଓ ତତ୍ତ୍ୱ ଆଲୋଚନା ସାହିତ୍ୟିକ ଆନନ୍ଦଦାନ ସହିତ ମିଶି ଏକ ତ୍ରିକୋଣୀୟ ଯୋଗସୂତ୍ର ପ୍ରବନ୍ଧ ମାଧ୍ୟମରେ ହିଁ ସମ୍ଭବପର ହୋଇଥାଏ। ବିଶ୍ୱନାଥଙ୍କ ପ୍ରବନ୍ଧ ଜଗତ ସେ ଦୃଷ୍ଟିକୋଣରୁ ସମୃଦ୍ଧ।

ଲେଖକ ଜୀବନର ଆରମ୍ଭରେ ବିଶ୍ୱନାଥ ପ୍ରଥମେ ପ୍ରବନ୍ଧ ରଚନାରେ ମନୋନିବେଶ କରିଥିଲେ। ତାଙ୍କର କୋଡ଼ିଏ ଗୋଟି ପ୍ରବନ୍ଧକୁ ନେଇ 'ବିବିଧ ପ୍ରବନ୍ଧ' ୧୮୯୬ ମସିହାରେ ପ୍ରକାଶ ପାଇଥିଲା। କଟକର ରାୟ ପ୍ରେସରେ ଏହା ମୁଦ୍ରିତ ହୋଇଥିଲା। ଏଥିରେ ସନ୍ନିବେଶିତ ହୋଇଥିବା ପ୍ରବନ୍ଧଗୁଡିକ ସେ ସମୟରେ କେଉଁ କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ସେ ସମ୍ପର୍କ ରେ ଲେଖକୀୟ ସ୍ପଷ୍ଟୀକରଣ ବିବିଧ ପ୍ରବନ୍ଧ ' ର ଭୂମିକାରେ ପ୍ରଦତ୍ତ। ସଂକଳନରେ ଥିବା 'ସ୍ୱାଧୀନଚିନ୍ତା' 'ଆଶା', 'ମହାସ୍ରୋତ', 'ସ୍ୱାଧୀନତା', 'ରାକ୍ଷସୀ ଲୀଳା', 'ସ୍ତ୍ରୀ ଶିକ୍ଷା', 'ଅନନ୍ତ ପ୍ରେମ' ପ୍ରବନ୍ଧ 'ଉତ୍କଳପ୍ରଭା' ପତ୍ରିକାରେ ପ୍ରକାଶ ପାଇଥିଲା। ବାକି ସମସ୍ତ ପ୍ରବନ୍ଧ 'ସମ୍ବଲପୁର ହିତୈଷିଣୀ' ରେ ପ୍ରକାଶିତ ହେବା ସହିତ, ଭଞ୍ଜୀୟ ଆନ୍ଦୋଳନ ସମୟରେ ଲିଖିତ 'କବି ଉପେନ୍ଦ୍ର ଭଞ୍ଜ' ଓ 'ଗୋଟିଏ ଉତ୍ତର' ମଧ ପୁସ୍ତକରେ ଅପରିବର୍ତ୍ତିତ ଭାବେ ସନ୍ନିବେଶିତ। ('ବିବିଧ ପ୍ରବନ୍ଧର' ଭୂମିକା) ପ୍ରଥମ ସଂସ୍କରଣର ଚାରୋଟି ପ୍ରବନ୍ଧ ଥିଲା। " ଭାଷାର ଅପବ୍ୟବହାର ", "କଚେରିଆ ଭାଷା", ଆମୋଦ", "ବିଷମ ସଙ୍କଟ ", ବିବିଧ ପ୍ରବନ୍ଧର ନୂତନ ସଂସ୍କରଣରେ ଅନୁପଲବ୍ଧ। ତାର ସ୍ଥାନ ନେଇଛି ଉଛି ଅନ୍ୟ ଚାରୋଟି ପ୍ରବନ୍ଧ। ତାହା "ସା "ସାହିତ୍ୟ ଓ ଜୀବନ ", "ରଘୁବଂଶର ଦିଲୀପ ପ ", "ଜାତୀୟ ଜୀବନରେ ନରେ ସାହିତ୍ୟର ସ୍ଥାନ " ଏବଂ ' ଭାଷା ଚର୍ଚ୍ଚା'। ଏହା 'ଉତ୍କଳ ସାହିତ୍ୟ' ପତ୍ରିକାର ବିଭିନ୍ନ ସଂଖ୍ୟାରେ ପ୍ରକାଶ ପାଇଥିଲା। ଅନୁପଲବ୍ଧ ଚାରୋଟି ପ୍ରବନ୍ଧରେ ଲେଖକ ଦୁଇ ପ୍ରକାର ଲେଖା ଲେଖୁଛନ୍ତି। ଯଥା -

(କ) ଭାଷା ସମ୍ପର୍କୀୟ –('ଭାଷାର ଅପବ୍ୟବହାର' ଓ ' କଚେରିଆ ଭାଷା')

(ଖ) ସାମାଜିକ ସମସ୍ୟା ସଂକ୍ରାନ୍ତ ଆଲୋଚନା - ('ଧର୍ମ ଓ ଆମୋଦ', ' ବିଷମ ସଙ୍କଟ ')

'ଉତ୍କଳ ସାହିତ୍ୟ' ପତ୍ରିକାର ବିଭିନ୍ନ ସଂଖ୍ୟାର ସମ୍ପାଦ ସମ୍ପାଦକୀୟ ପୃଷ୍ଠାରେ ଲେଖକ ଶୁଦ୍ଧ ଓଡିଆ ଭାଷା ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ପ୍ରାବନ୍ଧିକ ଏକ ନିଷ୍ଠାପର ଓ ସାହସୀ ବୁଡାଳି ଭଳି ଭାଷାରୂପକ ସାଗରର ଗରର



ଗଭୀର ଜଳରା ନରାଶି ମଧରେ ନିରନ୍ତର ବୁଡ ପକାଇଛନ୍ତି। ଉପଯୁକ୍ତ ଶବ୍ଦଟିଏ ପା ପାଇଲେ ତାହା କେତେଦୂର ତାର ଭାବ ଜଗତକୁ ସଂଚାଳିତ କରିବ ତାହାର ବିଚାର କରିଛନ୍ତି। ଭାଷାର ଏପରି ସଦ୍ ବା ବ୍ୟବହାର କରିବା ସହିତ, ଏହାର ଶକ୍ତି ବଳରେ ପ୍ରାବନ୍ଧିକ ନିଜର ଭାବନା ସହିତ ପାଠକର ମାନସିକ ପ୍ରତିକ୍ରିୟାକୁ ମଧ୍ଯ ଯୋଡିବାର ପ୍ରୟାସ କରିଛନ୍ତି। ଭାଷାର ଅପବ୍ୟବହାର' ପ୍ରବନ୍ଧରେ ଏହି ଚିନ୍ତାଧାରାର ଚମତ୍କାର ରୂପାୟନ ଦେଖିବାକୁ ମିଳେ। ଭାଷା ସମ୍ବନ୍ଧୀୟ ତାଙ୍କର ଆଉ ଏକ ପ୍ରବନ୍ଧ ହେଉଛି 'କଚେରିଆ ଭାଷା'। ତତ୍କାଳୀନ ସମୟରେ କଚେରିମାନଙ୍କରେ ଶୁଦ୍ଧ ଓଡ଼ିଆ ଭାଷାର ବ୍ୟବହାର ଉପରେ ବାରମ୍ବାର ଗୁରୁତ୍ୱାରୋପ କରାଯାଉଥିଲେ ମଧ୍ଯ ନାନା ପ୍ରକାର ବିକୃତ କରି କଚେରିମାନଙ୍କରେ ଓଡ଼ିଆ ଭାଷାର ର ବ୍ୟବହାର କରାଯାଉଥିଲା । ତେଣୁ ଭାଷାର ଏପ୍ରକାର ଧରେ 'କଚେରିଆ ଭାଷା' ପ୍ରବନ୍ଧରେ ନିମ୍ନୋକ୍ତ ମନ୍ତବ୍ୟ ପ୍ରଦାନ କରିଥିଲେ। ଅପପ୍ରୟୋଗ ବିରୋଧରେ

ଅନ୍ୟ ଦୁଇଟି ପ୍ରବନ୍ଧ- 'ଧର୍ମ ଓ ଆମୋଦ' ଏବଂ 'ବିଷମ ସଙ୍କଟ'। ମଣିଷ ପାଇଁ ଧର୍ମ ଓ ନୈତିକତା ଏ କତା ଏକାନ୍ତ ଆବଶ୍ୟକ। ଧର୍ମ ବିଶ୍ୱାସ ଓ ଈଶ୍ୱର ଭକ୍ତି ମାନବ ଜୀବନକୁ ପବିତ୍ର କରେ। ପାର୍ଥନା, ନିତି ଜୀବନ ଓ ଆଦର୍ଶବୋଧର ପ୍ରତିଷ୍ଠା ପାଇଁ ପ୍ରାବନ୍ଧିକ ତେଣୁ ଧର୍ମ, ଈଶ୍ୱରବିଶ୍ୱାସ, 'ବିଷମ ସଙ୍କଟ' ପ୍ରବନ୍ଧରେ 'ଧର୍ମ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି'।

ପ୍ରାବନ୍ଧିକ ବିଶ୍ୱନାଥ ଯୁବାବସ୍ଥାରେ ବ୍ରାହ୍ମଧର୍ମ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ବ୍ରାହ୍ମଣରୁ ବ୍ରହ୍ମ ହେଲେ। ଗୋଟିଏ ମହାଢେଉ ଖେଳିଗଲା ସେ ସମୟରେ ଉତ୍କଳରେ। ୧୯୧୮ ମସିହାରେ 'ବ୍ରାହ୍ମ ଧର୍ମତତ୍ତ୍ୱ' ନାମରେ ଏକ ଗ୍ରନ୍ଥ ବିଶ୍ୱନାଥଙ୍କ ଉଦ୍ୟମରେ ପ୍ରକାଶ ପାଇଥିଲା । ବିଭିନ୍ନ ଅନୁଷ୍ଠାନମାନଙ୍କରେ ମଧ ବ୍ରାହ୍ମଧର୍ମ ସମ୍ପର୍କରେ ସେ ବକ୍ତୃତା ପ୍ରଦାନ କରିଥିଲେ। ତାଙ୍କ ବକ୍ତୃତା ଏତେ ଚମତ୍କାର ଯେ ଯାହାକୁ ଟିପି ଦେଲେ ପ୍ରବନ୍ଧ ରୂପ ଲାଭ କରିପାରୁଥିଲା। 'ପରମାତ୍ମାଙ୍କ ପ୍ରକାଶ' ହେଉଛି ଏକ ବକ୍ତୃତାର ଲିଖିତ ରୂପ। ଜାତିଗତ ସଂକୀର୍ଣ୍ଣ ମନୋଭାବ, ଅନ୍ଧବିଶ୍ୱାସ ନିକଟରୁ ମଣିଷ ନିଜକୁ ଦୁରେଇ ରଖିବା ସହିତ ମାନବ ପ୍ରେମରେ ବାନ୍ଧିହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାରଣ ସେ ଭଲ ଭାବରେ ହୃଦୟଙ୍ଗମ କରିଥିଲେ, 'ମାନବ ପ୍ରେମ' ହିଁ ବିଶ୍ୱକୁ ଏକତାର ସୂତ୍ରରେ ବାନ୍ଧି ରଖିପାରିବ।

ପ୍ରାବନ୍ଧିକ କର ସେ ସମୟରେ ଜଣେ ଆଦର୍ଶ ଶିକ୍ଷକ ଥିଲେ। ତେଣୁ 'ଶିକ୍ଷାକୁ' ଆଧାର କରି ସେ ସେ କେତେକ ଉପାଦେୟ ପ୍ରବନ୍ଧ ମଧ୍ଯ ରଚନା କରିଥିଲେ। ତନ୍ମଧ୍ୟରୁ 'ଶିକ୍ଷା', 'ବାଲ୍ୟଶିକ୍ଷା', 'ସ୍ତ୍ରୀ ଶିକ୍ଷା' ଇତ୍ୟାଦି ଅନ୍ୟତମ।

ବାଲ୍ୟଶିକ୍ଷା ପ୍ରବନ୍ଧରେ ବିଶ୍ୱନାଥଙ୍କ ସ୍ପଷ୍ଟୋକ୍ତି ହେଉଛି :- ଶିଶୁର ଶିକ୍ଷା ମାତୃଗର୍ଭରୁ ହିଁ ଆରମ୍ଭ ହୋଇଥାଏ। ବିଶ୍ୱନାଥ ସ୍ତ୍ରୀ ଶିକ୍ଷା ପ୍ରତି ମଧ ସଚେତନ ଥିଲେ। ଶିକ୍ଷିତା ନାରୀ ହିଁ ଶିକ୍ଷିତ ସମାଜର ଭିତିଭୂମି ପ୍ରସ୍ତୁତ କରେ। 'ନାରୀ' କେତେକ ବିଶେଷ ଶକ୍ତିର ଅଧୀକାରୀ। ସେ ମଧରୁ ଅର୍ଦ୍ଧେକ ପ୍ରକୃତିଦତ୍ତ, ଆଉ କିଛି ସଂସ୍କୃତି ପ୍ରଦତ୍ତ। ଏ ଉଭୟର ସମିଶ୍ରଣ ନାରୀକୁ ଏକ ସ୍ୱତନ୍ତ୍ର ସତ୍ତାରେ ରୂପାନ୍ତରିତ କରିଥାଏ। ତେଣୁ ଆଦର୍ଶ ପାରିବାରିକ ଜୀବନପାଇଁ 'ସ୍ତ୍ରୀ ଶିକ୍ଷାର' ଗୁରୁତ୍ୱକୁ ଉପଲବ୍ଧ କରି ଲେଖକ ଆପଣାର ମୌଳିକ ଭାବଧାରାକୁ ବ୍ୟକ୍ତ କରିଛନ୍ତି।

ସଭ୍ୟ ଓ ପରିଣତ ସମାଜର ମାନସିକ ଅଭିବୃଦ୍ଧି ଓ ବିକାଶର ମୂଳ ହେତୁ ହେଉଛି ସାହିତ୍ୟ ସାଧନା। ଜୀବନ ସମ୍ପର୍କରେ, ସମାଜ ସମ୍ପର୍କରେ, 'ଦର୍ଶନ ଓ ସାହିତ୍ୟ ଚର୍ଚ୍ଚା,' 'ଭାଷା ଚର୍ଚ୍ଚା,' 'ସାହିତ୍ୟ ଓ ଜୀବନ', 'ଜାତୀୟ ଜୀବନରେ ସାହିତ୍ୟର ସ୍ଥାନ', 'କବି ଉପେନ୍ଦ୍ର ଭଞ୍ଜ', 'ଉତ୍କଳ ସାହିତ୍ୟ ସେବକ' ଇତ୍ୟାଦି ପ୍ରବନ୍ଧରୁ ଏହାର ଚିତ୍ର ସୁସ୍ପଷ୍ଟ।

ବିଶ୍ୱନାଥ କବିମାନଙ୍କୁ ସଦା ସର୍ବଦା ଗୁରୁତ୍ୱ ଦେଉଥିଲେ। ' ସାହିତ୍ୟ ଚର୍ଚ୍ଚା ' ପ୍ରବନ୍ଧରେ ବିଶ୍ୱନାଥ କହନ୍ତି - ମାନବ ଜାତି ମଧରେ କବି – ସ୍ପର୍ଶମଣି। ସେ ଯହିଁରେ ହାତ ଦେବ, ସେ ସୁନା ହେବ। ଆମ୍ଭେମାନେ ଯାହାକୁ ମାଙ୍କଡ଼ା ପଥର ବୋଲି ଗୋଡରେ ଆଡେଇଦେଉ କବି ଯେବେ ସେଥିରେ ଅଙ୍ଗୁଳି ସ୍ପର୍ଶ କରନ୍ତି, ତେବେ ସେହି ପୁଣି ଆମ୍ଭମାନଙ୍କ ନିକଟରେ ମରକତ ମଣି ହୋଇ ଉପସ୍ଥିତ ହୁଏ। (ବିବିଧ ପ୍ରବନ୍ଧ-ପୃ-୭୭-୧୯୫୬ ମସିହା)

ବିଶ୍ୱନାଥଙ୍କର ପ୍ରବନ୍ଧ ରଚନାରେ ଜଟିଳତା ପ୍ରାୟ ନାହିଁ। ତାଙ୍କର ଗଦ୍ୟ ସରଳ ଓ ସାବଲୀଳ। ଭାଷା ଭାବ ଗର୍ଭକ। ସଦା ସର୍ବଦା ପ୍ରବନ୍ଧ ପ୍ରଦତ୍ତ ତଥ୍ୟକୁ ସହଜ ଚିତ୍ତାକର୍ଷକ ଭଙ୍ଗୀରେ ଉପସ୍ଥାପନ କରିବା ପାଇଁ ସେ ପ୍ରୟାସ କରିଛନ୍ତି। ସଫଳ ମଧ ହୋଇଛନ୍ତି। ନିଷ୍ଠାପର ବ୍ୟକ୍ତିତ୍ୱ ଭାବରେ ଆମ ସାହିତ୍ୟ, ସଂସ୍କୃତି – ଧର୍ମ, ଦର୍ଶନ, ଇତିହାସ ଓ ସମାଜ ଜୀବନକୁ ନିଜସ୍ୱ ଅନୁଭୂତିରୁ ରସାଣିତ କରିଛନ୍ତି। ତାଙ୍କର ସୁବ୍ୟବସ୍ଥିତ ଗଦ୍ୟଜଗତ ବିଶାଳ ନ ହେଲେ ମଧ ଐଶ୍ୱର୍ଯ୍ୟମୟ। ସାରସ୍ୱତ କୃତିତ୍ୱପୂର୍ଣ୍ଣ।

**ବିଧାୟକ, ମାହାଙ୍ଗା**

# ବିଶ୍ୱଶାନ୍ତିର ପ୍ରତୀକ କାଦିଆନ ସର୍ବଧର୍ମ ଶାନ୍ତି ସମ୍ମିଳନୀ



## ମୌଲାନା ଫଜଲ ହକ ଖାନ୍

ଧାର୍ମିକ କଠୋରତାବାଦ ଯେଉଁ ସଂକୀର୍ଣ୍ଣତାକୁ ଜନ୍ମ ଦେଇଛି, ତାହା ଆତଙ୍କବାଦ ନାମରେ ଧର୍ମାନ୍ଧତା ଓ ନିଷ୍ଠୁରତାର ରାକ୍ଷସ ସାଜି ଆଜି କେବଳ ଭାରତବର୍ଷ ନୁହେଁ ବରଂ ସମଗ୍ର ପୃଥିବୀକୁ ଗ୍ରାସ କରିବାରେ ଲାଗିଛି। ଆଇ.ଏସ୍, ଅଲ୍ କାଏଦା ଓ ଜେ.ଇ.ଏମ୍. ଇତ୍ୟାଦି ତଥାକଥିତ ଜେହାଦୀ ସଂଗଠନ ନରହନ୍ତା ରାକ୍ଷସ ସାଜି ମାନବିକତା ବିରୁଦ୍ଧରେ କ୍ରୁର ଅଟ୍ଟହାସ୍ୟର ସ୍ପଷ୍ଟ ଚିତ୍ର ଦେଖାଉଛି। ତେଣୁ ଆଜିର ଦୁନିଆ ଏକ ଅଶାନ୍ତ ଝଡ଼ର ତାଣ୍ଡବରେ ଦୋଦୁଲ୍ୟମାନ ଅବସ୍ଥା ଦେଇ ଗତି କରୁଛି। ହତିଆରବାଜି ଅସ୍ତ୍ରଶସ୍ତ୍ରର ଯେଉଁ ଝଙ୍କାର ଆରମ୍ଭ ହୋଇଗଲାଣି, ତାକୁ ଅଙ୍କୁଶ ଲଗାଇବା ତ ଦୂରର କଥା, ବିଶ୍ୱର ବଡ଼ ବଡ଼ ଶକ୍ତି ମଧ ଆତଙ୍କବାଦକୁ ସମୂଳେ ବିନାଶ କରିବା ସକାଶେ ଗୋଟିଏ ପ୍ଲାଟଫର୍ମରେ ଏକତ୍ରିତ ହୋଇପାରିବେ ନାହିଁ। ବିଶ୍ୱ ଆର୍ଥିକ ସଙ୍କଟ, ଅରାଜକତା, ଦେଶ ଦେଶ ମଧରେ ଗୋଷ୍ଠୀ କନ୍ଦଳ ଓ ଗୃହଯୁଦ୍ଧଗୁଡ଼ିକରେ ମହାଶକ୍ତି ଗୁଡ଼ିକର ଅବାଧ ପ୍ରବେଶ ଓ ଶାନ୍ତି ପ୍ରତିଷ୍ଠା ବାହାନାରେ ଅଯଥା ହସ୍ତକ୍ଷେପ ଇତ୍ୟାଦି ଏହି ସବୁ ସଙ୍କଟ ଜନକ ଘଟଣା ବହୁଳ ପରିସ୍ଥିତି ବିଶ୍ୱ ମାନବ ଜଗତକୁ ପ୍ରଚଣ୍ଡ ଗତିରେ ଭୟାବହ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଠେଲି ଦେଇଛି।

ଏହି ସ୍ଥିତିକୁ ସ୍ପଷ୍ଟ କରି ବିଶ୍ୱବ୍ୟାପୀ ଅହମଦୀୟା ମୁସଲିମ ସମ୍ପ୍ରଦାୟର ସଂସ୍ଥାପକ ଦିବ୍ୟଦ୍ରଷ୍ଟା ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି; "ସତ୍ୟ ଆବିଷ୍କୃତ ମହା ଶକ୍ତିଶାଳୀ ପରମାଣୁ ଓ ଉଦ୍‌ଜାନ ବୋମା ତଥା ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଦ୍ୱାରା ଏହି ଦୁଇ ମହା ମେଣ୍ଟ ମଧରେ ଘମାଘୋଟ ଲଢେଇ ହେବ ଓ ସେମାନଙ୍କ ଶକ୍ତି ଛିନ୍ନ ଭିନ୍ନ ହୋଇ ଦୁର୍ବଳ ହୋଇପଡ଼ିବ। ସେମାନଙ୍କ ସଭ୍ୟତାର ପତନ ଘଟିବ। ଏହି ଯୁଦ୍ଧର ଅବସାନ ପରେ ରୁଷବାସୀ ପାଶ୍ଚାତ୍ୟବାସୀଙ୍କ ଠାରୁ ଅପେକ୍ଷାକୃତ ଶୀଘ୍ର ଦୁର୍ଦ୍ଦଶାରୁ ମୁକ୍ତି ଲାଭ କରିବେ। ରୁଷିଆର ଜନ ସଂଖ୍ୟା ଅତି ଶୀଘ୍ର ବଢ଼ିବ।....ଯେଉଁ ଜାତି ଆଜି ପୃଥିବୀରୁ ପରମେଶ୍ୱରଙ୍କ ନାମ ଓ ଆକାଶରୁ ତାଙ୍କର ଅସ୍ତିତ୍ୱ ଲୋପ କରିବାର ଉପାୟ ଅନ୍ୱେଷଣ କରିଚାଲିଛି, ସେହି ଜାତି ନିଜର ଭୁଲ ବୁଝିପାରି ଅନୁତପ୍ତ ହେବ ଓ ସେମାନେ ଏକେଶ୍ୱରବାଦ ବିଶ୍ୱାସରେ ଦୃଢ଼ୀଭୂତ ହେବେ।" (ପୁସ୍ତକ: ତଜଲ୍‌ଲିୟାତେ ଇଲାହିୟା- ପୃଷ୍ଠା-୩୯୯, ୧୯୦୬)

ସନ୍ତ୍ରାସବାଦ ବିରୁଦ୍ଧରେ ସଂଘର୍ଷ ହେଉ ଅବା ଜେହାଦ ନାମରେ ନିରୀହ ମଣିଷଙ୍କ ରକ୍ତପାତ, ସମଗ୍ର ମାନବ ସମାଜ ଆଜି ଆସନ୍ନ ମହାଯୁଦ୍ଧର ବିଭୀଷିକାରେ ଆତଙ୍କିତ ହୋଇ ଧ୍ୱଂସର ତଟ ଦେଶରେ ଛିଡ଼ା ହୋଇଛି। ଏପରି ଶଙ୍କାକୁଳ ପରିସ୍ଥିତିରେ ଅହମଦୀୟା ମୁସଲିମ ସମ୍ପ୍ରଦାୟର ୫ମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ବିଶ୍ୱର ପ୍ରମୁଖ ଧର୍ମଗୁରୁ ଓ ରାଷ୍ଟ୍ରମୁଖ୍ୟ ମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ ଶକ୍ତିଶାଳୀ ରାଷ୍ଟ୍ରଗଣ ଶାନ୍ତି ରକ୍ଷା ପାଇଁ ଚେଷ୍ଟା ଚଳାଇ ଥିବାର ବାହାନା କରି ନିଜ ଶକ୍ତି ପ୍ରୟୋଗ କରିବା ପରିବର୍ତ୍ତେ କଥାବାର୍ତ୍ତା ଜରିଆରେ ବିବାଦର ସମାଧାନ କରନ୍ତୁ। ନ୍ୟାୟ ଭିତିକ ଶାନ୍ତିର ଲକ୍ଷ୍ୟ ନେଇ ପୃଥିବୀକୁ ଏକତ୍ର କରିବା ପାଇଁ କୌଣସି ଯୁଦ୍ଧ କ୍ଷେତ୍ର ନୁହେଁ, ଗୋଟିଏ ଟେବୁଲରେ ମିଳିତ ହୋଇ ଭାବ ବିନିମୟ କରିବା ଅଧିକ ଶ୍ରେୟସ୍କର। କାରଣ ଆଉ ଏକ ବିଶ୍ୱଯୁଦ୍ଧର ମୂଳଦୁଆ କେବେ ଠାରୁ ପଡ଼ି ସାରିଲାଣି।(ପୁସ୍ତକ: ବିଶ୍ୱ ସଂକଟ ଏବଂ ଶାନ୍ତିର ପଥ, ପୃଷ୍ଠା- ୧୭୪-୧୭୫)

ଅହମଦୀୟା ମୁସଲିମ ସମ୍ପ୍ରଦାୟ ରାଷ୍ଟ୍ରୀୟ ଏକତା, ଧାର୍ମିକ ସହିଷ୍ଣୁତା, ବିବେକ ସ୍ୱାଧୀନତା ତଥା ଚାରିତ୍ରିକ ବିକାଶ କ୍ଷେତ୍ରରେ ବିଶ୍ୱରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏହାର ମୁଖ୍ୟ ସିଦ୍ଧାନ୍ତ ହେଉଛି; ସରକାରଙ୍କ ଆଜ୍ଞା ପାଳନ, ଦେଶ ପ୍ରେମ, ଧର୍ମ ସଂସ୍ଥାପକମାନଙ୍କ ପ୍ରତି ଯଥୋଚିତ ସମ୍ମାନ, ମାନବଜାତି ପ୍ରତି ସହାନୁଭୂତି ଓ ମାନବ ସେବା ପରମ ଧର୍ମ। ଏହି ସମ୍ପ୍ରଦାୟ ଦୈବୀ ଦୁର୍ବିପାକ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହ୍ୟୁମାନିଟି ଫାଷ୍ଟ ନାମକ ଏକ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଜରିଆରେ ଜାତି ଧର୍ମ ନିର୍ବିଶେଷରେ ମାନବ ଜାତିର ନିସ୍ୱାର୍ଥପର ସେବା କରିବାରେ ପ୍ରସିଦ୍ଧି ଲାଭ କରିଛି। ଏହାର ନୀତିବାଣୀ ହେଉଛି "ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ"।





୧୩୦ତମ କାଦିଆନ ସର୍ବଧର୍ମ ଶାନ୍ତି ସମ୍ମିଳନୀ ଉପଲକ୍ଷେ

ତେବେ ଆଜିର ଏହି ଶୁଭ ସର୍ବଧର୍ମ ଶାନ୍ତି ସମ୍ମିଳନୀ ଉପଲକ୍ଷେ ଆତଙ୍କବାଦର ସମୂଳେ ବିନାଶ କରିବା ଏବଂ ବିଶ୍ୱରେ ଶାନ୍ତି, ସହିଷ୍ଣୁତା ତଥା ଭ୍ରାତୃଭାବ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ବିଶ୍ୱବ୍ୟାପୀ ଅହମଦୀୟା ମୁସଲିମ ଜମାତର ୧୩୦ ତମ ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀ(ଜଲସା ସାଲାନା)୨୦୨୫ ଡ଼ିସେମ୍ବର ଶେଷ ସପ୍ତାହରେ କାଦିଆନ, ଜିଲ୍ଲା ଗୁରୁଦାସପୁର(ପଞ୍ଜାବ)ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ଆଧାତ୍ମିକ ସମ୍ମିଳନୀରେ ବିଭିନ୍ନ ଦେଶ ବିଦେଶରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅହମଦୀୟା ମୁସଲିମ ସମ୍ପ୍ରଦାୟ ସମଗ୍ର ବିଶ୍ୱର ବିଭିନ୍ନ ଭାଗରେ ଏହି ଭଳି ଶାନ୍ତି ସମ୍ମିଳନୀ, ଶାନ୍ତି ଆଲୋଚନାଚକ୍ର, ମାନବତା ଦିବସ, ତଥା ସର୍ବଧର୍ମ ସମନ୍ୱୟର ସମ୍ମିଳନୀ ଇତ୍ୟାଦି ଆୟୋଜନ କରିଆସୁଛି।

ଅହମଦୀୟା ମୁସଲିମ ସମ୍ପ୍ରଦାୟର ମହାମାନ୍ୟ ଖଲିଫା ହଜରତ ମିର୍ଜା ମସରୁର ଅହମଦ ୨୦୧୩ ମସିହାରେ ବ୍ରିଟିଶ ସାଂସଦ ଭବନରେ ଏକ ଭାଷଣ ପ୍ରସଙ୍ଗରେ କୁହନ୍ତି; 'ବିଗତ ଦୁଇ ବିଶ୍ୱଯୁଦ୍ଧର ଭୟାବହ ଧ୍ୱଂସଲୀଳା ସମ୍ବନ୍ଧରେ ଆମେମାନେ ଭଲ ଭାବରେ ସଚେତନ ଅଛନ୍ତି। ଅଥଚ ପରିତାପର ବିଷୟ ହେଉଛି ଯେ କେତେକ ଦେଶର ଜଟିଳ ଶାସନ ନୀତି ଓ ଗର୍ହିତ ଆଚରଣ ପୃଥିବୀର ଦିଗବଳୟରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଭାସ ଦେଉଛି। ଏହି ବିଶ୍ୱଯୁଦ୍ଧ ଏକ ଆଣବିକ ତଥା ପାରମାଣବିକ ଯୁଦ୍ଧରେ ହିଁ ପରିଣତ ହେବ। ପୃଥିବୀ ଆଜି ଯେଉଁ ଆଡ଼କୁ ଗତି କରୁଛି, ତହିଁରେ ନିଶ୍ଚିତ ଭାବରେ ଏପରି ଏକ ମହାଯୁଦ୍ଧ ଲାଗିଯିବାର ଆଶଙ୍କା ଦେଖା ଦେଇଛି।'

ଏହାର ଭୟାବହ ପରିଣତିରୁ ରକ୍ଷା ପାଇବା ପାଇଁ ବିଶ୍ୱ ନିୟନ୍ତା ଜୀବିତ ଈଶ୍ୱରଙ୍କ ସହିତ ଯୋଗ ସୂତ୍ର ସ୍ଥାପନ କରିବା ତଥା ମାନବ ଜାତି ପ୍ରତି ରହିଥିବା ଆମର କର୍ତବ୍ୟ ପାଳନ କରିବାକୁ ହେବ। ସେଥିପାଇଁ ଆମେ ନ୍ୟାୟ, ସାଧୁତା ଓ ସ୍ୱଚ୍ଛତାର ପଥ ଅବଲମ୍ବନ କରିବା ଉଚିତ୍। ଆସନ୍ତୁ ଆମେମାନେ ଏହି ସଂକଳ୍ପ ନେବା ଯେ ଆମେ ସମସ୍ତେ ଏକଜୁଟ ହୋଇ ହିଂସା ଓ ଘୃଣାକୁ ପ୍ରସାର କରୁଥିବା ସେହିସବୁ ଗୋଷ୍ଠୀ ବା ସଂଗଠନ ବିରୁଦ୍ଧରେ ସ୍ୱର ଉତୋଳନ କରିବା ଏବଂ ଯେଉଁମାନେ ପୃଥିବୀରେ ଶାନ୍ତି ନଷ୍ଟ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଦୃଢ଼ ହସ୍ତରେ ଦମନ କରିବା ଏକାନ୍ତ ଅପରିହାର୍ଯ୍ୟ। ମାନବୀୟ ଏକତା ଓ ଏକେଶ୍ୱରବାଦର ପ୍ରତିଷ୍ଠା ପାଇଁ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପାଦ ସହିତ ପାଦ ମିଳାଇ ଯଦି ଆମେ ଏହି ଅଭିଯାନରେ ସାମିଲ ନ ହେବା ଏବଂ ଯଦି ଏବେ ମଧ ଏହି ଗୁରୁତ୍ୱପୂର୍ଣ୍ଣ ଓ ମୂଳ ବାସ୍ତବିକତାକୁ ପାଶୋରି ଦେବା, ତାହେଲେ ଆତଙ୍କବାଦର ସମୂଳେ ବିନାଶ କରିବା ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ କୌଣସି ପ୍ରତିଶ୍ରୁତି ବଦ୍ଧତାର ମୂଲ୍ୟ ରହିବ ନାହିଁ।

**ମଙ୍ଗଳାବାଗ, କଟକ**
**ମୋବାଇଲ୍: ୯୬୯୨୨୨୫୦୫୭**

### ଉନ୍ନାଓ ବଳାତ୍କାର ମାମଲା

# ସେଙ୍ଗାରଙ୍କୁ ମିଳିଲା ସର୍ତ୍ତମୂଳକ ଜାମିନ



ନୂଆଦିଲ୍ଲୀ,୨୩।୧୨: ବହୁଚର୍ଚ୍ଚିତ ଉନ୍ନାଓ ବଳାତ୍କାର ମାମଲାରେ ପୂର୍ବତନ ବିଜେପି ନେତା କୁଲଦୀପ ସିଂହ ସେଙ୍ଗାରଙ୍କୁ ଆଜି ଜାମିନ୍ ମିଳିଛି। ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଏହି ଜାମିନ ପ୍ରଦାନ କରିଛନ୍ତି। ସେଙ୍ଗାରଙ୍କୁ ଏହି ଆଶ୍ୱସ୍ତି ୧୫ ଲକ୍ଷ ଟଙ୍କାର ଜାମିନ ବଣ୍ଡରେ ପ୍ରଦାନ କରାଯାଇଛି। ତେବେ ଜାମିନ ପରେ ବି ସେଙ୍ଗାର ଜେଲରୁ ବାହାରକୁ ଆସିପାରିବେ ନାହିଁ। କାରଣ ସେ ପୀଡ଼ିତା ପିତାଙ୍କ ହତ୍ୟା ପାଇଁ ୧୦ ବର୍ଷର ଜେଲ୍ ଦଣ୍ଡାଦେଶ ଭୋଗୁଛନ୍ତି। ଏଥିସହ ଜାମିନ୍ ପାଇଁ କୋର୍ଟ କେତେଗୁଡ଼ିଏ ସର୍ତ୍ତ ମଧ୍ୟ ରଖିଛନ୍ତି। କୋର୍ଟ ସେଙ୍ଗାରଙ୍କ ଆବେଦନର ଶୁଣାଣି ପର୍ଯ୍ୟନ୍ତ ତାଙ୍କ ଦଣ୍ଡକୁ ସ୍ଥଗିତ ରଖିଛନ୍ତି। ସେଙ୍ଗାରଙ୍କୁ ପୀଡ଼ିତା ଥିବା ସ୍ଥାନଠାରୁ ୫ କିମି ଦୂରରେ ରହିବେ ଓ ଜାମିନ ଅବଧି ମଧ୍ୟରେ ସେ ଦିଲ୍ଲୀରେ ହିଁ ରହିବେ। ଏଥିସହ ତାଙ୍କୁ ପ୍ରତି ସୋମବାର ପୁଲିସରେ ହାଜର ହେବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ପୂର୍ବତନ ବିଜେପି ନେତା ଜଣଙ୍କ ପୀଡ଼ିତାଙ୍କୁ ଧମକ ଦେବେ ନାହିଁ ଏବଂ ନିମ୍ନ ଅଦାଲତରେ ତାଙ୍କ ପାସପୋର୍ଟ ଦାଖଲ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ଯଦି ସେଙ୍ଗାର୍ ଉପରୋକ୍ତ କୌଣସି ସର୍ତ୍ତ ଉଲ୍ଲଂଘନ କରନ୍ତି, ତା'ହେଲେ ତାଙ୍କ ଜାମିନ ବାତିଲ କରାଯିବ। ସେଙ୍ଗାରଙ୍କୁ ନିମ୍ନ ଅଦାଲତ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ।

ସୂଚନାଯୋଗ୍ୟ ଯେ ୨୦୧୭ରେ ଉନ୍ନାଓ ବଳାତ୍କାର ମାମଲା ଘଟିଥିଲା, ଯେଉଁଥିରେ ସେଙ୍ଗାର ମୁଖ୍ୟ ଅଭିଯୁକ୍ତ ଥିଲେ। ସେଙ୍ଗାରଙ୍କ ଭାଇ ପୁଲିସ ହେପାଜତରେ ପୀଡ଼ିତାଙ୍କ ବାପାଙ୍କୁ ପିଟି ପିଟି ମାରିବା ଅଭିଯୋଗ ହେବା ପରେ ମାମଲା ଗମ୍ଭୀର ମୋଡ଼ ନେଇଥିଲା। ସେଙ୍ଗାରଙ୍କୁ ଏହି ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିବା ବେଳେ ସେ ବର୍ତ୍ତମାନ ଦିଲ୍ଲୀ ଜେଲରେ କଏଦୀ ଭାବେ ଜୀବନ ଅତିବାହିତ କରୁଛନ୍ତି। ୨୦୧୮ ଏପ୍ରିଲରେ ସେଙ୍ଗାରଙ୍କୁ ସିବିଆଇ ଗିରଫ କରିଥିଲା। ଉକ୍ତ ବର୍ଷ ଜୁଲାଇରେ ଏହି ମାମଲାରେ ଏକ ଚାର୍ଜସିଟ୍ ଦାଖଲ କରାଯାଇଥିଲା, ଯେଉଁଥିରେ ସେଙ୍ଗାରଙ୍କ ନାମ ରହିଥିଲା। ପରେ ୨୦୧୯ ଡିସେମ୍ବରରେ ସେଙ୍ଗାରଙ୍କୁ ଏହି ମାମଲାରେ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା। ଦଣ୍ଡ ସଂକ୍ରାନ୍ତ ରାୟ ଆସିବା ପରେ ସେଙ୍ଗାର ତାଙ୍କ ବିଧାୟକ ପଦ ହରାଇଥିଲେ। ଏଥିସହ ପରବର୍ତ୍ତୀ ସମୟରେ ତାଙ୍କୁ ବିଜେପିରୁ ମଧ ନିଲମ୍ବନ କରାଯାଇଥିଲା।

### କମୁନି ଦିଲ୍ଲୀବାସୀଙ୍କ ପ୍ରଦୂଷଣ ପୀଡ଼ା

# କେଜରିୱାଲ୍ ସରକାରକୁ ଦାୟୀ କଲେ ଉପରାଜ୍ୟପାଳ

ନୂଆଦିଲ୍ଲୀ,୨୩।୧୨: ଗତ କିଛି ବର୍ଷ ହେଲା ଶୀତଦିନେ ଦିଲ୍ଲୀବାସୀଙ୍କ ଯନ୍ତ୍ରଣା ବହୁଗୁଣିତ ହୋଇଆସିଥିବା ବେଳେ ଏଥିପାଇଁ ଆଜି ଦିଲ୍ଲୀ ଉପରାଜ୍ୟପାଳ ଭିକେ ସକ୍ସେନା ଏହି କେନ୍ଦ୍ରଶାସିତ ଅଞ୍ଚଳରେ ପୂର୍ବରୁ ଶାସନ କରୁଥିବା ଆପ୍ ସରକାରଙ୍କୁ ଦାୟୀ କରିଛନ୍ତି। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଏକ ଚିଠି ଲେଖି ରାଜଧାନୀର ଖରାପ ବାୟୁ ଗୁଣବତ୍ତା ପାଇଁ ତାଙ୍କ ସରକାରକୁ ଦାୟୀ କରିଛନ୍ତି। ୧୫ ପୃଷ୍ଠାର ଉକ୍ତ ଚିଠିରେ ଶ୍ରୀ ସକ୍ସେନା ଦର୍ଶାଇଛନ୍ତି ଯେ ରାଜଧାନୀ ଦିଲ୍ଲୀରେ ଜରୁରୀକାଳୀନ ବାୟୁ ସ୍ଥିତି ପାଇଁ ଆପଣ ଓ ଆପଣଙ୍କ ସରକାର ୧୧ ବର୍ଷ ଧରି କ୍ଷମତାରେ ଥିଲେ ମଧ ବାୟୁ ପ୍ରଦୂଷଣ ପରି ଗୁରୁତର ସମସ୍ୟାକୁ ନିୟମିତ ଭାବେ ଉପେକ୍ଷା କରିଆସିଛନ୍ତି। ଏ କ୍ଷେତ୍ରରେ କେଜରିୱାଲ୍ ସରକାର ଦୋମୁହାଁ ନୀତି ଅବଲମ୍ବନ କରିଥିବା ଶ୍ରୀ ସକ୍ସେନା ଅଭିଯୋଗ ଆଣିଛନ୍ତି। ଫଳସ୍ୱରୂପ ରାଷ୍ଟ୍ରୀୟ ରାଜଧାନୀରେ ଏବେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଅତି ଶୋଚନୀୟ ସ୍ଥିତିରେ ପହଞ୍ଚିଯାଇଛି। ବିଶେଷକରି କେଜରିୱାଲ୍ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବି ଏହି ସମସ୍ୟାକୁ ସେତେଟା ଗୁରୁତ୍ୱ ଦେଇନଥିଲେ। ସମସ୍ୟା ଉପୁଜିବା ପରେ ସରକାରୀ ସ୍ତରରେ କେତୋଟି ବୈଠକ ଆୟୋଜନ କରି ଏହା ଉପରେ ତୁମ୍ବିତୋଫାନ୍ ହୋଇଥାଏ। କୋର୍ଟରେ ଏକାଧିକ ଜନସ୍ୱାର୍ଥ ମାମଲା ଦାଏର୍ ହୋଇଥାଏ। କିନ୍ତୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ବରଂ କିଛିଦିନ ପରେ ସମସ୍ତେ ଏହାକୁ ଭୁଲିଯାଇଥିବା ଅଭିଯୋଗ ଆଣିଛନ୍ତି ଶ୍ରୀ ସକ୍ସେନା। ତେଣୁ ୧୧ ବର୍ଷର ଲମ୍ବା ସମୟ ମଧ୍ୟରେ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇନଥିବାରୁ ଦିଲ୍ଲୀ ଆଜି ପ୍ରଦୂଷଣର ଗନ୍ତାଘର ପାଲଟିଛି ବୋଲି ଶ୍ରୀ ସକ୍ସେନା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।



ଏଥିସହ ସେ ଆହୁରି ମଧ ଲେଖିଛନ୍ତି ଯେ ଗତ ୧୦ ମାସ ଧରି ଏଠାରେ କ୍ଷମତାରେ ରହିଆସିଥିବା ବିଜେପି ସରକାରଙ୍କୁ ବି ଆପ୍ କୌଣସି ଠୋସ୍ ପଦକ୍ଷେପ ନେବା ଦିଗରେ ବାଧା ସୃଷ୍ଟି କରିଆସିଛି। ଗତ ସାଢ଼େ ୩ ବର୍ଷ ହେଲା ସେ ଲେଫ୍‌ଟନାଣ୍ଟ୍ ଗଭର୍ଣ୍ଣର୍ ଭାବେ କାର୍ଯ୍ୟ କରିଆସୁଥିବା ବେଳେ ଏହି ସମୟରେ ମଧରେ ସେ ଉଭୟ ଆପ୍ ଓ ବିଜେପିର ଆଚରଣକୁ ବେଶ୍ ନିକଟରୁ ଦେଖିଆସୁଛନ୍ତି ଓ ଏହି ସମୟ ମଧରେ ପ୍ରଦୂଷଣ ରୋକିବା ଦିଗରେ ଆପ୍‌ର ଆଭିମୁଖ୍ୟ ସମ୍ପର୍କରେ ବି ସ୍ପଷ୍ଟ ହୋଇସାରିଛନ୍ତି। ଏପରିକି କେଜରିୱାଲ୍‌ଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହିଁଥିଲେ ମଧ ସେ କୌଣସି ବୈଠକ ଆୟୋଜିତ ହୋଇପାରିନଥିଲା। ଏପରିକି କେଜରିୱାଲ୍ ତାଙ୍କ ଫୋନ୍ ଉଠାଉନଥିଲେ। ତା'ଛଡ଼ା ଅଧିକାଂଶ ସମୟରେ ସେ ମୋବାଇଲ୍ ସୁଇଚ୍ ଅଫ୍ କରିଦେଉଥିବା ଶ୍ରୀ ସକ୍ସେନା ଅଭିଯୋଗ କରିଛନ୍ତି।

କେଜରିୱାଲ୍‌ଙ୍କ ସରକାର କ୍ଷମତାରେ ଥିବା ସମୟରେ ଦିଲ୍ଲୀବାସୀ ଏପରି ପୀଡ଼ାଦାୟକ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ହେଁ ଏ ଦିଗରେ କୌଣସି ଫଳପ୍ରସୂ ଉଦ୍ୟମ ହୋଇନଥିଲା। ବିଜେପି ପରି ଆପ୍ ମଧ ତା'ର ନିର୍ବାଚନୀ ଇସ୍ତାହାରରେ ସହରରେ ପ୍ରଦୂଷଣକୁ ହ୍ରାସ କରିବା ଦିଗରେ ଆକ୍ରମଣାତ୍ମକ ପଦକ୍ଷେପ ନେବ ବୋଲି ଭୋଟର୍‌ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲା। ତେବେ ଗତ ଫେବୃଆରୀରେ ଆପ୍‌କୁ ବଡ଼ ଝଟକା ଲାଗିଥିଲା ଓ ଦଳ ବିଜେପିଠାରୁ ନିର୍ବାଚନରେ ପରାସ୍ତ ହୋଇ କ୍ଷମତାଚ୍ୟୁତ ହୋଇଥିଲା।

### ଦୂର ହେବ ଟ୍ରାଫିକ୍ ଜାମ୍ ଯନ୍ତ୍ରଣା

# ଆରମ୍ଭ ହେଲା ଏୟାର ଟ୍ୟାକ୍ସି ଟେଷ୍ଟିଂ




ନୂଆଦିଲ୍ଲୀ,୨୩।୧୨: ଦିଲ୍ଲୀ, ମୁମ୍ବାଇ କିମ୍ବା ବେଙ୍ଗାଲୁରୁର ପ୍ରତିଦିନର ଟ୍ରାଫିକ ଦର୍ଶାଉଛି ଯେ ସହରଗୁଡ଼ିକ ବୃଦ୍ଧି ପାଇଛି ଏବଂ ରାସ୍ତାଗୁଡ଼ିକ କ୍ଲାନ୍ତ ହୋଇପଡ଼ିଛି। ଏବେ ପ୍ରଶ୍ନ ଏହା ନୁହେଁ ଯେ ଜାମ୍ କାହିଁକି ହେଉଛି, ବରଂ ପ୍ରଶ୍ନ ହେଉଛି ଏଥିରୁ ମୁକ୍ତି ପାଇବାର ଉପାୟ କ'ଣ। ଏହି ପ୍ରଶ୍ନର ଉତ୍ତର ଖୋଜିବାକୁ ଯାଇ ଏରୋସ୍ପେସ୍ ଷ୍ଟାର୍ଟଅପ୍ 'ସରଳା ଆଭିଏସନ୍' ଆକାଶ ମାର୍ଗକୁ ବାଛିଛି। ଆକାଶରେ ଉଡ଼ନ୍ତା ଟ୍ୟାକ୍ସିର ସ୍ୱପ୍ନ ସହିତ କମ୍ପାନି ଏହାର ପ୍ରଥମ 'ଏୟାର ଟ୍ୟାକ୍ସି' ପ୍ରୋଗ୍ରାମର ଗ୍ରାଉଣ୍ଡ ଟେଷ୍ଟିଂ ଆରମ୍ଭ କରିଦେଇଛି। ଏପର୍ଯ୍ୟନ୍ତ ଉଡ଼ାଣ କେବଳ ବିମାନ ଓ ବଡ଼ ବିମାନବନ୍ଦର ମଧ୍ୟରେ ସୀମିତ ଥିଲା। କିନ୍ତୁ ଯଦି ସବୁକିଛି ଯୋଜନା ମୁତାବକ ଚାଲେ, ତେବେ ଆଗାମୀ କିଛି ବର୍ଷ ମଧ୍ୟରେ ଆପଣ ଆକାଶରେ ଉଡ଼ି ଅଫିସ୍ ମଧ୍ୟ ଯାଇପାରିବେ।

ଏୟାର ଟ୍ୟାକ୍ସି ସେବାର ଆବଶ୍ୟକତା ମଧ୍ୟରେ ଭାରତ ଏହି କ୍ଷେତ୍ରରେ ଖୁବ୍ ଶୀଘ୍ର ଇତିହାସ ରଚିବାକୁ ଯାଉଛି। ସହରଗୁଡ଼ିକରେ ରାସ୍ତାରେ ବଢୁଥିବା ଅସମ୍ଭାଳ ଭିଡ଼ ଏବଂ ଗମନାଗମନ ସୁବିଧାରେ ବିଳମ୍ବର ଖବର ମଧ୍ୟରେ ଏୟାର ଟ୍ୟାକ୍ସି ଏକ ସହଜ ବିକଳ୍ପ ଭାବରେ ଉଭା ହୋଇଛି। ଯଦି ଆଗାମୀ ବର୍ଷଗୁଡ଼ିକରେ ଏହା ବାସ୍ତବରେ କାର୍ଯ୍ୟକାରୀ ହୁଏ, ତେବେ ଏହା ଏକ ଚମତ୍କାର ହେବ। ଏହି ପରିପ୍ରେକ୍ଷୀରେ, 'ସରଳା ଏଭିଏସନ' ନାମକ କମ୍ପାନି ନିଜର ଇଲେକ୍ଟ୍ରିକ୍ ଭର୍ଟିକାଲ୍ ଟେକ୍-ଅଫ୍ ଆଣ୍ଡ ଲ୍ୟାଣ୍ଡିଂ ଏୟାର ଟ୍ୟାକ୍ସିର ହାଫ୍-ସ୍କେଲ୍ ଇଲେକ୍ଟ୍ରିକ୍ ମଡେଲ୍ ସିଲା ସିଲ୍-ଏକ୍ସ୧ର ଗ୍ରାଉଣ୍ଡ ଟେଷ୍ଟିଂ ଆରମ୍ଭ କରିଛି।

ସରଳା ଏଭିଏସନର ଏହି ଏୟାର ଟ୍ୟାକ୍ସି ଭାରତର ସବୁଠାରୁ ବଡ଼ ଏବଂ ଅତ୍ୟାଧୁନିକ ପଦକ୍ଷେପ, ଯାହା ଦେଶରେ ନିର୍ମିତ ସାର୍ଟିଫାଇଡ୍ ଭର୍ଟିକାଲ୍ ଫ୍ଲାଇଟ୍ ସିଷ୍ଟମ ଆଡକୁ ଇସାରା କରୁଛି। ଏହି ଗ୍ରାଉଣ୍ଡ ଟେଷ୍ଟିଂ ୨୨ ଡିସେମ୍ବର ୨୦୨ ରେ ବେଙ୍ଗାଲୁରୁ ସ୍ଥିତ ସରଳା ଏଭିଏସନର ଟେଷ୍ଟ ଫ୍ୟାସିଲିଟିରେ ଅନୁଷ୍ଠିତ ହୋଇଥିଲା। ଭାରତର ଆଭିଏସନ୍ ସ୍ୱପ୍ନ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ସିଲ୍-ଏକ୍ସ୧ ଡେଣାର ଲମ୍ବ ୭.୫ ମିଟର। ଏହା ଭାରତରେ ଅଦ୍ୟାବଧି ବିକଶିତ ହୋଇଥିବା ସବୁଠାରୁ ବଡ଼ ଓ ଅତ୍ୟାଧୁନିକ ପ୍ରାଇଭେଟ୍ ଇଭିଟିଓଏଲ୍ ଡେମୋନଷ୍ଟ୍ରେଟର ମଧ୍ୟରୁ ଅନ୍ୟତମ। ସିଲ୍-ଏକ୍ସ୧ ଡେମୋନଷ୍ଟ୍ରେଟର ସମ୍ପୂର୍ଣ୍ଣ ଭାବେ ଭାରତରେ ଗ୍ଲୋବାଲ୍ ଆଭିଏସନ୍ ଷ୍ଟାଣ୍ଡାର୍ଡ ଅନୁଯାୟୀ ପ୍ରସ୍ତୁତ କରାଯାଇଛି। ଏହି ସଫଳତା ସହିତ ଭାରତ ମଧ୍ୟ ସେହି ବିକଶିତ ଦେଶମାନଙ୍କ ତାଲିକାରେ ସାମିଲ ହୋଇଛି, ଯେଉଁମାନେ ଶିଳ୍ପ ସ୍ତରରେ ପରବର୍ତ୍ତୀ ପିଢ଼ିର ଭର୍ଟିକାଲ୍ ଫ୍ଲାଇଟ୍ ସିଷ୍ଟମ ବିକଶିତ କରୁଛନ୍ତି। ଏହି କାମ କେବଳ ବିମାନ ଡିଜାଇନ୍ କରିବା ମଧ୍ୟରେ ସୀମିତ ନଥିଲା, ବରଂ ଏଥିରେ ସାର୍ଟିଫିକେସନ୍ ଅନୁଯାୟୀ ଏକ ଫ୍ଲାଇଟ୍-ଟେଷ୍ଟ ଇକୋସିଷ୍ଟମ୍ ନିର୍ମାଣ ମଧ୍ୟ ସାମିଲ ଥିଲା।

## କାର୍ ଦୁର୍ଘଟଣାରେ ମେସିଙ୍କ ଭଉଣୀ ଗୁରୁତର




ବୁଏନସ୍ ଏୟର୍ସ,୨୩।୧୨: ଆର୍ଜେଣ୍ଟିନାର ଷ୍ଟାର ଫୁଟବଲର ଲିଓନେଲ ମେସିଙ୍କ ଭଉଣୀ ମାରିୟା କାର୍ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଛନ୍ତି। ସେ ମିୟାମୀରେ ନିଜ କାର୍ ଚଳାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ତାଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସାଥୀରେ ଥିବା ତାଙ୍କ ବାପାଙ୍କ ଅବସ୍ଥା ବି ଗୁରୁତର ରହିଛି। ମାରିୟାଙ୍କ ବିବାହ ଆସନ୍ତା ଜାନୁଆରୀ ୩ରେ ହେବାର ଥିଲା। ତେବେ ସେ ଆହତ ହୋଇଥିବାରୁ ଏବେ ଏହି ବିବାହ କାର୍ଯ୍ୟକ୍ରମକୁ ଘୁଞ୍ଚାଇ ଦିଆଯାଇଛି। ମାରିୟାଙ୍କ ମେରୁଦଣ୍ଡ ଭାଙ୍ଗିଛି। ହାତ ଓ କହୁଣୀ ପାଖରେ ଫ୍ରାକ୍ଚର ହୋଇଛି। ଏହାଛଡ଼ା ତାଙ୍କ ଶରୀରରେ ଅନେକ ସ୍ଥାନରେ ଆଘାତ ଲାଗିଛି। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ କୌଣସି ଭୟର କାରଣ ନାହିଁ ବୋଲି ଡାକ୍ତର ସ୍ପଷ୍ଟ କରିଛନ୍ତି। ତେବେ ଭଉଣୀଙ୍କ ଏହି ଦୁର୍ଘଟଣା ସମ୍ପର୍କରେ ମେସି କୌଣସି ପ୍ରକାର ସୂଚନା ଦେଇନାହାନ୍ତି।

### ପୁଣି ମୁଣ୍ଡ ଟେକିଲା ସାନୁ-ରୀତା ବିବାଦ

# ହଇରାଣ ନ କରିବାକୁ ହାତ ଯୋଡ଼ିଲେ ରୀତା

ମୁମ୍ବାଇ,୨୩।୧୨: ବଲିଉଡ୍‌ର ପପୁଲାର ପ୍ଲେବ୍ୟାକ୍ ସିଙ୍ଗର କୁମାର ସାନୁ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ପୁଣି ଚର୍ଚ୍ଚାରେ। ସେ ନିଜ ପୂର୍ବ ପତ୍ନୀ ରୀତା ଭଟ୍ଟାଚାର୍ଯ୍ୟଙ୍କ ଉପରେ କରିଛନ୍ତି ୫୦ କୋଟିର ମାନହାନୀ ମାମଲା। ଏକ ଇଣ୍ଟରଭ୍ୟୁରେ ପତ୍ନୀ ରୀତା ତାଙ୍କ ବିରୋଧରେ ଅଭିଯୋଗ ପରେ ଅଭିଯୋଗ ଆଣିବା କାରଣରୁ କୁମାର ସାନୁ ଏଭଳି ମାନହାନୀ ମାମଲା ଦାଏର କରିଛନ୍ତି। ସାନୁଙ୍କ ଏଭଳି ପଦକ୍ଷେପରେ ବିବ୍ରତ ରୀତା କହିଛନ୍ତି ଯେ ସେ ପ୍ରକୃତରେ ଆଶ୍ଚର୍ଯ୍ୟ ଯେ ତାଙ୍କୁ ଏତେ ବଡ଼ ମୂଲ୍ୟର ମାନହାନୀ ମାମଲା ଭିତରକୁ ଟଣାଯାଉଛି। ଯେଉଁ ନୋଟିସ୍ ତାଙ୍କୁ ସାନୁ ପଠାଇଛନ୍ତି ସେଥିରେ ସେ ୫୦ କୋଟି ଭରଣା କରିବାକୁ ଉଲ୍ଲେଖ କରିଛନ୍ତି। ତେବେ ତାଙ୍କ ପାଖରେ ଏତେ ଟଙ୍କା ଅଛି ବୋଲି ସାନୁ କିପରି ଚିନ୍ତା କରିପାରିଲେ ବୋଲି ରୀତା ପ୍ରଶ୍ନ କରିଛନ୍ତି।

ସେ କହିଛନ୍ତି, ମୁଁ ଆଶ୍ଚର୍ଯ୍ୟ ଯେ ସାନୁ ନିଜ ୩ ବଡ଼ ପୁଅଙ୍କ ମା' ବିରୋଧରେ କେସ୍ କରିଛନ୍ତି। ଆଉ କାହାକୁ ଟାର୍ଗେଟ କରୁନାହାଁନ୍ତି। ମାମଲା କେବଳ ତାଙ୍କରି ଉପରେ, ତାଙ୍କୁ ଉସକାଉଥିବା ଅନ୍ୟ କାହାରି ଉପରେ ନୁହେଁ। ତାଙ୍କ ସହ ମୋର ଦୀର୍ଘ ବର୍ଷ ହେଲା କଥାବାର୍ତ୍ତା ହୋଇନି କି ମୋ ପିଲାଙ୍କ ସହ ବି ତାଙ୍କର କୌଣସି କଥାବାର୍ତ୍ତା ବି ନାହିଁ। ମୋତେ ତାଙ୍କ ସହ କଥା ହେବା ପାଇଁ ସୁଯୋଗ ବି ଦିଆଯାଉନାହିଁ। ମୋ ନମ୍ବରକୁ ସେ ସବୁବେଳେ ବ୍ଲକ୍ କରି ରଖୁଛନ୍ତି। ମୁଁ ସାନୁଙ୍କୁ ଅନେକ ଥର ଫୋନ୍ କରିବାକୁ ଚେଷ୍ଟା କରିଛି, ହେଲେ ସେ କେବେ ମୋ ଫୋନ୍ ଉଠାନ୍ତିନି। ତାଙ୍କ ସେକ୍ରେଟାରୀକୁ ବି ମୁଁ ଅନେକ ଥର ନେହୁରା ହୋଇଛି। ମୋ ପୁଅର ବାହାଘର ହେଉଛି। ହେଲେ ସାନୁଙ୍କ କେସ୍ ମୋତେ ବଦନାମ କରୁଛି ବୋଲି ରୀତା କହିଛନ୍ତି।



ରୀତା ଆହୁରି କହିଛନ୍ତି, ଦୀର୍ଘ ବର୍ଷ ପରେ ୬୩ ବର୍ଷରେ ତାଙ୍କୁ ପୁଣିଥରେ କୋର୍ଟର ଚକ୍କର କାଟିବାକୁ ପଡୁଛି। ପୂର୍ବରୁ ଛାଡ଼ପତ୍ରକୁ ନେଇ କୋର୍ଟ ଯାଉଥିଲି ଏବେ ମାନହାନୀ ମାମଲା ନେଇ ଯିବାକୁ ପଡ଼ିବ। ୩ ପୁଅ ଯଥେଷ୍ଟ ବୁଝିବାର ହେଲେଣି। ହେଲେ ସେମାନେ କୌଣସି ଭୁଲ ନକରି ଦଣ୍ଡ ପାଉଛନ୍ତି। ସୋନୁଙ୍କ ଉଦ୍ଦେଶ୍ୟରେ ରୀତା କହିଛନ୍ତି, 'ମୁଁ ସାନୁଙ୍କୁ କୋର୍ଟରେ ଭେଟିବି। ତାଙ୍କୁ ହାତ ଯୋଡ଼ି କହିବି, ସେ ବାକି ଜୀବନ ଭଲ ମଣିଷ ହୋଇ ବଞ୍ଚନ୍ତୁ। ମୋ ୩ ପୁଅଙ୍କ ବାପା ହୁଅନ୍ତୁ। ଯଦି ଆମକୁ ଭଲପାଉ ବି ନାହାନ୍ତି, ତା'ହେଲେ ଆମକୁ ହଇରାଣ ବି କରନ୍ତୁନି ବୋଲି ରୀତା ସାନୁଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ ଉଭୟଙ୍କ ମଧ୍ୟରେ ଗତ ୨୦୦୧ରେ ଛାଡ଼ପତ୍ର ହୋଇଥିଲା। ସେତେବେଳେ କେହି କେହି କାହାକୁ ଦୋଷାରୋପ କରିବେନି ବୋଲି ଚୁକ୍ତି ହୋଇଥିଲା। କିନ୍ତୁ ଇ-ଟାଇମରେ ଇଣ୍ଟରଭ୍ୟୁ ଦେବାକୁ ଯାଇ ରୀତା ସାନୁଙ୍କୁ ଦୋଷ ଦେବା ପରେ ଏବେ ରୀତାଙ୍କୁ କୋର୍ଟକୁ ଟାଣିଛନ୍ତି ସାନୁ।

## ସଡ଼କ ଦୁର୍ଘଟଣାରେ ୧୬ ଯାତ୍ରୀ ମୃତ

ଜାକର୍ତ୍ତା,୨୩।୧୨: ଇଣ୍ଡୋନେସିଆର ସେଣ୍ଟ୍ରାଲ ଜାବା ପ୍ରଦେଶରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗତକାଲି ସକାଳେ ସେମାରାଙ୍ଗ ସହରରେ ଏକ ଦ୍ରୁତଗାମୀ ବସ୍ ହଠାତ୍ ନିୟନ୍ତ୍ରଣ ହରାଇ ଓଲଟି ପଡ଼ିବା ଫଳରେ ଘଟଣାସ୍ଥଳରେ ୧୬ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯ ଜଣ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନାନୁଯାୟୀ, କ୍ରାପ୍ୟାକ୍ ଟୋଲ୍ ଏକ୍ସିଷ୍ଟ ଛକରେ ଏହି ଦୁର୍ଘଟଣା ଘଟିଛି। ବସଟି ଦ୍ରୁତଗତିରେ ଆସୁଥିବାରୁ ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଥିବା ସୁରକ୍ଷା ବ୍ୟାରିୟର୍ ସହ ଧକ୍କା ହୋଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଦୁର୍ଘଟଣା ହେବା ଯୋଗୁଁ ଅନେକ ଯାତ୍ରୀ ମଧ ବସ୍ ଭିତରେ ଫସିରହିଥିଲେ। ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବିନା ଯନ୍ତ୍ରପାତି ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ଅସମ୍ଭବ ଥିଲା। ଦୀର୍ଘ ସମୟ ଧରି ଉଦ୍ଧାରକାରୀ ଦଳ ପରିଶ୍ରମ କରି ବସ୍‌ରୁ ମୃତାହତଙ୍କୁ ଉଦ୍ଧାର କରିଥିଲେ। ଆହତମାନଙ୍କୁ ସେମାରାଙ୍ଗର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ କେତେକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

### ନାବାଳିକା ବଳାତ୍କାର-ହତ୍ୟା ମାମଲା

# ଟିଏମସି ନେତାଙ୍କୁ ୫ ବର୍ଷ, ପୁଅକୁ ଆଜୀବନ କାରାଦଣ୍ଡ

କୋଲକାତା,୨୩।୧୨: କୋଲକାତାର ନାଦିଆରେ ହଂସଖାଲି ଗଣବଳାତ୍କାର ଓ ହତ୍ୟା ମାମଲାରେ ଗତକାଲି ରାଣାଘାଟ କୋର୍ଟ ୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏହି ମାମଲାରେ ଆଜି ବିଚାରପତି ଦଣ୍ଡାଦେଶ ଘୋଷଣା କରିଛନ୍ତି। କୋର୍ଟ ଏହି ମାମଲାରେ ତୃଣମୂଳ କଂଗ୍ରେସ (ଟିଏମସି) ନେତା ସମରେନ୍ଦ୍ର ଗୟାଲିଙ୍କୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଥିବା ବେଳେ ତାଙ୍କ ପୁଅ ବ୍ରଜ ଗୟାଲିଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏହାଛଡ଼ା ପ୍ରଭାକର ପୋଦ୍ଦାର ଓ ରଞ୍ଜିତ ମଲ୍ଲିକଙ୍କ ସମେତ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ମଧ ଆଜୀବନ କାରାଦଣ୍ଡ ଦିଆଯାଇଛି। ଗତ ୨୦୨୨ ଏପ୍ରିଲ୍ ୪ ତାରିଖରେ ଘଟିଥିବା ଏହି ଗଣଦୁଷ୍କର୍ମ ମାମଲାରେ ମୋଟ ୯ ଜଣ ଅଭିଯୁକ୍ତ ଥିବା ବେଳେ ସେମାନଙ୍କୁ ଆଜି ଦଣ୍ଡାଦେଶ ହୋଇଛି। ସମରେନ୍ଦ୍ରଙ୍କ ସହ ଦୀପ୍ତ ଓ ଅନ୍ୟମାନଙ୍କୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି କୋର୍ଟ। ସେହିପରି ଜଣେ ଅଭିଯୁକ୍ତ ନାବାଳିକ ଥିବାରୁ କୋର୍ଟ ସର୍ତ୍ତମୂଳକ ଜାମିନ୍ ପ୍ରଦାନ କରିଛନ୍ତି। ତେବେ ପୀଡ଼ିତାଙ୍କ ପରିବାର ଲୋକେ ଏହି ମାମଲାରେ ହୋଇଥିବା ଦଣ୍ଡାଦେଶରେ ଅସନ୍ତୋଷ ପ୍ରକାଶ କରିଛନ୍ତି। କାରଣ ଏପରି ଜଘନ୍ୟ ମାମଲାରେ ଅଭିଯୁକ୍ତମାନଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯିବ ବୋଲି ସେମାନେ ଆଶା କରିଥିଲେ। ସୂଚନାଯୋଗ୍ୟ ଯେ ଘଟଣାଦିନ ଉକ୍ତ ନାବାଳିକା ଜଣଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରେ ପହଞ୍ଚିଥିଲେ ଓ ପରଦିନ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ପୁଲିସ ଷ୍ଟେସନକୁ ଚାଲି ଚାଲି ଗଲେ ମୃତକ!

## ୬୧ ଦିନ ପୂର୍ବରୁ ହୋଇଥିଲା ଶେଷକୃତ୍ୟ



ରାୟପୁର,୨୩।୧୨: ଛତିଶଗଡ଼ର ଜଶପୁର ଜିଲ୍ଲାରେ ପଞ୍ଜିକୃତ ଏକ ହତ୍ୟା ମାମଲା ପୁଲିସ ଷ୍ଟେସନରେ ପହଞ୍ଚିବା ପରେ ସମ୍ପୂର୍ଣ୍ଣ ଭିନ୍ନ ମୋଡ଼ ନେଇଥିଲା। ମୃତ ବୋଲି ଭାବି ପରିବାର ଲୋକେ ପାଖାପାଖି ୬୧ ଦିନ ପରେ ତାଙ୍କର ଦାହସଂସ୍କାର କରିଥିଲେ। କିନ୍ତୁ ଏବେ ସେ ଜୀବିତାବସ୍ଥାରେ ଫେରିବା ପରେ ପରିବାର ଲୋକେ ଆଶ୍ଚର୍ଯ୍ୟଚକିତ ହୋଇଯାଇଛନ୍ତି। ତେବେ ସେ ଜୀବିତ ଭାବେ ଫେରିବା ପରେ ପୁଲିସ ତଦନ୍ତ ଉପରେ ପ୍ରଶ୍ନ ଉଠିଛି। ବରଂ ୪ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ମାମଲାକୁ ମଧ ଏହା ଅକାମୀ କରିଦେଇଛି। ଏହି ମାମଲା ଯଶପୁର ଜିଲ୍ଲାର ସିତୋଙ୍ଗା ଗ୍ରାମ ସହ ଜଡ଼ିତ। ପୁଲିସ ଅକ୍ଟୋବରରେ ସୀମିତ ଖାଖାଙ୍କ ବିରୁଦ୍ଧରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଜଙ୍ଗଲରେ ପୋଡ଼ା ଅବସ୍ଥାରେ ଏକ ମୃତଦେହ ମିଳିବା ପରେ ଏହା ସୀମିତଙ୍କର ବୋଲି ପୁଲିସ ଦାବି କରିଥିଲା। ପରିବାର ମୃତଦେହକୁ ଚିହ୍ନଟ କରିଥିଲେ ଓ ମୃତଦେହକୁ ଦାହ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବେ ସୀମିତ ଖାଖା ସେହି ସମୟରେ ଝାଡ଼ଖଣ୍ଡର ଗିରିଡିହରେ ଦିନମଜୁରିଆ ଶ୍ରମିକ ଭାବରେ କାମ କରୁଥିଲେ। ତାଙ୍କୁ ଜଣା ନ ଥିଲା ଯେ ତାଙ୍କ ପରିବାର ତାଙ୍କୁ ମୃତ ବୋଲି ଭାବିଛନ୍ତି ଓ ତାଙ୍କ ବିରୁଦ୍ଧରେ ଏକ ହତ୍ୟା ମାମଲା ବିଚାରାଧୀନ ଅଛି। ଯେତେବେଳେ ସେ କାମରୁ ଫେରି ପୁଲିସ ଷ୍ଟେଶନକୁ ଗଲେ, ସେତେବେଳେ ତାଙ୍କୁ ଦେଖି ପୁଲିସ ଆଶ୍ଚର୍ଯ୍ୟ ହୋଇଗଲା।

ସୀମିତ ନିଖୋଜ ହେବା ପରେ ପୁଲିସ ତାଙ୍କ ସହ କାମ କରିବାକୁ ଯାଇଥିବା ୪ ଜଣ ଲୋକଙ୍କୁ ଅଭିଯୁକ୍ତ କରିଥିଲା। ପୁଲିସ ଦାବି କରିଥିଲା ଯେ ଅକ୍ଟୋବର ୧୭ ତାରିଖରେ ମଦ୍ୟପାନ ପରେ ଝଗଡ଼ା ହୋଇଥିବା ବେଳେ ସୀମିତଙ୍କୁ ହତ୍ୟା କରାଯାଇଥିଲା। ଅଭିଯୁକ୍ତଙ୍କ 'ସ୍ୱୀକାରୋକ୍ତି' ଏବଂ ଅଭିଯୁକ୍ତ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ଏକ ମାମଲା ପ୍ରସ୍ତୁତ କରାଯାଇଥିଲା ଓ ୪ ଜଣଙ୍କୁ ଗିରଫ କରି ଜେଲ୍ ପଠାଯାଇଥିଲା। ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଜଙ୍ଗଲରେ କାହାର ପୋଡ଼ିଯାଇଥିବା ମୃତଦେହ ମିଳିଛି? ମୃତଦେହ ଘୋଷଣା ପରେ ପୋତି ଦିଆଯାଇଥିବା ମୃତଦେହର ପ୍ରକୃତ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହି ଭୁଲ ସମଗ୍ର ମାମଲାକୁ ସନ୍ଦେହଜନକ କରିଛି। ଯଶପୁର ଏସ୍‌ଏସ୍‌ପି ଏସ.ଏମ୍. ସିଂହ କହିଛନ୍ତି ଯେ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ସିଟ୍) ଗଠନ କରାଯାଇଛି। ଏହି ଦଳ ଏବେ ମୃତଦେହର ପ୍ରକୃତ ପରିଚୟ ସହିତ ତଦନ୍ତରେ ସମ୍ଭାବ୍ୟ ଅବହେଳା ଏବଂ ପ୍ରକ୍ରିୟାଗତ ତ୍ରୁଟିର ତଦନ୍ତ କରିବ।

## ଭାରତକୁ ପରୋକ୍ଷରେ ଧମକ ଦେଲେ ପାକ୍ ନେତା

ଇସଲାମାବାଦ,୨୩।୧୨: ପଡ଼ୋଶୀ ବାଂଲାଦେଶରେ ଜାରି ରହିଥିବା ଅଶାନ୍ତି ଓ ଭାରତ ସହ ବଢୁଥିବା ତିକ୍ତତା ମଧରେ ପାକିସ୍ତାନର ଜଣେ ପ୍ରଭାବଶାଳୀ ନେତା ଭାରତ ବିରୋଧରେ ବିଷୋଦଗାର କରିଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ଦଳର ନେତା କାମରାନ୍ ସୟିଦ ଉସମାନୀ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ ବାଂଲାଦେଶର ସ୍ୱାଧୀନତା ଉପରେ କୌଣସି ଆଞ୍ଚ ଆସିଲେ ପାକିସ୍ତାନ ଚୁପ୍ ବସିବ ନାହିଁ। ଯଦି ଭାରତ ବାଂଲାଦେଶର ସ୍ୱାୟତ୍ତତା ଉପରେ ଆକ୍ରମଣ କରେ, ତା'ହେଲେ ଉକ୍ତ ଦେଶ ମନେ ରଖିବା ଉଚିତ ଯେ ପାକିସ୍ତାନର ସେନା ଓ କ୍ଷେପଣାସ୍ତ୍ର ବେଶୀ ଦୂରରେ ନାହାନ୍ତି। ପାକିସ୍ତାନ ଓ ବାଂଲାଦେଶ ମଧରେ ଏକ ଆନୁଷ୍ଠାନିକ ସାମରିକ ମେଣ୍ଟ ହେବା ଉଚିତ। ଦୁଇ ଦେଶ ପରସ୍ପର ମାଟିରେ ସାମରିକ ଘାଟି ସ୍ଥାପନ କରିବା ଆବଶ୍ୟକ ବୋଲି ଶ୍ରୀ ଉସମାନୀ ପ୍ରସ୍ତାବ ଦେଇଛନ୍ତି। ଭାରତ ନିଜର 'ଅଖଣ୍ଡ ଭାରତ' ବିଚାରଧାରାକୁ ବାଂଲାଦେଶ ଉପରେ ଲଦିବାକୁ ଚେଷ୍ଟା କରୁଛି ବୋଲି ମଧ ସେ ଅଭିଯୋଗ କରିଛନ୍ତି।

### ଚକିତ କଲା ବିଏସ୍‌ପି ବ୍ୟାଙ୍କ ବାଲାନ୍ସ

# ବିଜେପି ପାଖରେ ୬୯୦୦ କୋଟି

ନୂଆଦିଲ୍ଲୀ,୨୩।୧୨: ଦିଲ୍ଲୀରେ ଚଳିତ ବର୍ଷ ହୋଇଥିବା ବିଧାନସଭା ନିର୍ବାଚନ ପରେ ନିର୍ବାଚନ କମିଶନଙ୍କୁ ରାଜନୈତିକ ଦଳଗୁଡିକ ପକ୍ଷରୁ ସେମାନଙ୍କ ଆର୍ଥିକ ସ୍ଥିତି ସମ୍ବଳିତ ରିପୋର୍ଟ ଦିଆଯାଇଥିଲା। ଏଥିରେ ଦେଶର ପ୍ରମୁଖ ରାଜନୈତିକ ଦଳର ଆର୍ଥିକ ସ୍ଥିତିକୁ ନେଇ ଏକ ବଡ଼ ବ୍ୟବଧାନ ସାମନାକୁ ଆସିଛି। ଏହି ଖୁଲାସା ଅନୁସାରେ, କେନ୍ଦ୍ର ଓ ଏବେ ଦିଲ୍ଲୀର କ୍ଷମତାରେ ଥିବା ବିଜେପି ପାଖରେ ୬,୯୦୦ କୋଟି ଟଙ୍କାରୁ ଅଧିକ ବ୍ୟାଙ୍କ ଜମା ରାଶି ରହିଛି। ସେହିଭଳି ଏହି ଦଳର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ତଥା ଦେଶର ସର୍ବପୁରାତନ ରାଜନୈତିକ ଦଳ ଏଆଇସିସି ପାଖରେ ପାର୍ଟି ମୁଖ୍ୟାଳୟରୁ ନେଇ ରାଜ୍ୟ ଓ ଜିଲ୍ଲା ୟୁନିଟକୁ ମିଶାଇ ମାତ୍ର ୫୩ କୋଟି ଟଙ୍କା ରହିଥିବା ଜଣାପଡ଼ିଛି। ଏକ ଇଂରାଜୀ ଗଣମାଧ୍ୟମରେ ପ୍ରକାଶିତ ଏହି ରିପୋର୍ଟ ଅନୁସାରେ ବିଏସ୍‌ପିକୁ ନେଇ ରୋଚକ ତଥ୍ୟ ଉପସ୍ଥାପିତ ହୋଇଛି। ଦେଶର କୌଣସି ରାଜ୍ୟରେ କ୍ଷମତାରେ ନ ଥାଇ ବି ଏହି ଦଳ ଖାତାରେ ଦ୍ୱିତୀୟ ସର୍ବାଧିକ ୫୮୦ କୋଟି ଟଙ୍କାରୁ ଅଧିକ ଜମା ରହିଛି। ତେଣୁ ନିର୍ବାଚନରେ ପ୍ରଦର୍ଶନ କଦାପି ରାଜନୈତିକ ଦଳର ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିପାରେନାହିଁ ବୋଲି ଏକ ଧାରଣା ଦୃଢ଼ ହୋଇଛି।




ସେହିପରି ଏବେ କେବଳ ପଞ୍ଜାବରେ କ୍ଷମତାସୀନ ଥିବା ଆପ୍ ଖାତାରେ ୯.୯ କୋଟି ଟଙ୍କା ରହିଥିବା ବେଳେ ସିପିଏମ୍ ପାଖରେ ୪ କୋଟି, ସିପିଆଇ ପାଖରେ ୪୧ ଲକ୍ଷ ଟଙ୍କାର ଜମା ରହିଛି। ଅନ୍ୟପକ୍ଷରେ କଂଗ୍ରେସକୁ ୨୦୨୪-୨୫ରେ ୫୧୭ କୋଟି ଟଙ୍କାର ଚାନ୍ଦା ମିଳିଥିବା ଜଣାପଡ଼ିଛି। ଗତ ଅକ୍ଟୋବର ୨୪ରେ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ ହୋଇଥିବା ଯୋଗଦାନ ବିବରଣୀ ବା କଣ୍ଟ୍ରିବ୍ୟୁସନ୍ ଷ୍ଟେଟମେଣ୍ଟରେ କଂଗ୍ରେସ ପକ୍ଷରୁ ଦର୍ଶାଯାଇଛି ଯେ ଏହି ଦଳକୁ ଆର୍ଥିକ ବର୍ଷ ୨୦୨୪-୨୫ରେ ୫୧୭ କୋଟି ଟଙ୍କାର ଚାନ୍ଦା ମିଳିଥିଲା। ଏହି ରାଶି ମଧ୍ୟରୁ ୨୦ ହଜାର ଟଙ୍କାରୁ ଅଧିକ ବ୍ୟକ୍ତିଗତ ଦାନ ରୂପରେ ମିଳୁଛି ଓ ଏହାକୁ ଆଇନ ଅନୁସାରେ ସାର୍ବଜନୀନ ରୂପରେ ଘୋଷଣା କରିବା ବାଧ୍ୟତାମୂଳକ। ନିୟମ ଅନୁସାରେ, ରାଜନୈତିକ ଦଳ ୨୦ ହଜାର ଟଙ୍କାରୁ କମ୍ ଦାନ ଦେଉଥିବା ବିବରଣୀ ସାର୍ବଜନୀନ କରିନାହିଁ। ସେହିଭଳି ମୋଟ ସଂଗ୍ରହର ଏକ ବଡ଼ ଅଂଶ ଏହି ଛୋଟ ଛୋଟ ଦାନ ମାଧ୍ୟମରେ ଆସିଥାଏ। ରାଜନୈତିକ ଦଳର ପାଣ୍ଠି ସଂଗ୍ରହର ମୁଖ୍ୟ ସ୍ରୋତରେ ବ୍ୟକ୍ତିଗତ ଦାନଦାତା, କର୍ପୋରେଟ୍ ସଂସ୍ଥାନ ଓ ବିଭିନ୍ନ ଟ୍ରଷ୍ଟ ରହିଛି।

# ତଟ ସୁରକ୍ଷା ସମିତି ସମ୍ପର୍କିତ ଉଚ୍ଚସ୍ତରୀୟ ବୈଠକ



ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ): ଆଜି ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଚତୁର୍ଥ ତଟବର୍ତ୍ତୀ ସୁରକ୍ଷା ସମିତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଜ୍ୟରେ ବହୁ ପ୍ରତିଷ୍ଠିତ ତୈଳ ଓ ଗ୍ୟାସ କମ୍ପାନିର ବରିଷ୍ଠ ପଦାଧିକାରୀଙ୍କ ସହ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଓଡ଼ିଶା ପୁଲିସ ଏବଂ ତୈଳ କମ୍ପାନିଗୁଡ଼ିକ ମଧ୍ୟରେ ଉପଯୁକ୍ତ ସହଯୋଗ ଓ ସମନ୍ୱୟ ସମ୍ପର୍କରେ ବୈଠକରେ ମତ ପ୍ରକାଶ ପାଇଥିଲା। ଓଡ଼ିଶାର ପାରାଦୀପ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପେଟ୍ରୋଲିୟମ ସଂରକ୍ଷଣ ଏବଂ ପରିବହନ ଭିତ୍ତିଭୂମି ସହ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ରହିଛି। ଏହା ବ୍ୟତୀତ ବିଭିନ୍ନ କମ୍ପାନୀର ପାଇପଲାଇନଗୁଡ଼ିକ ଓଡ଼ିଶାର ବିଭିନ୍ନ ଜିଲ୍ଲା ମଧ୍ୟ ଦେଇ ଗତି କରୁଥିବା ବେଳେ ଅନ୍ୟ ରାଜ୍ୟକୁ ମଧ ପେଟ୍ରୋଲିୟମ ଯୋଗାଣ ହେଉଛି। ଏହାକୁ ଦୃଷ୍ଟିରେ ରଖି ତୈଳ କମ୍ପାନି ଗୁଡ଼ିକର ସୁରକ୍ଷା ଓ ପରିବହନ ବ୍ୟବସ୍ଥା ସଂକ୍ରାନ୍ତରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ତୈଳ କମ୍ପାନିଗୁଡ଼ିକର ମାର୍ଗଦର୍ଶିକାକୁ ଅନୁପାଳନ କରିବା, କମ୍ପାନୀର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ, ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଡ୍ରୋନର ଅପବ୍ୟବହାର ରୋକିବାକୁ ବିହିତ ପଦକ୍ଷେପ, ତୈଳ ଚୋରି ରୋକିବା, ପାଇପଲାଇନ ଭାଙ୍ଗିବା, ଅଗ୍ନିକାଣ୍ଡ ଓ ବିସ୍ଫୋରଣ ପରିସ୍ଥିତି, ପେଟ୍ରୋଲିୟମ ଭିତ୍ତିଭୂମିର ବୈଷୟିକ ଦିଗ, ପାଇପଲାଇନ-ପାସ କରୁଥିବା ଗ୍ରାମଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ, ପାଇପଲାଇନ ନିକଟରେ ଜବରଦଖଲ ଓ ଅସୁରକ୍ଷିତ କାର୍ଯ୍ୟକଳାପ, ଚୋରି ଓ ଅନ୍ୟାନ୍ୟ ସଙ୍ଗିନ ମାମଲାର ବୃତ୍ତିଗତ ତଦନ୍ତ, ପାଇପଲାଇନ ସମ୍ବନ୍ଧୀୟ ଅପରାଧଗୁଡ଼ିକୁ ପ୍ରାଥମିକତା ଦେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ମିଶ୍ର ତୈଳ କମ୍ପାନିଗୁଡ଼ିକର ସୁରକ୍ଷା ନିମନ୍ତେ ପୁଲିସ ପକ୍ଷରୁ ଆବଶ୍ୟକ ସହାୟତା ପ୍ରଦାନ କରାଯିବ ବୋଲି ମତ ବ୍ୟକ୍ତ କରିଥିଲେ। ଏଥିସହ ଜିଲ୍ଲା ତଥା ସ୍ଥାନୀୟ ପୁଲିସ ସହ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ପରସ୍ପର ମଧ୍ୟରେ ସୂଚନା ଆଦାନପ୍ରଦାନ ସହ ସ୍ଥାନୀୟ ଗୁଇନ୍ଦା ଓ ପାଟ୍ରୋଲିଂ ବ୍ୟବସ୍ଥା ଉପରେ ସେ ପରାମର୍ଶ ଦେଇଥିଲେ। ରାଜ୍ୟ, ରେଞ୍ଜ ଓ ଜିଲ୍ଲା ସ୍ତରରେ ଥିବା ତୈଳ କମ୍ପାନୀ ଅଧିକାରୀଙ୍କ ସହ ସମୟ ସମୟରେ ମିଳିତ ସମୀକ୍ଷା ବୈଠକ, ସନ୍ଦିଗ୍ଧ କାର୍ଯ୍ୟକଳାପର ସୂଚନା ଆଦାନପ୍ରଦାନ, ସମ୍ବେଦନଶୀଳ ସୂଚନା ପାଇଁ ସୁରକ୍ଷିତ ଯୋଗାଯୋଗ ଚ୍ୟାନେଲର ବ୍ୟବହାର ଆଦି ପ୍ରସଙ୍ଗରେ ମତବ୍ୟକ୍ତ କରିଥିଲେ।

## ଚମ୍ପୁଆରେ ଖାଦ୍ୟ ନିରାପତା ଅଧିକାରୀଙ୍କ ଚଢ଼ଉ

ଚମ୍ପୁଆ,୨୩।୧୨(ସଂଚାର ବ୍ୟୁରୋ): ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦଠାରେ ଆଜି କେନ୍ଦୁଝର ଖାଦ୍ୟ ନିରାପତା ଅଧିକାରୀଙ୍କ ଏକ ମିଳିତ ଚଢ଼ଉ ଅନୁଷ୍ଠିତ ହୋଇଥିଲା। ଜୋରିମାନା ଆଦାୟ କରାଯାଇଥିଲା। କେନ୍ଦୁଝର ଖାଦ୍ୟ ନିରାପତା ଅଧିକାରୀ ଜିତେନ୍ଦ୍ର କୁମାର ମହାନ୍ତ, ଏନଏସିର ବିଜୟ କୁମାର ମିଶ୍ର, ପ୍ରକାଶ ଚନ୍ଦ୍ର କୁଣ୍ଡୁ ତଥା ବିଭିନ୍ନ ପଦାଧିକାରୀ ଏଥିରେ ସାମିଲ ହୋଇ ଏହି ଚଢ଼ଉ କରିଥିଲେ। ସ୍ୱାଗତ ହୋଟେଲ, ସୁରେନ କାରିକ ଜଳଖିଆ ଦୋକାନ, ଗୋପାଳ ସାହୁ ହୋଟେଲ, ହିମାଂଶୁ ସାହୁ ଜଳଖିଆ ଦୋକାନ, ଅକ୍ଷୟ ସାହୁ ଜଳଖିଆ ଦୋକାନ ଆଦି ବିଭିନ୍ନ ସ୍ଥାନରେ ଚଢ଼ଉ କରି ବାସିଖାଦ୍ୟ ଫିଙ୍ଗିବା ସହିତ ଜୋରିମାନା କରାଯାଇଥିଲା। ଆଗକୁ ବାସୀ ଖାଦ୍ୟ ବ୍ୟବହାର ନକରିବାକୁ ତାଗିଦ୍ କରାଯାଇଥିଲା।

## ଚମ୍ପୁଆ ରେଞ୍ଜରେ ୫୨ ହାତୀଙ୍କ ଉତ୍ପାତ



ଚମ୍ପୁଆ,୨୩।୧୨(ସଂଚାର ବ୍ୟୁରୋ): ଚମ୍ପୁଆ ରେଞ୍ଜରେ ୫୨ ହାତୀଙ୍କ ଉତ୍ପାତ ଜାରି ରହିଛି। ଏହି ହାତୀ ପଲ ସନ୍ଧ୍ୟାହେଲେ ବିଭିନ୍ନ ଭାଗରେ ବିଭକ୍ତ ହୋଇ ଉତ୍ପାତ ଜାରି ରଖିଛନ୍ତି। ଯିବା ଆସିବା ସମୟରେ ବିଭିନ୍ନ ଲୋକଙ୍କ ଘରଦ୍ୱାର ଭାଙ୍ଗି ଧାନ, ଚାଉଳ ଖାଇବା ସହିତ ବାଡି ବଗିଚାରେ ଥିବା ପନିପରିବା ଖାଇଯାଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଚମ୍ପୁଆ ରେଞ୍ଜରେ ଏବେ ୫୨ ହାତୀ ଉତ୍ପାତ ଜାରି ରଖିଛନ୍ତି। ପୂର୍ବରୁ ୩୩ ହାତୀ ରହିଥିବା ବେଳେ ଗତକାଲି ମୟୁରଭଞ୍ଜରୁ ଲେଉଟିଛନ୍ତି ୧୯ ହାତୀ। ହାତୀପଲ ଚାରି ଭାଗରେ ବିଭକ୍ତ ହୋଇ ବ୍ୟାପକ କ୍ଷୟକ୍ଷତି କରୁଥିବାରୁ ଏହାକୁ ନେଇ ଲୋକେ ଚିନ୍ତାରେ ଅଛନ୍ତି। ଚମ୍ପୁଆ ରେଞ୍ଜର ଚମ୍ପୁଆ ସେକ୍ସନର ମୁକୁନ୍ଦପୁର ଠାରେ ୧୩ ଟିକିଆ ହାତୀପଲ ଦୀର୍ଘ ଦୁଇ ମାସରୁ ଅଧିକ ହେବ ବ୍ୟାପକ କ୍ଷୟକ୍ଷତି କରୁଥିବା ଜଣାପଡ଼ିଛି। ଏହି ହାତୀପଲରୁ ତିନୋଟି ହାତୀ ଗୋଠଛଡା ହେଇ ଗତ ରାତିରେ ଅଡଙ୍ଗାପାଳ ଗାଁ ଭିତରକୁ ପଶି ଆସିଥିଲେ। ଯାହାକୁ ନେଇ ଗାଁ ରେ ହଇଚଇ ସୃଷ୍ଟି ହୋଇଥିଲା। ଯଦିଓ ହାତୀ ଗାଁ ରେ କୌଣସି କ୍ଷୟକ୍ଷତି କରିନାହାନ୍ତି ହାତୀଙ୍କୁ ନେଇ ଗାଁ ଲୋକ ଚିନ୍ତାରେ ଅଛନ୍ତି। ପୂର୍ବଦିନ ରାତିରେ ଏହି ହାତୀପଲ ମଂଗଳପୁର ଗାଁ ରେ ବ୍ୟାପକ ଆଖୁ ଚାଷ ଉଜାଡିଥିଲେ। ସେହିପରି ଯୋଡା ସେକ୍ସନର ବନ୍ଧୁଆବେଡା ଗାଁରେ ୬ ଟିକିଆ ହାତୀପଲ ଉତ୍ପାତ ଜାରି ରଖିଥିବା ଜଣାପଡ଼ିଛି।

## ଘନ କୁହୁଡି ଯୋଗୁଁ ପରିବା ବୋଝେଇ ଟ୍ରକ ଦୁର୍ଘଟଣା ଘଟି ଡ୍ରାଇଭର ମୃତ, ହେଲପର ଆହତ

କନ୍ଧମାଳ,୨୩।୧୨(ସଂଚାର ବ୍ୟୁରୋ): ଘନ କୁହୁଡିରେ ରାସ୍ତା ଦେଖା ନ ଯିବାରୁ, ଏକ ପନିପରିବା ବୋଝେଇ ମିନିଟ୍ରକ ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ହେଲପର ଆହତ ହୋଇଛନ୍ତି। ଆଜି ନବରଙ୍ଗପୁର ଜିଲା ଉମରକୋଟ ଅଞ୍ଚଳରୁ ଏକ ପରିବା ବୋଝେଇ ଟ୍ରକ ୫୯ ନଂ ଜାତୀୟରାଜପଥରେ ବାଲିଗୁଡା, ଦାରିଙ୍ଗବାଡି ରାସ୍ତା ଦେଇ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ତେବେ ପ୍ରବଳ କୁହୁଡି ସାଙ୍ଗକୁ ଶୀତର ପ୍ରକୋପ ଯୋଗୁଁ ଗାଡି ଚାଳକଙ୍କୁ ଭଲ ଭାବେ ରାସ୍ତା ଦୃଶ୍ୟମାନ ହୋଇନଥିଲା ଏବଂ ଦଣ୍ଡିମା ନିକଟରେ ଏକ ବିଶାଳ ଗଛକୁ ଧକ୍କା ଦେଇଥିଲା। ଫଳରେ ମିନିଟ୍ରକ ଭିତରେ ହିଁ ଚାଳକ ଚାପି ହୋଇ ରହିଯାଇଥିଲେ। ତେବେ କୌଶଳ କ୍ରମେ ମିନିଟ୍ରକ ଭିତରୁ ହେଲପର ବାହାରି ଦୁର୍ଘଟଣାର ପ୍ରାୟ ୫୦ ମିଟର ଦୂରତାରେ ଥିବା ଗାଁ ଲୋକଙ୍କୁ ଉଠାଇ ସାହାଯ୍ୟ ମାଗିଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଚାପିହୋଇଯାଇଥିବା ଚାଳକଙ୍କୁ ବାହାର କରିବାକୁ ଉଦ୍ୟମ କରିଥିଲେ ଓ ପୋଲିସ ଏବଂ ଅଗ୍ନିଶମ ବିଭାଗକୁ ଫୋନ କରି ଜଣାଇଥିଲେ।

### ବାଂଲାଦେଶରେ ହିନ୍ଦୁ ହତ୍ୟା

## ହିନ୍ଦୁତ୍ୱବାଦୀ ସଂଗଠନର ବିକ୍ଷୋଭ, ବେକବାଗାନରେ ଉତ୍ତେଜନା



କୋଲକାତା,୨୩।୧୨(ସଂଚାର ବ୍ୟୁରୋ): ବାଂଲାଦେଶରେ ଜଣେ ହିନ୍ଦୁ ଯୁବକଙ୍କ ନିର୍ମମ ହତ୍ୟା ଘଟଣାରେ ବଙ୍ଗଳାରେ ଉତ୍ତପ୍ତ। ହିନ୍ଦୁ ସୁରକ୍ଷା ମଞ୍ଚ ବାଂଲାଦେଶ ଡେପୁଟି ହାଇକମିଶନର କୋଲକାତା କାର୍ଯ୍ୟାଳୟରେ ଘେରାଉ କରିଲା। ହିନ୍ଦୁତ୍ୱବାଦୀ ସଂଗଠନର ମଙ୍ଗଳବାର କାର୍ଯ୍ୟକ୍ରମରେ ଧୁନ୍ଦୁମାର ବେକ୍‌ବାଗାନ। ପ୍ରଦର୍ଶନକାରୀମାନେ ପୁଲିସ ସହିତ ଧସ୍ତାଧସ୍ତି କରିଲେ। ପୁଲିସ ବ୍ୟାରିକେଡ ଭାଙ୍ଗି ଦିଆହୁଏ। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୁଲିସକୁ ଲାଠିଚାର୍ଜ କରିବାକୁ ପଡିଥିଲା ବୋଲି ଅଭିଯୋଗ। ଗତ ଡିସେମ୍ବର ୧୨ ତାରିଖରେ, ଇନକିଲାବ ମଞ୍ଚର ଅନ୍ୟତମ ମୁହଁ ସରିଫ ଓସମାନ ହାଦିଙ୍କୁ ବାଂଲାଦେଶରେ ଗୁଳି କରାଯାଇଥିଲା। ତାଙ୍କୁ ଚିକିତ୍ସା ପାଇଁ ସିଙ୍ଗାପୁର ନିଆଯାଇଥିଲା, ଯେଉଁଠାରେ ୧୮ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପଟେ, ହାଦିଙ୍କ ମୃତ୍ୟୁ ପରେ ବାଂଲାଦେଶ କ୍ରମଶଃ ଅଶାନ୍ତ ହୋଇଉଠିଥିଲା। ମୈମନସିଂର ଭାଲୁକାରେ ପୋଷାକ କାରଖାନାର କର୍ମଚାରୀ ଦୀପୁଚନ୍ଦ୍ର ଦାସଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା। ଦୁର୍ବୃତ୍ତମାନେ ସେଠାରେ ଥମି ନଥିଲେ। ଦୀପୁଙ୍କ ମୃତଦେହକୁ ଗଛରେ ଝୁଲାଇ ପୋଡ଼ି ଦିଆଯାଇଥିଲା। ସେହି ଘଟଣାର ପ୍ରତିବାଦରେ, କୋଲକାତାରେ ଥିବା ବାଂଲାଦେଶ ଡେପୁଟି ହାଇକମିଶନରେ ଏକ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯାହାକୁ ନେଇ ରାସ୍ତା ଦଙ୍ଗାରେ ପରିଣତ ହୋଇଥିଲା।

### ଗଙ୍ଗାସାଗର ମେଳାରେ ରେକର୍ଡ ଭିଡ ସମ୍ଭାବନା

## ପ୍ରସ୍ତୁତି ଦେଖିଲେ ଜଳସେଚନ ମନ୍ତ୍ରୀ

କୋଲକାତା,୨୩।୧୨(ସଂଚାର ବ୍ୟୁରୋ): ଗଙ୍ଗାସାଗର ମେଳା ଆରମ୍ଭ ହେବାକୁ ଆଉ ମାତ୍ର କିଛି ଦିନ ବାକି ଅଛି। ୨୦୨୬ ମସିହା ଗଙ୍ଗାସାଗର ମେଳା ଜାନୁଆରୀ ୮ ତାରିଖରେ ଆରମ୍ଭ ହେବ। ପ୍ରଶାସନ ବିଶ୍ୱାସ କରୁଛି ଯେ ଚଳିତ ବର୍ଷ କୁମ୍ଭମେଳା ନଥିବାରୁ ସାଗର କୂଳରେ ରେକର୍ଡ ସଂଖ୍ୟକ ତୀର୍ଥଯାତ୍ରୀଙ୍କ ସମାଗମ ହୋଇପାରେ। ରାଜ୍ୟ ସରକାର ଭିଡ଼କୁ ନିୟନ୍ତ୍ରଣ କରିବା ଏବଂ ତୀର୍ଥଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରସ୍ତୁତିରେ କୌଣସି ଶିଥିଳତା ଛାଡିବାକୁ ଚାହୁଁନାହିଁ। ରାଜ୍ୟ ଜଳସେଚନ ମନ୍ତ୍ରୀ ମାନସ ରଞ୍ଜନ ଭୂୟାଁ ସୋମବାର ଦିନ ସାଗର ଦ୍ୱୀପ ଗସ୍ତ କରି ମେଳା ପ୍ରସ୍ତୁତି ଯାଞ୍ଚ କରିଥିଲେ। ତାଙ୍କ ସହିତ ବିଡିଓ କନୈୟା କୁମାର ରାଓ ଏବଂ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀ ମଧ ଥିଲେ। ମନ୍ତ୍ରୀ ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର - କଚୁବେଡିଆ ପଏଣ୍ଟ ଏବଂ ଗଙ୍ଗାସାଗର ପଏଣ୍ଟ - ପରିଦର୍ଶନ କରି ପ୍ରସ୍ତୁତିର ଅଗ୍ରଗତି ସମୀକ୍ଷା କରିଥିଲେ। ମୁଡିଗଙ୍ଗା ନଦୀରେ ଡ୍ରେଜିଂ କାର୍ଯ୍ୟ ଏବଂ ଏକ ଅସ୍ଥାୟୀ ଜେଟି ନିର୍ମାଣ ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ଅଧିକାରୀଙ୍କ ସହିତ ଦୀର୍ଘ ଆଲୋଚନା ପରେ, ସେ ମଙ୍ଗଳବାର ଦିନ କୋଲକାତା ଫେରି ଆସିଥିଲେ। ଯାଞ୍ଚ ପରେ ଜଳସେଚନ ମନ୍ତ୍ରୀ କହିଛନ୍ତି ଯେ ତୀର୍ଥଯାତ୍ରୀଙ୍କ ସୁଗମ ଯାତ୍ରା ପାଇଁ ପ୍ରାୟ ୩୦ କୋଟି ଟଙ୍କା ବ୍ୟୟରେ ମୁଡିଗଙ୍ଗା ନଦୀରେ ଡ୍ରେଜିଂ ବା ସିଲ୍ଟିଂ କାର୍ଯ୍ୟ ଚାଲିଛି। ଫଳସ୍ୱରୂପ, ଜୁଆର ଉପରେ ନିର୍ଭରଶୀଳତା ବହୁ ପରିମାଣରେ ହ୍ରାସ ପାଇବ ଏବଂ ଦୀର୍ଘ ସମୟ ପାଇଁ ଜାହାଜ ପରିସେବା ଜାରି ରଖିବା ସମ୍ଭବ ହେବ। ଏହା ସହିତ, ଡ୍ରୋନ୍ ମାଧ୍ୟମରେ ନଜର ରଖିବା, ସିସିଟିଭି କ୍ୟାମେରା ସ୍ଥାପନ ଏବଂ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରାଯାଉଛି। ଜିଲ୍ଲା ପ୍ରଶାସନ ସୂଚନା ଦେଇଛି ଯେ ବହୁ ସଂଖ୍ୟକ ତୀର୍ଥଯାତ୍ରୀଙ୍କ ସ୍ଥାପିତ ସ୍ଥାନ ପାଇଁ ଅତିରିକ୍ତ ଯାତ୍ରୀ ନିବାସ ଏବଂ ବଫର ଜୋନ୍ ନିର୍ମାଣ କରାଯାଉଛି। ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ଯାତ୍ରାକୁ ଦୃଷ୍ଟିରେ ରଖି ପ୍ରସ୍ତୁତି କରାଯାଉଛି। ପ୍ରଶାସନର ଗୋଟିଏ ଲକ୍ଷ୍ୟ ରହିଛି - 'ସମସ୍ତ ତୀର୍ଥ ବାରମ୍ବାର, ଗଙ୍ଗାସାଗର ଏକବାର' ବିଶ୍ୱାସକୁ ମନେ ରଖି ତୀର୍ଥଯାତ୍ରୀଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଶୃଙ୍ଖଳିତ ଗଙ୍ଗାସାଗର ମେଳା ଉପସ୍ଥାପନ କରିବା।

## ଜିଲ୍ଲା ସ୍ତରୀୟ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

ପୁରୀ,୨୩।୧୨(ସଂଚାର ବ୍ୟୁରୋ): ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦର୍ଶନ ଗୃହ ଠାରେ 'ଶିଶୁ ପାଇଁ ଦିନଟିଏ' ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲା ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟି, ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ନିଷେଧ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ, ଚାଇଲଡ ହେଲ୍ପଲାଇନ ବୋର୍ଡର ସମସ୍ତ ସଦସ୍ୟ, ସଦସ୍ୟା ଓ ସମସ୍ତ ବିଭାଗର ନିର୍ଦ୍ଧାରିତ ପଦାଧିକାରୀ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ ମାର୍ଗଦର୍ଶନରେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷା ବିଭାଗ ଦ୍ୱାରା ଅନୁଷ୍ଠିତ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମରେ ଡ୍ରପ ଆଉଟ ଥିବା ସମସ୍ତ ପିଲାମାନଙ୍କୁ ବିଦ୍ୟାଳୟକୁ ଅଣାଯିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା ଥିଲା। ଜିଲ୍ଲାରେ ଥିବା ଡ୍ରପ ଆଉଟ ଶିଶୁଙ୍କୁ ବିଦ୍ୟାଳୟରେ ଭର୍ତ୍ତି କରାଯାଉଛି। ଅଦ୍ୟାବଧି ୧୦୦୦ ରୁ ଊର୍ଦ୍ଧ୍ୱ ଶିଶୁମାନଙ୍କୁ ବିଦ୍ୟାଳୟ ପାଠପଢ଼ା ସହିତ ଯୋଡ଼ାଯାଇଛି ବୋଲି ଶିକ୍ଷା ବିଭାଗ ଅଧିକାରୀ ମତବ୍ୟକ୍ତ କରିଥିଲେ। ସେମାନଙ୍କ ମଧ୍ୟରୁ ଯେଉଁମାନେ ପିତୃମାତୃହୀନ ଓ ଏକକ ପିତାମାତା ବା ଅଭିଭାବକଙ୍କର ଶିଶୁ ହୋଇଥିବେ ତା'ର ତାଲିକା ଦେବେ। ସେହିପରି ଜିଲ୍ଲାରେ ଥିବା ଔଷଧ ଦୋକାନ ଗୁଡିକରେ ଥିବା ରେଜିଷ୍ଟରକୁ ଡିଜିଟାଇଜେସନ କରିବା ଓ ସିସି ଟିଭି ଲଗାଇବା ସହିତ ଏଚ, ଏଚୱାନ, ଏକ୍ସ ଡ୍ରଗ ଗୁଡିକର ବିକ୍ରିବଟା ମନିଟରିଙ୍ଗ କରାଯିବାକୁ ଯାଇ ସମ୍ପୃକ୍ତ ବିଭାଗ ୨୯ଟି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

## ହାଓଡାରେ ୭ ବର୍ଷର ନାବାଳିକାକୁ ଦୁଷ୍କର୍ମ

କୋଲକାତା,୨୩।୧୨(ସଂଚାର ବ୍ୟୁରୋ): ଜଣେ ସାତ ବର୍ଷର ନାବାଳିକାକୁ ଅପହରଣ କରି ଦୁଷ୍କର୍ମ ହୋଇଥିବା ଅଭିଯୋଗ କରାଯାଇଛି। ଏହି ଖବର ପ୍ରସାରିତ ହେବା ମାତ୍ରେ ଜନସାଧାରଣ କ୍ରୋଧିତ ହୋଇ ଉଠିଲେ। ପ୍ରତିବାଦ, ଦଙ୍ଗା ଏବଂ ଭଙ୍ଗାରୁଜା ଜାରି ରହିଥିଲା। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ପୁଲିସ ଫୋର୍ସ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚିଥିଲା। ଅନ୍ୟପକ୍ଷରେ, ମୁଖ୍ୟ ଅଭିଯୁକ୍ତ ଫେରାର୍। ତେବେ, ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ ଦାଖଲ ହୋଇନାହିଁ। ହାଓଡାର ଡୋମଜୁର ଅଞ୍ଚଳ ଅନ୍ତର୍ଗତ ରାଘବପୁର। ସ୍ଥାନୀୟ ପଞ୍ଚାୟତର ଉଦ୍ୟମରେ ସେଠାରେ ରାସ୍ତା ନିର୍ମାଣ କାମ ଚାଲିଛି। ସେଥିପାଇଁ ଅଞ୍ଚଳରେ ଅଜଣା ମୁହଁଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି ଯେ ରାସ୍ତା ନିର୍ମାଣ କରିବାକୁ ଆସିଥିବା ଜଣେ ଶ୍ରମିକ ପ୍ରଥମେ ସେହି ଅଞ୍ଚଳର ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲେ, ତା'ପରେ ତାଙ୍କୁ ଏକ ନିର୍ମାଣାଧୀନ ଘରକୁ ନେଇ ବଳାତ୍କାର କରିଥିଲେ। ଏହି ଅଭିଯୋଗକୁ ନେଇ ସୋମବାର ସନ୍ଧ୍ୟାରେ ଉତ୍ତେଜନା ତୀବ୍ର ହୋଇଯାଇଥିଲା।

## ଗଙ୍ଗାସାଗର ମେଳା: ୫ରେ ଯିବେ ମମତା

କୋଲକାତା,୨୩।୧୨(ସଂଚାର ବ୍ୟୁରୋ): ଷ୍ଟାର ଫୁଟବଲ ଖେଳାଳି ଲିଓନେଲ ମେସିଙ୍କ କୋଲକାତା ଗସ୍ତକୁ ନେଇ ରାଜ୍ୟ ପ୍ରଶାସନ ଅଶାନ୍ତ ହୋଇପଡ଼ିଥିଲା। ୧୫ ଡିସେମ୍ବରରେ ନବାନ୍ନରେ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗଙ୍ଗାସାଗର ମେଳାରେ ସମସ୍ତ ଭିଆଇପି ସଂସ୍କୃତି ଉପରେ ପ୍ରତିବନ୍ଧକ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଯୁବ ଭାରତୀ ଘଟଣାରୁ ଶିକ୍ଷା ନେଇ, ରାଜ୍ୟ ପ୍ରଶାସନ ସାଗର ଦ୍ୱୀପରେ ବଡ଼ ସାର୍ବଜନୀନ ସମାବେଶରେ 'ଭିଆଇପି ସଂସ୍କୃତି' ଯେପରି ପ୍ରଭାବ ନ ପକାଏ ତାହା ନିଶ୍ଚିତ କରିବା ପାଇଁ ସତର୍କତା ଅବଲମ୍ବନ କରୁଛି। ଏବଂ ଏଥର, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗଙ୍ଗାସାଗର ମେଳାର ପ୍ରଶାସନିକ ପ୍ରସ୍ତୁତି ଯାଞ୍ଚ କରିବାକୁ ନିଜେ ସାଗର ଦ୍ୱୀପକୁ ଯାଉଛନ୍ତି। ନବାନ୍ନର ସୂତ୍ର ଅନୁଯାୟୀ, ସେ ୫ ଜାନୁଆରୀରେ ସାଗରରେ ପହଞ୍ଚିବେ। ସେଠାରେ ପହଞ୍ଚିବା ପରେ ସେ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ସହିତ ଏକ ପ୍ରସ୍ତୁତି ବୈଠକ କରିବା ଏବଂ ଅନେକ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିବାର ଯୋଜନା ରଖିଛନ୍ତି। ଗସ୍ତ ପରେ, ମୁଖ୍ୟମନ୍ତ୍ରୀ ୬ ଜାନୁଆରୀରେ କୋଲକାତା ଫେରିବାର କାର୍ଯ୍ୟକ୍ରମ ରହିଛି। ନବାନ୍ନର ଜଣେ ଉଚ୍ଚପଦସ୍ଥ ଅଧିକାରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ପୂର୍ବରୁ ନିର୍ଦ୍ଦେଶ ଦେଇସାରିଛନ୍ତି ଯେ ଚଳିତ ବର୍ଷ ଗଙ୍ଗାସାଗର ମେଳାରେ କୌଣସି 'ଭିଆଇପି ସଂସ୍କୃତି' ରହିବ ନାହିଁ। ସେହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉଛି କି ନାହିଁ ଏବଂ ମେଳାର ସାମଗ୍ରିକ ପ୍ରସ୍ତୁତି କିପରି ଚାଲିଛି ତାହା ପ୍ରତ୍ୟକ୍ଷ ଭାବରେ ଦେଖିବା ପାଇଁ ସେ ନିଜେ ସାଗର ଦ୍ୱୀପକୁ ଯାଉଛନ୍ତି। ସୁରକ୍ଷା, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ, ବିଦ୍ୟୁତ୍, ପରିମଳ, ପରିବହନ ଏବଂ ଅସ୍ଥାୟୀ ବାସସ୍ଥାନ ବ୍ୟବସ୍ଥା ସମ୍ପର୍କରେ ପ୍ରଶାସନ ମୁଖ୍ୟମନ୍ତ୍ରୀଙ୍କୁ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବ।

## ବାପା-ପୁଅ ହତ୍ୟା ମାମଲାରେ ୧୩ ଦୋଷୀ ସାବ୍ୟସ୍ତ

କୋଲକାତା,୨୩।୧୨(ସଂଚାର ବ୍ୟୁରୋ): ପୁଲିସର ବଡ଼ ସଫଳତା। ୮ ମାସ ପରେ, ମୁର୍ଶିଦାବାଦର ଶାମଶେରଗଞ୍ଜର ଜାଫ୍ରାବାଦ ଗାଁର ଡବଲ ମର୍ଡର ମାମଲାର ସମାଧାନ କରି ଜାଙ୍ଗିପୁର କୋର୍ଟ ରାୟ ଘୋଷଣା କରିଛି। ଚଳିତ ବର୍ଷ ଏପ୍ରିଲ ୧୨ ତାରିଖରେ, ଶାମଶେରଗଞ୍ଜ ଥାନା ଅନ୍ତର୍ଗତ ଜାଫ୍ରାବାଦ ଗାଁରେ ହରଗୋବିନ୍ଦ ଦାସ ଏବଂ ଚନ୍ଦନ ଦାସଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଥିଲା। ଘଟଣା ପରଠାରୁ, ସମଗ୍ର ଅଞ୍ଚଳରେ ବହୁତ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୋଗ ହୋଇଥିଲା ଯେ ସେମାନଙ୍କ ଉପରେ ପୂର୍ବ ଯୋଜନାବଦ୍ଧ ଭାବରେ ଆକ୍ରମଣ କରାଯାଇଥିଲା ଏବଂ ସେମାନଙ୍କ ଜୀବନ ଛଡ଼ାଇ ନିଆଯାଇଥିଲା। ଘଟଣା ପରେ ତୁରନ୍ତ, ପୁଲିସ ତଦନ୍ତ ଆରମ୍ଭ କରି ଅଭିଯୁକ୍ତମାନଙ୍କୁ ଜଣଙ୍କ ପରେ ଜଣାଙ୍କୁ ଗିରଫ କରିଥିଲା। ଜାଙ୍ଗିପୁର କୋର୍ଟରେ ୮ ମାସ ଧରି ମାମଲାର ଶୁଣାଣି ହୋଇଥିଲା। ପୁଲିସ ଏଥିରେ ଅନେକ ପ୍ରମାଣ ଉପସ୍ଥାପନ କରିଥିଲା। ଯାହା ଦ୍ୱାରା ମାମଲାର ଗତି ମିଳିଥିଲା। କୋର୍ଟ କହିଛନ୍ତି ଯେ ମାମଲାର ସମସ୍ତ ସାକ୍ଷୀ, ଫରେନସିକ୍ ରିପୋର୍ଟ, ପୁଲିସ ତଦନ୍ତ ରିପୋର୍ଟ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଅଭିଯୋଗ ପ୍ରମାଣିତ ହୋଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏସସିବିରେ...

ଲେଭଲ୍ ପାର୍କିଂ ସୁବିଧା ବିକଶିତ କରାଯିବ। ପାର୍କିଂ ସୁବିଧା ଉଭୟ ଏସସିବି ଓ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲକୁ ଆସୁଥିବା ରୋଗୀ ଓ ଆଟେଣ୍ଡାଣ୍ଟମାନେ ବ୍ୟବହାର କରିପାରିବେ। ଏହି ବିଲ୍ଡିଂରେ ୧୨ ମହଲା ପର୍ଯ୍ୟନ୍ତ ପାର୍କିଂ ସୁବିଧା ଓ ଅବଶିଷ୍ଟ ମହଲାଗୁଡ଼ିକରେ ପ୍ରଶାସନିକ ବ୍ଲକ, ଆନାଟୋମି ବ୍ଲକ, ବି-ଫାର୍ମା ଓ ଡି-ଫାର୍ମା କଲେଜ କାର୍ଯ୍ୟକ୍ଷମ ହେବ।

ଏଥିସହ ମେଡିକାଲ ଛାତ୍ରମାନଙ୍କୁ ଚାପମୁକ୍ତ ରଖିବା ପାଇଁ ଇଣ୍ଡୋର ଗେମ୍, ସୁଇମିଂ ପୁଲ୍ ସୁବିଧା ମଧ ଉପଲବ୍ଧ କରାଯିବ। ସୂଚନାଯୋଗ୍ୟ ଯେ ଜାତୀୟ ଶିକ୍ଷା ନୀତି-୨୦୨୦ରେ ପିଲାମାନଙ୍କୁ ଚାପମୁକ୍ତ ରଖିବା ପାଇଁ ବିଭିନ୍ନ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଏଥିପାଇଁ ଖୁବ୍‌ଶୀଘ୍ର ଚୂଡ଼ାନ୍ତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସସିବି ନିକଟରେ ୧୩ଟି ହାଉସିଂ ଟାୱାର କାମ ନିର୍ମାଣାଧୀନ ରହିଛି, ଯେଉଁଥିରେ ୬୭୨ଟି ଆବାସିକ ୟୁନିଟ ଓ ୨,୨୪୪ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ସୁବିଧା କରାଯାଉଛି। ଏହି ପ୍ରକଳ୍ପ ବିଷୟରେ ମୁଖ୍ୟମନ୍ତ୍ରୀ ବିସ୍ତୃତ ଭାବେ ଆଲୋଚନା କରି ଏହାର ନିର୍ମାଣକାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବ୍ରହ୍ମପୁର ଓ ବୁର୍ଲା ମେଡିକାଲ କଲେଜର ପୁନଃବିକାଶ କାର୍ଯ୍ୟ ଉପରେ ବୈଠକରେ ଆଲୋଚନା ହୋଇଥିଲା।

ପାଣିକୋଇଲି ଟ୍ରମା କେୟାର ସେଣ୍ଟରକୁ ଖୁବଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଏହାକୁ ପିପିପି ମୋଡରେ କରିବା ସକାଶେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ହସ୍ପିଟାଲ ପରିଚାଳନା କ୍ଷେତ୍ରରେ ଅଭିଜ୍ଞତା ଥିବା କେନ୍ଦ୍ର ସରକାରଙ୍କ ପିଏସୟୁକୁ ଏକ୍ଷେତ୍ରରେ ପ୍ରାଥମିକତା ଦିଆଯାଉ, ଆବଶ୍ୟକ ସ୍ଥଳେ ଘରୋଇ କ୍ଷେତ୍ରକୁ ମଧ ଏଥିରେ ସାମିଲ କରିବା ପାଇଁ ସେ କହିଥିଲେ। ଏଥିସହ ରାଜ୍ୟର କଟକ, ବ୍ରହ୍ମପୁର, ବୁର୍ଲା, ସୁନ୍ଦରଗଡ, କୋରାପୁଟ, ବାରିପଦା ଓ ବଲାଙ୍ଗିରରେ ଥିବା ସରକାରୀ ମେଡିକାଲ କଲେଜ କ୍ୟାମ୍ପସରେ ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମ ଗୃହ ନିର୍ମାଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକ ଡ. ବୃନ୍ଦା ଡି ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଲୋକାର୍ପିତ...

ବିମାନବନ୍ଦର/ ଏୟାରଷ୍ଟ୍ରିପ୍‌ରେ ବ୍ୟବହାର ପାଇଁ ୫ଟି ଆଡଭାନ୍ସ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ଏବଂ ଝାରସୁଗୁଡ଼ା କାର୍ଡିଆକ୍ କେୟାର୍ ହସ୍ପିଟାଲ୍ ପାଇଁ ୨ଟି ଆଡଭାନ୍ସ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ବ୍ୟବହାର କରାଯିବ। ସୂଚନାଯୋଗ୍ୟ ଯେ ରାଜ୍ୟରେ ଦୈନିକ ୫ ହଜାର ରୋଗୀଙ୍କୁ ୧୦୮ ଆମ୍ବୁଲାନ୍ସ ଜରିଆରେ ବିଭିନ୍ନ ହସ୍ପିଟାଲକୁ ନିଆଯାଉଛି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଜରୁରୀକାଳୀନ ଆମ୍ବୁଲାନ୍ସ ସେବାରେ ଅଧିକ ଉନ୍ନତି ଆଣିବା ପାଇଁ ପର୍ଯ୍ୟାୟକ୍ରମେ ପୁରୁଣା ଆମ୍ବୁଲାନ୍ସଗୁଡିକୁ ବଦଳାଯାଇ ନୂଆ ଆମ୍ବୁଲାନ୍ସ ଅଣାଯାଉଛି। ସ୍ୱାସ୍ଥ୍ୟ ସେବାକୁ ଆହୁରି ତ୍ୱରାନ୍ୱିତ କରିବା ସହ ଏମର୍ଜେନ୍ସି ମେଡିକାଲ ସର୍ଭିସ ପାଇଁ ଆବଶ୍ୟକ ପଡୁଥିବା ଆହୁରି ୧୦୮ଟି ଆମ୍ବୁଲାନ୍ସ କ୍ରୟ କରାଯାଇଛି। ୪୨୮ଟି ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ୧୧୧ କୋଟି ଖର୍ଚ୍ଚ କରିଛନ୍ତି।

ଆଜି ପ୍ରଥମ ପର୍ଯ୍ୟାୟରେ ୧୫୦ଟି ନୂତନ ଜରୁରୀକାଳୀନ ଆମ୍ବୁଲାନ୍ସକୁ ରାଜ୍ୟବାସୀଙ୍କ ପାଇଁ ଲୋକାର୍ପିତ ହୋଇଛି। ଅବଶିଷ୍ଟ ନୂତନ ଆମ୍ବୁଲାନ୍ସଗୁଡିକୁ ଖୁବଶୀଘ୍ର ଆମ୍ବୁଲାନ୍ସ ସେବାରେ ନିୟୋଜିତ କରାଯିବ। ଏଥିସହ ପୁରୁଣା ଏମର୍ଜେନ୍ସି ମେଡିକାଲ ସର୍ଭିସ ଆମ୍ବୁଲାନ୍ସ ଫ୍ଲିଟ୍‌କୁ ପରିବର୍ତ୍ତନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଅସ୍ତ୍ର ଛାଡ଼ି...

କାବାସି, ବଡି ମାଡ଼କାମ ଓରଫ ଅଞ୍ଜୁ, ଜୋଗି ମୁଚାକି, ରିତା ପୋଡିଆମ, ଜୋଗୀ ସୋଡି, ଭୀମେ କଲମୁ, ମଙ୍ଗଲି ବାଞ୍ଜାମି, ଜୋଗା ମୁଚାକି, ଆଡମେ ମୁଚାକି, ମାଡଭି କୋସା, କୁଞ୍ଜାମ ଉରା, ମାଡା ମାଡଭି, ମୁଚାକି ଆଡମା, ଦେବା ମାଡଭି, ଅର୍ଜୁନ ମାଡଭି, ଆନ୍ଧ୍ର-ଓଡ଼ିଶା ବୋର୍ଡର ସ୍ପେଶାଲ ଜୋନାଲ କମିଟିର ୨ ଜଣ ସାଗର ଓରଫ ସନ୍ନା ପୁନେମ, ସୋମେୟ ମିଡିଆମ୍ ଓ ଗଡଚିରଲି ଏରିୟା କମିଟିର ଅନିଲା ଓରଫ ବୃନ୍ଦ୍ରି ମିଡିଆମ୍।

ରାଜ୍ୟ ସରକାରଙ୍କ ନୂଆ ଆତ୍ମସମର୍ପଣ ତଥା ପୁନର୍ବାସ ନୀତି ଅନୁଯାୟୀ, ୨୨ ଜଣ ଆତ୍ମସମର୍ପଣ କରିଥିବା କ୍ୟାଡରଙ୍କୁ ୧ କୋଟି ୮୪ ଲକ୍ଷ ୨୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ। ଏଥିସହ ପ୍ରତ୍ୟେକଙ୍କୁ ତୁରନ୍ତ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ସେମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର, ବାହାଘର ନିମନ୍ତେ ୨୫ ହଜାର ଟଙ୍କା ସହାୟତା, କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ପ୍ରଦତ୍ତ ସ୍ୱାସ୍ଥ ବୀମା ସୁବିଧା, ମାଗଣାରେ ରାସନ କାର୍ଡ ସମେତ ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ ପ୍ରଦାନ କରାଯିବ। ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ସରକାରଙ୍କ ପୁନର୍ବାସ ନୀତି ଅନୁଯାୟୀ ସମସ୍ତ ଆଇନସମ୍ମତ ସୁବିଧା, ସୁରକ୍ଷା ଓ ପୁନର୍ବାସ ସହାୟତା ପ୍ରଦାନ କରାଯିବ ବୋଲି ଡିଜି କହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ଦୀର୍ଘ ଦିନ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ହିଂସାତ୍ମକ କାର୍ଯ୍ୟକଳାପ, ସୁରକ୍ଷା କର୍ମୀଙ୍କ ଉପରେ ଆକ୍ରମଣ, ରାସ୍ତା ଓ ସରକାରୀ ସମ୍ପତ୍ତି ଧ୍ୱଂସ କରିବା ଭଳି କାର୍ଯ୍ୟରେ ସକ୍ରିୟ ଭାବେ ଜଡ଼ିତ ଥିଲେ। ସେମାନଙ୍କ ମଧ୍ୟରୁ କିଛି ଜଣଙ୍କ ଉପରେ ବିଭିନ୍ନ ଥାନାରେ ଗୁରୁତର ମାମଲା ମଧ ରୁଜୁ ଥିଲା।

ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ଓ ପୁନର୍ବାସ ନୀତି ଉପରେ ଆସ୍ଥା ରଖି ମାଓବାଦୀମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ନିଷ୍ପତ୍ତିକୁ ଡିଜିପି ଶ୍ରୀ ଖୁରାନିଆ ସ୍ୱାଗତ କରିଛନ୍ତି। ଏଥିସହ ସମାଜରେ ସମ୍ମାନଜନକ ଭାବେ ଜୀବନଯାପନ ପାଇଁ ସରକାର ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଏହାଛଡ଼ା ହିଂସାର ପଥ ପରିତ୍ୟାଗ କରି ପୁଲିସ ସମ୍ମୁଖରେ ଆତ୍ମସମର୍ପଣ କରି ସାଧାରଣ ଜୀବନଯାପନ କରିବାକୁ ଶ୍ରୀ ଖୁରାନିଆ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅଭିଯାନ) ସଞ୍ଜୀବ ପଣ୍ଡା, ଡିଆଇଜି (ଏସଆଇଡବ୍ଲ୍ୟୁ) ଅଖିଳେଶ୍ୱର ସିଂ, ଡିଆଇଜି( ଦକ୍ଷିଣାଞ୍ଚଳ) ଡ. କନୱର ବିଶାଲ ସିଂ, ମାଲକାନଗିରି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଏସପି ବିନୋଦ ପାଟିଲ ଉପସ୍ଥିତ ଥିଲେ।

### ପାଣ୍ଡିଆନ...

କାଉଣ୍ଟର କରି ଶ୍ରୀମୟୀଙ୍କ ଉପରେ ସ୍ନେହାଙ୍ଗିନୀ କହିଛନ୍ତି ଯେ ଦଳ ଭିତରେ ଯିଏ ନାହାଁନ୍ତି ସିଏ କାହିଁକି ଆମ ଦଳ ପାଇଁ ଉଦ୍‌ବେଗର କାରଣ ହେବେ। ସେ ତାଙ୍କ ଘର କଥା ବୁଝନ୍ତୁ।

ଆଜିର ମହିଳା ନେତ୍ରୀଙ୍କ ବୈଠକ ବିଜେଡି ରାଜନୀତିରେ ଏକପ୍ରକାର ହଲଚଲ ସୃଷ୍ଟି କରିଛି। ଯାହା ସୂଚନା ମିଳୁଛି, ମହିଳା ବ୍ରିଗେଡ ଖୁବ୍‌ଶୀଘ୍ର ନବୀନଙ୍କୁ ଭେଟି ସୁଜାତାଙ୍କ ସପକ୍ଷରେ ମତ ରଖିବେ। ଏହାପରେ ପାଣ୍ଡିଆନ-ସୁଜାତା ବିରୋଧୀଙ୍କ ଗତିବିଧି କ'ଣ ହେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ୧୦୮ ଏସଇବିସିଙ୍କୁ...

ସେମାନଙ୍କୁ ସମାନ ଭାବେ ସର୍ବଭାରତୀୟ ସ୍ତରରେ ସ୍ଥାନ ସଂରକ୍ଷଣ ଓ କଲ୍ୟାଣକାରୀ ଯୋଜନାର ସୁବିଧା ମିଳିପାରିବ, ଯାହା ସେମାନଙ୍କର ଆର୍ଥିକ ଓ ଶିକ୍ଷାଗତ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି।

ସେହିପରି ଶ୍ରୀ ପ୍ରଧାନ ତାଙ୍କ ପତ୍ର ସହ ସଂଲଗ୍ନ ୧୦୮ଟି ସମ୍ପ୍ରଦାୟର ଏକ ସବିଶେଷ ତାଲିକା ବି ପ୍ରଦାନ କରିଛନ୍ତି। ଏଥିରେ ଖଣ୍ଡାୟତ, ପ୍ରଧାନ, ଚଷା ପାଇକ, ମହାନ୍ତି, ଗଉଡ଼, ବଣିଆ ଏବଂ ତେଲି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଅଛନ୍ତି। ଏହି ସମ୍ପ୍ରଦାୟଗୁଡ଼ିକର ଶିକ୍ଷାଗତ ଓ ଆର୍ଥିକ ଅଭିବୃଦ୍ଧି ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ସେ କେନ୍ଦ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତକାଲି ଶ୍ରୀ ପ୍ରଧାନ ଏ ସଂକ୍ରାନ୍ତରେ ତଥା ଏସଇବିସି ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ଓଏସସିବିସି)ର ତୁରନ୍ତ ପୁନର୍ଗଠନ ପାଇଁ ଅନୁରୋଧ କରିଥିଲେ।

### ଭକ୍ତଙ୍କ...

ଭାବେ ଛିଡା କରାଇପାରିବ। ଭକ୍ତ ଦାସଙ୍କ ଟିମରେ ରହିଥିବା ଏହିସବୁ ବ୍ୟତିକ୍ରମ ନେଇ ଆସନ୍ତା ୪ ତାରିଖରେ କିଛି ବରିଷ୍ଠ ନେତା ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସେହିଦିନ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଏକ ବନ୍ଧୁମିଳନର ବି ଆୟୋଜନ କରିଛନ୍ତି। ସେଇ ଆଳରେ ଏହିସବୁ ରାଜନୈତିକ ପ୍ରସଙ୍ଗ ଉପରେ ମାନସ ମନ୍ଥନ କରାଯିବ ବୋଲି ଜଣାପଡ଼ିଛି।

### ମତୁଆଲା...

ଅନୁମତି ମଧ ଗୁରୁତ୍ୱପୂର୍ଣ୍ଣ। ବାର ଓ ପବ୍‌ର ପ୍ରବେଶ ଓ ପ୍ରସ୍ଥାନ ସ୍ଥାନରେ ପୁଲିସ ମୁତୟନ ରହିବେ। ଏସବୁ ସ୍ଥାନମାନଙ୍କରେ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରିବା ପାଇଁ ଅବକାରୀ ବିଭାଗ ସହ ଆଲୋଚନା ଜାରି ରହିଛି। ଜିରୋ ନାଇଟ୍‌ରେ ରାତି ୧୨ଟା ପରିବର୍ତ୍ତେ ସମୟ ସୀମା ଦେଢ଼ ଘଣ୍ଟା ବଢ଼ି ରାତି ସାଢ଼େ ୧ଟା ପର୍ଯ୍ୟନ୍ତ ରହିବ ବୋଲି ସୂଚନା ମିଳିଛି। ଯେଉଁମାନେ ରାଜଧାନୀରେ ଇଭେଣ୍ଟ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ପୁଲିସ ଅନୁମତି ବାଧ୍ୟତାମୂଳକ। ଖୁବ୍‌ଶୀଘ୍ର ଏନେଇ ନିୟମାବଳୀ ଜାରି ହେବ ବୋଲି କହିଛନ୍ତି ପୁଲିସ କମିଶନର୍ ଏସ୍. ଦେବଦତ୍ତ ସିଂ। ଏଥିସହ ସମସ୍ତେ ବଡ଼ଦିନ ଓ ନୂଆବର୍ଷକୁ ଜାକଜମକରେ ପାଳନ କରନ୍ତୁ, ହେଲେ କୌଣସି ପ୍ରକାର ଅପରାଧରେ ଜଡ଼ିତ ନ ରହିବାକୁ ଶ୍ରୀ ସିଂ ନିବେଦନ କରିଛନ୍ତି।

● ପ୍ରତାପଶାସନ ପଞ୍ଚାୟତରେ ଦୁର୍ନୀତି ଓ ଅନିୟମିତତା ଅଭିଯୋଗ

# ବୈଠକ ବର୍ଜନ କଲେ ୱାର୍ଡ଼ସଭ୍ୟ



**ବାଲିଅନ୍ତା,୨୩।୧୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପଶାସନ ପଞ୍ଚାୟତରେ ବିଭିନ୍ନ ଅନିୟମିତତା ଓ ଦୁର୍ନୀତି ବିରୋଧରେ ଗତକାଲି ୮ ଜଣ ୱାର୍ଡ଼ସଭ୍ୟ ପଞ୍ଚାୟତରେ ଧାରଣା ଦେଇଥିଲେ। ସରପଞ୍ଚ ରୀନା ବେହେରାଙ୍କ ଅନୁପସ୍ଥିତିରେ ନାଏବ ସରପଞ୍ଚ ଅରୁଣ କୁମାର ସାହୁ ସଭାପତିତ୍ୱ କରିଥିଲେ। ବୈଠକ ଆରମ୍ଭରୁ ହେବାମାତ୍ରେ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ମାର୍କେଟ କମ୍ପ୍ଲେକ୍ସ ଗୃହ ବଣ୍ଟନ, ଚଉକିପଡ଼ିଆ ଶ୍ମଶାନ ନିର୍ମାଣ କାର୍ଯ୍ୟରେ ଅନିୟମିତତା ଓ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଯୋଜନାରେ ପ୍ରକଳ୍ପ ନ କାର୍ଯ୍ୟରେ ଦୁର୍ନୀତି ନେଇ ଅଭିଯୋଗ କରି ଉକ୍ତ ପଞ୍ଚାୟତର ୮ ଜଣ ୱାର୍ଡ଼ ସଭ୍ୟ ବୈଠକରେ ପାଟିତୁଣ୍ଡ କରିଥିଲେ। ତାପରେ ବୈଠକ ବର୍ଜନ କରି ପଞ୍ଚାୟତ ପରିସରରେ ଦୀର୍ଘ ସମୟ ଧରି ପ୍ରତିବାଦ କରିଥିଲେ। ଅପରପକ୍ଷରେ ବିଭିନ୍ନ ଅଭିଯୋଗର ତଦନ୍ତ କରାନଯିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ୱାର୍ଡ ସଭ୍ୟ ଚେତାବନୀ ଦେଇଛନ୍ତି।

ସରପଞ୍ଚ ଓ ଗ୍ରାମ ପଞ୍ଚାୟତ ଅଧିକାରୀଙ୍କ ବିରୋଧରେ ଅଭିଯୋଗଗୁଡ଼ିକ ହେଲା - ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ କରାନଯିବା, ମନମୁଖୀ ପ୍ରକଳ୍ପ ବିବରଣୀ ଖାତାରେ ଲେଖାଇ ପ୍ରକଳ୍ପ ଅନୁମୋଦନ କରାଇବା, ପଞ୍ଚାୟତ ଅଧିକାରୀ ୱାର୍ଡ଼ସଭ୍ୟଙ୍କ ବିନା ସ୍ୱୀକୃତିରେ କାର୍ଯ୍ୟ କରିବା, ବେଆଇନ ଭାବେ ଦୋକାନ ଗୃହ ବଣ୍ଟନ , ବୈଠକ ବିନା ପ୍ରକଳ୍ପ ବାବଦରେ ଅତିରିକ୍ତ ଖର୍ଚ୍ଚ ଚିଠା ପ୍ରସ୍ତୁତ, ସାପ୍ତାହିକ ହାଟପିଣ୍ଡି ବଣ୍ଟନରେ ଅନିୟମିତତା, ଅନୁଦାନ ରାଶି ଖର୍ଚ୍ଚ ବାବଦରେ ସୂଚନା ପ୍ରଦାନ କରାନଯିବା ନେଇ ୱାର୍ଡ଼ ସଭ୍ୟମାନେ ପ୍ରତିବାଦ କରି ଧାରଣା ଦେଇଥିଲେ।

ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ

# ଅଧା ଦାମରେ ଧାନ ବିକୁଛନ୍ତି ଚାଷୀ



**ଆନନ୍ଦପୁର,୨୩।୧୨ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ଧାନ ମଣ୍ଡି ଖୋଲିବା ବିଳମ୍ବକୁ ନେଇ ଚାଷୀଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି। ସରକାରୀ ସ୍ତରରେ ଧାନ କିଣିବା ପାଇଁ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ବାହାର ରାଜ୍ୟର ଏବଂ ସ୍ଥାନୀୟ ଅଞ୍ଚଳର ବେପାରୀଙ୍କୁ ଅଧା ଦାମରେ ଚାଷୀ ଧାନ ବିକ୍ରି କରୁଛନ୍ତି। ଚଳିତ ଖରିଫ ଋତୁରେ ନବେ ପ୍ରତିଶତ ଧାନ ଅମଳ ସରିଥିବା ବେଳେ ଧାନ ବିକ୍ରି କରିବାକୁ ଅପେକ୍ଷା କରିଥିବା ଚାଷୀମାନେ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ବାଧ ହୋଇ ବେପାରୀଙ୍କୁ ଅଧା ଦାମରେ ଧାନ ବିକୁଥିବା ବେଳେ ଚାଷୀମାନଙ୍କ ଅସୁବିଧାର ସୁଯୋଗ ନେଇ ଏବେ ଗାଁଗାଁରେ ଦଲାଲମାନେ ସକ୍ରିୟ ହୋଇ ଉଠିଛନ୍ତି ।

ଚଳିତ ବର୍ଷ ଜିଲ୍ଲାରେ ଆଶାନୁରୂପ ବର୍ଷା ହୋଇଥିବାରୁ ଅଞ୍ଚଳର ଚାଷୀଙ୍କ ଅମଳ ବେଶ୍ ଭଲ ହୋଇଛି। ଅନେକ ଚାଷୀ ଅମଳ ଧାନ ରଖିବା ପାଇଁ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଖରା ଓ କାକରରେ ଖଳାରେ ଧାନ ପଡି ରହିବା ସହିତ ମୂଷା ଦାଉରୁ ଧାନକୁ ରକ୍ଷା କରି ଚାଷ କାର୍ଯ୍ୟ ପାଇଁ ଆଣିଥିବା ଧାରକରଜରୁ ମୁକ୍ତ ହେବା ପାଇଁ ଧାନ ବିକିବାକୁ ବାଧ ହେଉଛନ୍ତି । ଏହାର ଫାଇଦା ବାହାର ରାଜ୍ୟ ଓ ଆଖପାଖ ଅଞ୍ଚଳର ବେପାରୀମାନେ ଉଠାଉଛନ୍ତି। ଧାନ ଚାଷୀମାନେ ରାଜ୍ୟ ବାହାର ଏବଂ ସ୍ଥାନୀୟ ଅଞ୍ଚଳର ଲାଭଖୋର ବେପାରୀଙ୍କ ପାଖରେ ଅଭାବୀ ବିକ୍ରିର ଶିକାର ହେବାକୁ ପଡୁଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମଣ୍ଡି ଶୀଘ୍ର ଖୋଲିବା ସହିତ ଅସାଧୁ ଧାନ ବେପାରୀଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଥିବା ବେଳେ ଖରିଫ୍ ଧାନ ବିକ୍ରୀ ନିମନ୍ତେ ପଞ୍ଜିକରଣ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କ ଟୋକନ୍ ନ ଆସିବାରୁ ଚାଷୀ ଦ୍ୱନ୍ଦରେ ରହିଛନ୍ତି। ତେବେ ଦେଖିବାକୁ ବାକି ରହିଲା ଜିଲ୍ଲା ପ୍ରଶାସନ ଏହି ଘଟଣାକୁ କେତେ ଗୁରୁତ୍ୱର ସହକାରେ ନେଇ ଚାଷୀଙ୍କ ସମସ୍ୟା ଦୂର କରି ପାରୁଛନ୍ତି।

## ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

**ବ୍ରହ୍ମପୁର,୨୩।୧୨ (ସଂଚାର ବ୍ୟୁରୋ):** ଜିଲ୍ଲା ଜଜ ଅଶାନ୍ତ କୁମାର ଦାସ ମଙ୍ଗଳବାର ଏକ ହତ୍ୟା ମାମଲାର ଚୂଡାନ୍ତ ରାୟ ପ୍ରକାଶ କରି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଗେଟବଜାର ବିଲ ସାହିର ମୂଳ ନିବାସୀ ତଥା ନୂଆପଡା ଗ୍ରାମ ପଞ୍ଚାୟତ ଅଧିନସ୍ଥ ଡେଙ୍ଗାପଦର ପଦର ଗ୍ରାମରେ ରହୁଥିବା ବିଜୁ ବେହେରା(୨୯)। ସେହିପରି ଅଭିଯୁକ୍ତକୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ସଶ୍ରମ କାରାଦଣ୍ଡ ନେଇ ଜଜ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ବାଲିପଡା ଗ୍ରାମର ଜୁରିଆ ବିଷୋୟୀ (୫୫)ଙ୍କୁ ଗତ ୨୦୨୩ ମାର୍ଚ୍ଚ ୭ ତାରିଖରେ ଡେଙ୍ଗାପଦର ଗ୍ରାମରେ ହତ୍ୟା କରାଯାଇଥିଲା। ପୋଲିସ ୧୫୨/୨୩ରେ ଏକ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ମହେନ୍ଦ୍ର ସାହୁ ଅଭିଯୁକ୍ତ ବିଜୁ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଗଞ୍ଜାମ ଜିଲ୍ଲା ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ଓ ସହଯୋଗୀ ରଜତ କୁମାର ଦାଶ ମକଦ୍ଦମା ପରିଚାଳନା କରୁଥିଲେ।

## ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

**ରାଇଘର,୨୩।୧୨ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅନ୍ତର୍ଗତ ଦାସପୁର ଠାରୁ ଜଲଙ୍ଗପାରା କୁ ସଂଯୋଗ କରୁଥିବା, ପୁରୁଣା ଦାସପୁର ଗ୍ରାମ ଠାରୁ ପ୍ରାୟ ୧ କିମି ଦୂର ରାସ୍ତା କଡ଼ରୁ ଜଣେ ଅଜଣା ମହିଳା ଙ୍କ ଅର୍ଦ୍ଧ ଦଗ୍ଧ ଶବ ଉଦ୍ଧାର ହୋଇଛି ,ନୀଳଗିରି ଗଛ ଛାଲିରେ ନିଆ ରେ ପଡିହୋଇ ମୃତ୍ୟୁବରଣ କରିଛନ୍ତି। ଅଗ୍ନିଶ୍ରମ ବାହିନୀ ନିଆକୁ ଆୟତ କରିଛନ୍ତି, ରାଇଘର ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରିଛନ୍ତି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ଗତକାଲି ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ଜଣାପଡିଛି। କେହି ଏହି ଠାରେ ଯୁବତୀଙ୍କୁ ନିଆଁରେ ଜାଳି ହତ୍ୟା କରିବାକୁ ଉଦ୍ୟମ କରି ଥାଇ ପାରନ୍ତି। ଏହି ଅଞ୍ଚଳ ଛତିଶଗଡ ସୀମାନ୍ତ କୁ ଲାଗି ରହିଥିବା ବେଳେ ହୁଏତ ଛତିଶଗଡ କିମ୍ବା ଓଡିଶାର କେହି ଏହି ହତ୍ୟାକାଣ୍ଡ ଘଟାଇ ଥବା ଅନୁମାନ କରାଯଉଛି। ରାଇଘର ପୋଲିସ ଘଟଣା ସ୍ଥଳରେ ପହଂଚି ଅଧିକ ତଦନ୍ତ କରୁଛନ୍ତି। ପୋଲିସ ଶବ ଜବତ ପରେ ଉଦ୍ଧାର କରି ବ୍ୟବଛେଦ ପାଇଁ ପଠାଇ ଛନ୍ତି, ଶବ ଚିହ୍ନଟ ସକାଶେ ୭୨ ଘଣ୍ଟା ଶବ ସରକ୍ଷିତ କରି ରଖାଯିବ କେହି ଦାବିଦାର ନମିଳିଲେ ଅନ୍ତିମ ସଂସ୍କାର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ହଜାରେ କୋଟିର ପାଣି ପ୍ରକଳ୍ପ ଲୁଟ୍

**ଯାଜପୁର,୨୩।୧୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ପାନୀୟ ଜଳ ପ୍ରକଳ୍ପ ଆଜି ସରକାରୀ ବିଫଳତା ନୁହେଁ, ରାଜନୈତିକ ଲୁଟ୍‌ର ଜୀବନ୍ତ ପ୍ରମାଣ। ନଳ ପଡ଼ିଛି, ବିଶାଳ ପାଣି ଟାଙ୍କି ଆକାଶ ଛୁଇଁଛି, କିନ୍ତୁ ଗାଁର ଘରେ ଘରେ ପିଇବା ପାଣି ପହଞ୍ଚିନି। ଏହା ଅକ୍ଷମତା ନୁହେଁ ଏହା ଯୋଜନାବଦ୍ଧ ଦୁର୍ନୀତି।

୨୦୧୮ରୁ ୨୦୨୩ ମଧ୍ୟରେ ପୂର୍ବ ବିଜେଡି ସରକାର ସମସ୍ତଙ୍କ ଘରକୁ ପାନୀୟ ଜଳ ସ୍ଲୋଗାନ୍‌ରେ ଯାଜପୁରରେ ୧୦ଟି ମେଗା ପାନୀୟ ଜଳ ପ୍ରକଳ୍ପ ଘୋଷଣା କଲେ। କାଗଜରେ ବିକାଶ, ଭୂମିରେ ପ୍ରହସନ। ମୋଟ ୧୫୦୫ କୋଟି ଟଙ୍କାର ପ୍ରକଳ୍ପରୁ ୪ଟି ଅଣଓଡ଼ିଆ ଠିକାସଂସ୍ଥା ୧୦୮୩ କୋଟି ଟଙ୍କା ଗିଳି ସାରିଛନ୍ତି ଅର୍ଥାତ୍ ୭୦ ପ୍ରତିଶତରୁ ଅଧିକ ଟଙ୍କା ଉଠିଗଲା, କିନ୍ତୁ ପାଣି ଆସିଲାନି। ଏହା କେବଳ ପ୍ରଶାସନିକ ବିଫଳତା।

ତେବେ ୫ଟି ପ୍ରକଳ୍ପରେ ଟେଣ୍ଡର ମୂଲ୍ୟଠାରୁ ୧୨୭.୦୯ କୋଟି ଅଧିକରେ କାମ ହାତେଇବା ଏହା କଣ ଛୋଟ ଘଟଣା? ସେହି ସମୟରେ ବିଜେଡିର ସର୍ବଶକ୍ତିଶାଳୀ ନେତା ଓ ସାଙ୍ଗଠନିକ



ନଳ ଅଛି, ପାଣି ନାହିଁ

ଠିକାଦାର ମାଲାମାଲ୍

ସମ୍ପାଦକ ଥିଲେ ପ୍ରଣବ ପ୍ରକାଶ ଦାସ (ବବି)। ତାଙ୍କ ନିରବ ସମ୍ମତି ବିନା ଏଭଳି ମେଗା ଘୋଟାଲା ସମ୍ଭବ ଥିଲା କି? ସୁକିନ୍ଦାର ଖଣି ପ୍ରଭାବିତ ୧୦୫ଟି ଗ୍ରାମ ପାଇଁ ୨୩୨.୭୫ କୋଟି ଖର୍ଚ୍ଚ ହେଲା। ୧୪୭୮ଟି ଜଳ ଅପହଞ୍ଚ ଗ୍ରାମ ପାଇଁ ୩ଟି ପ୍ରକଳ୍ପ 'ସମ୍ପୂର୍ଣ୍ଣ' ଘୋଷଣା ହେଲା। ଆଜି ବି ସେଥିରୁ ଦୁଇଟି ଗ୍ରାମ ପିଇବା ପାଣି ଦେଖିନି। ଯେଉଁଠି ପାଣି ଆସିଛି ବୋଲି କୁହାଯାଉଛି, ସେଠି ପାଇପ୍ ଫାଟୁଛି, ଷ୍ଟାଣ୍ଡ୍ ପୋଷ୍ଟ୍ ଭାଙ୍ଗୁଛି ଅର୍ଥାତ୍ କମିଶନ୍ ମଜବୁତ, କାମ ଦୁର୍ବଳ। ବଡ଼ଚଣା, ଧର୍ମଶାଳା, ଦଶରଥପୁର, ଯାଜପୁର, ବିଞ୍ଝାରପୁରରେ ସବୁଠି ଗୋଟିଏ କାହାଣୀ। ଟଙ୍କା ଉଠିଗଲା, ସମୟ ସରିଗଲା, କିନ୍ତୁ କାମ ଅଧାରେ।

୨୦୧୯ରେ ଆରମ୍ଭ ହୋଇ ୨୦୨୧ରେ ସରିବାକୁ ଥିବା ପ୍ରକଳ୍ପ ୪ ବର୍ଷ ପରେ ବି ଅଟକିଛି। ଏହି ସବୁ ଘଟଣା ଏକଥା ସ୍ପଷ୍ଟ କରୁଛି—ଯାଜପୁରର ପାନୀୟ ଜଳ ପ୍ରକଳ୍ପ ଗରିବଙ୍କ ପାଇଁ ଯୋଜନା ନୁହେଁ, ବବି-ଯୁଗର ଠିକାଦାରୀ ସାମ୍ରାଜ୍ୟର ଆୟ ସ୍ରୋତ ଥିଲା। ଆଜି ପ୍ରଶ୍ନ ଉଠୁଛି ହଜାରେ କୋଟି ଟଙ୍କା କେଉଁଠିକି ଗଲା? କେଉଁ ଶକ୍ତିର ଆଶୀର୍ବାଦରେ ଅଣଓଡ଼ିଆ ଠିକାସଂସ୍ଥା ଏଭଳି ଲୁଟ୍ କଲେ? ବବି ଓ ସେତେବେଳର ବିଜେଡି ସରକାର ଏହାର ଦାୟିତ୍ୱ ନେବେ କି? ନଳ-ଟାଙ୍କି ରହିଲା, ପାଣି ଆସିଲାନି ଏହି ହେଉଛି ବିଜେଡି ଶାସନର ପାନୀୟ ଜଳ ପ୍ରକଳ୍ପ ବିକାଶର ନିର୍ମମ ସତ୍ୟ।

## ଅହିୟାସ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳିତ



**ଯାଜପୁର,୨୩।୧୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ଅହିୟାସ ଅଞ୍ଚଳର ସର୍ବପୁରାତନ ଶିକ୍ଷା ପ୍ରତିଷ୍ଠାନ ଅହିୟାସ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ଭବ୍ୟ ଓ ଆଡମ୍ବରମୟ ଭାବେ ପାଳିତ ହୋଇଯାଇଛି।ଏହି ଅବସରରେ ଓଡ଼ିଶା ସରକାରଙ୍କ ମାନ୍ୟବର ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ, ଯାଜପୁରର ମାନ୍ୟବର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁର ଜିଲ୍ଲା ପରିଷଦର ପୂର୍ବତନ ଚେୟାରମ୍ୟାନ ଶ୍ରୀ ଗୌତମ ରାୟ,ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ବରିଷ୍ଠ ଶିକ୍ଷାବିତ ଶ୍ରୀଯୁକ୍ତ ପ୍ରଫୁଲ୍ଲ ଚନ୍ଦ୍ର ସାମଲ, ହୀରକ ଜୟନ୍ତୀ କମିଟିର ସଭାପତି ପ୍ରଫେସର ମଦନ ମୋହନ ପାଣି, ସମ୍ପାଦକ ଶ୍ରୀ ଦିଗମ୍ବର ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଦୁର୍ଗା ଚରଣ ଦାସଙ୍କ ସହ ଅନେକ ମାନ୍ୟଗଣ୍ୟ ଅତିଥି ଯୋଗଦେଇଥିଲେ।ଅତିଥିମାନେ ତାଙ୍କ ଉଦ୍ବୋଧନରେ ବିଦ୍ୟାଳୟର ଦୀର୍ଘ ଶିକ୍ଷାତ୍ମକ ପରମ୍ପରା, ସାମାଜିକ ଅବଦାନ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କ ସଫଳତାକୁ ସ୍ମରଣ କରି ଭବିଷ୍ୟତରେ ଶିକ୍ଷାର ଗୁଣାତ୍ମକ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରିଥିଲେ।ହୀରକ ଜୟନ୍ତୀ ସମାରୋହକୁ ସଫଳ କରିବାରେ ବିଦ୍ୟାଳୟର ପରିଚାଳନା କମିଟି, ଶିକ୍ଷକମାନେ, ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀମାନେ ସକ୍ରିୟ ଭୂମିକା ନିଭାଇଥିଲେ। ସମଗ୍ର କାର୍ଯ୍ୟକ୍ରମ ଶିକ୍ଷା, ସଂସ୍କୃତି ଓ ସ୍ମୃତିର ଏକ ସୁନ୍ଦର ସମ୍ମିଳନ ଭାବେ ପରିଣତ ହୋଇଥିଲା।

## ଦ୍ୱିତୀୟ ଦିନରେ ଚାଷୀ ଧର୍ମଘଟ: ପ୍ରଶାସନ ସହିତ ଆଲୋଚନା ଜାରି



**ରାଇଘର,୨୩।୧୨ (ସଂଚାର ବ୍ୟୁରୋ):** ଧାନ ଏବଂ ମକା ର ଅଭାବ ବିକ୍ରି ସହିତ ଉଚିତ ମୂଲ୍ୟ ପ୍ରଦାନ ଦାବିରେ ଆଜି ଚାଷୀ ମହାସଂଘ ପକ୍ଷରୁ ରାଇଘର ବନ୍ଦ ପାଳନ ଆଜି ଦ୍ୱିତୀୟ ଦିନରେ । ଏହି ଚଷୀ ମହାସଙ୍ଘକୁ ସହଯୋଗ କରି ସ୍ଥାନୀୟ ବିଜେଡ଼ି ଦଳ ପକ୍ଷରୁ କିଛି ନେତାଙ୍କ ନେତୃତ୍ୱରେ ଜଗନ୍ନାଥ ମନ୍ଦିର ନିକଟରେ ଧାନ ଓ ମକା ବୋଝେଇ ବସ୍ତା ରଖି ଦୁଇ ଦିନ ଧରି ରାସ୍ତା ଅବରୋଧ କରାଯାଇଥିଲା । ସନ୍ଧ୍ୟା ସମୟରେ ଜିଲ୍ଲା ପ୍ରଶାସନ ସହିତ ଧର୍ମଘଟକାରୀଙ୍କ ସହିତ ଆଲୋଚନା ଜାରି ରହିଛି । ଅପର ପକ୍ଷରେ ଚଷୀ ମହାସଂଘ ପକ୍ଷରୁ ରାଇଘର ଠାରେ ବନ୍ଦ ପାଳନ କରୁଥିବା ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିବାକୁ ଆଜି ସନ୍ଧ୍ୟା ପ୍ରାୟ ସାଢେ ସାତଟା ସମୟରେ ନବରଙ୍ଗପୁର ଉପ ଜିଲ୍ଲାପାଳ ପ୍ରକାଶ ମିଶ୍ର ରାଇଘର ପହଂଚିଥିଲେ । ଚଷୀଙ୍କ ରହିଥିବା ଅଭିଯୋଗ ଏବଂ ଦାବି ଗୁଡ଼ିକକୁ ନେଇ ଉପସ୍ଥିତ ବିକ୍ଷୋଭକାରୀଙ୍କ ସହ ଉପ ଜିଲ୍ଲାପାଳଙ୍କ ଆଲୋଚନା ବିଫଳ ହୋଇଛି । ଏହି ଅବସରରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ମୁନା ତ୍ରିପାଠୀ, ଲିପିକା ମାଝୀ, ହାରାବତୀ ଗଣ୍ଡ ପ୍ରମୁଖ ନେତା ବିକ୍ଷୋଭକାରୀଙ୍କୁ ସହଯୋଗ କରିବାକୁ ପହଞ୍ଚିଥିଲେ । ସେହିଭଳି ସ୍ଥାନୀୟ ପ୍ରଶାସନ ପକ୍ଷରୁ ତହସିଲଦାର ରିତୁ ସିଂ, ଉମରକୋଟ ଏସଡିପିଓ ଶୁଭେନ୍ଦୁ ଶବର, ଅତିରିକ୍ତ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ ।

## ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ବିଜ୍ଞାନମେଳା

**ବାଲିଅନ୍ତା,୨୩।୧୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ପଞ୍ଚାୟତ ଅଧୀନ ଇନ୍ଦ୍ରପାଳ ଗ୍ରାମ ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ୧୦ମତମ ବାର୍ଷିକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ସମଗ୍ର କାର୍ଯ୍ୟକ୍ରମରେ ଅଧକ୍ଷ ରମାକାନ୍ତ ନାୟକ ଅଧକ୍ଷତା କରିଥିଲେ। ଏହି ଅବସରରେ କବି ବିପିନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ବୈଜ୍ଞାନିକ ହେବାକୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

ଅନିୟମିତତା ଓ ପକ୍ଷପାତିତା ନୀତିକୁ ବିରୋଧ

# ବିଜେଡ଼ି ପକ୍ଷରୁ ପ୍ରତିବାଦ ସଭା




**ନୀଳଗିରି,୨୩।୧୨ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକରେ ଭତ୍ତା, ରାସନ କାର୍ଡ ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଅନିୟମିତତା ଏବଂ ବଣ୍ଟନରେ ପକ୍ଷପାତ ନୀତିକୁ ବିରୋଦ୍ଧ କରି ନୀଳଗିରି ବିଜେଡ଼ି ପକ୍ଷରୁ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ପୂର୍ବାହ୍ନ ୧୧ ଘଟିକା ସମୟରେ ବ୍ଲକ ପରିସରରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ନୀଳଗିରି ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଚୟନ ଓ ବିଭାଗୀୟ କାର୍ଯ୍ୟ ସମ୍ପାଦନରେ ବିଶେଷ ଭାବେ ବିଜେଡ଼ି ଜନପ୍ରତିନିଧି ମାନଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଉଛି ବୋଲି ଅଭିଯୋଗ ହୋଇ ଆସୁଥିଲା। ଅନୁରୂପ ଭାବେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ସମୟରେ ବରିଷ୍ଠ ନାଗରିକ, ବିଧବା, ବିକଳାଙ୍ଗ ଓ ଅନ୍ୟାନ୍ୟ ଭତା ପାଇବାର ହକ୍‌ଦାର ଥିବା ଲୋକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୁରୁତ୍ୱ ଦିଆଯାଉ ନଥିବାରୁ ସେମାନେ ଭତ୍ତାରୁ ବଞ୍ଚିତ ହେଉଛନ୍ତି। ସେହିପରି ଅଦୃଶ୍ୟ ଶକ୍ତି ଚାପର ବଶବର୍ତ୍ତି ହୋଇ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ରାସନକାର୍ଡ ପ୍ରଦାନ ନକରି ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ନେଇ ଅଭିଯୋଗ ହୋଇଛି।

ଉକ୍ତପ୍ରତିବାଦ ସଭାରେ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦିକା ତଥା ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ପର୍ଯ୍ୟଟନ ଓ ସାଂସ୍କୃତିକ ମନ୍ତ୍ରୀ ଡ. ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ପୂର୍ବତନ ବ୍ଲକ ଉପାଧକ୍ଷ ରମେଶ ମହାନ୍ତି, ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ସମେତ ବହୁ ନେତା ଉପସ୍ଥିତ ରହି ବ୍ଲକ ଦୁର୍ନୀତି ବିରୋଧରେ ନିରପେକ୍ଷ ତଦନ୍ତ ଦାବୀ କରିବା ସହିତ ସାଧାରଣ ଜନତାକୁ ନ୍ୟାୟ ଦେବାକୁ ଦାବି କରିଥିଲେ। ପରେ ଘଟଣାସ୍ଥଳରେ ଏବିଡ଼ିଓ ସୁନନ୍ଦା ସାହୁ ଓ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଇଂ ଶରତ ଚନ୍ଦ୍ର ଉପାଧ୍ୟାୟ ପହଞ୍ଚି ଆନ୍ଦୋଳନକାରୀଙ୍କ ଠାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ଗ୍ରହଣ କରିବା ସହିତ ଅଭିଯୋଗର ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ପ୍ରତିବାଦ ସଭାରେ ଏକ ହଜାରରୁ ଉର୍ଦ୍ଧ ଜନସାଧାରଣ ଉପସ୍ଥିତ ଦେଖି ବାକୁ ମିଳିଥିଲା।

ବିଜେପି ଜିଲ୍ଲା କମିଟି ଘୋଷଣା

## ନୀଳଗିରିରୁ ୪ଜଣକୁ ଚୟନ

**ନୀଳଗିରି,୨୩।୧୨ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲାର ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ନୂତନ ଭାବେ ସମସ୍ତ ଜିଲ୍ଲା ପଦାଧିକାରୀ ଘୋଷଣା କରାଯାଇଅଛି।ଉକ୍ତ କମିଟି ରେ ନୀଳଗିରି ନିର୍ବାଚନ ମଣ୍ଡଳୀରୁ ଜିଲ୍ଲା କମିଟିରେ ସାଧାରଣ ସମ୍ପାଦକ ଭାବେ ଚନ୍ଦ୍ରଶେଖର ନନ୍ଦ,ଉପସଭାପତି ଭାବେ କରୁଣାକର ପଣ୍ଡା,ସମ୍ପାଦକ ଭାବେ ବଳରାମ ବିଶ୍ୱାଳ ଓ ସମ୍ପାଦିକା ଭାବେ ଉଷାରାଣୀ ରାଉଳ ମନୋନୀତ ହୋଇଛନ୍ତି.ଜିଲ୍ଲା କମିଟିରେ ସ୍ଥାନ ପାଇଥିବା ସଦସ୍ୟ ମାନେ ରାଜ୍ୟ ସଭାପତି ମନମୋହନ ସାମଲ,ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ,ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି,ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଓ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଙ୍କୁ ଧନ୍ୟବାଦ ଏବଂ କୃତଜ୍ଞତା ଜ୍ଞାପନ କରିଛନ୍ତି. ସଦସ୍ୟ ମାନେ ଆଗାମୀ ଦିନରେ ବାଲେଶ୍ୱର ଜିଲ୍ଲାରେ ସଙ୍ଗଠନକୁ ଆହୁରି ଅଧିକ ଶକ୍ତିଶାଳୀ ଓ ମଝବୁତ କରିବେ ବୋଲି ମତ ପ୍ରକାଶ କରିଛନ୍ତି ।

## ରାଜ୍ୟସ୍ତରୀୟ ଜାମ୍ବୋରେଟ୍ ଓ ସ୍ୱତନ୍ତ୍ର ଟ୍ରାଇବାଲ୍ ଜାମ୍ବୋରେଟ୍ ଉଦ୍‌ଘାଟିତ




**ଖୋର୍ଦ୍ଧା,୨୩।୧୨ (ସଂଚାର ବ୍ୟୁରୋ):** ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଆନୁକୂଲ୍ୟରେ ବରୁଣେଇ ଠାରେ ଥିବା ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ୨୦ତମ ରାଜ୍ୟସ୍ତରୀୟ ଜାମ୍ବୋରେଟ୍ ଏବଂ ସ୍ୱତନ୍ତ୍ର ଟ୍ରାଇବାଲ୍ ଜାମ୍ବୋରେଟ୍ ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୫୨୦ ଜଣ ସ୍କାଉଟ, ଗାଇଡ୍ ଏହି ଜାମ୍ବୋରେଟ୍‌ରେ ଅଂଶ ଗ୍ରହଣ କରିଛନ୍ତି । ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଉଦ୍‌ଘାଟକ ଭାବେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଜସ୍ମିନ ମିଶ୍ର ଏହି ଶିବିରକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ ଓ ଗାଇଡ଼ସର କାଉନସିଲ ସଦସ୍ୟ ଓମ ପ୍ରିୟଦର୍ଶୀ ଛୋଟରାୟ ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ । ରାଜ୍ୟ ମୁଖ୍ୟ କମିଶନର ଡଃ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିବାକୁ ଯାଇ ଜାମ୍ବୋରେଟର ଉଦ୍ଦେଶ୍ୟ ତଥା ରାଜ୍ୟ ସଂଗଠନର ବର୍ଷ ବ୍ୟାପୀ ବିଭିନ୍ନ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥ୍ୟ କର୍ଣ୍ଣେଲ ମିଶ୍ର ରାଜ୍ୟ ସଂଗଠନର ଏଭଳି ଏକ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ ର ପ୍ରଶଂସା କରିବା ସହିତ ସ୍କାଉଟ ଓ ଗାଇଡ୍ ସଂଗଠନ ପ୍ରତ୍ୟେକ କ୍ଷେତ୍ରରେ ସର୍ବଦା ଉଲ୍ଲେଖନୀୟ କାର୍ଯ୍ୟ ସଂପାଦନ କରିଆସିଛି ବୋଲି କହିଥିଲେ । ରାଜ୍ୟ ସଂଗଠନ ଦ୍ୱାରା ଆୟୋଜିତ ଉକ୍ତ ଜାମ୍ବୋରେଟ୍ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ପାରସ୍ପରିକ ସ୍ନେହ ଓ ବନ୍ଧୁତା ସ୍ଥାପନ ପୂର୍ବକ ସମାଜରେ ଭାଇଚାରାର ଭାବ ଉଦ୍ରେକ କରିବା ପାଇଁ ପ୍ରେରଣାଦାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ଆକର୍ଷଣୀୟ ସଂହତି ନୃତ୍ୟ ଅତିଥିମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ।

## ଆନନ୍ଦପୁର ମହାବିଦ୍ୟାଳୟରେ ଜାତୀୟ ଗଣିତ ଦିବସ

**ଆନନ୍ଦପୁର,୨୩।୧୨ (ସଂଚାର ବ୍ୟୁରୋ):** ଆନନ୍ଦପୁର ମହାବିଦ୍ୟାଳୟର ରସାୟନ ବିଜ୍ଞାନ ସେମିନାର ରୁମ୍‌ରେ ଜାତୀୟ ଗଣିତ ଦିବସକୁ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀନିବାସ ରାମାନୁଜନଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ନିମାଇଁ ଚରଣ ରାଉତ, ଡକ୍ଟର ଶକ୍ତି ପ୍ରସାଦ ମହାପାତ୍ର, ଅଧାପିକା ଭାରତୀ ସାହୁ, ଅନିତା ଦାସ, ବିଶ୍ୱରଂଜନ ସାହୁ, ପ୍ରାଧାପକ ଦୁର୍ଗା ଶଙ୍କର ପରିଡ଼ା, ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରାମାନୁଜନଙ୍କ ଜୀବନୀ ଓ ତାଙ୍କର ଅବଦାନ ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ ତାଙ୍କର ଜନ୍ମ ଦିନକୁ ଜାତୀୟ ଗଣିତ ଦିବସ ପାଳନ କରିବାର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ଗଣିତ ବିଭାଗର ବିଭାଗୀୟ ମୁଖ୍ୟା ମିତାଶ୍ରୀ ବେହେରା ସଭା ସଂଯୋଜନା କରିଥିବା ବେଳେ ଅଧାପକ ରିମନ୍ ଆଚାର୍ଯ୍ୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ସକାଳ ୧୦ ଘଟିକାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗଣିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଶ୍ୱଜିତ୍ ରାଉତ,ରୀମନ୍ ଆଚାର୍ଯ୍ୟ, ମିତାଶ୍ରୀ ବେହେରା,ଡକ୍ଟର ଶକ୍ତି ପ୍ରସାଦ ମହାପାତ୍ର ପରୀକ୍ଷା ପରିଚାଳନା କରିଥିଲେ। ଯୁକ୍ତ ତିନ ଛାତ୍ର ସତ୍ୟବ୍ରତ ସାହୁ, ପ୍ରିତମ୍ ପ୍ରିୟଦର୍ଶୀ ମହାନ୍ତି, ରାମାନୁଜନଙ୍କ ଜୀବନୀ ଉପରେ ସେମିନାର ଟକ ପ୍ରଦାନ କରିଥିଲେ।

# ପୋତି ହୋଇଗଲାଣି ଦେବୀ ମୁହାଁଣ

ବିପଦରେ ହଜାର ହଜାର ମତ୍ସ୍ୟଜୀବୀ

ମୁହାଁଣ ଖନନ ପାଇଁ ୨ବର୍ଷ ପୂର୍ବେ ହୋଇଥିଲା ସର୍ବେକ୍ଷଣ

ପ୍ରଶାସନର ଉଦାସୀନତା



**କାକଟପୁର/ଅସ୍ତରଙ୍ଗ,୨୩।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟ ଦେବୀ ମୁହାଁଣ ଆଖପାଖ ଗ୍ରାମର ମତ୍ସ୍ୟଜୀବୀଙ୍କ ଜୀବିକା ଏବେ ବିପଦରେ। ଦେବୀ ମୁହାଁଣ ପୋତି ହୋଇଯିବା ଫଳରେ ସମୁଦ୍ର ଭିତରକୁ ଟ୍ରଲର ନେବା ଓ ଆଣିବା ସମ୍ଭବ ହେଉନାହିଁ। ଯାହାକି ସମସ୍ୟା ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ମତ୍ସ୍ୟଜୀବୀ। ଗତ କିଛି ବର୍ଷ ଭିତରେ ଦେବୀ ମୁହାଁଣ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ତଥା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ବସବାସ କରୁଥିବା ହଜାର ହଜାର ମତ୍ସ୍ୟଜୀବୀ ଏବେ ଚିନ୍ତାରେ। ଫଳରେ ପେଟପାଟଣା ପାଇଁ ବାଧ ହୋଇ ଲୋକେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଜୀବିକା ବଞ୍ଚାଇବା ପାଇଁ ତୁରନ୍ତ ମୁହାଁଣ ଖନନ କରିବାକୁ ମତ୍ସ୍ୟଜୀବୀମାନେ ଦାବୀ କରିଛନ୍ତି।

ଅନ୍ୟପଟେ, ଏହାର ପୁନଃଉଦ୍ଧାର ପାଇଁ କୋଟି କୋଟି ଟଙ୍କାର ଏକ ବଜେଟ ପ୍ରସ୍ତୁତ କରାଯାଇଛି। କିନ୍ତୁ ପ୍ରଶାସନ ସ୍ତରରେ ଖାମ ଖିଆଲ ମନୋଭାବ ସହ ସରକାରୀ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ମୁହାଁଣ ଖନନ କରାଯାଇନି। ଯାହାକି ପ୍ରଶସ୍ତ ହେବାରେ ଲାଗିଛି ଦେବୀ ନଦୀ ମୁହାଁଣ। ବଦଳୁଛି ନଦୀର ଗତିପଥ। ନଦୀ ଭିତରେ ଧସେଇ ପଶୁଛି ସମୁଦ୍ର ଜୁଆର। ନଦୀର ଜଳ ନିଷ୍କାସନ ପଥରେ ସୃଷ୍ଟି ହୋଇଛି ବାଲୁକା ସ୍ତୁପ। ଦେବୀ ମୁହାଁଣ ପୋତି ହୋଇଯିବା ଫଳରେ ଟ୍ରଲର, ଯନ୍ତ୍ର ଚାଳିତ ଟାପା ଓ ଡ଼ଙ୍ଗା ଗୁଡିକ ଯାତାୟାତ ବାଧା ପ୍ରାପ୍ତ ହେଉଛି। ଅନେକ ସମୟରେ ଟ୍ରଲର ଭାଙ୍ଗିବାର ମଧ ନଜିର ରହିଛି।

ଏ ନେଇ ରାଜ୍ୟ ପାରମ୍ପରିକ ମତ୍ସ୍ୟଜୀବୀ ସଙ୍ଘ ସଭାପତି ପ୍ରସନ୍ନ ବେହେରା କହିଛନ୍ତି ନୂଆଗଡ ମାଛଧରା ବନ୍ଦର ଓ ମୁହାଁଣ ପୁନଃଉଦ୍ଧାର ପାଇଁ ସରକାର ଦୀର୍ଘ ୨ବର୍ଷ ହେଲା ଅର୍ଥ ଘୋଷଣା କରିଥିଲେ ମଧ ଆଦ୍ୟାବିଧି ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଟେଣ୍ଡର ପ୍ରକ୍ରିୟା ହେଉଛି ବୋଲି କହି ସରକାରୀ ସ୍ତରର ଅଧିକାରୀମାନେ ବୁଝାଇ ଚାଲିଛନ୍ତି।

ସମୁଦ୍ରକୁ ଯିବା ପାଇଁ ରହିଥିବା ମୁହାଁଣ ପୋତି ହୋଇ ଯାଇଥିବାରୁ ମୁହାଁଣ ଗତିପଥରେ ସମୁଦ୍ରକୁ ଡ଼ଙ୍ଗା, ଯନ୍ତ୍ର ଚାଳିତ ଟାପା ଓ ଟ୍ରଲର ନେଲେ ବାଲି, ଘାସରେ ଲାଗି ଯାଉଛି। ଫଳରେ ମତ୍ସ୍ୟଜୀବୀମାନେ ନାନା ହଇରାଣ ହେଉଛନ୍ତି। ଏହି ମୁହାଁଣ ଉପରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ହଜାର ହଜାର ମତ୍ସ୍ୟଜୀବୀଙ୍କ ସମେତ ଶତାଧିକ ଟ୍ରଲର କର୍ମଚାରୀଙ୍କ ପରିବାର ନିର୍ଭର କରୁଛନ୍ତି।

## ଶିଶୁ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ




**ନୀଳଗିରି,୨୩।୧୨ (ସଂଚାର ବ୍ୟୁରୋ):** ଔପଦା ବ୍ଲକ ଅନ୍ତର୍ଗତ ସନ୍ତରାଗଡିଆ ସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରର ଅଷ୍ଟମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଦିବସରେ ସ୍ଥାନୀୟ ସନ୍ତରାଗଡିଆ ହସ୍ପିଟାଲରେ ଡକ୍ଟର କିଶୋର କୁମାର ପ୍ରଧାନ ବାର୍ଷିକ କ୍ରୀଡା ଉତ୍ସବ ଶିଶୁ ମାନଙ୍କ ର ଶାରୀରିକ ଦକ୍ଷତା ଖେଳ ମାଧମରେ ପ୍ରତିପାଦନ କରିବାର ଆବଶ୍ୟକତା ରହିଛି। ଦୁଇଦିନ ଧରି ଶିଶୁ ମାନଙ୍କର ଦୌଡ଼, ସଟଫୁଟ୍, ବାଇଗଣ ଖିଆ, ଏକ ଗୋଡିଆ ଦୌଡ଼, ରଙ୍ଗ ଚିହ୍ନଟ, ସନ୍ତୋଳନ ଖେଳ, ଗଣିତ ଖେଳ, ଝୋଟି ଆଦି ପ୍ରତିଯୋଗିତା ହୋଇଥିଲା। ବାର୍ଷିକ କ୍ରୀଡା ଉତ୍ସବର ଶେଷ ଦିନରେ ମାଆ ମାନଙ୍କର ଶିଶୁମାନଙ୍କୁ ଯୋତା ପିନ୍ଧା ଓ ମ୍ୟୁଜିକ ଚେୟାର ଖେଳ ପ୍ରତିଯୋଗିତା ହୋଇଥିଲା। ମୋଟ ତିନୋଟି ବିଭାଗ ଶିଶୁ କଳିକା,ଶିଶୁ ବର୍ଗ ଓ ବାଲ ବର୍ଗ ମଧରେ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁ ବିକାଶ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶଶିକାନ୍ତ ବେହେରାଙ୍କ ଅଧକ୍ଷତାରେ ଉଦଯାପନ ଦିବସରେ ବାବା ପଞ୍ଚଲିଙ୍ଗେଶ୍ୱର ମାଧମିକ ବିଦ୍ୟାଳୟ, ସନ୍ତରାଗଡିଆର ଅଧକ୍ଷ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ହୋଇ ଶିଶୁ ମାନଙ୍କୁ ପୁରସ୍କୃତ କରିଥିଲେ।

## ଅନୁସୂଚିତ ଜନଜାତି ଉପଦେଷ୍ଟା ପରିଷଦ ବୈଠକ

# ଜନଜାତି ଆମ ପ୍ରଗତିର ସହଭାଗୀ: ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଜନଜାତି ଉପଦେଷ୍ଟା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜନଜାତି ଉପଦେଷ୍ଟା ମଣ୍ଡଳୀର ୧୮ ଜଣ ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜନଜାତି କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରି କହିଥିଲେ ଯେ ଆମ ପାଇଁ ଜନଜାତି ସମ୍ପ୍ରଦାୟ କେବଳ ଯୋଜନାର ହିତାଧିକାରୀ ନୁହଁନ୍ତି, ସେମାନେ ଆମ ପ୍ରଗତିରେ ସହଭାଗୀ ମଧ୍ୟ। ଆଦିବାସୀମାନଙ୍କ ଜୀବନଜୀବିକା, ଅର୍ଥନୈତିକ ବିକାଶ ସହିତ ସେମାନଙ୍କ ଧାର୍ମିକ ଭାବନା ପ୍ରତି ମଧ୍ୟ ଆମକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ। ଆଦିବାସୀ ଗ୍ରାମର ପୂଜକଙ୍କ ପାଇଁ ଭତ୍ତା ବ୍ୟବସ୍ଥା କରିବା ଓ ସେମାନଙ୍କ ପୂଜାସ୍ଥଳୀ ଗୁଡିକର ବିକାଶ ଓ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ପରିଷଦକୁ ପ୍ରସ୍ତାବ ଦେଇଥିଲେ। ସେ କହିଥିଲେ ଯେ ଏ ବିଷୟରେ ଅନୁଧ୍ୟାନ ଓ ଆଲୋଚନା କରି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯିବ। ଆଜିର ବୈଠକରେ, ଆଦିବାସୀ ଅଞ୍ଚଳ ଗୁଡିକରେ ଇକୋ ଟୁରିଜିମ ତ୍ୱରାନ୍ୱିତ କରାଯିବା ଓ ଟ୍ରାଇବାଲ ହୋମ ଷ୍ଟେ ବୃଦ୍ଧି କରାଯିବା ପାଇଁ ସୁପାରିସ୍ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନୁସୂଚିତ ଜନଜାତି ତାଲିକାରେ ରେକର୍ଡ ଅଫ ରାଇଟ୍ସ ଉଭୟ ଓଡ଼ିଆ ଓ ଇଂରାଜୀରେ ଲେଖା ଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏଥିସହିତ ଜନଜାତି ସମ୍ପ୍ରଦାୟରେ ଅଧିକ ବର୍ଗଙ୍କୁ ଅନ୍ତର୍ଭୁକ୍ତି କରିବା ପାଇଁ ଅନୁସୂଚିତ ଜାତି ଜନଜାତି ରିସର୍ଚ୍ଚ ଓ ତାଲିମ ଅନୁଷ୍ଠାନକୁ ସଠିକ ଅନୁଧ୍ୟାନ କରି ପରବର୍ତ୍ତୀ ଉପଦେଷ୍ଟା ପରିଷଦକୁ ସୁପାରିଶ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟପାଳଙ୍କ ଅଫିସରୁ ଆସିଥିବା ପ୍ରସ୍ତାବଗୁଡିକୁ ମଧ୍ୟ ଅନୁଧ୍ୟାନ କରି ପରବର୍ତ୍ତୀ ବୈଠକରେ ଆଲୋଚନା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

● ଟ୍ରେନ ଶୌଚାଳୟ ନିକଟରେ ଯାତ୍ରା ମାମଲା

## ଖେଳାଳିଙ୍କୁ ଅଣଦେଖାର ତଦନ୍ତ ହେବ: ମନ୍ତ୍ରୀ



**ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ):** ଟ୍ରେନ୍‌ର ଶୌଚାଳୟ ପାଖରେ ବସି ଓଡ଼ିଶାର କୁସ୍ତି ଖେଳାଳି ଉତ୍ତରପ୍ରଦେଶ ଯିବା ପ୍ରସଙ୍ଗରେ ଆଜି ପ୍ରତିକ୍ରିୟା ରଖିଛନ୍ତି ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ଏହି ଘଟଣାର ସତ୍ୟାସତ୍ୟ ଜାଣିବା ସକାଶେ ସରକାର ଅନୁଧ୍ୟାନ କରିବେ। ତଦନ୍ତ ପରେ ହିଁ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଉତ୍ତରପ୍ରଦେଶରେ ହେବାକୁ ଥିବା ଜାତୀୟ ସ୍କୁଲ କୁସ୍ତି ଚାମ୍ପିଅନସିପରେ ଅଂଶଗ୍ରହଣ କରିବା ସକାଶେ ଓଡ଼ିଶାର ୧୬ ଜଣ ଯୁବ ଖେଳାଳି ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଟ୍ରେନ୍‌ର ଶୌଚାଳୟ ନିକଟରେ ବସି ଯାତ୍ରା କରିଥିବା ଜଣାପଡ଼ିଥିଲା। ଉକ୍ତ ଟିମ୍‌ରେ ୧୦ ଜଣ ପୁଅ ଓ ୮ ଜଣ ଝିଅ ଥିବା ବେଳେ ସେମାନଙ୍କ ଟିକେଟ କନଫର୍ମ ହୋଇ ପାରିନଥିବାରୁ ସେମାନଙ୍କୁ ପ୍ରବଳ ଥଣ୍ଡାରେ ଟ୍ରେନ୍‌ର ସାଧାରଣ କୋଚ୍‌ର ଶୌଚାଳୟ ପାଖରେ ଯାତ୍ରା କରିବାକୁ ପଡ଼ିଥିଲା। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ସ୍ତରୀୟ ପ୍ରତିଯୋଗିତାକୁ ପଠାଯାଇଥିଲା। ତେବେ ଏହି ସମ୍ପୂର୍ଣ୍ଣ ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ବିଭିନ୍ନ ମହଲରେ କଡ଼ା ନିନ୍ଦା କରାଯାଇଥିଲା।

## କେନ୍ଦ୍ର ମନ୍ତ୍ରୀଙ୍କ ଦ୍ୱାରା 'ବିବିସ୍ତା ୱାର୍ଲ୍ଡ ସ୍କୁଲ' ଉଦ୍‌ଘାଟିତ

# 'ଜ୍ଞାନ ଆଧାରିତ ଅର୍ଥନୀତି' ତିଆରି ପାଇଁ ଆହ୍ୱାନ



**ସମ୍ବଲପୁର,୨୩।୧୨(ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲାରେ ସାକ୍ଷରତାଠାରୁ ଉର୍ଦ୍ଧ୍ୱକୁ ଯାଇ 'ଜ୍ଞାନ ଆଧାରିତ ଅର୍ଥନୀତି' ତିଆରି କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି। ଆଜି ସ୍ଥାନୀୟ ଭାଲୁକୁନ୍ଦାଠାରେ ନବନିର୍ମିତ 'ବିବିସ୍ତା ୱାର୍ଲ୍ଡ ସ୍କୁଲ'କୁ ଉଦଘାଟନ କରିବା ଅବସରରେ କେନ୍ଦ୍ର ମନ୍ତ୍ରୀ ଏହା କହିବା ସହ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ପରିଚାଳନା କମିଟିକୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାର ପଶ୍ଚିମାଞ୍ଚଳର ଏହି ପ୍ରାଣକେନ୍ଦ୍ରରେ ଶିକ୍ଷାର ଏକ ନୂତନ ଅଧ୍ୟାୟ ଆରମ୍ଭ ହେବା ସମଗ୍ର ରାଜ୍ୟର ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସଦୃଶ ହେବ। ସମ୍ବଲପୁର ଜିଲ୍ଲାରେ ଆଇଆଇଏମ, ଭିମସାର ମେଡିକାଲ, ଭିସୁଟ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକ ଏହାର ବିଶେଷତ୍ୱ ବହନ କରୁଥିବା ବେଳେ ଏବେ 'ବିବିସ୍ତା ୱାର୍ଲ୍ଡ ସ୍କୁଲ' ଏହି ଗୌରବମୟ ଯାତ୍ରାରେ ସାମିଲ ହୋଇଛି। ବର୍ତ୍ତମାନ ସମୟରେ ଏଆଇ ଭଳି ଅତ୍ୟାଧୁନିକ ଟେକ୍ନୋଲୋଜି ନୂଆ ରୂପ ନେଉଥିବା ବେଳେ ଆମର ମୂଳ ଲକ୍ଷ୍ୟ ହେଉଛି ସାକ୍ଷରତାର ସୀମା ଅତିକ୍ରମ କରି ଏକ 'ଜ୍ଞାନ ଆଧାରିତ ଅର୍ଥନୀତି' ଗଠନ କରିବା, ଯେଉଁଥିରେ ଏହି ଅନୁଷ୍ଠାନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ସାରା ଦୁନିଆର ପ୍ରଗତିର ମୂଳମନ୍ତ୍ର ହେଉଛି ଭାଷା।

**ମାତୃଭାଷାକୁ ପ୍ରାଧାନ୍ୟ ଦେଇ ନୂତନ ପିଢ଼ିର ସର୍ବାଙ୍ଗୀନ ବିକାଶ ହେଉ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ 'ଜାତୀୟ ଶିକ୍ଷା ନୀତି-୨୦୨୦' ଅନୁଯାୟୀ ଭାରତୀୟତା ଓ ମାତୃଭାଷାକୁ ପ୍ରାଧାନ୍ୟ ଦେଇ ଆମର ନୂତନ ପିଢ଼ିର ସର୍ବାଙ୍ଗୀନ ବିକାଶ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ସମ୍ବଲପୁରକୁ ଶିକ୍ଷା ଓ ବୈଷୟିକ କ୍ଷେତ୍ରରେ ଷ୍ଟାନଫୋର୍ଡ ଓ ସିଲିକନ ଭ୍ୟାଲିଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ ଭାବେ ଗଢ଼ିତୋଳିବାର ଲକ୍ଷ୍ୟ ରହିଛି। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ମାତୃଭାଷାକୁ ଅଗ୍ରାଧିକାର ଦେବା ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ 'କ୍ରିଟିକାଲ ଥିଙ୍କିଂ'ର ବିକାଶ କରିବା ଏକାନ୍ତ ଆବଶ୍ୟକ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

# ସାମାଜିକ ସମାନତା ହିଁ ବିକଶିତ ଓଡ଼ିଶାର ମୂଳପିଣ୍ଡ: ଉପମୁଖ୍ୟମନ୍ତ୍ରୀ

● ଡାହାଣୀ ସନ୍ଦେହରେ ନିର୍ଯାତନା, ବାଲ୍ୟ ବିବାହ ନିଷେଧ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା
● ଯୋଗଦେଲେ ବିଡିଓ, ଡିଇଓ, ପ୍ରକଳ୍ପ ଅଧିକାରୀ, ଶିଶୁ ବିକାଶ ଯୋଜନା ଅଧିକାରୀ



**ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ):** ସାମାଜିକ ସମାନତା ହିଁ ବିକଶିତ ଓଡ଼ିଶାର ମୂଳପିଣ୍ଡ। ଉତ୍ତରପିଢ଼ିକୁ ଏକ କୁପ୍ରଥାବିହୀନ ସୁସ୍ଥ ସମାଜ ପ୍ରଦାନ କରିବା ପାଇଁ ଆମ ସରକାର ପ୍ରତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମତ ପ୍ରକାଶ କରିଛନ୍ତି। ଆଜି ସ୍ଥାନୀୟ ରାଜ୍ୟ ସମ୍ମେଳନ କକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଡାହାଣୀ ସନ୍ଦେହରେ ନିର୍ଯାତନା ଓ ବାଲ୍ୟ ବିବାହ ନିଷେଧ ସମ୍ପର୍କିତ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଜି ଓଡ଼ିଶାର ଗ୍ରାମୀଣ ଅର୍ଥନୀତି ମହିଳା କୈନ୍ଦ୍ରିକ, ଶିକ୍ଷା ଓ ସଚେତନତା ମାଧ୍ୟମରେ ହିଁ ଆମେ ରାଜ୍ୟରେ ଡାହାଣୀ ପ୍ରଥା ଓ ବାଲ୍ୟ ବିବାହ ବିରୋଧରେ ଲଢ଼ିପାରିବା ବୋଲି ମତ ବ୍ୟକ୍ତ କରିଛନ୍ତି। ରାଜ୍ୟର ଗାଁ ଗାଁ ଘରେ ଘରେ ବୁଲି ଅଧିକାରୀମାନେ ଏହିସବୁ ଅନ୍ଧବିଶ୍ୱାସ ବିରୋଧରେ ସଚେତନତା ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଛନ୍ତି। କେବଳ କର୍ତ୍ତବ୍ୟ ଭାବି ନୁହେଁ, ବରଂ ମାନବିକତା ଦୃଷ୍ଟିରେ ସମସ୍ତ ଅଧିକାରୀମାନଙ୍କୁ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି।

କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ଅତିରିକ୍ତ ସଚିବବୃନ୍ଦ ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୩୧୪ ବ୍ଲକ ଉନ୍ନୟନ ଅଧିକାରୀ, ୩୦ ଜିଲ୍ଲା ଶିକ୍ଷା ଅଧିକାରୀ, ପ୍ରକଳ୍ପ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଜିଲ୍ଲା ସଂଯୋଜକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଆଇନ ପ୍ରଣୟନ ସହ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ଯୋଜନା ଉପରେ ଆଲୋକପାତ କରିବା ସହ ସମସ୍ତଙ୍କ ସହଯୋଗରେ ଏହିଭଳି ଅସାମାଜିକ ପ୍ରଥା ସହ ଲଢ଼େଇ କରିପାରିବା ବୋଲି ସେ ମତ ବ୍ୟକ୍ତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଆଇନଜୀବୀ ଓ ସମାଜସେବୀ ମାନସୀ ପାଢ଼ୀ ପ୍ରଥମ ଭାଗରେ ଓ ସମାଜସେବୀ ବେଣୁଧର ସେନାପତି ଦ୍ୱିତୀୟ ଭାଗରେ ଓଡ଼ିଶା ଡାହାଣୀ ପ୍ରଥା ନିବାରଣ ଆଇନ-୨୦୧୩ ଓ ବାଲ୍ୟ ବିବାହ ନିଷେଧ ଆଇନ–୨୦୦୬ ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସ୍ୱାଗତ ଭାଷଣ ରଖିବା ସହ ବିଭାଗୀୟ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ଧନ୍ୟବାଦ ଦେଇଛନ୍ତି।

● ବିଧାୟକଙ୍କ ଦରମା ବୃଦ୍ଧି ମାମଲା

## ବିଚାର ପାଇଁ ଗ୍ରହଣ କଲେନି ହାଇକୋର୍ଟ

**କଟକ,୨୩।୧୨(ସଂଚାର ବ୍ୟୁରୋ):** ବିଧାୟକଙ୍କ ଦରମା ବୃଦ୍ଧି ପ୍ରତିବାଦରେ ହାଇକୋର୍ଟରେ ଆବେଦନ କରାଯାଇଥିଲେ ମଧ୍ୟ ଆଜି ଆବେଦନକାରୀଙ୍କୁ ନିରାଶ ହେବାକୁ ପଡ଼ିଛି। କାରଣ ହାଇକୋର୍ଟ ଏହି ମାମଲାଟିକୁ ବିଚାର ପାଇଁ ଗ୍ରହଣ କରିନାହାନ୍ତି। ଆକାଉଣ୍ଟାଣ୍ଟ୍ ଜେନେରାଲ୍ (ଏଜି) ପୀତାମ୍ବର ଆଚାର୍ଯ୍ୟ ଏହି ମାମଲାରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିବା ପରେ ହାଇକୋର୍ଟ ଏପରି ପଦକ୍ଷେପ ନେଇଛନ୍ତି। ହାଇକୋର୍ଟ ଏପରି ଆବେଦନକୁ ପ୍ରି-ମାଚ୍ୟୁର ବୋଲି କହିଛନ୍ତି। ସେହିପରି ବିଧାୟକଙ୍କ ଦରମା ବୃଦ୍ଧି ସକାଶେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ନଥିବା ଦର୍ଶାଇ ହାଇକୋର୍ଟ ଏହି ମାମଲାର ବିଚାର କରିବେ ନାହିଁ ବୋଲି ସ୍ପଷ୍ଟ ଭାବେ ମନା କରିଛନ୍ତି। କିନ୍ତୁ ବିଧିବଦ୍ଧ ବିଜ୍ଞପ୍ତି ପରେ ମାମଲା କରାଯାଇପାରିବ ବୋଲି ହାଇକୋର୍ଟ ଆବେଦନକାରୀଙ୍କୁ କହିଛନ୍ତି।

ଅଚାନକ ବିଧାୟକମାନଙ୍କ ଦରମାରେ ୩ ଗୁଣ ବୃଦ୍ଧି ଘଟିଥିବାରୁ ଏହା ବିରୋଧରେ ସମଗ୍ର ରାଜ୍ୟରେ ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରି ଆବେଦନକାରୀ ଦର୍ଶାଇଥିଲେ ଯେ ଓଡ଼ିଶା ବିଧାୟକମାନଙ୍କ ଦରମା ଅନ୍ୟ ସମସ୍ତ ରାଜ୍ୟର ବିଧାୟକମାନଙ୍କ ତୁଳନାରେ ଅଧିକ। ଓଡ଼ିଶା ଭଳି ଏକ ଗରିବ ରାଜ୍ୟରେ ଏଭଳି ଅଚାନକ ଦରମା ବୃଦ୍ଧି ନିଷ୍ପତ୍ତି ଯୋଗୁଁ ଅର୍ଥ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏଭଳି ଦରମା ବୃଦ୍ଧି ସମ୍ପୂର୍ଣ୍ଣ ବେଆଇନ ତଥା ଅସାମ୍ବିଧାନିକ। ନିଷ୍ପତ୍ତିକୁ ରଦ୍ଦ କରାଯାଇ ବିଧାୟକମାନଙ୍କ ଦରମା ବୃଦ୍ଧି ପାଇଁ ସ୍ୱାଧୀନ ବେତନ କମିସନ ଗଠନ କରିବା ସକାଶେ ନିର୍ଦ୍ଦେଶ ଦେବାକୁ ସମାଜସେବୀ ନାରାୟଣ ଚନ୍ଦ୍ର ଜେନା ହାଇକୋର୍ଟଙ୍କୁ ନିବେଦନ କରିଥିଲେ।

## ୩ରେ ୪୯ ଖଣି ନିଲାମ ପାଇଁ ବୈଠକ

● ଚୂଡ଼ାନ୍ତ ହେବ ବାର୍ଷିକ ନିଲାମ କ୍ୟାଲେଣ୍ଡର

**ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ):** ଖଣି ନିଲାମ ପାଇଁ ବୈଠକ ଆସନ୍ତା ୩ ତାରିଖରେ ସରକାର ବୈଠକ ଡାକିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟର ୪୯ଟି ଖଣି ନିଲାମ ପାଇଁ ବାର୍ଷିକ ନିଲାମ କ୍ୟାଲେଣ୍ଡର ଚୂଡ଼ାନ୍ତ କରିବା ସକାଶେ ନିଷ୍ପତ୍ତି ନିଆଯିବ। ପ୍ରସ୍ତାବିତ ଖଣି ବ୍ଲକ୍‌ମାନଙ୍କର ଉପଯୁକ୍ତତା, ଅନୁସନ୍ଧାନର ସ୍ଥିତି, ନିଲାମ ପାଇଁ ପ୍ରସ୍ତୁତି ଯାଞ୍ଚ ସହ ବୈଠକରେ ବାର୍ଷିକ ନିଲାମ କ୍ୟାଲେଣ୍ଡର ଚୂଡ଼ାନ୍ତ କରାଯିବ। ଓଡ଼ିଶାର ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶକଙ୍କ ପକ୍ଷରୁ ଡିଓଏମ୍‌ଜି, ଓଏମ୍‌ସି, ଜିଏସ୍‌ଆଇ ଓ ଏମ୍‌ଇସିଏଲ୍ ଦ୍ୱାରା ଅନୁସନ୍ଧାନ କରାଯାଇଥିବା ପ୍ରମୁଖ ଖଣି ବ୍ଲକ୍, କ୍ରିଟିକାଲ୍ ଓ ଷ୍ଟ୍ରାଟେଜିକ୍ ଖଣି ବ୍ଲକ୍‌ମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ଉକ୍ତ ବୈଠକରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ସମେତ ଓଏମ୍‌ସି ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶାର ଖଣି ନିର୍ଦ୍ଦେଶକ, ଡେପୁଟି ଡାଇରେକ୍ଟର ଜେନେରାଲ୍, ଜିଏସ୍‌ଟି, ଏମ୍‌ଇସିଏଲ୍‌ର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡାଇରେକ୍ଟର ଓ ଆଇବିଏମ୍‌ର ରିଜିଓନାଲ୍ କଣ୍ଟ୍ରୋଲର ଅଫ୍ ମାଇନ୍ସଙ୍କୁ ପୂର୍ଣ୍ଣାଙ୍ଗ ତଥ୍ୟ ସହ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବନ୍ଦେ ଭାରତ ଏକ୍ସପ୍ରେସ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା



**ଛତ୍ରପୁର,୨୩।୧୨(ସଂଚାର ବ୍ୟୁରୋ):** ବିଶାଖାପାଟଣାରୁ ଭୁବନେଶ୍ୱର ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକଙ୍କ ପରିଚୟ ଜଣା ପଡ଼ିନାହିଁ। ହେଲେ ରେଳ ଲାଇନ ଉପରେ ମୃତକଙ୍କ ବ୍ୟାଗ, ମୋବାଇଲ ଫୋନ ଥିବାରୁ ପୋଲିସ ପହଞ୍ଚିବା ପରେ ପରିଚୟ ମିଳିବ ବୋଲି କୁହାଯାଉଛି। ସୂଚନାନୁଯାୟୀ, ରାତ୍ର ୭ଟା ସମୟରେ ବନ୍ଦେ ଭାରତ ଏକ୍ସପ୍ରେସ ଛତ୍ରପୁର ବାଳକୃଷ୍ଣପୁର ଅତିକ୍ରମ କରୁଥିବା ବେଳେ ଟ୍ରେନ ଆଗକୁ ଆସି ଯୁବକ ଜଣକ ଡେଇଁ ପଡ଼ିଥିଲେ। ଘଟଣା ଘଟିବା ପରେ ଦୀର୍ଘ ୪୦ ମିନିଟ ଧରି ଛତ୍ରପୁର ବଡ଼ ଷ୍ଟେଶନ ନିକଟରେ ଏକ୍ସପ୍ରେସ ଅଟକି ରହିଥିଲା। ଯାହା ଫଳରେ ଦୀର୍ଘ ସମୟ ଧରି ରେଳ ଫାଟକ ପଡି ରହିଥିଲା। ଫାଟକ ବନ୍ଦ ରହିଥିବାରୁ ଦୁଇ ପାର୍ଶ୍ୱରେ ବହୁ ଗାଡି ଅଟକି ରହିଥିଲା। ୪୦ ମିନଟ ପରେ ଟ୍ରେନ ଛାଡିଥିଲା। ଅପରପକ୍ଷେ ଖବର ଲେଖା ଯିବା ସୁଦ୍ଧା ରେଳ ଧାରଣାରେ ମୃତଦେହ ପଡ଼ି ରହିଥିବା ଦେଖାଯାଇଛି।

## ପାରମ୍ପରିକ ଧାତୁଶିଳ୍ପର ପୁନରୁତ୍‌ଥାନ ପାଇଁ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର

# ସମୃଦ୍ଧ ହେବ କାରିଗରଙ୍କ ଜୀବନ-ଜୀବିକା: ମନ୍ତ୍ରୀ




**ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ):** କଂସା-ପିତଳ ଓ ଢୋକ୍ରା ହସ୍ତଶିଳ୍ପରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ହେବ। ହସ୍ତଶିଳ୍ପର କୁଶଳତା ସହ ବିଜ୍ଞାନ-ପ୍ରଯୁକ୍ତି ବିଦ୍ୟା ସଂଯୋଗ ହେଲେ ସାମଗ୍ରୀର ଗୁଣବତ୍ତା ବଢ଼ିବା ସହ କମ ଖର୍ଚ୍ଚରେ ଅଧିକ ଉତ୍ପାଦନ ହୋଇପାରିବ ବୋଲି ହସ୍ତଶିଳ୍ପ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି। ସ୍ଥାନୀୟ ସିଏସଆଇଆର-ଆଇଏମଏମଟିଠାରେ ଓଡ଼ିଶାର ପାରମ୍ପରିକ ଧାତୁଶିଳ୍ପର ପୁନରୁତ୍‌ଥାନ ପାଇଁ ଆୟୋଜିତ କର୍ମଶାଳା ଓ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରି ଶ୍ରୀ ବଳସାମନ୍ତ କହିଛନ୍ତି ଯେ କମ୍ ପ୍ରଦୂଷଣ, କମ ଖର୍ଚ୍ଚ, କମ ସମୟ, କମ ପରିଶ୍ରମରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କରି ଆମେ ଉତ୍କୃଷ୍ଟ ମାନର ସାମଗ୍ରୀ ଉତ୍ପାଦନ କରିପାରିବା। ଫଳରେ ଅଧିକ ପରିମାଣରେ କଂସା-ପିତଳ ଓ ଢୋକ୍ରା ହସ୍ତଶିଳ୍ପ ବିକ୍ରି ହେବ ଓ କାରିଗରଙ୍କ ଜୀବନଜୀବିକା ଆର୍ଥିକ ଭାବେ ଅଧିକ ସମୃଦ୍ଧ ହୋଇପାରିବ। ସେହିପରି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର କହିଛନ୍ତି ଯେ କାରିଗରଙ୍କ ପାରମ୍ପରିକ ଦକ୍ଷତା ସହ ବିଜ୍ଞାନର ସଂଯୋଗ ଘଟିଲେ ଅଧିକ ଉତ୍କୃଷ୍ଟ ସାମଗ୍ରୀ ଉତ୍ପାଦନ ହୋଇପାରିବ। ଭଲ ସାମଗ୍ରୀ ଗ୍ରାହକଙ୍କ ହୃଦୟ ଜିତି ପାରିବ ଓ ବ୍ୟବସାୟ ଭଲ ହେବ। ସେହିପରି ଆଇଆଇଏମଟିର ନିର୍ଦ୍ଦେଶକ ଡକ୍ଟର ରାମାନୁଜନ ନାରାୟଣ ପ୍ରଯୁକ୍ତିବିଦ୍ୟାର ସାହାଯ୍ୟ ନେଇ ଓଡିଶାର ସମୃଦ୍ଧ ହସ୍ତକଳାକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି। ହସ୍ତଶିଳ୍ପ ନିର୍ଦ୍ଦେଶିକା ଡକ୍ଟର ନିବେଦିତା ପୃଷ୍ଟି କହିଛନ୍ତି ଯେ ଏହି ଶିବିର ଧାତୁ ଶିଳ୍ପର ପୁରୁଣା ଗୌରବକୁ ପୁନରୁଥାନ କରିବା ସହ ନୂତନ ରୋଜଗାର ସୃଷ୍ଟି ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେବ। ଏଥିରେ ୧୩ ଜିଲ୍ଲାରୁ ୨୫୦ରୁ ଅଧିକ ହସ୍ତଶିଳ୍ପୀ ଯୋଗଦେଇଥିଲେ।

## ରାଜ୍ୟରେ ବଢୁଛି ନିଖୋଜ ଘଟଣା

# ୭ ବର୍ଷରେ ୨୫ ହଜାରରୁ ଊର୍ଦ୍ଧ୍ୱ, ସର୍ବାଧିକ ନାବାଳିକା



**ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ):** ରାଜ୍ୟରେ ବୃଦ୍ଧି ପାଉଛି ଶିଶୁ ନିଖୋଜ ସଂଖ୍ୟା। ଗତ ୭ ବର୍ଷରେ କେତେ ଶିଶୁ ନିଖୋଜ ହୋଇଛନ୍ତି ସେନେଇ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, ଗତ ୭ ବର୍ଷ ଭିତରେ ରାଜ୍ୟରେ ୨୫ ହଜାର ୪୩୮ ଜଣ ଶିଶୁ ନିଖୋଜ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ସର୍ବାଧିକ ନାବାଳିକା ଅଛନ୍ତି। ଶିଶୁକନ୍ୟାଙ୍କୁ ବିଭିନ୍ନ ସମୟରେ ମୁଖ୍ୟତଃ ପଡ଼ୋଶୀ ପଶ୍ଚିମବଙ୍ଗ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ସମେତ ମଧ୍ୟପ୍ରଦେଶ, କର୍ଣ୍ଣାଟକ ଚାଲାଣ କରାଯାଉଛି। ୨୦୨୩ ବର୍ଷରେ ୫ ହଜାର ୯୨୮ ଶିଶୁ ନିଖୋଜ ହୋଇଛନ୍ତି। ପୂର୍ବ ବର୍ଷଗୁଡ଼ିକୁ ହିସାବକୁ ନେଲେ ରାଜ୍ୟରେ ୭୨୭୨ ଜଣ ଶିଶୁଙ୍କ ପତ୍ତା ମିଳିପାରିନାହିଁ। ଏଥିରେ ସର୍ବାଧିକ ୬୪୯୭ ନାବାଳିକା ଅଛନ୍ତି। ୨୦୧୭ରୁ ୨୦୨୩ ବର୍ଷ ଭିତରେ ସର୍ବାଧିକ ଶିଶୁ କଟକ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର ଜିଲ୍ଲାରେ ନିଖୋଜ ହୋଇଛନ୍ତି। ଗତ ୨୦୨୨ରେ ୪ ହଜାର ୭୫୭ ନିଖୋଜ ହୋଇଛନ୍ତି। ୨୦୨୧ରେ ୪ ହଜାର ୧୩୩ ଶିଶୁ ନିଖୋଜ ହୋଇଥିଲେ। ୨୦୨୦ରେ ୨ ହଜାର ୮୯୯ ଜଣ ଶିଶୁ ନିଖୋଜ ହୋଇଥିବା ବେଳେ ୨୦୧୯ରେ ୩ ହଜାର ୧୫୧ ଜଣ ଶିଶୁ ନିଖୋଜ ଥିଲେ। ଆହୁରି ୨୦୧୮ରେ ୨ ହଜାର ୩୨୬ ଜଣ ଶିଶୁ ନିଖୋଜ ଥିବା ବେଳେ ୨୦୧୭ରେ ଏହି ସଂଖ୍ୟା ୨ ହଜାର ୨୪୪ ଥିଲା। ରାଜ୍ୟରେ ମାନବ ଚାଲାଣ ରୋକିବା ଉଦ୍ଦେଶ୍ୟରେ ଇଣ୍ଟିଗ୍ରେଟେଡ୍ ଆଣ୍ଟି-ହ୍ୟୁମାନ୍ ଟ୍ରାଫିକିଂ ୟୁନିଟ୍ ଖୋଲିଥିବା ବେଳେ କ୍ରାଇମବ୍ରାଞ୍ଚ ସମାନ୍ତରାଳ ଭାବେ ୨୦୧୫ରୁ ୨୦୧୯ ଭିତରେ ଅପରେସନ୍ ସ୍ମାଇଲ୍, ମୁସ୍କାନ ଓ ପରୀ ଯୋଜନା ଆରମ୍ଭ କରିଛି। କିନ୍ତୁ ଏହା ସତ୍ତ୍ୱେ ବି ଶିଶୁକନ୍ୟା ନିଖୋଜ ସଂଖ୍ୟା ନିୟନ୍ତ୍ରଣାଧୀନ ହୋଇପାରୁନାହିଁ।

**ଭାଇରାଲ୍ ହେଉଛି ଫଟୋ**

## ମହାପ୍ରଭୁଙ୍କୁ ପୁଣି ଅସମ୍ମାନ

**ପୁରୀ,୨୩।୧୨(ସଂଚାର ବ୍ୟୁରୋ):** ପୁଣି ଥରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କୁ ଅପମାନିତ କରାଯାଇଛି। ତିନି ଠାକୁରଙ୍କ ପଛପଟେ ଉପରେ ଏକ ଫଟୋ ଫ୍ରେମରେ ଜଣେ ବ୍ୟକ୍ତିଙ୍କ ପାଦ ଚିତ୍ରକୁ ରଖି ପୂଜା କରିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ବେଶ୍ ଦ୍ରୁତଗତିରେ ଭାଇରାଲ୍ ହୋଇଛି।
ଅଜୟ ଖତ୍ରୀ ନାମକ ଜଣେ ବ୍ୟକ୍ତି 'ହାର୍ଟ ପ୍ରପର' ନାମକ ଇନଷ୍ଟାଗ୍ରାମ ଆଇଡିରେ ଏଭଳି ଦୃଶ୍ୟକୁ ଅପଲୋଡ୍ କରିଛନ୍ତି। ଏପରି ଏକ ଅପମାନସୂଚକ ଫଟୋ ଦେଖି ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସେହିପରି କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ପ୍ରତି ଆଘାତ ଲାଗିଛି।

ଏହି ଭିଡିଓକୁ ପାଖାପାଖି ୮୫ ହଜାର ଲୋକ ଦେଖିସାରିଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଭିଡିଓଟି ଶ୍ରୀ ଖତ୍ରୀଙ୍କ ଆଇଡିରେ ସକ୍ରିୟ ରହିଛି। ତୁରନ୍ତ ଏପରି ଏକ ଅପମାନଜନକ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ପ୍ରଶାସନ ନିକଟରେ ଦାବି ହୋଇଛି।



## ସହରୀ ଲୋକଙ୍କୁ ଶସ୍ତାରେ ମିଳିବ ଘର




**ଭୁବନେଶ୍ୱର,୨୩।୧୨ (ସଂଚାର ବ୍ୟୁରୋ):** ଆବାସ ମଣିଷର ମୌଳିକ ଆବଶ୍ୟକତା ହେବା ସହ ଏହା ସମନ୍ୱିତ ସହର ବିକାଶର ମୁଖ୍ୟ ଆଧାର। ଦ୍ରୁତ ସହରୀକରଣ ପରିପ୍ରେକ୍ଷିରେ ସମସ୍ତଙ୍କ ପାଇଁ ଆବାସ ସୁନିଶ୍ଚିତ କରିବା କେନ୍ଦ୍ର ସରକାରଙ୍କ ମୁଖ୍ୟ ଏଜେଣ୍ଡା। କିନ୍ତୁ ସହରୀ ଜମିର ଅଭାବ, ବାସଗୃହ ଯୋଗାଣ ଓ ଆର୍ଥିକ ସମସ୍ୟା ରାଜ୍ୟମାନଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏହି ସମସ୍ୟା ଓଡିଶାରେ ମଧ୍ୟ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସହରାଞ୍ଚଳର ଲୋକମାନଙ୍କ ପାଇଁ ସୁରକ୍ଷିତ, ମର୍ଯ୍ୟାଦାପୂର୍ଣ୍ଣ ଓ ଶସ୍ତା ଘର ସୁନିଶ୍ଚିତ କରିବାକୁ ସୁଲଭ ହାଉସିଂ ଇନ୍ ପାର୍ଟନରଶିପ (ଏଏଚପି) ପ୍ରକଳ୍ପ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଆଜି ନୂଆଦିଲ୍ଲୀରେ ନୀତି ଆୟୋଗ ଦ୍ୱାରା ଆୟୋଜିତ ଶସ୍ତା ବାସଗୃହ ଆବଣ୍ଟନ ସମ୍ପର୍କିତ ଜାତୀୟ କର୍ମଶାଳାରେ ରାଜ୍ୟ ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଏବଂ ଓଡ଼ିଶା ଅର୍ବାନ ହାଉସିଂ ମିଶନ (ଓୟୁଏଚଏମ)ର ମିଶନ ନିର୍ଦ୍ଦେଶକ ଶୁଭାନନ୍ଦ ମହାପାତ୍ର ଅଂଶଗ୍ରହଣ କରି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। କର୍ମଶାଳାରେ ନୀତି ଆୟୋଗ ପକ୍ଷରୁ ଶସ୍ତା ବାସଗୃହ ଆବଣ୍ଟନକୁ ପ୍ରୋତ୍ସାହନ ଓ ସକ୍ଷମ କରିବା ପାଇଁ ସମଗ୍ର ଢାଞ୍ଚା ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ରାଜ୍ୟ, କେନ୍ଦ୍ର ସରକାର, ବିଶେଷଜ୍ଞ ଓ ଶିଳ୍ପ ପ୍ରତିନିଧିମାନଙ୍କ ସହ ବ୍ୟାପକ ଆଲୋଚନା ଓ ବିଚାରବିମର୍ଶ ହୋଇଥିଲା। ଏହି ଢାଞ୍ଚାରେ ଜମି ସକ୍ଷମତା ପାଇଁ ଜମି ସଂଗ୍ରହ ମଡେଲ, ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି, ପାରଦର୍ଶୀ ଜମି ବ୍ୟବସ୍ଥା ସହିତ ରାଜ୍ୟସ୍ତରୀୟ ସେଲ୍ଟର ଫଣ୍ଡ ଭଳି ନୂଆ ନୂଆ ଉପାୟ ସୁପାରିଶ କରାଯାଇଛି।

# ନବୀନଙ୍କୁ ଭେଟିଲେ ବାମ୍‌ସେଫ୍ ପ୍ରତିନିଧି ଦଳ

## ରାଷ୍ଟ୍ରୀୟ ସମ୍ମିଳନୀ ଭଣ୍ଡୁର ପାଇଁ ଷଡ଼ଯନ୍ତ୍ର ଅଭିଯୋଗ



**ଭୁବନେଶ୍ୱର,୨୩।୧୨(ସଂଚାର ବ୍ୟୁରୋ):** ଦେଶର ତଫସିଲଭୁକ୍ତ ଜାତି ଓ ଉପଜାତି, ଓବିସି, ସଂଖ୍ୟାଲଘୁ କର୍ମଚାରୀଙ୍କ ରାଷ୍ଟ୍ରୀୟ ସଂଗଠନ ବାମ୍‌ସେଫ୍‌ର ୪୨ତମ ରାଷ୍ଟ୍ରୀୟ ସମ୍ମିଳନୀ ଆସନ୍ତା ୨୬ ତାରିଖରେ କଟକରେ ଅନୁଷ୍ଠିତ ହେବ। ଏଥିପାଇଁ କଟକ ଡେପୁଟି କମିଶନରଙ୍କଠାରୁ ଗତ ନଭେମ୍ବର ୧ ତାରିଖରେ ଅନୁମତିପତ୍ର ମିଳିସାରିଛି। ଆନୁଷଙ୍ଗିକ ଗ୍ରାଉଣ୍ଡ ରେଣ୍ଟ ଓ ଅନ୍ୟାନ୍ୟ ଦେୟ ମଧ୍ୟ ଦାଖଲ କରାଯାଇସାରିଛି। ଏଥିସହ ପାଖାପାଖି ଲକ୍ଷେ ପ୍ରତିନିଧିଙ୍କ ଆଗମନକୁ ଆକଳନ କରି କଟକ ବାଲିଯାତ୍ରା ପଡ଼ିଆରେ ଟେଣ୍ଟ ଓ ଅନ୍ୟାନ୍ୟ ସରଞ୍ଜାମର ବ୍ୟବସ୍ଥା କରାଯାଇଛି। ଏ ବାବଦକୁ ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ସମସ୍ତ ପ୍ରକାର ପ୍ରସ୍ତୁତି ସରିଥିଲେ ମଧ୍ୟ ଏକ ଅସମୀଚୀନ କାରଣ ଦର୍ଶାଇ ଗତକାଲି ଡେପୁଟି କମିଶନର, କଟକ ଏକ ପତ୍ର ଜରିଆରେ ଅନୁମତିପତ୍ର ପ୍ରତ୍ୟାହାର କରିଛନ୍ତି। ଏହି ଚିଠି ଯୋଗୁଁ ସଂଗଠନର ସଦସ୍ୟମାନେ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି ଓ ତୁରନ୍ତ ଡେପୁଟି କମିଶନର୍ ଏହାକୁ ପ୍ରତ୍ୟାହାର କରିନେବା ସକାଶେ ଦାବି କରିବା ସହ ଏନେଇ ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହାପୂର୍ବରୁ ଓଡ଼ିଶା ସାମାଜିକ ନ୍ୟାୟ ମିଳିତ ମଞ୍ଚ ପକ୍ଷରୁ ଆଜି ଲୋହିଆ ଏକାଡେମୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ଗଣତାନ୍ତ୍ରିକ ଆମ୍ବେଦକରବାଦୀ ସଂଗଠନର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଓଡ଼ିଶା ସାମାଜିକ ନ୍ୟାୟ ମିଳିତ ମଞ୍ଚକୁ ସମର୍ଥନ ଜଣାଇଥିଲେ। ଏହାପରେ ସଂଗଠନର ଏକ ପ୍ରତିନିଧି ଦଳ ଶ୍ରୀ ପଟ୍ଟନାୟକଙ୍କୁ ଭେଟିଛନ୍ତି। ସେମାନେ ଶ୍ରୀ ପଟ୍ଟନାୟକଙ୍କୁ ରାଜ୍ୟ ଜନସଂଖ୍ୟାର ୯୪ ପ୍ରତିଶତଙ୍କ ସ୍ୱାର୍ଥ ରକ୍ଷା ଦିଗରେ ଉଦ୍ୟମ କରୁଥିବା ସଂଗଠନର ରାଷ୍ଟ୍ରୀୟ ସମ୍ମିଳନୀ ଭଣ୍ଡୁର କରିବା ସକାଶେ ଉଦ୍ୟମ ହେଉଥିବା ନେଇ ଅବଗତ କରାଇଥିଲେ। ଏହା ଶୁଣି ଶ୍ରୀ ପଟ୍ଟନାୟକ ଏ ସମ୍ପର୍କରେ ରାଜ୍ୟର ଶୀର୍ଷ ପ୍ରଶାସନ ଓ ଡିଜିପିଙ୍କ ସହ କଥା ହେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୫,୨୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୪,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୫,୨୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୪,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୫,୨୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୪,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୫,୪୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୪,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୬,୧୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୪,୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୫,୨୮୦ ଓ ୧,୨୪,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୧୯,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ସୀମିତରୁ ଅଧିକ ଜମା ରଖିଲେ ପଡ଼ିବ ଆୟକର ଛାଟ

ନୂଆଦିଲ୍ଲୀ, ୨୩।୧୨ଃ ଆମେ ମୁଖ୍ୟତଃ ଆମର ଜମାରାଶିକୁ ସେଭିଂସ୍ ଆକାଉଣ୍ଟରେ ରଖିଥାଉ। ହେଲେ ଏଥିରେ ବି ଗୋଟିଏ ସୀମା ଥାଏ। ଯଦି ଏହି ସୀମାରୁ ଅଧିକ ଟଙ୍କା ଆପଣଙ୍କ ଆକାଉଣ୍ଟରେ ଜମା କରାଯାଏ ତେବେ ଆପଣ ଇନ୍‌କମ୍ ଟ୍ୟାକ୍ସ ଡିପାର୍ଟମେଣ୍ଟ ନଜରକୁ ଆସିପାରନ୍ତି। ଏବିଷୟରେ ଅନେକ ଲୋକ ଅଜ୍ଞ ଥା'ନ୍ତି। ଆସନ୍ତୁ ଜାଣିବା ସେଭିଂସ୍ ଆକାଉଣ୍ଟକୁ ନେଇ ଥିବା ଆୟକର ବିଭାଗର ନିୟମ ସଂପର୍କରେ। ଫାଇନାନ୍‌ସିଆଲ୍ ଏକ୍ସପର୍ଟଙ୍କ ଅନୁସାରେ ଗୋଟିଏ ଆର୍ଥିକ ବର୍ଷରେ ଆପଣଙ୍କ ଜମାଖାତାରେ ମୋଟ୍ ୧୦ଲକ୍ଷ ଟଙ୍କାରୁ ଅଧିକ ହେବା ଉଚିତ ନୁହେଁ। ଯଦି ଏହାଠାରୁ ଅଧିକ ପରିମାଣରେ ଆପଣ ଟଙ୍କା ରଖନ୍ତି, ତେବେ ଆୟକର ବିଭାଗକୁ ଆପଣ କାରଣ ଜଣାଇବାକୁ ପଡ଼ିବ। ଆୟକର ଅଧିନିୟମର ଧାରା ୨୬୯ ଏସ୍‌ଟି ଅନୁସାରେ, ଜଣେ ଖାତାଧାରକ ଗୋଟିଏ ଦିନ ଭିତରେ ୨ଲକ୍ଷ ଟଙ୍କାର କାରବାର କରିପାରିବେ। ନଚେତ୍ ବ୍ୟାଙ୍କ୍‌କୁ କାରଣ ଜଣାଇବାକୁ ପଡ଼ିବ।

ନିୟମ ଅନୁସାରେ ଯଦି କୌଣସି ବ୍ୟକ୍ତି ଗୋଟିଏ ଦିନରେ ୫୦ ହଜାର ଟଙ୍କାରୁ ଅଧିକ ମୂଲ୍ୟର କାରବାର କରିଥାନ୍ତି ତେବେ ବ୍ୟାଙ୍କ୍‌କୁ ମଧ ଏହା ସଂପର୍କରେ କାରଣ ଦର୍ଶାଇବାକୁ ପଡ଼ିଥାଏ। ଏହାବାଦ୍ ପ୍ୟାନ୍‌କାର୍ଡର ବିବରଣୀ ଦେବାକୁ ହୋଇଥାଏ। ଯଦି ଜମାକାରୀଙ୍କ ପାଖରେ ପ୍ୟାନ୍ ବିବରଣୀ ନଥାଏ ତାହେଲେ ତାଙ୍କୁ ଫର୍ମ ୬୦ ବା ୬୧ ଜମା କରିବାକୁ ପଡ଼ିଥାଏ। ସେହିପରି ୧୦ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଟ୍ରାଞ୍ଜାକ୍‌ସନ୍‌କୁ ଉଚ୍ଚମୂଲ୍ୟର କାରବାର ଭାବେ ଗଣାଯାଏ। ଏପରି କାରବାର ବିଷୟରେ ଆୟକର ବିଭାଗକୁ ବ୍ୟାଙ୍କ୍ କାରଣ ଜଣାଇବାକୁ ପଡ଼ିଥାଏ। ଅନେକ ଥର ଆପଣ କୌଣସି କାରଣବଶତଃ ଏକ ବଡ଼ ରକମର କାରବାର କରିଦିଅନ୍ତି ଏବଂ ଏହି ବିଷୟରେ ଆୟକର ବିଭାଗକୁ ଜଣାନ୍ତିନାହିଁ। ଯାହାଦ୍ୱାରା ଆପଣଙ୍କ ପାଖକୁ ଆୟକର ବିଭାଗର ନୋଟିସ୍ ଆସି ପହଞ୍ଚିଯାଇଥାଏ। ତେବେ ଆପଣ କ'ଣ କରିବେ? ଯଦି ଆପଣଙ୍କ ପାଖକୁ ସେମିତି କିଛି ନୋଟିସ୍ ଆସୁଛି ତେବେ ତାହାର ଜବାବ ରଖନ୍ତୁ। ନୋଟିସ୍‌ର ଜବାବ ଦେବାସହ ଏହାସହିତ ଜଡ଼ିତ ଡକ୍ୟୁମେଣ୍ଟର ସୂଚନା ଦେବା ଜରୁରି। ଏଥିରେ ଷ୍ଟେଟ୍‌ମେଣ୍ଟ, ଜମାରାଶିର ରେକର୍ଡ କିମ୍ବା ଆସେଟ୍ ଆଦିର ଡକ୍ୟୁମେଣ୍ଟ ଦେବାକୁ ପଡ଼ିବ। ଯଦି ଏହାକୁ ନେଇ ଆପଣ କୌଣସି କଥା ଜାଣିପାରୁନାହାନ୍ତି ତେବେ ଆପଣ ଏସବୁ ସଂକ୍ରାନ୍ତରେ ଅର୍ଥନୈତିକ ପରାମର୍ଶଦାତାଙ୍କ ସହଯୋଗ ନେଇପାରିବେ।




# ନିଜର ଅନ୍ତର୍ଜାତୀୟ ଏୟାରଲାଇନ୍ସକୁ ବିକ୍ରି କରିବ ପାକିସ୍ତାନ

ନୂଆଦିଲ୍ଲୀ, ୨୩।୧୨ଃ ବ୍ଲୁମବର୍ଗର ରିପୋର୍ଟ ଅନୁସାରେ , ପାକିସ୍ତାନକୁ ମଙ୍ଗଳବାର ନିଜର ରାଷ୍ଟ୍ରୀୟ ଏୟାରଲାଇନ୍, ପାକିସ୍ତାନ ଇଣ୍ଟରନ୍ୟାସନାଲ ଏୟାରଲାଇନ୍ସ (ପିଆଇଏ) ର ବିକ୍ରି ପାଇଁ ତିନୋଟି ନିଲାମୀ ପ୍ରାପ୍ତ ହୋଇଛି। ରିପୋର୍ଟ ଅନୁସାରେ, ସରକାରଙ୍କୁ ବ୍ୟବସାୟୀ ମହମ୍ମଦ ଅଲୀ ତବବା ଓ ଆରିଫ୍ ହବିବଙ୍କ ନେତୃତ୍ୱରେ ଥିବା ଦୁଇଟି ସ୍ଥାନୀୟ ବ୍ୟାପାର ଗ୍ରୁପ୍‌ରୁ ସିଲ ବନ୍ଦ ନିଲାମ ଡକାର ମିଳିଛି ଏବଂ ଏକ ଡକରା ସ୍ଥାନୀୟ ଏୟାରଲାଇନ୍ ଏୟାରବ୍ଲୁରୁ ଏୟାରଲାଇନ୍‌ରେ ୭୫ ପ୍ରତିଶତ ଅଂଶୀଦାରଙ୍କ ପାଇଁ ପ୍ରାପ୍ତ ହୋଇଛି। ସରକାରଙ୍କ ଦ୍ୱାରା ସର୍ବନିମ୍ନ ମୂଲ୍ୟର ଘୋଷଣା କରିବା ଓ ଆଜିକା ପରେ ନିଲାମୀ ଖୋଲିବାର ସମ୍ଭାବନା ରହିଛି।

**ପିଆଇଏକୁ କିଣିବାକୁ ନିଲାମ ଦୌଡ଼ରେ ୩ କମ୍ପାନୀ**

ରିପୋର୍ଟ ଅନୁସାରେ, ସରକାର ଗତ ବର୍ଷ ପିଆଇଏକୁ ବିକ୍ରି କରିବାକୁ ଚେଷ୍ଟା କରିଥିଲେ ,କିନ୍ତୁ ତାକୁ କେବଳ ଗୋଟିଏ ହିଁ ନିଲାମୀ (ବିଡ୍) ମିଳିଥିଲା, ଯାହା ପାଖାପାଖି ୩୦୦ ମିଲିୟନ ଡଲାରର ସର୍ବନିମ୍ନ ଦାମ୍ ଠାରୁ ଖୁବ୍ କମ୍ ଥିଲା । ହେଲେ ଏହିଥର ଅଧିକ କ୍ରୟରେ ରୁଚି ଦେଖାଇଛି। ନିବେଶକଙ୍କୁ ଆକର୍ଷିତ କରିବା ପାଇଁ , ପାକିସ୍ତାନ ସରକାର ପିଆଇଏର ଋଣ ହ୍ରାସ କରିଛନ୍ତି , ନୂଆ ବିମାନ ଗୁଡ଼ିକର କ୍ରୟ ଉପରେ ବିକ୍ରି ଟାକ୍ସ ହଟେଇ ଦେଇଛନ୍ତି ଏବଂ କିଛି ଟାକ୍ସ ଓ ଆଇନଗତ ମାମଲାରେ ସୁରକ୍ଷା ପ୍ରଦାନ କରିଛନ୍ତି। ସରକାର ଏହା ମଧ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଟାକ୍ସ ଛାଡ଼ ୧୫ ବର୍ଷ ଯାଏ ଲାଗୁ ରହିବ। ବିକ୍ରିରୁ ପ୍ରାପ୍ତ ଧନରାଶି ପାଖାପାଖି ୯୨ ପ୍ରତିଶତ ଏୟାରଲାଇନରେ ପୁନର୍ନିବେଶ କରାଯିବ। ପାକିସ୍ତାନ ପିଆଇଏକୁ ବିକ୍ରି କରୁଛି , କାରଣ ଏହି ଏୟାରଲାଇନ୍ ଅନେକ ବର୍ଷରୁ କ୍ଷତିରେ ଚାଲିଛି ଏବଂ ଅନେକ ଦିନ ଯାଏ ସରକାରୀ ସହାୟତା ଉପରେ ନିର୍ଭରଶୀଳ ରହିଛି। ଖରାପ ପରିଚାଳନା , ମାତ୍ର ୧୮ଟି ବିମାନର ପୁରୁଣା ଫ୍ଲିଟ୍, ପ୍ରବଳ କ୍ଷତି ଓ ରାଜନୀତିକ ହସ୍ତକ୍ଷେପ କାରଣରୁ ପିଆଇଏକୁ ଖୁବ୍ ସଂଘର୍ଷକରିବାକୁ ପଡ଼ିଛି। ଏୟାରଲାଇନର ଫ୍ଲିଟ୍ ଆକାରର ତୁଳନାରେ ଏହାର କର୍ମଚାରୀଙ୍କ ସଂଖ୍ୟା ମଧ ଖୁବ୍ ଅଧିକ ରହିଛି। ଏହି ବିକ୍ରି କ୍ଷତିରେ ଚାଲୁଥିବା ସରକାରୀ ଉଦ୍ୟୋଗର ଘରୋଇକରଣର ବ୍ୟାପକ ଯୋଜନାର ଏକ ଅଂଶ।

ବ୍ଲୁମବର୍ଗର ରିପୋର୍ଟ ଅନୁସାରେ, ଏୟାରଲାଇନ୍‌କୁ ବିକ୍ରି କରିବାରେ ଏହାର ପୁନର୍ଗଠନରେ ସାହାଯ୍ୟ ମିଳିବ , କାରଣ ପିଆଇଏକୁ ପରିଚାଳନା ଜାରି ରଖିବା ପାଇଁ ତୁରନ୍ତ ନୂଆ ଫଣ୍ଡର ଆବଶ୍ୟକତା ରହିଛି। ଆଗାମୀ ଦୁଇ ବର୍ଷରେ , ଏୟାରଲାଇନକୁ ପାଖାପାଖି ୮୦ ବିଲିୟନ ଟଙ୍କାର ନଗଦ ଆୟର ସାମ୍ନା କରିବାକୁ ପଡ଼ିପାରେ। ଏହି ବିକ୍ରିରେ ପିଆଇଏରେ ନୂଆ ପୁଞ୍ଜି ଆସିବା ଓ ପାକିସ୍ତାନର ଆଭିଏସନ ସେକ୍ଟରକୁ ମଜବୁତ କରିବାର ଆଶା ରହିଛି। ନୂଆ ମାଲିକ ବିମାନ ,ସର୍ଭିସ ଓ ପରିଚାଳନା ସୁଧାରିବାରେ ନିବେଶ କରି ପାରିବେ।




# ହାଇଜାକ୍ ହେଉଛି ହ୍ୱାଟ୍ସଆପ୍

ନୂଆଦିଲ୍ଲୀ, ୨୩।୧୨ଃ ଏକ ସରକାରୀ ସଂସ୍ଥା ହ୍ୱାଟ୍ସଆପ୍ ୟୁଜର୍ସଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଚେତାବନୀ ଜାରି କରିଛି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସଂସ୍ଥା ଇଣ୍ଡିଆନ୍ କମ୍ପ୍ୟୁଟର ଏମରଜେନ୍ସି ରେସପନ୍ସ ଟିମ୍ ଏକ ନୂତନ ବିପଦ ବିଷୟରେ ରିପୋର୍ଟ କରିଛି ଏବଂ ୟୁଜର୍ସଙ୍କୁ ସତର୍କ ରହିବାକୁ ଅନୁରୋଧ କରିଛି। ଏହା ଘୋଷ୍ଟପେୟାରିଂର ହାଇ ରିସ୍କ ସମସ୍ୟା ସହିତ ଜଡ଼ିତ, ଯେଉଁଥିରେ ହ୍ୟାକର୍ସଙ୍କ ଏକ ହ୍ୟାକର୍ସ ଟିମ୍ ଚତୁରତାର ସହ ଆକାଉଣ୍ଟକୁ ଦଖଲ କରିପାରନ୍ତି। ଚେତାବନୀରେ କୁହାଯାଇଛି ଯେ, ହ୍ୟାକର୍ସ ହ୍ୟାଟ୍ସଆପ୍‌ର ଡିଭାଇସ୍-ଲିଙ୍କିଂ ବୈଶିଷ୍ଟ୍ୟର ଅପବ୍ୟବହାର କରୁଛନ୍ତି। ସେମାନେ ବିନା କୌଣସି ଅଥେଣ୍ଟିକେସନ ପେୟାରିଂ କୋଡ୍ ବ୍ୟବହାର କରି ଆକାଉଣ୍ଟଗୁଡ଼ିକୁ ହାଇଜାକ୍ କରିପାରିବେ। ଏହା ଏତେ ବିପଦପୂର୍ଣ୍ଣ ଯେ, ହ୍ୟାକର୍ସମାନେ ରିଅଲ୍-ଟାଇମ୍ ଚାଟ୍ ପଢ଼ିପାରିବେ ଏବଂ ଗୁପ୍ତ କଥା ଲିକ୍ କରିପାରିବେ। ଏହି ହ୍ୱାଟ୍ସଆପ୍ ହ୍ୟାକିଂ ହେବାର ପ୍ରାରମ୍ଭରେ ଏକ ସରଳ ମେସେଜ୍ ସହିତ ଆରମ୍ଭ ହୁଏ। ପ୍ରଥମେ ଜଣେ ପରିଚିତ ବ୍ୟକ୍ତିଙ୍କ ନମ୍ବରରୁ ମେସେଜ୍ ଆସେ ଯେ, "ହାଏ, ଏହି ଫଟୋଟି ଦେଖନ୍ତୁ।" ଏହି ମେସେଜରେ ଫେସବୁକ୍ ପରି ପ୍ରିଭ୍ୟୁ ସହିତ ଏକ ଲିଙ୍କ୍ ଥାଏ। ଯେତେବେଳେ ୟୁଜର୍ସ ପ୍ରିଭ୍ୟୁ ଦେଖିବାକୁ କ୍ଲିକ୍ କରନ୍ତି, ଏହା ପରେ ଏକ ଫୋନ୍ ନମ୍ବର ମାଗେ ଏବଂ ଯାଞ୍ଚ ପାଇଁ ଅନୁରୋଧ କରେ। ଚେତାବନୀରେ କୁହାଯାଇଛି ଯେ, ସାଇବର ହ୍ୟାକର୍ସମାନେ ଏହି ଉପାୟରେ ୟୁଜର୍ସଙ୍କ ହ୍ୱାଟ୍ସଆପ୍ ଆକାଉଣ୍ଟକୁ ହାଇଜାକ୍ କରନ୍ତି। ଯଦି କୌଣସି ପରିଚିତ ବ୍ୟକ୍ତି ଏପରି ମେସେଜ୍ ପଠାନ୍ତି ଏବଂ ଆପଣଙ୍କୁ ଆପଣଙ୍କ ମୋବାଇଲ ନମ୍ବର ଦେବାକୁ କୁହନ୍ତି, ତେବେ ଆପଣଙ୍କୁ ସତର୍କ ରହିବାକୁ ପଡ଼ିବ। ଏପରି କୌଣସି ଲିଙ୍କରେ ଆପଣଙ୍କର ମୋବାଇଲ ନମ୍ବର ଯାଞ୍ଚ କରନ୍ତୁ ନାହିଁ, କାରଣ ଏହା ପରେ ଆପଣଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ ହେବାର ସମ୍ଭାବନା ଥାଏ। ହ୍ୱାଟ୍ସଆପ୍ର ସେଟିଂସ୍ ମଧ୍ୟରେ, ଲିଙ୍କ୍ଡ ଡିଭାଇସ୍ସ ନାମକ ଏକ ଫିଚର ଅଛି, ଯାହା ଦ୍ୱାରା ଆପଣଙ୍କ ହ୍ୱାଟ୍ସଆପ୍ ଆକାଉଣ୍ଟ କେଉଁଠାରେ ଲଗ୍ ଇନ୍ ହୋଇଛି ତାହା ଯାଞ୍ଚ କରିପାରିବେ। ଯଦି ଆପଣ କୌଣସି ଅଜଣା ସ୍ଥାନରେ ଲଗ୍ ଇନ୍ କରିଛନ୍ତି, ତେବେ ଶୀଘ୍ର ଲଗ୍ ଆଉଟ୍ ମଧ କରିପାରିବେ। ଏହି ସେବା ଆଣ୍ଡ୍ରଏଡ୍ ଏବଂ ଆଇଫୋନ୍ ଉଭୟରେ ଉପଲବ୍ଧ।




**ସରକାରଙ୍କ ବଡ଼ ଚେତାବନୀ**

# ସୋସିଆଲ ମିଡିଆ ଆକାଉଣ୍ଟ ଆକସେସ୍ କରିବ ଆୟକର ବିଭାଗ

ନୂଆଦିଲ୍ଲୀ, ୨୩/୧୨ଃ ବ୍ୟାଙ୍କ୍ ଏବଂ ସୋସିଆଲ ଆକାଉଣ୍ଟ ମିଡିଆ ଆକାଉଣ୍ଟକୁ ଆକସେସ୍ କରିପାରିବେ କି ଆୟକର ଅଧିକାରୀ। ସୋସିଆଲ ସାଇଟରୁ ତଥ୍ୟ ନେଇ ପକାଇବେ କି ଫାଇନ୍। କିଛି ଏପରି ଚର୍ଚ୍ଚା ଏବେ ଜୋର୍ ଧରିଛି। ଆୟକର ଅଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ବ୍ୟାଙ୍କ୍ ଏବଂ ସୋସିଆଲ ଆଇଡି ଆକସେସ କରିବା ପାଇଁ ଅଧିକାର ମିଳିଥିବା ଖବର ଆସୁଛି। ତେବେ ଏସମସ୍ତ ଖବର ଉପରେ ସ୍ପଷ୍ଟିକରଣ ଦେଇଛି ପିଆଇବି ବା ପ୍ରେସ୍ ଇନଫରମେସନ୍ ବ୍ୟୁରୋ। ପିଆଇବି କହିଛି ଯେ, ଏପରି ଖବର ମିଛ। ଆଇଟି ଆକ୍ଟ ୨୦୨୫ ଅନୁସାରେ ଯେଉଁମାନେ ସଠିକ ଭାବେ ଟିକସ ପଇଠ କରୁଛନ୍ତି ସେମାନଙ୍କୁ କୌଣସି ଅସୁବିଧା ହେବ ନାହିଁ। ଯେଉଁମାନେ ଲଗାତର ଭାବେ ଟିକସ ଫାଙ୍କିଥାନ୍ତି ସେମାନଙ୍କ ବିରୋଧରେ ସର୍ଚ୍ଚ ଏବଂ ସର୍ଭେ ଅପରେସନ ଆଧାରରେ ତଦନ୍ତ ହୋଇଥାଏ। ଟିକସ ଫାଙ୍କିବା ନେଇ ପ୍ରମାଣ ମିଳିଲା ପରେ ହିଁ ବିଭାଗ କାର୍ଯ୍ୟାନୁଷ୍ଠାନ ନେଇପାରିବ। ଅନ୍ୟ ମାମଲାରେ ବିଭାଗ ପାଖରେ ବ୍ୟକ୍ତିଗତ ତଥ୍ୟ ହାସଲ କରିବା ପାଇଁ କ୍ଷମତା ନାହିଁ। ପିଆଇବି ଆହୁରି ମଧ କହିଛି ଯେ, ସାଧାରଣ ତଦନ୍ତରେ ଆୟକର ବିଭାଗ ପାଖରେ ଆକାଉଣ୍ଟ ଆକସେସ କିମ୍ବା ଡାଟା ପ୍ରୋସେସିଂର କ୍ଷମତା ନାହିଁ। ଆଇନ ମାନୁଥିବା ଟିକସ ଦାଖଲକାରୀ ଏଥିରେ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। କଳା ଧନ ଏବଂ ମୋଟା ଅଙ୍କର ଟିକସ ଫାଙ୍କିବା ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ୧୯୬୧ ଆକ୍ଟ ଅନୁସାରେ ସୋସିଆଲ ମିଡିଆର ଆକସେସ୍ ପାଇଁ ପ୍ରାବଧାନ ରହିଥିଲା। ୨୦୨୬ ଏପ୍ରିଲ ୧ରୁ ୧୯୬୧ ଆଇଟି ଆକ୍ଟ ନିୟମ ବଦଳିଯିବ। ଏହା ବଦଳରେ ଆଇଟି ଆକ୍ଟ ୨୦୨୫ ନିୟମ କାର୍ଯ୍ୟକାରୀ ହେବ। ନୂଆ ଆଇନକୁ ସରଳ କରାଯାଇଛି। ପୁରୁଣା ଆଇନରେ ଆଇଟି ଅଧିକାରୀ ସମ୍ପତ୍ତିରେ ପ୍ରବେଶ କରି କାଗଜପତ୍ର ସିଜ୍ କରିପାରୁଥିଲେ। ଏହାସହ ଡିଜିଟାଲ ତଥ୍ୟର ଆକସେସ୍ କରିପାରିବା ନେଇ ନିୟମ ରହିଥିଲା। ନୂଆ ଆଇନର ସେକ୍ସନ ୨୪୭ରେ କଳାଧନ ରୋକିବାକୁ ଅଧିକାରୀ ଟିକସ ଫାଙ୍କିଥିବା ଅଭିଯୁକ୍ତଙ୍କ ଆଇଡି ଆକସେସ୍ କରପାରିବେ।



# ଶିଳ୍ପ ସୁରକ୍ଷା ଓ ଶୂନ୍ୟ ଦୁର୍ଘଟଣା ପାଇଁ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



**ଯାଜପୁର,୨୩।୧୨ (ସଂଚାର ବ୍ୟୁରୋ):** ଶିଳ୍ପ କାରଖାନାରେ କର୍ମଚାରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ଦୁର୍ଘଟଣା ରୋକିବା ପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ଶ୍ରମ ବିଭାଗ ଓ ଜିନ୍ଦଲ ଷ୍ଟେନଲେସର ମିଳିତ ସହଯୋଗରେ ଏକ ଜିଲ୍ଲା ସ୍ତରୀୟ ସଚେତନତା ତଥା ଦକ୍ଷତା ବିକାଶ କାର୍ଯ୍ୟକ୍ରମ "ସୁରକ୍ଷା-୨୦୨୫" ଆୟୋଜିତ ହୋଇଛି। ସ୍ଥାନୀୟ ଜିନ୍ଦଲ ଷ୍ଟେନଲେସ ଲିମିଟେଡ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସପନ କୁମାର ନନ୍ଦ, ଯାଜପୁର ଯୁଗ୍ମ ଶ୍ରମ କମିଶନର ଶ୍ରୀ ଶିବ ଶଙ୍କର ମିଶ୍ର, ଡିଭିଜନାଲ ଶ୍ରମ କମିଶନର ଶ୍ରୀ ସତ୍ୟନାରାୟଣ ଆଚାର୍ଯ୍ୟ, ଆଇଜିଏଫପି ନିର୍ଦ୍ଦେଶକ ଶ୍ରୀ ବିକେ ସାହୁ, ଜେଏସଏଲର ୟୁନିଟ୍ ମୁଖ୍ୟ ଶ୍ରୀ ଦୀପକ ଅଗ୍ରୱାଲ, ଜେଏସଏଲର ବିଜନେସ ମୁଖ୍ୟ ଶ୍ରୀ ଅବନୀନ୍ଦ୍ର କୁମାର ସିଂ ଯୋଗ ଦେଇଥିଲେ। ଡିଭିଜନାଲ ଶ୍ରମ କମିଶନର ଶ୍ରୀ ଆଚାର୍ଯ୍ୟ ସ୍ୱାଗତ ବକ୍ତବ୍ୟ ଦେବା ସହ କର୍ମକ୍ଷେତ୍ରରେ ସୁରକ୍ଷା ଏବଂ ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଏହା ପରେ ସୁରକ୍ଷା ସମ୍ବନ୍ଧୀୟ ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା, ଯେଉଁଥିରେ ସେବାନିବୃତ୍ତ ଅଗ୍ନିଶମ ଅଧିକାରୀ, ସ୍ପର୍ଶ ହସ୍ପିଟାଲର ଡାକ୍ତର ରଞ୍ଜନ ସାହୁ, ଏନଏଲୟୁ ଦିଲ୍ଲୀର ଡ. ମାନ୍ ଏବଂ ପୂର୍ବତନ ଇଏସଆଇସି କମିଶନର ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ନିଯୋଜନ ଅଧିକାରୀ, ଜିଲ୍ଲା ଶ୍ରମ ବିଭାଗର ଅଧିକାରୀଗଣ ତଥା ବିଭିନ୍ନ କମ୍ପାନୀ ଓ ପ୍ଲାଣ୍ଟର ସେଫ୍ଟି ମୁଖ୍ୟ ତଥା ମାନବ ସମ୍ବଳ ଅଧିକାରୀଗଣ ଉପସ୍ଥିତ ଥିଲେ। ଡିଭିଜନାଲ ଶ୍ରମ କମିଶନର ସତ୍ୟନାରାୟଣ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅନଲାଇନ ସୁରକ୍ଷା ସମ୍ପର୍କିତ କର୍ମଶାଳା

# ଅଜଣା ବ୍ୟକ୍ତିଙ୍କ ସହ ମୋବାଇଲରେ ବନ୍ଧୁତା ଉଚିତ ନୁହେଁ




**କାକଟପୁର/ଅସ୍ତରଙ୍ଗ,୨୩।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ "ବେଟି ବଞ୍ଚାଓ, ବେଟି ପଢ଼ାଓ "ଯୋଜନା ମୁତାବକ "ଅନଲାଇନ ସୁରକ୍ଷା ଓ ସାଇବର ବୁଲିଙ୍ଗ "ଶୀର୍ଷକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ଲୋଚନା ସେଠୀ ଙ୍କ ପୌରହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ବ୍ଲକ ଅଧକ୍ଷା ଶ୍ରୀମତୀ ଆରତୀ ନାଏକ ଯୋଗଦେଇ ଅନଲାଇନ ସୁରକ୍ଷା ଓ ସାଇବର ବୁଲିଙ୍ଗ ସମ୍ବନ୍ଧରେ ଆଲୋକପାତ କରିଥିଲେ। ନିଜ ମୋବାଇଲରେ ବ୍ୟବହାର ଓ ନିଜ୍ବସ ବ୍ୟକ୍ତିଗତ ତଥ୍ୟ ରଖନ୍ତୁ ନାହିଁ ଏବଂ ଅଜଣା ଅପରିଚିତ ଲୋକଙ୍କ ସହ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ବନ୍ଧୁତ୍ୱ ରଖନ୍ତୁ ନାହିଁ ବୋଲି ସତର୍କ କରିଥିଲେ। ମୁଖ୍ୟ ବକ୍ତା ଅସ୍ତରଙ୍ଗ ଥାନାର ଉପନିରୀକ୍ଷକ ଅନିରୁଦ୍ଧ ଜାଲ୍ଲୀ ମୋବାଇଲ ବ୍ୟବହାର ସମ୍ପର୍କରେ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଏହା ସହ ସାଇବର ଅପରାଧ ଉପରେ ଆଲୋକପାତ କରିଥିଲେ। ଡିଜିଟାଲ ଯୁଗରେ ସାଇବର ଅପରାଧୀ ମାନେ କିଭଳି ଡିଜିଟାଲ ଆରେଷ୍ଟ କରୁଛନ୍ତି ଏବଂ ଓଟିପି ମାଗି ବ୍ୟାଙ୍କରେ ଥିବା ନିଜସ୍ୱ ଜମା ରାଶିକୁ ଲୁଟି ନେଉଛନ୍ତି, ସେ ସମ୍ପର୍କରେ ସୂଚନା ଦେବା ସହ ସୋସିଆଲ ମିଡ଼ିଆ ପ୍ଲାଟ ଫର୍ମ ରେ ନିଜ ବ୍ୟକ୍ତିଗତ ତଥ୍ୟ କାହାକୁ ନ ଦେବା ପାଇଁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ଅସ୍ତରଙ୍ଗ କାନାଡ଼ା ବ୍ୟାଙ୍କ ଶାଖା ପ୍ରବନ୍ଧକ ରୀତିକ ହାଲଦାର ଛାତ୍ରଛାତ୍ରୀଙ୍କ ସମେତ ପ୍ରତ୍ୟେକ ବ୍ୟକ୍ତି ସହଜରେ ସାଇବର ଠକଙ୍କ ଶିକାର ହେଉଥିବା ଦର୍ଶାଇ ଅଜଣା ଫୋନ କଲ ଉଠାନ୍ତୁ ନାହିଁ ଓ କିଛି କ୍ଲିକ କରନ୍ତୁ ନାହିଁ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଆଇନଜୀବି ଦିବ୍ୟଦର୍ଶୀ ବିଶ୍ୱାଳ,ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର, ମଣ୍ଡଳ ପରିଦର୍ଶିକା ଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ଏକକ ଅଭିନୟ, ସାଇବର ସଚେତନ ସମ୍ପର୍କୀତ ବାର୍ତ୍ତା ଉପରେ ଅଭିନୟ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ଅଭିଯାନ ମନ୍ଥର

# ଭୋଟ ଓ ବ୍ୟବସାୟ ପାଇଁ ମିଳୁଛି ରାଜନୈତିକ ସୁରକ୍ଷା

**କାକଟପୁର/ଅସ୍ତରଙ୍ଗ,୨୩।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ବାଂଲାଦେଶୀ ମାନଙ୍କୁ ଚିହ୍ନଟ କରିବା ପ୍ରକ୍ରିୟାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ କଡ଼ା ପଦକ୍ଷେପ ନେଉଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ତହସିଲ ଅଧୀନରେ ଏହି ଅଭିଯାନ କାହିଁକି ମନ୍ଥର ଗତିରେ ଚାଲିଛି, ତାକୁ ନେଇ ଅସନ୍ତୋଷ ଦେଖା ଦେଇଛି।

ପୁରୀ ଜିଲ୍ଲା କାକଟପୁର ବ୍ଲକ ୧୬ଟି ପଂଚାୟତ ଓ ଅସ୍ତରଙ୍ଗ ବ୍ଲକର ୧୫ଟି ପଂଚାୟତ ମଧ୍ୟରୁ କେତେକ ନିର୍ଦ୍ଦିଷ୍ଟ ପଂଚାୟତରେ ବାଂଲାଦେଶୀ ବସବାସ ଏବଂ ବ୍ୟବସାୟ ମୁଣ୍ଡ ବିନ୍ଧାର କାରଣ ହୋଇଥିବା ବେଳେ ଚିହ୍ନଟ କରଣ ପ୍ରକ୍ରିୟାକୁ କାହିଁକି ପ୍ରଭାବିତ ହେଉଛି, ତାହାକୁ ନେଇ ବିଭିନ୍ନ କଥା ଶୁଣିବାକୁ ମିଳୁଛି। ସ୍ଥାନୀୟ ଅଂଚଳରେ କିଛି ମାସ ହେବ ବଡ଼ ଚୋରି, ଅପରାଧ ଘଟିବା ଏବଂ ଏହି ଅପରାଧ ଘଟଣାରେ ଅଣ ଓଡ଼ିଆ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ହେଲେ ସେମାନଙ୍କୁ ଧରା ଯାଇ ପାରୁନାହିଁ। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ସ୍ଥାନୀୟ ବ୍ଲକ



ଅଂଚଳରେ ଦୀର୍ଘ ଦିନ ଧରି ଅନୁପ୍ରବେଶକାରୀ ଏବଂ ବାଂଲାଦେଶୀମାନେ ବେଆଇନ ଭାବେ ସରକାରୀ ଜମିରେ ଘର କରି ରହୁଥିବା ଅଭିଯୋଗ ହେଉଛି। ହେଲେ ସେମାନଙ୍କ ମୂଳ ରେକର୍ଡ ପତ୍ର ଯାଞ୍ଚ କରାଯାଉ ନାହିଁ।

କିଛି ବର୍ଷ ପୂର୍ବେ ଅସ୍ତରଙ୍ଗ ବ୍ଲକ ଅଂଚଳର ଅସ୍ତରଙ୍ଗ, ନୂଆଗଡ, ଶିଶୁଆ, ଛୁରିଆନା, ସରିପୁର ସେହିପରି କାକଟପୁର ବ୍ଲକ ଅଂଚଳର କଟକଣା, ରସୁଲପୁର, ଭଣ୍ଡାଘର, ଲତା ହରଣ ସମେତ ବିଭିନ୍ନ ସ୍ଥାନରେ ଘର ଭଡା ନେଇ ସେମାନେ ବିଭିନ୍ନ ବ୍ୟବସାୟ ଚଳାଇ ଆସୁଥିବାର ସୂଚନା ମିଳିଛି। ଘର ମାଲିକମାନେ ସେମାନଙ୍କ ସମ୍ପର୍କରେ କୌଣସି ଆଇନଗତ ପ୍ରମାଣପତ୍ର ଯାଞ୍ଚ କରୁନାହାନ୍ତି। ସେହିପରି ଏମାନଙ୍କ ସମ୍ପର୍କରେ ତହସିଲ କିମ୍ବା ପୁଲିସ ପ୍ରଶାସନ ନିକଟରେ କୌଣସି ତଥ୍ୟ ମଧ ନାହିଁ। ସେହିପରି ଅଣ ଓଡ଼ିଆ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ଅଧିକାଂଶ ରାଜମିସ୍ତ୍ରୀ କାର୍ଯ୍ୟ କରୁଛନ୍ତି। ସେଥିପାଇଁ ରାଜନେତା ମାନଙ୍କ ସହିତ ଭଲ ସମ୍ପର୍କ ରହୁଛି। କୌଣସି ସମୟରେ କଡ଼ା ଯାଞ୍ଚ କରାଗଲେ ପ୍ରଶାସନ ଉପରେ ରାଜନୈତିକ ଚାପ ସୃଷ୍ଟି କରାଯାଉଛି। ଅନ୍ୟ ପଟେ ସାଧାରଣରେ ସନ୍ଦେହ ବଢ଼ାଉଥିବା ସେହି ବ୍ୟକ୍ତିମାନେ ପ୍ରକୃତରେ ବାଂଲାଦେଶୀ ଅନୁପ୍ରବେଶକାରୀ ନାଁ ପଶ୍ଚିମବଙ୍ଗ ବାସିନ୍ଦା, ତାହା ତଦନ୍ତ ହେଲେ ସ୍ପଷ୍ଟ ହେବ। ପ୍ରଶାସନ ପକ୍ଷରୁ ବିଭିନ୍ନ ଅଂଚଳରେ ରାଜସ୍ୱ ନିରୀକ୍ଷକ ମାନଙ୍କୁ ନେଇ ଏହି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ଯାଞ୍ଚ କଚ୍ଛପ ଗତିରେ ଏବଂ ମନମାନୀ ଚାଲିଥିବାରୁ ସୂଚନା ମିଳିଛି। ଜିଲ୍ଲାପାଳ ଓ ଏସ୍ପି ଏଥିପ୍ରତି ଗୁରୁତ୍ୱ ଦେବା ପାଇଁ ଅଂଚଳବାସୀ ଦାବି କରିଛନ୍ତି।

# ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡକ୍ରସ୍ ବୈଠକ ଆୟୋଜିତ

**ଯାଜପୁର,୨୩।୧୨ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ରେଡକ୍ରସ ସୋସାଇଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁ, ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ମାଝୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ରେଡକ୍ରସ୍ ସୋସାଇଟିର ସେକ୍ରେଟାରୀ ତଥା ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଶ୍ରୀ କୁଳମଣି ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ବୈଠକର ଉଦ୍ଦେଶ୍ୟ ଅନୁଯାୟୀ ଯାଜପୁର ଜିଲ୍ଲାରେ ରେଡକ୍ରସ ପାଣ୍ଠି ଆଦାୟକୁ କିପରି ବୃଦ୍ଧି କରାଯାଇପାରିବ, ସେ ଉପରେ ଜିଲ୍ଲାପାଳ ଶ୍ରୀ କର ଗୁରୁତ୍ୱ ଦେଇ ଉପସ୍ଥିତ ଅଧିକାରୀ ଏବଂ ସଦସ୍ୟମାନଙ୍କ ସହ ବିଶଦ ଭାବେ ଆଲୋଚନା କରିଥିଲେ।



ସଭାରେ ୨୦୨୨ ରୁ ୨୦୨୫ ଆର୍ଥିକ ବର୍ଷ ମଧ୍ୟରେ ରେଡକ୍ରସ ପାଣ୍ଠିର ଆଦାୟ ଏବଂ ବ୍ୟୟ ଉପରେ ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଏହାସହ ୨୦୨୪-୨୫ ଆର୍ଥିକ ବର୍ଷ ଯାଏଁ ଏହାର ଅଡିଟ ଶେଷ ହୋଇଛି। ବିଶେଷ କରି ଡାକ୍ତରୀ ସହାୟତା, ରାସ୍ତା ଦୁର୍ଘଟଣା, ଶବ ସତ୍କାର, ଏଚଆଇଭି ରୋଗୀ, ଥଇଥାନ, ଯୁବପିଢ଼ିଙ୍କ ରେଡକ୍ରସ୍ ତାଲିମ ବାବଦକୁ ଅର୍ଥ ଖର୍ଚ୍ଚ ହୋଇଛି। ଯୁଥ ରେଡ଼କ୍ରସ ବିଭାଗରେ ଜିଲ୍ଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କ ରେଡକ୍ରସ୍ ତାଲିମ, ରକ୍ତଦାନ ଶିବିର ଆୟୋଜନ, ବିପର୍ଯ୍ୟୟ ପରିଚାଳନା, ବୃକ୍ଷରୋପଣ, ବାରୁଣୀ ମେଳାରେ ରେଡକ୍ରସ ପକ୍ଷରୁ ସେବା, ଶିଶୁ ସୁରକ୍ଷା ସଚେତନତା ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଦ୍ୟାଳୟ ସ୍ତରରେ ଜୁନିଅର ରେଡ଼କ୍ରସ ପକ୍ଷରୁ ଟ୍ରାଫିକ କ୍ଲବ୍ ମଧ ସୃଷ୍ଟି କରାଯାଇଛି। ଏନେଇ ଶିକ୍ଷା ବିଭାଗର ଅଧିକାରୀ ତଥ୍ୟ ଉପସ୍ଥାପନ କରିଥିଲେ। ସହରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସେବା ଯୋଗାଇବା ସହ ରେଡକ୍ରସ ଟିମକୁ ଅଧିକ ସକ୍ରିୟ କରିବା ପାଇଁ ଜିଲ୍ଲାପାଳ ଶ୍ରୀ କର ପରାମର୍ଶ ଦେଇଥିଲେ।

ଜିଲ୍ଲାରେ ଏଚଆଇଭି ଚିହ୍ନଟ ଏବଂ ସ୍କ୍ରିନିଂକୁ ବ୍ୟାପକ କରିବା ସହ ରେଡକ୍ରସ ପାଣ୍ଠିକୁ ବୃଦ୍ଧି କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଏହାସହ ରେଡକ୍ରସ ସମ୍ବନ୍ଧୀୟ ସୂଚନା ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।

## ଶିଳ୍ପୀଗୁରୁ ବିମ୍ବାଧର ବର୍ମାଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ



**ମାହାଙ୍ଗା,୨୩।୧୨ (ସଂଚାର ବ୍ୟୁରୋ):** ବିଖ୍ୟାତ ଚିତ୍ରଶିଳ୍ପୀ ବିମ୍ବାଧର ବର୍ମାଙ୍କ ଜୀବନ ଥିଲା ଅତ୍ୟନ୍ତ ଦୁଃଖ ଓ ଦୁର୍ଦ୍ଦଶାପୂର୍ଣ୍ଣ ଅଭାବ ଅନାଟନ ଭିତରେ ଜୀବନ ବଂଚୁଥିବା ସତ୍ୱେ ତା'ଙ୍କ ଭିତରେ ଥିବା ପ୍ରତିଭା ଅଧିକରୁ ଅଧିକ ଝଟକୁ ଥିଲା । ପ୍ରକୃତିର ଅପରୂପା ଶୋଭା ଠାରୁ ସାଧାରଣ ଜନ ଜୀବନର କଥାକୁ ଚମତ୍କାର ଭାବେ ଚିତ୍ରିତ କରିବାରେ ଶିଳ୍ପୀ ବି.ବର୍ମା ଅତ୍ୟନ୍ତ ସିଦ୍ଧହସ୍ତ ଥିଲେବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପୋଷଣ କରିଥିଲେ। ଓଡ଼ିଶା ଲଳିତକଳା ଏକାଡ଼େମୀ ଓଡ଼ିଶା ପକ୍ଷରୁ କୁସୁପୁର ନନ୍ଦକିଶୋର ବିଦ୍ୟାମନ୍ଦିର ଠାରେ ଶିଳ୍ପୀଗୁରୁ ବିମ୍ବାଧର ବର୍ମାଙ୍କ ରାଜ୍ୟ ସ୍ତରୀୟ ୭୨ତମ ଶ୍ରାଦ୍ଧୋତ୍ସବ ସମାରୋହ ସଭାମୁଖ୍ୟ ମାହାଙ୍ଗାର ମାନ୍ୟବର ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବହୁ ମାନ୍ୟଗଣ୍ୟା ବ୍ୟକ୍ତି ବିଶେଷଙ୍କ ସମେତ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ, ସମାଜସେବୀ, ବହୁ କଳା ଓ ସଂସ୍କୃତିପ୍ରେମୀ ବ୍ୟକ୍ତିମାନେ ଉପସ୍ଥିତ ରହି ଶିଳ୍ପୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଅମିତ କୁମାର ମଲ୍ଲିକ, ପ୍ରଗତିବାଦୀ ଖବର କାଗଜର ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ,ବିଇଓ ମୋନାଲିସା ସରକାର ପ୍ରମୁଖ ଯୋଗଦେଇ ଦେଇଥିଲେ। ଶିଳ୍ପୀଗୁରୁ ବିମ୍ବାଧରଙ୍କ ପାଇଁ ଓଡ଼ିଆ ଜାତି ଆଜି ଗର୍ବିତ ବୋଲି ବିଧାୟକ ଶ୍ରୀଯୁକ୍ତ ପ୍ରଧାନ ମତପ୍ରକାଶ କରିଥିଲେ।

## ବାଳିକା ସଶକ୍ତିକରଣ ମିଶନର ଶୀତକାଳୀନ କର୍ମଶାଳା ଆରମ୍ଭ

**ସୁନ୍ଦରଗଡ଼,୨୩।୧୨ (ସଂଚାର ବ୍ୟୁରୋ):** ଏନଟିପିସି ଦର୍ଲିପାଲି ଦ୍ୱାରା ବାଳିକା ସଶକ୍ତିକରଣ ମିଶନ ଅଧୀନରେ ୨୦୨୫ ଶୀତ କାଳୀନ କର୍ମଶାଳା ଆୟୋଜନ କରାଯାଇଛି। ଏହି କର୍ମଶାଳା ୨୩ ଡିସେମ୍ବର ୨୦୨୫ ରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଆରମ୍ଭ ହୋଇଥିଲା ଏବଂ ୨୪ ଡିସେମ୍ବର ୨୦୨୫ ରେ ଏହାର ଆନୁଷ୍ଠାନିକ ଉଦଘାଟନ ହେବାର କାର୍ଯ୍ୟକ୍ରମ ଅଛି । ଏହି ଆବାସିକ କର୍ମଶାଳା ୨୯ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲିବ।

କାର୍ଯ୍ୟକ୍ରମର ପ୍ରଥମ ଦିନରେ ପ୍ରକଳ୍ପ କ୍ଷେତ୍ରର ଚାରିପାଖରେ ଅବସ୍ଥିତ ୧୦ ଟି ସରକାରୀ ବିଦ୍ୟାଳୟରୁ ୧୨୦ ଜଣ ମନୋନୀତ ଝିଅଙ୍କର ଏନଟିପିସି ଦର୍ଲିପାଲିର ନିର୍ମାୟା ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପଞ୍ଜୀକରଣ କରାଯାଇଥିଲା।

କର୍ମଶାଳା ସମୟରେ ଅଂଶ ଗ୍ରହଣକାରୀ ଝିଅମାନେ ଶିକ୍ଷାଗତ ସମୃଦ୍ଧି, ଦକ୍ଷତା ବିକାଶ, ଜୀବନ କୌଶଳ ଏବଂ ବ୍ୟକ୍ତିତ୍ୱ ବିକାଶ ସହିତ ଜଡିତ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ଗ୍ରହଣ କରିବେ। ବାଳିକା ସଶକ୍ତିକରଣ ମିଶନ କାର୍ଯ୍ୟକ୍ରମର ଲକ୍ଷ୍ୟ ସରକାରୀ ବିଦ୍ୟାଳୟରେ ପଢୁଥିବା ଝିଅମାନଙ୍କୁ ସଶକ୍ତ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା।

# ଟ୍ରାଇବାଲ୍ ଥିଏଟର ସେଣ୍ଟର ଉଦ୍‌ଘାଟିତ

**ବାରିପଦା,୨୩।୧୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ମୁର୍ଗାବାଡିରେ ସାନ୍ତାଳୀ ଆର୍ଟ ଏଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେସନର ନବନିର୍ମିତ ଟ୍ରାଇବାଲ ଥିଏଟର ସେଣ୍ଟର ଉଦଘାଟିତ ହୋଇଯାଇଛି । ସମନ୍ୱିତ ଆଦିବାସୀ ବିକାଶ ପରିଷଦ ଦ୍ୱାରା ନିର୍ମିତ ଏହି ସେଣ୍ଟରକୁ ପୂର୍ବତନ ମନ୍ତ୍ରୀ ତଥା ଫାଉଣ୍ଡେସନର ମୁଖ୍ୟ ପୃଷ୍ଠପୋଷକ ସରୋଜିନୀ ହେମ୍ବ୍ରମ ଓ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମିଳିତ ଭାବେ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଫାଉଣ୍ଡେସର ଅଧକ୍ଷ ତଥା ପ୍ରତିଷ୍ଠାତା ଦୀପକ କୁମାର ବେଶ୍ରା, ସମ୍ପାଦକ ଅନ୍ତା ଆଲୋକ ବାସ୍କେ, କୋଷାଧକ୍ଷ ନରେନ୍ଦ୍ର ମାଝୀ ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ସି ଡି ପି ଓ ବିତୁ ଟୁଡୁ, ପାୱାର ଫାଇନାନ୍ସ କର୍ପୋରେସନ ଲିମିଟେଡ଼ର ପୂର୍ବତନ ସି ଜି ଏମ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ଟି ଟି ଆଇ, ତକତପୁରର ଅଧକ୍ଷ କାନ୍ଦନ ମାଝୀ, ସାମାଜିକ କର୍ମୀ ଫୁଲମଣୀ



ହେମ୍ବ୍ରମ, ଫଗୁ ଚରଣ ମାର୍ଣ୍ଡି, ଗାୟିକା ବୁଲବୁଲି ହେମ୍ବ୍ରମ ଏବଂ ସଂଗୀତ ନିର୍ଦ୍ଦେଶିକା ମିସ ହିସି ମୁର୍ମୁ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ଏମ ପି ସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପିକା ଡଃ ରାଇମଣି ମାର୍ଣ୍ଡିଙ୍କ ପ୍ରମୁଖଙ୍କ ଉପସ୍ଥିତିରେ ଟ୍ରାଇବାଲ ଥିଏଟର ସେଣ୍ଟରରେ ଚଳଚିତ୍ର ପ୍ରଦର୍ଶନର ଉଦଘାଟନ କରିଥିଲେ । ଏହି ସେଣ୍ଟର ଆଗାମୀ ଦିନରେ ଆଦିବାସୀ କଳା, ସଂସ୍କୃତି, ନାଟକ ଓ ସିନେମା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ପ୍ରତିଷ୍ଠାତା ଶ୍ରୀ ବେଶ୍ରା ପ୍ରକାଶ କରିଛନ୍ତି ।

## ବରିଷ୍ଠ ପୂଜକ ବଂଶୀଧର ପଣ୍ଡାଙ୍କ ବିୟୋଗରେ ଶୋକ

**ନୀଳଗିରି,୨୩।୧୨ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ୍ ନରଣପୁର ପଞ୍ଚାୟତ ଡାଲିମ୍ବପାଳ ଗ୍ରାମର ବରିଷ୍ଠ ପୂଜକ ତଥା ସମାଜସେବୀ ବଂଶୀଧର ପଣ୍ଡା ୮୦ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି। ସେ ଜଣେ ସମାଜସେବୀ ଭାବରେ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ରହିଥିଲେ। ଜଣେ ବିଶିଷ୍ଟ ବାସ୍ତୁବିତ୍ ଭାବରେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ଦୀର୍ଘଦିନ ଧରି ନିକଟସ୍ଥ ନରଣପୁର ଗ୍ରାମର ଶିବମନ୍ଦିରର ପୂଜକ ଭାବରେ କାର୍ଯ୍ୟକରି ପ୍ରିୟଭାଜନ ହୋଇପାରିଥିଲେ। ସେ ଜଣେ ମିଷ୍ଟଭାସି, ପରୋପକାରୀ ଭାବରେ ଅଞ୍ଚଳରେ ବେଶ୍ ଜଣାଶୁଣା ଥିବାବେଳେ ଉଚ୍ଚ ରକ୍ତଚାପ, ମୂତ୍ରାଶୟ ରୋଗରେ ପୀଡିତ ଥିବାବେଳେ ମଙ୍ଗଳବାର ଭୁବନେଶ୍ୱର ସ୍ଥିତ ଏକ ଘୋରେଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସକାଳ ୯ଘଟିକା ସମୟରେ ମୃତ୍ୟୁବରଣ କରିଛନ୍ତି। ତାଙ୍କର ମରଶରୀର ପ୍ରଥମେ ନରଣପୁର ପହଞ୍ଚିବାପରେ ଶହଶହ



ସଂଖ୍ୟାରେ ପୁରୁଷ ଓ ମହିଳାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ପାର୍ଥିବଶରୀରକୁ ଗ୍ରାମ ପରିକ୍ରମା କରି ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

## ହୋପନା ସୋରେନ ସାନଭୁଣ୍ଡୁର ନୂତନ ସରପଞ୍ଚ ନିର୍ବାଚିତ

**ବାରିପଦା,୨୩।୧୨ (ସଂଚାର ବ୍ୟୁରୋ):** ମୟୂରଭଂଜ ଜିଲ୍ଲାର ସିମାନ୍ତ ତିରିଂ ବ୍ଲକ ଅନ୍ତର୍ଗତ ସାନଭୁଣ୍ଡୁ ପଞ୍ଚାୟତର ସରପଞ୍ଚ ହୀରାମଣି ମୁର୍ମୁଙ୍କ ମନମାନି ଯୋଗୁଁ ବହୁ ପୂର୍ବରୁ ୱାର୍ଡ ମେମ୍ବର ମାନେ ଅନାସ୍ଥା ପ୍ରସ୍ତାବ ଲାଗୁ କରିଥିଲେ । କିନ୍ତୁ ହୀରାମଣି ମୁର୍ମୁ ସେଥିପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇ କିଛିଦିନ ଅଟକାଇ ରଖିଥିଲେ। ପୁଣିଥରେ ୱାର୍ଡମେମ୍ବରମାନେ ଆଜି ସରପଞ୍ଚ ହୀରାମଣି ମୁର୍ମୁଙ୍କ ବିରୋଧରେ ଅନାସ୍ଥା ଆଗତ କରିଥିଲେ । ଆଜି ପୋଲିସ ଏବଂ ବ୍ଲକ ପ୍ରଶାସନ ଉପସ୍ଥିତିରେ ଅନାସ୍ଥା ପ୍ରସ୍ତାବ ଲାଗୁ କରାଯାଇ ଭୋଟ ଆଗତ କରାଯାଇଥିଲା। ଏଥିରେ ନିଶ୍ଚିତ ଭୋଟରେ ହାରିଥିବା ଭୟରେ ହୀରାମଣି ଏବଂ ତାଙ୍କ ସମର୍ଥକ ଭୋଟଦାନରୁ ବିରତି ରହିଥିବାବେଳେ ୧୦ ଜଣ ୱାର୍ଡ ମେମ୍ବର ନାଏବ ସରପଞ୍ଚ ହୋପନା ସୋରେନଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇଥିଲେ । ନାଏବ ସରପଞ୍ଚ ହେଲେ ସାନଭୁଣ୍ଡୁ ପଞ୍ଚାୟତର ନୂତନ ସରପଞ୍ଚ।

## ରାଜ୍ୟପାଳ ପୁରସ୍କୃତ ଶିକ୍ଷୟିତ୍ରୀ ଭଗବତୀ ସ୍ୱାଇଁଙ୍କ ଶ୍ରଦ୍ଧାଞ୍ଜଳି ସଭା



**ପଟ୍ଟାମୁଣ୍ଡାଇ,୨୩।୧୨ (ସଂଚାର ବ୍ୟୁରୋ):** ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷୟତ୍ରୀ ଭଗବତୀ ସ୍ୱାଇଁଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା କଷଣଅଣ୍ଟା ଠାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ନେତା ପ୍ରମୋଦ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଭାଷଣ ଦେଇ ଶିକ୍ଷୟତ୍ରୀ ଭାବେ ଉତ୍ତମ ଶିକ୍ଷାଦାନ ଓ ସି ଆର ସି ସି ଭାବେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାରେ ଦିବଂଗତ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷୟତ୍ରୀ ଭଗବତୀ ସ୍ୱାଇଁଙ୍କ ଅବଦାନ ଚୀରକାଳ ଅବିସ୍ମରଣୀୟ ହୋଇ ରହିବ ବୋଲି ମତ ପ୍ରକାଶ କରି ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

## ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ଗଛକଟାକୁ ବିରୋଧ

# ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଭଞ୍ଜସେନାର ବିକ୍ଷୋଭ

**ବାରିପଦା,୨୩।୧୨ (ସଂଚାର ବ୍ୟୁରୋ):** ଚଳିତ ଡିସେମ୍ବର ୧୭ ତାରିଖ ଦିନ ସମଗ୍ର ମୟୂରଭଞ୍ଜ ବାସୀ ଏବଂ ଓଡିଆ ମାନଙ୍କ ପାଇଁ ଗର୍ବ ଓ ଗୌରବର ଦିନ ଥିଲା। ସେଦିନ ଥିଲା ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୫ତମ ଜନ୍ମଦିବସ । ସେଭଳି ପବିତ୍ର ଦିନରେ କିଛି ପ୍ରଭାବଶାଳୀ ଲୋକଙ୍କୁ ସରକାରୀ ଜାଗା ବହୁମାତ୍ରାରେ ଯୋଗାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବହୁ ସରକାରୀ ଜାଗା ଥିବା ସତ୍ତ୍ୱେ ବାରିପଦା ସହରର ପାଲବଣୀ ଏରିଆରୁ ପାଖାପାଖି ଥିବା ୨୭୦୦ରୁ ଉର୍ଦ୍ଧ୍ୱ ଗଛ କାଟିବାରୁ ସବୁ ବୁଦ୍ଧିଜୀବୀ ମହଲରେ ଏହାକୁ ନିନ୍ଦା କରାଯାଇଥିଲା।

ଏନେଇ ଦୀର୍ଘ ୪-୫ ମାସ ପୂର୍ବରୁ ମୟୁରଭଞ୍ଜ ଜିଲ୍ଲାପାଳଙ୍କୁ ଆମ ସଂଗଠନ ଭଞ୍ଜସେନା ପକ୍ଷରୁ ଦାବୀପତ୍ର ପ୍ରଦାନ କରାଯାଇଥିଲା। ତାସତ୍ତ୍ୱେ ସେହି ଜାଗାରେ




ହଜାର ହଜାର ଗଛ କାଟି ବସଷ୍ଟାଣ୍ଡ କରିବାର ଜିଦ୍ ପ୍ରକୃତରେ ପ୍ରଭାବଶାଳୀ ଲୋକଙ୍କୁ ସରକାରୀ ଜାଗା ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପ୍ରତ୍ୟକ୍ଷ ସହଯୋଗ କରୁଛି ବୋଲି ସଂଗଠନ ହୃଦବୋଧ କରିଥିଲା। ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ବାରିପଦା ସହରକୁ ପୂର୍ବରୁ ବିଶ୍ୱର ଉତ୍ତପ୍ତ ସହର ଭାବେ ମାନ୍ୟତା ପାଇଥିବା ଧାରାକୁ ଆଗାମୀ ବର୍ଷ ମାନଙ୍କ ମଧ୍ୟରେ ମଧ "ବିଶ୍ୱର ସବୁଠାରୁ ଉତ୍ତପ୍ତ ସହର ବାରିପଦା ରହୁ" ବୋଲି ଘୃଣ ଯୋଜନା କରିଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଅଛି। ଏଣୁ ଉକ୍ତ ବିଷୟକୁ ନେଇ ଗତକାଲି 'X' ଯୋଗେ ଭଞ୍ଜସେନା ର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଜିଲ୍ଲା ପ୍ରଶାସନ ତଥା ମୁଖ୍ୟମନ୍ତ୍ରୀଙ୍କୁ ବାରିପଦା ସହର ତଥା ଆଖ ପାଖ ଅଞ୍ଚଳରେ୧୦ ରୁ ୧୨ ଫୁଟ ଉଚ୍ଚତା ବିଶିଷ୍ଟ ଗଛ ମାନ ଲଗେଇବା ପାଇଁ ଅନୁରୋଧ କରିଥିଲେ। ତତସହିତ ପ୍ରତିଷ୍ଠାତା ଙ୍କ ଆହ୍ୱାନ କ୍ରମେ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଆଜି ବହୁ ଯୁବ କର୍ମୀ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ଯେତେଦିନ ପର୍ଯ୍ୟନ୍ତ ମୟୁରଭଞ୍ଜ ମାଟି ମା'କୁ ଲୁଣ୍ଠନ କରାଯାଉଥିବ ଏବଂଯେପର୍ଯ୍ୟନ୍ତ ବାରିପଦା ସବୁଜିମା ନ ହୋଇଥିବ ସେତେ ଦିନ ପର୍ଯ୍ୟନ୍ତ ମୟୁରଭଞ୍ଜ ପାଇଁ ଭଞ୍ଜସେନା ଜେ କୌଣସି ସ୍ତର କୁ ଯିବା ପାଇଁ ପଛଘୁଞ୍ଚା ଦେବନାହିଁ ବୋଲି ପ୍ରତିଷ୍ଠାତା ଶ୍ରୀ ଜେନା ପ୍ରକାଶ କରିଛନ୍ତି ।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

# କ୍ରୀଡ଼ାକୁ ଛାଡ଼ି ଶିକ୍ଷାଗ୍ରହଣ କରିହେବ ନାହିଁ

**ସାଲେପୁର,୨୩।୧୨ (ସଂଚାର ବ୍ୟୁରୋ):** ଶିକ୍ଷାର କ୍ରୀଡ଼ା ଏକ ଅଙ୍ଗ। କ୍ରୀଡ଼ାକୁ ଛାଡି ଶିଶୁ କେବେହେଲେ ଶିକ୍ଷାଗ୍ରହଣ କରିପାରିବେ ନାହିଁ। କ୍ରୀଡ଼ା ଓ ଶିକ୍ଷା ଉଭୟ ପରିପୂରକ। ସାମଗ୍ରୀକ ଭାବରେ ଶିଶୁର ମାନସିକ, ଶାରୀରିକ ଓ ଆଧାତ୍ମିକ ବିକାଶ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ ବୋଲି ସାଲେପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୧ତମ ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀରେ ଯୋଗଦେଇ ଅତିଥିମାନେ ମତପ୍ରକାଶ କରିଥିଲେ। ସାଲେପୁର ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ହରିହର ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ସମାଜସେବୀ ଇଂ. ଆକ୍ୟୁବ୍ ଖାଁ ଯୋଗଦେଇ କ୍ରୀଡ଼ା ଓ ଶିକ୍ଷା ଉଭୟ ଶିଶୁ ପାଇଁ ଅପରିହାର୍ଯ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ସଂଯୁକ୍ତା ମେମୋରିଆଲ୍ ଟ୍ରଷ୍ଟର ଅଧକ୍ଷ ସମାଜସେବୀ ସନ୍ତୋଷ କୁମାର ରାଉତ ଯୋଗଦେଇ ଏହି ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିବା ସହ ଅନୁଷ୍ଠାନର ଜଣେ କୃତି ଛାତ୍ରକୁ ତାଙ୍କ ଟ୍ରଷ୍ଟ ପକ୍ଷରୁ ବାର୍ଷିକ ୫ହଜାର ଟଙ୍କା ପୁରସ୍କାର ପ୍ରଦାନ କରିବେ ବୋଲି କହିବା ସହ ଅନୁଷ୍ଠାନର ବିକାଶ ପାଇଁ ସବୁବେଳେ ସହାୟତା ଯୋଗାଇବେ ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦକ ଅକ୍ଷୟ କୁମାର ଦାଶ ସ୍ୱାଗତ ଭାଷଣ ଦେଇ ଅନୁଷ୍ଠାନର




ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପସଭାପତି ପ୍ରଶାନ୍ତ ଜେନା, ସହ ସମ୍ପାଦକ ଚିତ୍ତରଞ୍ଜନ ଶତପଥୀ, କୋଷାଧକ୍ଷ ଅଶ୍ୱିନୀ କୁମାର ଦାସ, ଅଧକ୍ଷ ବଳରାମ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅନୁଷ୍ଠାନର ସମସ୍ତ ଅପାଭାଇ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶେଷରେ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସମସ୍ତ କୃତି କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଅଭିଭାବକମାନଙ୍କ ଦ୍ୱାରା ମ୍ୟୁଜିକ୍ ଚେୟାରରେ କୃତିତ୍ୱ ହାସଲ କରିଥିବା ମହିଳାମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

# ଗୋଟିଏ ଗାଁ'ର ଗପ

**ଜ୍ୟୋତି ପ୍ରକାଶ ମହାପାତ୍ର**

ଉଦିଆ ବାରିକ। ଉଦିଆ ବାରିକ ରହୁଥିଲା ଗୁଡ଼ିଆ ସାହି ପଛ ପଟେ ବାଉଁଶ ବାଡ଼ି ଭିତରେ। ବାଉଁଶ ବୁଦା ଲମ୍ବି ଆସିଥିଲା ତା ଘର ଦାଣ୍ଡ ଦୁଆରକୁ। ବୁଢ଼ା ଏକା, ଆମ ଗାଁ ମଣିଷ ସେ ନୁହେଁ। କୋଉ ଦୂର ଗାଁରୁ ଉଠି ଆସିଥିଲା, ଇତିହାସ ତାର ଅଜଣା। ଇସ୍କୁଲ ପଛ ଦେଇ ଗୋଟେ ମାଟି ବନ୍ଧ ସେବେ ଯାଇଥିଲା ମହାଦେବ ମୁଣ୍ଡ ଆଡ଼େ। ଉଦିଆ ବାରିକ ସେଇ ବନ୍ଧରେ ବସି ପୁରିଆ ସାଆଁନ୍ତ ଚୁଟି କାଟୁଥିଲା। କଥା ଉଠିଲା କିଏ ବଡ଼ ତାସ୍ ଖେଳାଳି !! ପୁରିଆ ବୁଢ଼ା କହିଲା ମୁଁ। ଉଦିଆ ବାରିକ କୋଉ ଛାଡ଼ିବା ଜନ୍ତୁ। ସେ କହିଲା ମୁଁ। ଯୋଉ ଗାମୁଛା ପାରି ଦେଇ ଚୁଟି କାଟୁଥିଲା ଉଦିଆ ବାରିକ, ସେଇଥିରେ ତାସ ପଡ଼ିଲା ତେଣିକି। ଉଦିଆ ବାରିକ ଚୁଟି କଟା ଭୁଲିଗଲା, ପୁରିଆ ବୁଢ଼ା ବି। ଖେଳ ଚାଲିଲା ଦି ଘଣ୍ଟା। କେହି ପଛୁକୁ ହଟୁ ନ ଥାଆନ୍ତି। କେଇ ଜଣ ଯାଉଥିବା ଲୋକ ସେଇଠି ବସିଲେ, ଦେଖିଲେ ଖେଳ। ଶେଷକୁ ବେଳ ବୁଡ଼ିଲା ବେଳକୁ ଘୋଷଣା ହେଲା-ପୁରିଆ ବୁଢ଼ା ଜିତିଲା। ଉଦିଆ ବାରିକ ମାନିବାକୁ ନାରାଜ। କହିଲା - ଆଉ ପାଳିଏ ହଉ। ଗାଁ ଲୋକେ ଦେଲେ ଗାଳି। ଉଦିଆ କିନ୍ତୁ ଆଉ ଚୁଟି କରିବାକୁ ମନା କଲା। ପୁରିଆ ବୁଢ଼ା ଅଧା ଚୁଟି କଟା ବାକି। କ୍ଷୁର, କଇଁଚି ଧରି ଉଦିଆ ବାରିକ ଉଠିଗଲା। କଇଲା-ଯା ମ ! ଏ ଭୂତେଇକି ଜିତିଚି, ଯୋଉଠି ଭଲ ବାରିକ ପାଇବୁ ସେଠି କାଟିବୁ। ଯାଆ ଶଳା। ପୁରିଆ ବୁଢ଼ା ଅଧା ଚୁଟି କାଟି ରହିଲା ସିନା, ବିଜୟୀ ପଦରୁ ଆଉ ଓହ୍ଲେଇଲା ନାଇଁ। ସେଇ ଆମ ଗାଁ। ଅନେକ ସଜଳ କାହାଣୀର ଭଣ୍ଡାର ଘରର ମାଆ।



# ଅନନ୍ତ ବାବୁଙ୍କ କାନ୍ଦ



**ଅମରେଶ ବିଶ୍ୱାଳ**



ଦେଶର ରାଜଧାନୀରେ ହେବାକୁ ଥିବା, କୋଉ ଗୋଟେ ବଡ଼ ଜାକଜମକିଆ ସରକାରୀ ସଭାକୁ ଯିବାକୁ, ଓଡ଼ିଆ ଲେଖକଙ୍କର ଗୋଟେ ସୌଦାତାଲିକା ବାହାରିଲା। ଅନନ୍ତ ବାବୁଙ୍କର ସେଥିରେ ନାଁ ନଥିଲା।

ତେଣୁ ସେ ବୁହେ କାନ୍ଦିଲେ।

ପତ୍ନୀ କହିଲେ- ତମେ କି ଚୋପା ଲେଖକ କିହୋ.. ଦିନରାତି ଲେଖୁଚ.. ରାତିସାରା ବସିକି ଲେଖୁଚ ନା ଝିଅଙ୍କ ସହ ଚାଆଟ୍ କରୁଚ ? ଆଜିଠୁ ସେ ଗପ ଉପନ୍ୟାସ ଛାଡ଼, ଆଠ ଧାଡ଼ିଆ କବିତା ଲେଖ, ଆଉ ରାତିରେ ଆରାମରେ ଶୁଅ।

ପତ୍ନୀଙ୍କ କଥା ଅନନ୍ତ ବାବୁଙ୍କୁ ଭାରି ବାଧିଲା। ସେ ପୁଣି ବୁହେ କାନ୍ଦିଲେ।

ଏହି ସମୟରେ ଜଣେ ସୁନ୍ଦରୀ ଜୁନିୟର୍ ଲେଖିକା ଫୋନ୍ କଲେ। ପଚାରିଲେ- ସାଆର୍ ଆପଣ ଏତେବଡ଼ ସଜନା ଗଛ ଭଳିଆ ଲେଖକ, କେତେ ଲେଖିଛନ୍ତି, ଲେଖି ଲେଖି କାଗଜ ଚିରି ପକେଇଛନ୍ତି, ଅଥଚ ତାଲିକାରେ ଆପଣଙ୍କ ନାଁ ବି ନାହିଁ !! କି ଆଶ୍ଚର୍ଯ୍ୟର କଥା। କିଛି ଗୋଟେ କରନ୍ତୁ। ଆଉ କିଏ କହିଥିଲେ ଅନନ୍ତ ବାବୁଙ୍କୁ ବାଧି ନଥାନ୍ତା। ସୁନ୍ଦରୀ ଲେଖିକାଙ୍କ କଥାଟା ତାଙ୍କ ପନିର୍ ଭଳିଆ ନରମିଆ ଲେଖକ ହୃଦୟକୁ ଭାରି ବାଧିଲା। ତେଣୁ ସେ ପୁଣି ବୁହେ କାନ୍ଦିଲେ। ଏହାପରେ, ତାଲିକାରେ ବିଭ୍ରାଟ ହେଇଚି ବୋଲି, ଜଣେ ବଡ଼ ସାହିତ୍ୟିକ ଲେଖିଲେ। ସେଥିରେ ଆଉକିଛି ସାହିତ୍ୟିକଙ୍କ ନାଁ ଯୋଡ଼ାହେବା ଉଚିତ ବୋଲି କହି, ସେ କୋଡ଼ିଏ ଲେଖକଙ୍କ ନାଁ ଦେଲେ। କିନ୍ତୁ ସେଥିରେ ବି ଅନନ୍ତ ବାବୁଙ୍କର ନାଁ ନଥିଲା।

କଥାଟି ତାଙ୍କୁ ଭାରି ବାଧିଲା। ତେଣୁ ସେ ପୁଣି ବୁହେ କାନ୍ଦିଲେ।

ଜଣେ ସମଧର୍ମା ଲେଖକ, ଅନନ୍ତ ବାବୁଙ୍କୁ ଉସୁକେଇଲେ। କହିଲେ- ତମେ ବି ଏହା ବିରୋଧରେ ଲେଖ। ଏ ମାମଲାରେ ଏତେଟା ଥଣ୍ଡା ପଡ଼ିବା ଉଚିତ ନୁହେଁ। ନହେଲେ ସାହିତ୍ୟିକ ବଦବୀଟା ହାତରୁ ଖସିଯିବ। ବିରୋଧ କରିକି ଲେଖୁନ ବୋଲି ତମକୁ କେହି ଗୁରୁତ୍ୱ ଦେଉନାହାଁନ୍ତି। ବୁଝିଲ ?

ସକାଳୁ ଆସି ସଂଜ ହେଲା, ଅନନ୍ତ ବାବୁ ଫେସବୁକ୍ ଖୋଲିକି ବସିଛନ୍ତି କିଛି ଗୋଟେ ଲେଖିକି ଓଲଟେଇ ଦେବେ ବୋଲି, କିନ୍ତୁ ଦୁଇଟି ଅକ୍ଷର ମଧ ଲେଖିପାରିଲେ ନାହିଁ। ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ପରି ତାଙ୍କ ଅବସ୍ଥା। ସମସ୍ତେ ତାଙ୍କୁ ନିଜର ଲାଗିଲେ। ତେଣୁ ସେ ଲେଖିପାରିଲେ ନାହିଁ। ଏହି କଥାକୁ ନେଇ ଅନନ୍ତ ବାବୁ ପୁଣି ବୁହେ କାନ୍ଦିଲେ।

*(ଏହି ଲେଖାଟି ସଂପୂର୍ଣ୍ଣରୂପେ କଳ୍ପନା ପ୍ରସୂତ। ବାସ୍ତବ ଦୁନିଆର ଘଟଣା ଓ ଚରିତ୍ର ସହ ଏହାର କୌଣସି ସଂପର୍କ ନାହିଁ। ଯଦି କୌଣସି ଘଟଣା ଓ ଚରିତ୍ର ସହ ଏହା ମେଳ ଖାଉଥାଏ, ତେବେ ତାହା କେବଳ ଏକ ସଂଯୋଗ ମାତ୍ର।)*

## ପୁସ୍ତକ ସମୀକ୍ଷା

# ସୃଷ୍ଟି: ଗରିମାମୟ ଆଳି ଇତିହାସ

## ସ୍ରଷ୍ଟା: ଗୋଲକ ବିହାରୀ ସିଂହ




ଚଳିତ ବର୍ଷ ଯେଉଁ କେତେକ ପୁସ୍ତକ ପ୍ରକାଶିତ ହୋଇ ନିଜସ୍ୱ ମୌଳିକ ଛାପ ଛାଡିଛନ୍ତି ସେଥିମଧ୍ୟରୁ 'ଗରିମାମୟ ଆଳି ଇତିହାସ' ଅନ୍ୟତମ। ଏହି ପୁସ୍ତକରେ ଏପରି କେତେକ ତଥ୍ୟ ରହିଛି ଯାହା ଆଳିର ଭୂଗୋଳକୁ ଅତିକ୍ରମ କରି ସମଗ୍ର ଓଡିଶା ପାଇଁ ମହତ୍ୱ ରଖୁଛି। ବହିଟିରେ ବହୁ ଅନାଲୋଚିତ ତଥ୍ୟ ତଥା ଘଟଣାବଳୀର ଉପସ୍ଥାପନା ସହ ଅନୁଶୀଳନାତ୍ମକ ଅନୁଭୂତିବିଷ୍ଟ ବିଶ୍ଳେଷଣ ଯୋଗାଉଛି। ସମକାଳୀନ ସାଧାରଣ ଜନତାର ସାମାଜିକ ଆଚାର ବିଚାର ସମ୍ବଳିକ ଏହି ଗ୍ରନ୍ଥ ଏକ ଐତିହାସିକ ଦଲିଲ। ପୂର୍ବରୁ ଆଲୋଚନା ପରିସରଭୁକ୍ତ ହୋଇ ନଥିବା ବହୁ ତଥ୍ୟ ବା ଦୃଶ୍ୟର ପ୍ରକଟୀକରଣ, ହଜିଯାଇଥିବା ତଥ୍ୟର ପ୍ରମୂର୍ତ୍ତାୟନ, ପୁସ୍ତକଟିକୁ ଏକାନ୍ତ ଭାବୋଦ୍ଦୀପକ ଓ ପ୍ରେରଣାଦାୟୀ କରିପାରିଛି। ଭାରତୀୟ ଜାତୀୟ କଳା ଓ ସାଂସ୍କୃତିକ ଐତିହ୍ୟ ନ୍ୟାସ (ଇନଟାକ୍) ଦ୍ୱାରା ଏହି ପୁସ୍ତକ ପ୍ରକାଶିତ ହୋଇଛି। ବହୁ ଅନାଲୋଚିତ ତଥ୍ୟ, କିମ୍ବଦନ୍ତୀ, ଐତିହାସିକ ଘଟଣାବଳୀର ଝଲକ, ପ୍ରତିବେଦନଟିରେ ଉପଲବ୍ଧ। ଏହା ମାଟି ମନସ୍କ ଲେଖକଙ୍କ ଅସ୍ମିତା ପ୍ରବୋଧକ ଉଦ୍ୟମ। ମୋଟ୍ ଉପରେ କହିବାକୁ ଗଲେ ଆଳିର ଅବସ୍ଥିତି, ଇତିହାସ, ରାଜନୀତି, ସଂସ୍କୃତି, ପୀଡା ସମେତ ସ୍ୱପ୍ନ ତଥା ସମ୍ଭାବନାର ଏକ ସମନ୍ୱିତ ସମାବେଶ। ଏଥିରେ ଆଳିର ସ୍ୱାଧୀନତା ସଂଗ୍ରାମ, ସାମାଜିକ ଜୀବନ, ଧର୍ମଧାରା, ଲୋକ ପ୍ରତିନିଧି ବ୍ୟବସ୍ଥା, ପୂର୍ବ ଚିତ୍ରପଟ, କଳା ସଂସ୍କୃତି ପରମ୍ପରା ଇତ୍ୟାଦି ବିସ୍ତୃତ ଭାବେ ଉଲ୍ଲେଖ ରହିଛି। ବିଶେଷ କରି ଓଡିଶାର ବୌଦ୍ଧିକ ସମାଜ ଦୁର୍ବଳ ହୋଇପଡୁଥିବା ଅଭିଯୋଗ ହେଉଥିବା ବେଳେ ଏପରି ପୁସ୍ତକ ଆମ ସାହିତ୍ୟକୁ ସମୃଦ୍ଧ କରିବାରେ ସହାୟକ ହେବ ବୋଲି ଆଶା ଓ ବିଶ୍ୱାସ।

# ତାଠୁ ପାଖ ତୁମେ



**ସ୍ୱାଗତିକା ସାହୁ**

ଯୁଲୋଜି ଡିପାର୍ଟମେଣ୍ଟ ରୁ
ଇଂରେଜୀ ଡିପାର୍ଟମେଣ୍ଟ ଖୁବ୍ ପାଖ
ଆଉ ତାଠୁ ପାଖ ତୁମେ....
ତୁମେ ଏକ ଇଂରେଜୀ ଏନସାଇ କ୍ଲୋପିଡିଆ
ଏକକୋଷୀ ଜୀବଠୁ ବହୁକୋଷି
ତା ବର୍ଗ,ଜାତି,ପ୍ରଜାତି
ତା ରୂପ,ରଙ୍ଗ ବର୍ଣ୍ଣନା....
ତୁମ ପାଇଁ ଦୁଇକ ପଣିକିଆ...!
ଚାଲି ଆସିଲେ ଲାଗେ ଯେମିତି
ରବୀନ୍ଦ୍ରନାଥଙ୍କ ଦର୍ଶନ ତତ୍ତ୍ୱ ଧରି ଆସିଛ

ଘରେ ବସିଲେ ଦେଖନା ସ୍ତ୍ରୀକୁ...
କ୍ରମତ୍ୱ ଦୂରତାର ଠିକଣା ବାଢ଼ି ବସେ
ନେଷ୍ଟା ନେଷ୍ଟା ବେଦରଦୀ ପୁସ୍ତକ...
ଲାଗେ ଗୁରୁ ବୃହସ୍ପତି ତୁମକୁ ଯେମିତି
ସଂସାର ଜାକର ଶିକ୍ଷା ଭାର
ଲଦି ଦେଇଛନ୍ତି .....!
ଭୁରୁ ଭୁରୁ ଶିଶିର ବିନ୍ଦୁର ଛିଟାରେ
ହାତ ଠାରି ଡାକୁ ଥାଏ ରାସ୍ତା କଡ଼ର
ବରଗଛ ପାଖ ନୁଆଁଣିଆ ଚାହା ଦୋକାନ
ଆଉ ତା ଉଷୁମ୍ ଚାହା କେଟିଲ୍ ବାସ୍ନା...
ତଥାପି ଲୋଡ଼ ପ୍ରିୟାର ମୁଲାୟମ ହାତ ଚାହା....!!
ମୁଣ୍ଡ ନୁଆଁଇ ଦୀପଟିଏ ଜଳି ଦେଲାବେଳେ
ତାଙ୍କ ରଙ୍ଗୀନ ଆଲ୍ଲା ବେଟ୍ ଜୀବନର
ଲକ୍ଷ୍ୟ ଆୟୁଷକୁ କାମନା କରି ବସେ...!

ସତରେ ସେ ବୁଝିଲା ସୁଝିଲା
ମାନ ଭାଙ୍ଗି ପାରୁଥିବା ପ୍ରେମିକାଟେ...
ସେ ଏମିତି ଏକ ପୁରୁଷ ଯତ୍ନ ନେବା ବେଳେ
ଲାଗେ ସାକ୍ଷାତ ବାପା ଆଉ....
ଆଉ କାନ୍ଦରେ ଆଉଜିବା ବେଳେ....
ଚେହେରାଠୁ ହୃଦୟ ଲକ୍ଷ୍ୟଗୁଣ ସୁନ୍ଦର
ତେଣୁତ ବିନା କାରଣରେ ମୁଁ ବାନ୍ଧି ହୋଇଯାଏ
ଜନ୍ କିଡ୍ ଙ୍କ କବିତାର ପ୍ରେମିକା ପରି...!
ଯଦିଓ ସେ ରୋମାଣ୍ଟିକ ନୁହନ୍ତି,
ସେ ଯେମିତି ସେମିତି ଭଲ ଲାଗେ
ତାଙ୍କ ଆଖିରେ ମୋ ସବୁ ଯୁଗ ସରେ ଓ ମରେ
ସଜେ ପି.ବି ସେଲିଙ୍କ ରୋମାଣ୍ଟିକ କବିତାର
ଆଜନ୍ମା ପାବନି ନାୟିକା....!
ଅବା ସେକ୍ସ୍ ପିଅରଙ୍କ ନୋଭେଲର
ସାଜେ ମୁଖ୍ୟ ଭଲପାଇବାର ଚରିତ୍ର
ଭଲ ପାଇବାକୁ ଆହ୍ଲାଦକରି,
ସଂସାର ବୋଝକୁ ପିଠିରେ ବୋହି
ଅଚିରେ କୂଳ ଲଙ୍ଘିଯାଉ....!

ଉମରକୋଟ,ନବରଙ୍ଗପୁର

# ମୋ ମାଆ କୋଳ



**ସୁନନ୍ଦା ମହାନ୍ତି**

ମୋ ଗାଁ ଆଜି ବି ହସୁଛି ବିଲ ବଣ
ସାଙ୍ଗକୁ ତୋଟମାଳ
ଚାଳ ଉପରେ ପୋଇ ଲଟା ଡାଳ
ତଳେ କଅଁଳା ବାଛୁରୀ ଖେଳ
ଶୀତ ଟା କୋଉଠି ଲୁଚିଛି ଗାଁ ଦାଣ୍ଡେ
ଖୋଜ କେତେ ଖଟ ତଳ
ସୁନା ନୁହଁ ରୁପା ନୁହଁ ଫୁଲର ଫରୁଆ
ଗାଁ ଘର ଶୁଶୀତଳ
ଗେଣ୍ଡୁ ମଣ୍ଡା ମାଣିକି ଚାନ୍ଦି ଫୁଲରେ
ଖଟୁଲିରେ ମାଆଲକ୍ଷ୍ମୀ ପୂଜାକାଳେ କୋଳ
ଗାଁ ଦାଣ୍ଡ ପରିମଳ
ଜାନି ଯାତ୍ରା ପର୍ବ ପର୍ବାଣୀ ରେ ଲୋକେ
ହେବେ ଘରେ ଘରେ ଠୁଳ
ଶୀତ ଡରି ଯିବ ଫେରି କରିବାକୁ
ପରିବେଶ ସମତଳ
ଶାଶୁ ବୋହୁ ଝିଅ ପାହାନ୍ତି ଉଠନ୍ତି
ଛାଡ଼ି ଉଷୁମ ସକଳ
ମାଆ ମାଉସୀଏ ଶିଖାଇଛନ୍ତି ଯାହା
ମାନିବାକୁ ବେଳ କାଳ ଗହଳ
କେତେ ପନିପରିବା ଶାଗ ମୂଳା କୋଶଳା
ମିଳଇ ଶୀତ ସକାଳ
ସୋଏଟର ମଫଲର ବାନ୍ଧି ଗଲାବେଳେ
ଡାକ ପ୍ରଭୁଙ୍କୁ ଚିରକାଳ ବେଳ ଭଜନ
ଭବନ୍ତୁ ସର୍ବେ ସୁଖିନଃ ତତ୍କାଳ
କୁମି ଆଈ ବୁଢ଼ୀ ଭାଙ୍ଗେ ଖିଲି ପାନ
ଚଉଷଠି ପାନ ମସଲା ବାସେ କଳ
ନେଡି ମାଉସୀ ସାଉଁଟି ରଖୁଛି ନଡ଼ିଆ
ବରଡ଼ା ବାହୁଙ୍ଗୀ ଜାଳ
କୁନି ଅପା ବୁଣେ ଚାଞ୍ଚ ଚଟେଇ ବିଞ୍ଚଣା
ମାଟି ମାଆ କୋଳେ କେତେ ମୂଳ
ନଡ଼ିଆ ଗଛରେ ପଇଡ଼ କଷି ତୋଳୁଛି
ହରିଆ ଭାଇର କାତି ଚଳ ଚଞ୍ଚଳ
ବୃନ୍ଦାବନ ଅଜା ଗାଁ ଦାଣ୍ଡେ ଚାଲି ଟ୍ରଲି ଠେଲି
କହନ୍ତି ମାଟି ମାଆ ଆମ ଡ଼ାଳ ମୂଳ ଫଳ
ଆମେ ଓଡ଼ିଆ ଆମ ମାଟି ମାଆ ଭାଷା ବଢ଼ିଆ
ପରିଚୟ ଆମ ଆମେ ଉତ୍କଳ
ସଂସ୍କୃତି ପ୍ରୀତି ପରମ୍ପରା ମୈତ୍ରୀ ସଂହତି ଶାନ୍ତିରେ
ଆମେ ମାତବୃକ୍ଷ ବକଳ
ସ୍ନେହ ପ୍ରେମ ପ୍ରୀତି ଫଲ୍ଗୁ ଭରା ନଈ ନାଳ
ମାଟି ବକ୍ଷେ ଆମ ସୁନା ରୁପା ଗଛ
ସୁନା ଫଳ ଧାନ ତୋଳ
ଆସୁଛି କାଟିବା ବେଳ
ଆମ ପ୍ରଭୁ ଜଗନ୍ନାଥ ସାଥେ ମାଆ ସମଲେଇ
ବାଢ଼ିବେ ଟଙ୍କ ତୋରାଣୀ ଅବଢ଼ା ପଖାଳ
ନୂଆଖାଇ ଦେଖେଇବ ଖେଳ
ପଶ୍ଚିମ ଓଡିଶବାସଙ୍କ ସଙ୍ଗେ ପୂର୍ବ ଦକ୍ଷିଣ
ଉତ୍ତର ଓଡିଶାବାସୀଏ ମେଳ
ସାକ୍ଷୀଗୋପାଳ, ପୁରୀ

# ପ୍ରାର୍ଥନା



**ଜାକିର ଖାନ**

ନାରୀମାନେ ହିଁ
ସୃଜନ କରିପାରନ୍ତି
ଯେମିତିକି ପୁରୁଷମାନେ
ଧ୍ୱଂସ-
ଯେଉଁଠି ଯେତେ ବୋମା ପଡ଼ିଛି
ଯେତେଯେତେ ଗଣହତ୍ୟା ହୋଇଛି
ବା ହୋଇଛି ସାମୂହିକ ବଳାତ୍କାର
ପୁରୁଷମାନଙ୍କ ଦ୍ୱାରା ହିଁ ହୋଇଛି
ନାରୀ ସୃଷ୍ଟି କରିଚି
ସିଏ ହିଁ କେବଳ
କଅଁଳ ଶିଶୁର ଦରୋଟି ହସକୁ
ପ୍ରତିଥର ଲେଉଟାଇଛି ପୃଥିବୀକୁ
ଆଜି ମୋ ରକ୍ତରେ ଥିବା
କ୍ରୋମୋଜୋମମାନଙ୍କୁ କହୁଛି ଯେ
ହେ' ମୋ ଭିତରେ ଥିବା
'ଓ୍ୱାଇ' କ୍ରୋମୋଜୋମମାନେ
ବିସ୍ତରି ଯାଅ ସଂଖ୍ୟାରେ
ଏବଂ ମୋତେ ଜଣେ ନାରୀ ପରି
ସୃଜନଶୀଳ କରିଦିଅ
ପୃଥିବୀର ଧ୍ୱଂସରେ ସାମିଲ ନୁହେଁ
ତା' ର ସୁନ୍ଦରିମାରେ ମୋତେ
ଭାଗୀଦାରଟିଏ କରିଦିଅ।

# ଚୋରାବାଲି



**ଦୀପ୍ତି ଶତପଥୀ**



ପୁଞ୍ଜାଏ ଶବଦ
ଗୋଟେଇବି ବୋଲି
କେତେ ଗହୀରରେ ଧାଏଁ,
ଗହନ ନିଦରେ ସପନ ତୁଠରେ
ଅଣ୍ଟିରେ ଭରିଯାଏ।
ବଡ ସରାଗରେ କବିତାର ମାଳା
ଗୁନ୍ଥିବାକୁ ବସିଯାଏ,
ମନେପଡେ ଯେତେ ଭୁଲିଯାଏ ସେତେ
ବାକି ଇଡ଼ିବୁଣିଯାଏ।
ଆଞ୍ଜୁଳେ ସପନ ଆଖିଲୋଡ଼େ ଯେବେ
ପସରାଏ ପଶେ ମନେ,
ଏତେ ସପନକୁ ରାତି ଅଣ୍ଟେ ନାହିଁ
ଦିନକଥା କିଏ ଜାଣେ ?
ମୁଠାଏ ସେନେହ ଆବୋରିବାପାଇଁ
ଜୀବନର ଲମ୍ବା ଚାଲି,
ବାଟସାରା କେତେ ସମ୍ପର୍କରେ ଧୋକା
ଜୀବନଟା ଚୋରାବାଲି।
ପାପୁଲିଏ ପ୍ରେମ ସକାଳ ପହରେ
ବିକଳ ଏ ମନ ଖୋଜେ,
ଛଳନାର ରଙ୍ଗ ମୁହଁସାରା ବୋଲି
ମୁଖା ହସୁଥାଏ ସଞ୍ଜେ।

# କଳା ଠାକୁର

**କବି ଭାରତୀ ବାସନ୍ତୀ ଲତା ଜେନା**



କଳା ଠାକୁର ମୋ କଳା ସାଆନ୍ତ
କଳା ଯାଦୁଗର ଭକତ ବନ୍ଧୁ
ଭାବ ବିନୋଦିଆ ଅନ୍ତର୍ଯ୍ୟାମୀ ତୁହି
କରୁଣା ସାଗର ତୁ ଦୀନ ବନ୍ଧୁ ।୧।
ତୋ ଚକା ନୟନ ଦେଖିବି ବୋଲିରେ
ସପନ ଦେଖୁଛି ମୁଁ ରାତି ଦିନ
ତୋ ଗୁଣ ଗାରିମା ବହୁ ଶୁଣିଛିରେ
ଥରେ ଦେଖା ଦେବୁ ଜୀବନ ଧନ ।୨।
ଠାକୁର ଘରେ ମୁଁ ତୋତେ ପୂଜୁଛିରେ
ସତରେ ତୋ ସାଥେ ହେବକି ଦେଖା
ମନର ବେଦନା ତୋତେ ଜଣାଉଛି
କରିବୁ ସତେକି ମୋର ସୁରକ୍ଷା ।୩।
ସଂସାର ଜଞ୍ଜାଳେ ବୁଡି ରହୁଛି ମୁଁ
କେହି ନାହିଁ ମୋର ସାହା ଭରସା
ମୋ ଜୀବନ ପରା ତୋତେ ସମର୍ପିଛି
ନ କରିବ ପ୍ରଭୁ ଯେ ଲୋକ ହସା ।୪।
ଅଧିକ ପାଇବା ଲୋଭ ମୋର ନାହିଁ
ଯେତିକି ଦେଇଛୁ ସେଥିରେ ଖୁସି
କାର୍ଯ୍ୟ କରିବାକୁ ସୁସ୍ଥ ରଖିଛୁ ତୁ
ଧନ ଯଶ ଖ୍ୟାତି ଚାହେଁନା ବେଶୀ ।୫।
ଆଶର ଦୀପାଳି ଜଳାଇ ରଖିଛି
ଲଗାଇଦେ ଡୋରି ତୋ ପାଖେ ଯିବି
ଅକୁହା କଥା ମୁଁ ତୋତେ କହିଁ ଦେବି
ମନ ମୋ ହାଲୁକା କରି ମୁଁ ନେବି ।୬।
କିଛି ମାଗିବିନି ହେ ବଡ଼ ଠାକୁର
ଦରଶନ ଦେଲେ ହେବି ମୁଁ ତୃପ୍ତି
ମରଣ କାଳରେ ସ୍ୱର୍ଗ ଦ୍ୱାର ଯିବି
ଅନ୍ତିମ ଶେଯରେ ପାଇବି ଶାନ୍ତି ।୭।
**ଗାନ୍ଧୀନଗର, ପୋଷ୍ଟ/ ଜିଲ୍ଲା: ନବରଙ୍ଗପୁର**

# କିଏ ସେ ?

**ଡ଼ ଚନ୍ଦ୍ରକଳା ନାୟକ**



କାହାର ହାତ ଠାରେ ଏବେ ଏବେ
ଏହି ନିଶବ୍ଦ ରାତ୍ରିଟାରେ ?
କାହା ଆଖିର ଲୋତକଗୁଡା
ଧାରା ଧାର ବୋହିଯାଏ ରାସ୍ତାରେ
ଚିକମିକ ଆଲୋକ ଖେଳରେ
ପାଚେରୀ କାନ୍ଥଗୁଡା ଘୁଙ୍ଗୁଡି ମାରନ୍ତି
ଠିକ ସେତିକି ବେଳେ କାହାର ହାତ
ଅଦୃଶ୍ୟ ହୋଇ ଦେହରେ ଲୋଟିପଡେ ।
କିଏ ମୋତେ ବିମୋହିତ କରେ
ମୋ ରାତ୍ରିର ନିଦ୍ରାହୀନତାରେ
ମୋ ଜାଉଁଳି କବାଟ ଫାଙ୍କରେ ମୁଁ ଦେଖେ
ପରସ୍ତ ପରସ୍ତ ଧୂଳି ଯାଉଛି ଆକାଶ ଆଡକୁ ।
ରଜନୀଗନ୍ଧାର ବାସ୍ନା ମୋତେ ଆଦୌ ବାସେନା
ହେଲେ ଆମ ଅନ୍ଧକାରରୁ କିଏ ସେ ବାହାରେ
ମୋ ଦୁଆର ମୁହଁ ବନ୍ଧରେ କିଏ ଥାଏ ?
ଠିକ ଓଦାଳିଆ ଭୂଲତାର କୋଣରେ
ଏହା କଣ ମୋର ଭ୍ରମ କି ?
ଅବା ଗତକାଲିର ମୋ ଦୁଃସ୍ୱପ୍ନ ।
କାହା ପାଦର ଶବଦରେ କିଏ ସେ -
ମୋ ରାତ୍ରୀକୁ ଖିନଭିନ କରେ ।

**ଅଧାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର ମୋ-୯୪୩୭୯୫୭୬୧୭**

# 'ମା' ର କରୁଣ ଚିତ୍କାର

**ଜ୍ୟୋତିର୍ମୟୀ ବିଶ୍ୱାଳ**

ପାହାଡ ପର୍ବତ ସଦୃଶ ମା'ଟି ମା'ର
ବିଭତ୍ସ କରୁଣ କାହାଣୀ
ଯନ୍ତ୍ରଣାରେ ଜର୍ଜରିତ, ଦେହ ଓ ମନ
କ୍ଷତ ବିକ୍ଷତ ରକ୍ତାତ ଓ ଛଟପଟ କରି
ନିଇତି ମାରୁଛି ତାକୁ
ଏଇ ମଣିଷ ରୂପୀ ରାକ୍ଷାସ।
ବିଶାଳ କି ସୁନ୍ଦର ପର୍ବତ ଶୋଭାକୁ
ଧ୍ୱଂସ କରି ଚୁରମାର କରୁଛ
ଭାଙ୍ଗୁଛ ତାର ହାଡ, ଗୋଡ
ଛିନ୍ନଛତ୍ର କରୁଛ
କଲିଜା ଓ ହୃଦୟ।
ହଁ, ରାକ୍ଷାସ ହେଲେ ବି ତ
କୋଉ କୋଣରେ ବଞ୍ଚିଥିବ
ଟିକେ ମଣିଷ ପଣିଆ
ସେଇଥିପାଇଁ ତ ହାତଟେକ ନୀଳଚକ୍ରକୁ,
ମା'କୁ ଏପରି କଷ୍ଟ ଦେବାକୁ
କେମିତି ସୁହୁଛି ଦେହ -
ତୁମେ କଣ ତା'ର ନୁହେଁ କି ସନ୍ତାନ ?
ମେଦିନୀଥରା ପାହାଡ ବିସ୍ଫୋରଣ କମ୍ପନରେ
ଭାଙ୍ଗିଯାଏ ଗରୀବର ଆବାସ
ଲୁଟେରାଙ୍କ ସର୍ଦ୍ଦାର ସାଜେ
ଶାସକ ରୂପରେ ଜନପ୍ରତିନିଧି
ଅସାମଜିକଙ୍କ କବ୍ଜାରେ ତୃତୀୟ ସ୍ତମ୍ଭର
ତୃତୀୟ ନେତ୍ର ବି ଚେଇଁ ଶୋଇପଡେ
ତଥାପି ସବୁଠି ଶୁଭେ
ବନ୍ଦେ ମାତରମ୍।
ଭୁବନପୁର, ମଧୁପୁରଗଡ଼, ଜେନାପୁର, ଯାଜପୁର, ମୋ-୮୮୯୫୮୯୪୯୬୪

# ସତରେ...

**ଅନୁପମା ବିଶ୍ୱାଳ**



ଭାବୁଥିଲି ରାଣୀ ଗହଣରେ ରହି
ଏ ରାଈକୁ ଭୁଲିଗଲ
ହୃଦ ଗହ୍ୱରରୁ ପୀରତିମୟୀକୁ
ନିଜ ହାତେ ପୋଛିଦେଲ।
ସୁଖ ଶିରୀ ଲଭି ଆନନ୍ଦ ଉଲ୍ଲାସେ
ଯେବେ କାଟୁଅଛ ଦିନ
ଅନ୍ୟ ବା କାହାକୁ ଖୋଜିବ କାହିଁକି
କେହି ତ ମୋହୁଛି ମନ।
ଶୁଭ ସକାଳରେ ଶୋଭନ ବାରତା
ପଠାଇ ତୁମ ଦୂତୀକୁ
ଅପେକ୍ଷାରେ ରୁହ ନୀରବ ହୋଇକି
ଅନାଇ ତା ସଂଦେଶକୁ।
ପୀରତି ଶବଦେ ଫୁଲ ହାର ଗୁନ୍ଥି
ଦିଅ ଲମ୍ବାଇ ଗଳାରେ
ଦୂରେ ଥାଇ ଅବା ତା ଆଲିଙ୍ଗନକୁ
ଅନୁଭବ ନିରୋଳାରେ।
ଏତେ ହୋଇ ଅବା ଭୁଲି ଯାଇ ନାହିଁ
ରଖିଛ ମନେ ସେ ନାମ
ଦେଉଛି ବିଶ୍ୱାସ ପ୍ରେମ ଦୁନିଆଁରେ
ହୋଇନାହିଁ ବଦନାମ।
ନ ଫେର ପଛକେ ରାଈ ହୃଦୟକୁ
ଆସ ଯେବେ ଗୋପପୁର
ଦେବଟି ଖବର ଥରଟିଏ ହେଲେ
ସେତକ ହିଁ ସର୍ବସାର।
ଭଲରେ ହେଉ ବା ମନ୍ଦେ ହୋଇଥାଉ
ଚର୍ଚ୍ଚିତ ରାଈର ପାଦ
କାକର ପବନ ବାହି ନେଉଅଛି
ଘେନିବ ହେ ଧନ୍ୟବାଦ।
*******
ସମ୍ବଲପୁର

# ରାତି ସପନର କଥା

**ବିରଜା ମହାପାତ୍ର**

ଭାଲେଣ୍ଟାଇନ ଡେ ଥିଲା। ଖୁବ ମଜା ଆସିଲା। ଆମେ ଉଭୟେ ଥିଲେ ଆମ ଘର କଡ଼ ପାର୍କ ଭିତରେ। ଲୋକ ନଥିଲେ। ଆମେ ଉଭୟ ଉଭୟଙ୍କ ଦେହକୁ ବେଳେବେଳେ ଛୁଇଁ ଦେଉଥିଲେ। ଶରୀରରେ ସୃଷ୍ଟି ହେଉଥିଲା ବେପଥୁ। ସନ୍ଧ୍ୟା ଆକାଶକୁ କମ୍ବଳ ପରି ତୋଳି ଆଣୁଥିଲା ବିଛେଇବାକୁ ଅନ୍ଧାର। ପାର୍କ ଭିତରେ ପୁରୁଣା ଲଣ୍ଠନ ଆକୃତିର ଲ୍ୟାମ୍ପ ଭିତରେ ସନ୍ଧ୍ୟାର ବିଜୁଳି ଆଲୁଅ ଜଳୁଥିଲା ମାନ୍ଦା ମାନ୍ଦା। କାକରରେ ଗଙ୍ଗଶିଉଳି ଫୁଲ ଝାରିବା ଆରମ୍ଭ କରିଥିଲା। ପରିବେଶ ବାସ୍ନାୟିତ ଥିଲା। ଦୁଇ ଆଖିର ଆର୍ଦ୍ରତା ନିବିଡତା ପାଇଁ ନିଶ୍ୱାସକୁ ଆଣୁଥିଲା ଉଷ୍ମତା। ହଠାତ ଦଳେ ମାଡି ଆସିଲେ ସାଂସ୍କୃତିକ ଠିକାଦାର। ଏକ ଠାକୁରଙ୍କ ନାଁ ନେଇ ସ୍ଲୋଗାନ ଦେଉଥିଲେ। ମଝିରେ ମଝିରେ ସେମାନଙ୍କ ପାଟିରୁ ଅଶ୍ଳୀଳ ବାକ୍ୟବାଣ ସବୁ ସୃଷ୍ଟି କରୁଥିଲା ଆତଙ୍କ। ଜଣେ ବାଡ଼ି ଉଠେଇଲା ଆମକୁ ବାଡ଼େଇବାକୁ। ମୁଁ ତୁମକୁ ଛାତିରେ ଜାବୋଡି ଧରିଲି। ବୁଲି ପଡିଲି। ମାଡଟା ବାଜିଲା ଜୋରରେ ମୋରି ପିଠିରେ। ନିଦ ଭାଙ୍ଗଗଲା। ଧେତ ତେରିକେ। ମାଡ଼ ଡରରେ ସ୍ୱପ୍ନଟା ବି ଭାଙ୍ଗିଗଲା। ତାପରେ ଆଉ ନିଦ ହେଇନି। ଅସୀମ ଦାଶ କହିଲା ସ୍ମିତା ଦାଶକୁ ଫୋନରେ। ସ୍ମିତା ଦାଶ କହିଲା , " ମୁଁ ବି ଭାବୁଥିଲି ଫୋନ କରିବାକୁ ତମକୁ ଯେ।" "କାହିଁକି ?", ପଚାରିଲା ଅସୀମ ଦାଶ। "ଭାବୁଥିଲି ପିଠି କଥା ପଚାରିବାକୁ ମଁ !"



## ଯୋଗ୍ୟତା ସତ୍ତ୍ୱେ ମିଳୁନି ଭତ୍ତା



**ଫିରିଙ୍ଗିଆ, ୨୩।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ କଡ଼ମପଙ୍କା ଗ୍ରାମର ଦିକିରି ବିଶ୍ୱାଣୀ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଏନେଇ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସରକାର ଭତ୍ତା ପାଇଁ ଧାର୍ଯ୍ୟ ବୟସ ସୀମା (୬୧) କରିଥିବା ବେଳେ ଫିରିଙ୍ଗିଆ ବ୍ଲକର ବହୁ ହିତାଧିକାରୀ ଏହି ବୟସ ସୀମା ଟପି ଯାଇଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କୁ ଭତ୍ତା ମିଳିପାରି ନାହିଁ। ଦିକିରି ବିଶ୍ୱାଣୀ ଗୋଟିଏ ବର୍ଷ ହେବ ଭତ୍ତା ପାଇଁ ଦରଖାସ୍ତ କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ ହିତାଧିକାରୀ ସୂଚୀରେ ସାମିଲ ହୋଇ ନାହିଁ।ଭତ୍ତା ଟଙ୍କା ପାଇବା ନିମନ୍ତେ ବାରମ୍ବାର ବ୍ଲକ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ିଥିଲେ ମଧ୍ୟ ଏଥିରେ ତାଙ୍କୁ ଅଦ୍ୟାବଧି ସଫଳତା ମିଳିପାରି ନାହିଁ। ଗୋଟିଏ ବର୍ଷ ତଳୁ ହିତାଧିକାରୀ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ କେଉଁ କାରଣ ପାଇଁ ଦିକିରି ବିଶ୍ୱାଣୀ ଆଜି ପର୍ଯ୍ୟନ୍ତ ଭତ୍ତାରୁ ବ୍ଲକ ପ୍ରଶାସନ ବଞ୍ଚିତ ରଖିଛନ୍ତି ତାହା ବୁଝା ପଡ଼ୁନାହିଁ। ପଞ୍ଚାୟତ ତଥା ପଞ୍ଚାୟତ ସମିତିରେ ବହୁ ବାର ଦରଖାସ୍ତ କରିଥିଲେ। ତାଙ୍କୁ କେଉଁ କାରଣରୁ ଭତ୍ତା ଦିଆଯାଉ ନଥିବା ନେଇ ଦିକିରି ବିଶ୍ୱାଣୀ ଅଭିଯୋଗ କରିଛନ୍ତି ଓ ପ୍ରଶାସନ ଏଦିଗରେ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଦିକିରି ବିଶ୍ୱାଣୀ କୁ ଭତ୍ତା ଯୋଗାଇ ଦେବା ଦିଗରେ ପଦକ୍ଷେପ ନେବା ସକାଶେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।

### ରାସ୍ତା ପାଇଁ କଷ୍ଟ ପାଉଛି କାଳିମେଳାର ସୀତାପଲି

# ଫିଟୁନି ବାଟ କି ହେଉନି ବିକାଶ

**ମାଲକାନଗିରି, ୨୩।୧୨(ସଂଚାର ବ୍ୟୁରୋ):** ପାହାଡ଼ ଉପରେ ଥିବା ସୀତାପାଲି, ପ୍ରତିମୁହୂର୍ତ୍ତରେ ସଂଘର୍ଷ, ପାଣି ପାଇଁ ଯିବାକୁ ପଡ଼େ ଅନେକ ଦୂର। ମୌଳିକ ସୁବିଧା ଏଠି ସାତସପନ, ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଛି, ଲତାବୁଦା ମାଡ଼ିଗଲାଣି। ଘରେ ମିଟର ଓ ବୋର୍ଡ ଲାଗିଛି, ଫ୍ୟାନ୍ ଓ ବଲ୍ବ ଝୁଲୁଛି, କାମରେ ଲାଗୁନି, ୩ବର୍ଷ ହେଲା ସୀତାପାଲିରେ ବିଦ୍ୟୁତ୍ ବିଚ୍ଛିନ୍ନ । ଅନ୍ଧାର ରାଜୁତି କରୁଛି । ଟର୍ଚ୍ଚ ଲଗାଇ ରୋଷେଇବାସ, ଖିଆପିଆ ସବୁ କରୁଛନ୍ତି। ମାଲକାନଗିରି ଜିଲ୍ଲାର ଉପାନ୍ତ କାଳିମେଳା ସଦରମହକୁମା ଠାରୁ ୩୦ କିମି ଓ ମାନ୍ୟମକୋଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପ୍ରାୟ ୧୦ କିମି ଦୂର

**ଅନ୍ଧାର ସହ ଜୁଝି ହେଉଛନ୍ତି ସ୍ଥାନୀୟ ଲୋକେ**

ପାହାଡ଼ ଉପରେ ରହିଛି ସୀତାପାଲି ଗାଁ। ମାନ୍ୟମକୋଣ୍ଡା ଠାରୁ ସାଇଲୁର ଘାଟି ରାସ୍ତାକାମ ଯୋଗୁଁ ବିଦ୍ୟୁତ ଖୁଣ୍ଟ ଓ ତାର ଛିଣ୍ଡାଇ ଦିଆଯାଇଛି । ତେଣୁ ସୀତାପାଲି ଗାଁକୁ ବିଦ୍ୟୁତ୍ ଯୋଗାଣ ଠପ୍ ହୋଇଛି। ଫଳରେ ପୂରା ଗାଁ ଅନ୍ଧାରରେ ଥିବା ବେଳେ ମୋବାଇଲ ଚାର୍ଜ କରିବାକୁ ୮କିମି ପାହାଡ଼ ତଳକୁ ଆସିବାକୁ ପଡ଼େ। ଏଠି ମୋବାଇଲ୍ ନେଟୱର୍କ ବି କାଁ ଭାଁ କେତେବେଳେ କେମିତି ଆସୁଛି। କେବଳ ବିଦ୍ୟୁତ କି ମୋବାଇଲ ନେଟୱର୍କ ନୁହେଁ, ଅନେକ ସମସ୍ୟା ସହ ଜୁଝୁଛନ୍ତି ଏଠିକାର ଅଧିବାସୀ। ଶୋଷ ମେଣ୍ଟାଉଛି



ଗାଁଠୁ ୨କିମି ଦୂର ପାହାଡ଼ ତଳେ ଥିବା ଝରଣା ପାଣି । ପାହାଡ଼ି ଗାଁରେ ସ୍କୁଲ କି ଅଙ୍ଗନବାଡ଼ି ନଥିବାରୁ ଅଧିକାଂଶ ପିଲା ପାଠପଢ଼ାରୁ ବଂଚିତ । କିଏ କିଏ ୧୦ କିମି ଦୂର ମାନ୍ୟମକୋଣ୍ଡାରେ ଯାଇ ପାଠ ପଢ଼ିବାକୁ ବାଧ ବୋଲି କୁହନ୍ତି ଅଭିଭାବକ। ଗାଁର ସମସ୍ତ ପରିବାର ରଗିବ ଖଟିଖିଆ। ଧାନ ମାଣ୍ଡିଆ ଓ ମକା ଚାଷ କରି ପରିବାର ପ୍ରତିପୋଷଣ କରନ୍ତି । ଆବାସ ଯୋଜନାରେ ଘର ପାଇନାହାନ୍ତି। ଯାହାକୁ ମିଳିଛି ତାହା ଅର୍ଦ୍ଧନିର୍ମିତ ଅବସ୍ଥାରେ। ତେଣୁ ଚାଳ ଛପର ଓ ଜରିପାଲ ଟାଣି ଶୀତ କାକରରେ ରହୁଛନ୍ତି ଗାଁ ଲୋକେ। ସ୍ୱାଧୀନତାର ୭୮ବର୍ଷ ପରେ ଶାନ୍ତିରେ ଟିକେ ବଞ୍ଚିବାକୁ ଚାହୁଁଥିବା ଲୋକଙ୍କ ଦୁର୍ଦ୍ଦଶା ସ୍ଥାନୀୟ ଜନପ୍ରତିନିଧି କି ପ୍ରାଶାସନିକ ବାବୁ, କାହାରି ଆଖିକୁ ଦେଖାଯାଉନାହିଁ । ଅନ୍ୟପଟେ କାଳିମେଳା ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀଧର ମାଡ଼କାମୀ କହିଛନ୍ତି, ସୀତାପାଲିର ସମସ୍ୟା ସଂପର୍କରେ ସେ କାଳିମେଳା ସମିତି ବୈଠକରେ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ବିକାଶ ଠାରୁ ବହୁ ଦୂରରେ ଥିବା ସୀତାପାଲି ଗାଁର ସବୁ ସମସ୍ୟା ପ୍ରତି ରାଜ୍ୟସରକାର ହୁଅନ୍ତୁ ବା ଜିଲ୍ଲା ପ୍ରଶାସନ ଆଖି ବୁଜି ଦେଇଛି ।

## ଦିବ୍ୟଜ୍ୟୋତି କନଭେଣ୍ଟ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ବୈଶିଙ୍ଗା, ୨୩।୧୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ସର୍ବଣାଠାରେ ଦିବ୍ୟଜ୍ୟୋତି କନଭେଣ୍ଟ ହାୟାର ସେକେଣ୍ଡରୀ ସ୍କୁଲର ବାର୍ଷିକ ଉତ୍ସବ ଅଧକ୍ଷା ଶିଷ୍ଟର ଶ୍ୟାନି. ଭି. ଜୋସେଫଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶପ ବାଲେଶ୍ୱର ଡାୟୋଶିଶ ଭାର୍ଘିସ ଥୋଟ୍ଟମକାରା, ସଂମାନନୀୟ ଅତିଥିଭାବେ ଦିବ୍ୟଜ୍ୟୋତି ପ୍ରଭୀନ୍ସ ବାଲେଶ୍ୱରର ମୁଖ୍ୟ ମଦର ଟେସିନା, ସ୍ୱତନ୍ତ୍ରଅତିଥିଭାବେ ବଡ଼ସାହି ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଂଜ ଯୋଗଦେଇଥିଲେ। ସମସ୍ତ ଅତିଥି ସମେତ ସ୍କୁଲ ଷ୍ଟାଫ୍ଙ୍କ ସେକ୍ରେଟାରୀ ସୋମଦେବ ପାଲ ଓ ପୂର୍ଣ୍ଣିମା ମିଶ୍ର ଏବଂ ସ୍କୁଲ ହେଡ ବୟ ଆଶୁତୋଷ ଦାଶ ହେଡ ଗାର୍ଲସ ସ୍ତୁତିରାଣୀ ପୃଷ୍ଟି ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ମୁଖ୍ୟଅତିଥି ବିଦ୍ୟାଳୟ ଶୃଙ୍ଖଳା, ଉତ୍ତମ ଚରିତ୍ର ଭଳି ଭଲଗୁଣମାନ ଶିଖାଇଥାଏ। ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀ ସେହି ଶୃଙ୍ଖଳାକୁ ଜୀବନରେ ଆଚରଣ କରିବା ସହ ଲକ୍ଷ୍ୟ ସ୍ଥିର କରି ଆଗକୁ ଚାଲିଲେ ସ୍ୱପ୍ନ ସାକାର ହୋଇପାରିବେ ବୋଲି ପ୍ରକାଶ କରିଥିଲେ। ସେହିପରି ମଦର ଟେସିନା ସ୍କୁଲର ପ୍ରତ୍ୟେକ ପିଲାମାନଙ୍କୁ ଚରିତ୍ରବାନ, ରାଷ୍ଟ୍ରଭକ୍ତ, ରାଷ୍ଟ୍ରୀୟ ଶିକ୍ଷାପ୍ରାଣା କରିବାର ଲକ୍ଷ୍ୟରଖି ଶିଶୁଙ୍କ ପାଇଁ ଶିକ୍ଷା ଦେଇଥାଏ ବୋଲି କହିଥିଲେ।

## ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଘାଟିତ



**ଯାଜପୁର ରୋଡ଼, ୨୩।୧୨(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗନଗରର କୁସୁନ୍ନପୁର ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଦେବ ଇଂଟରନେସନାଲ ସ୍କୁଲର ଦୁଇ ଦିନିଆ ବାର୍ଷିକ ଉତ୍ସବ ତଥା ଏକଷ୍ଟାସି ୨୦୨୫ ଅନୁଷ୍ଠିତ ହୋଇଯାଇଅଛି।ପ୍ରଶାସନିକ ଅଧିକାରୀ ଶ୍ରୀ ନିର୍ମଳ କୁମାର ରଣା'ଙ୍କ ଅଧକ୍ଷତାରେ ଏକ ବର୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ ହସ୍ପିଟାଲର ଡିନ ପ୍ରଫେସର ଅରକ୍ଷିତ ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ମୁମ୍ବାଇ ସ୍ଥିତ ଏକାଡେମୀକ କନ୍ସଲଟାଣ୍ଟର ଗ୍ଲୋବାଲ ସ୍ପିକର ଡ଼ଃ ସାଗରିକା ରୟ ଭଟିଆ ସଂମାନ୍ନୀତ ଅତିଥି ଭାବେ ଓ ଦେବ ଇଂଟରନେସନାଲ ସ୍କୁଲର ଫାଉଣ୍ଡର ଟ୍ରଷ୍ଟିର ମୁଖ୍ୟ ଉପଦେଷ୍ଟା ଡ଼ଃ ପ୍ରସନ୍ନ ସାହୁ ଓ ସ୍କୁଲର ଚେୟାରମ୍ୟାନ ଶ୍ରୀ ବୁଦ୍ଧଦେବ ରାଉତ ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଛାତ୍ର ଛାତ୍ରୀଙ୍କ ଶିକ୍ଷାର ଅଭିବୃଦ୍ଧି ହେବା ସଂଗେ ସଂଗେ ଶାରୀରିକ ଓ ମାନସିକ ଚିନ୍ତାଧାରାର ଅଭିବୃଦ୍ଧି ନିତ୍ୟାନ୍ତ ଆବଶ୍ୟକ ବୋଲି ମୁଖ୍ୟ ଅତିଥି ପିଲାମାନଙ୍କୁ ସୂଚନା ଦେଇଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ, ବ୍ୟାପକ ବିୟର ବୋତଲ ଜବତ



**କଳାହାଣ୍ଡି, ୨୩।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅବକାରୀ ବିଭାଗ ପକ୍ଷରୁ ବେଆଇନ ବିଦେଶୀ ମଦ (କୋଠି) ଦୋକାନରୁ ମଙ୍ଗଳବାର ଦିନ ୫ ଲିଟର ୮୫୦ ମିଲି ବିୟର ବୋତଲ ଜବତ ହୋଇଛି। ସୂଚନା ଅନୁସାରେ କୋକସରା ଥାନା ଭାଲୁଚୁଆଁ ଗ୍ରାମର ରାସ୍ତା କଡରେ ବେଆଇନ ମଦ ଦୋକାନ (କୋଠି) ଦେଇ ସମ୍ପୃକ୍ତ ବ୍ୟକ୍ତି ବ୍ୟବସାୟ କରି ଆସୁଥିଲା। କୌଣସି ସୂତ୍ରରୁ ଖବର ପାଇ ଧର୍ମଗଡ଼ ଅବକାରୀ ଅଧିକାରୀ ପ୍ରତିମା ମ୍ୟାଡ଼ମ ଙ୍କ ନେତୃତ୍ୱରେ ସମ୍ପୃକ୍ତ ବେଆଇନ ମଦ କୋଠି କୁ ଚଢଉ କରାଯାଇଥିଲା। ସେ ଠାରୁ ୫ଲି.୮୫୦ମିଲି ବିୟର ବୋତଲ ଜବତ କରାଯାଇଛି। ମଙ୍ଗଳବାର ବେଆଇନ ବିୟର କୁ ଜବତ କରିବା ସହ ଦୋକାନୀ ଙ୍କ ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ୧୬୯/୨୫-୨୬ ମାମଲା ରୁଜୁ କରି ଧର୍ମଗଡ଼ ଏସଡ଼ିଜେଏମ କୋର୍ଟ କୁ ଆସାମୀ ପଙ୍କଜ ଯୋଏଡ଼ କୁ ଗିରଫ କରି ଚାଲାଣ କରା ଯାଇଥିବା ଅବକାରୀ ବିଭାଗ ଅଧିକାରୀ ପ୍ରତିମା ମ୍ୟାଡମ ସୂଚନା ଦେଇଛନ୍ତି। ଏହି ଚଢ଼ଉ ସମୟରେ ଅବକାରୀ ବିଭାଗ ର ଓଆଇସି କରନ ବାଗ, ଭୁଜବଳ ପଟେଲ ଓ ଯଶୋବନ୍ତି ଭୋଇ କର୍ମଚାରୀ ମାନେ ସାମିଲ ଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଲିଆପାଳ, ୨୩।୧୨(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଅନ୍ତର୍ଗତ କୀର୍ତ୍ତି ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ନାରାୟଣପୁରର ୪୯ ତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲୋକ ବିହାରୀ ପଟ୍ଟାୟତଙ୍କ ସଭାପତିତ୍ୱରେ ସଭାର ଆ ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଡାଃ ସମୀର ରଞ୍ଜନ ବେହେରା, ମୁଖ୍ୟ ବକ୍ତା ରୂପେ ଅବସରପ୍ରାପ୍ତ ପ୍ରଧାପକ ଡଃ. କାଳିକିଙ୍କର ଦାସ, ସମ୍ମାନିତ ଅତିଥି ରୂପେ ଧୀରେନ୍ଦ୍ର ନାଥ ହାଜିରା, କାହ୍ନୁଚରଣ ଗିରି, ବିଦ୍ୟାଧର ପରିଡା, ସନ୍ତୋଷ କୁମାର ଗିରି, ବାବାଜୀ ଦେହୁରି, ରାଜୀବଲୋଚନ ରାୟ, ସି.ଆର.ସିସି ଜଗନ୍ନାଥ ମହାନ୍ତି ଯୋଗଦେଇ ନିଜ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ପ୍ରତିଯୋଗତାରେ ଅଂଶଗ୍ରହଣ କରି କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

## ବିଏସ୍‌ପିର ବିଶାଳ ମିଶ୍ରଣ ପର୍ବ ବିଭିନ୍ନ ଦଳର ଶତାଧିକ କର୍ମୀଙ୍କ ଯୋଗଦାନ



**ବିଷମକଟକ, ୨୩।୧୨(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର ବିଷମକଟକ ନିର୍ବାଚନ ମଣ୍ଡଳିରେ ବହୁଜନ ସମାଜ ପାର୍ଟୀ (ବିଏସ୍‌ପି) ଦିନକୁ ଦିନ ନିଜ ସଂଗଠନକୁ ସୁଦୃଢ଼ କରି ଚାଲିଥିବା ବେଳେ ଆଜି ବିଷମକଟକ ସଦର କଲ୍ୟାଣ ମଣ୍ଡପ ଠାରେ ଏକ ବିଶାଳ ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଦଳର ଶତାଧିକ ସକ୍ରିୟ କର୍ମୀ ଦଳ ଛାଡ଼ି ବିଏସ୍‌ପିରେ ଯୋଗଦାନ କରିଥିବାରୁ ସ୍ଥାନୀୟ ରାଜନୀତିରେ ନୂଆ ଉତ୍ସାହ ଦେଖାଦେଇଛି। ଏହି ମିଶ୍ରଣ ପର୍ବରେ ବିଏସ୍‌ପି ଓଡ଼ିଶା ରାଜ୍ୟ ସଭାପତି ସରୋଜ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବାଗତ କର୍ମୀମାନଙ୍କୁ ଦଳୀୟ ପତାକା ପିନ୍ଧାଇ ସ୍ୱାଗତ କରିଥିଲେ। ବିଷମକଟକ ସଦର ଯୁବ ସଂଘଠକ ଗୌରୀ ପ୍ରସାଦ ପାତ୍ର ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ବିଏସ୍‌ପିରେ ଯୋଗଦେଇ ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିଲେ। ତାଙ୍କୁ ଦଳ ପକ୍ଷରୁ ଉଷ୍ମ ସ୍ୱାଗତ କରାଯାଇଥିଲା।

## ୭୨୦ ବୋତଲ କଫ ସିରଫ ସହ ଅଭିଯୁକ୍ତ ଗିରଫ

**ସୁବର୍ଣ୍ଣପୁର, ୨୩।୧୨(ସଂଚାର ବ୍ୟୁରୋ):** ଗତକାଲି ରାତି ବୁର୍ଡା ରାସ୍ତାର ସର୍ଗୁଣାମୁଣ୍ଡା ଛକ ପାଖରୁ ଯୁବକଙ୍କ ପାଖରୁ ଜବତ ହେଲା ବିପୁଳ ପରିମାଣର କଫ ସିରଫ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ କୌଣସି ସୂତ୍ରରୁ କଫ ସିରଫ ଚୋରା ଚାଲାଣ ହେଉଥିବା ଖବର ପାଇଥିଲେ ଓ ତାହା ଅର୍ଜୁନପୁର -ବୁର୍ଡା ରାସ୍ତା ରେ ସୋନପୁର ପଟକୁ ଆସୁଥିବା ଖବର ପାଇ ତୁରନ୍ତ ପୋଲିସ ଟିମକୁ ଏବଂ ହରଡଖୋଲ ଆଉଟ୍ ପୋଷ୍ଟ ଅଧିକାରୀ ରାଜକିଶୋର ବାରିକଙ୍କୁ ଏକତ୍ରିତ ହୋଇ ପେଟ୍ରୋଲିଂ କରିବା ସହ କଡ଼ା ନଜର ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୁର୍ଡା ପଟରୁ ଆସୁଥିବା ଏକ ସ୍କୁଟି ନଂ ଓଡ଼୧୭ ଇର୍ ୫୬୦୮ କୁ ଅଟକାଇ ଯାଞ୍ଚ କରିବାରୁ ୨ ଟି ଧଳା ବ୍ୟାଗ ରେ ୭୨୦ ବୋତଲ କଫ ସିରଫ ବୋତଲ ସହିତ ଅଭିଯୁକ୍ତ ହେମାନନ୍ଦ ବେହେରା (୨୮) ବର୍ଷକୁ ପୋଲିସ ଧରିବାରେ ସଫଳ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଆଜି ସୂଚନା ଦେଇଛନ୍ତି। ଚୋରା କଫ ସିରଫ ର ଆନୁମାନିକ ମୂଲ୍ୟ ୩ ଲକ୍ଷ ୬୦ ହଜାର ରୁ ଉର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ଅଭିଯୁକ୍ତ ହେମାନନ୍ଦ ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ଅନ୍ତର୍ଗତ ମଲମୁଣ୍ଡା ଗ୍ରାମର ପୁରୁଷ୍ଟମ ବେହେରା ଙ୍କ ପୁଅ ବୋଲି ସୂଚନା ମିଳିଛି।



## ଆବାସ କମିଟି ଓ ସାଂସ୍କୃତିକ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ସୁବର୍ଣ୍ଣପୁର, ୨୩।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ସୁବର୍ଣ୍ଣପୁର ଲୋକ ମହୋତ୍ସବ -୨୦୨୬ ଆୟୋଜନ ଅବସରରେ ଆବାସ କମିଟି ଓ ସାଂସ୍କୃତିକ ଶୋଭାଯାତ୍ରା, ପଦଯାତ୍ରା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼.ନୃପରାଜ ସାହୁ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜାନୁୟାରୀ ୭ତାରିଖି ଠାରୁ ଜାନୁୟାରୀ ୧୧ତାରିଖି ପର୍ଯ୍ୟନ୍ତ ଲୋକ ମହୋତ୍ସବ ଆୟୋଜନ ସମ୍ପର୍କରେ କଳାକାର ମାନେ ରହିବା ର ସୂ -ବ୍ୟବସ୍ଥା କରିବାକୁ ସୋନପୁର ସହରର ହୋଟେଲ ମାଲିକ ସଂଘ ର ସମସ୍ତ ହୋଟେଲ ମାଲିକ ମାନଙ୍କ ସହ ଆଲୋଚନା କରି ଜିଲ୍ଲାପାଳ ଅନୁରୋଧ କରିଥିଲେ। ଜାନୁୟାରୀ ୭ତାରିଖରେ ଏକ ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ କରାଯିବ। ଏହି ଶୋଭାଯାତ୍ରା ରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ବ୍ଲକ୍, ସହରାଞ୍ଚଳରୁ ପ୍ରାୟ ୧୨୦୦ ଜଣ କଳାକାର ଅଂଶଗ୍ରହଣ କରିବେ। କଳାକାର ମାନଙ୍କୁ ସହରର ବିଭିନ୍ନ ଛକ ମାନଙ୍କ ରେ ପାନୀୟ ଜଳ ଯୋଗାଇ ଦେବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ଅନୁରୋଧ କରାଗଲା। ଶୋଭାଯାତ୍ରା ରେ କିଏ କେଉଁଠି ପାନୀୟ ଜଳ ର ବ୍ୟବସ୍ଥା କରିବେ ତାହାର ଏକ ତାଲିକା ପ୍ରସ୍ତୁତି ହୋଇଥିଲା। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ସୋନପୁର ବ୍ଲକ ଛକ, ଚନ୍ଦ୍ରିକା ସେବା ଟ୍ରଷ୍ଟ, ଆମ୍ବେଦକର ଛକ, ବାପୁଜୀ କ୍ଲବ୍/କେମିଷ୍ଟ ଓ ଡ୍ରଗିଷ୍ଟି ଆସୋସିଏସନ୍, ଘୋଡାଘାଟପଡା ଛକ, ରାମଧୂନ କ୍ଲବ, କସ୍ତୁରୀ ଛକ, ସ୍ୱଚ୍ଛ ଭାରତ ସଂଗଠନ, ବିଜୁପଟ୍ଟନାୟକ ଛକ, ବ୍ୟବସାୟୀ ସଂଘ, ଗଙ୍ଗାଧର ମେହେର ଛକ, ମାରୱାଡ଼ି ଯୁବା ମଞ୍ଚ, ଦୁର୍ଗା ମଣ୍ଡପ ଛକ ଠାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାନୀୟ ଜଳ ର ବ୍ୟବସ୍ଥା କରାଯିବ ବୋଲି ସ୍ଥିରୀକୃତ ହୋଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**ସୁବର୍ଣ୍ଣପୁର, ୨୩।୧୨(ସଂଚାର ବ୍ୟୁରୋ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ସୋନପୁର ର ବାର୍ଷିକ ଉତ୍ସବ ମହା ସମାରୋହ ରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜ ସାହୁ ଯୋଗଦେଇ ଶିଶୁ ବିଦ୍ୟା ମନ୍ଦିର ର ଯେଉଁ ଦର୍ଶନ ରହିଛି ତାହା ଏକ ମାତ୍ର ମାଧମ, ଯେଉଁ ମାଧମ ରେ ଆମେ ଦେଶ ର ଦର୍ଶନ ଟାକୁ ଦେଶ ର ଲକ୍ଷ୍ୟ, ଭବିଷ୍ୟତ ଓ ସ୍ୱପ୍ନ ଟା କୁ ପୁରା କରି ପାରିବା ବୋଲି କହି ଥିଲେ। ଆମ ପ୍ରାଚୀନ ସଂସ୍କୃତି ପରମ୍ପରା ଓ ସଭ୍ୟତା କୁ ବଜାୟ ରଖିଲେ ଦେଶ ସମୃଦ୍ଧ ହେବ ବୋଲି ପ୍ରକାଶ କରି ପାରିଶ୍ରମିକ ବେଶି ପାଆନ୍ତି ନି କିନ୍ତୁ ତା ଠୁଁ ଖୁବ ବେଶି ପରିଶ୍ରମ କରନ୍ତି ଏଇ ଶିଶୁ ବିଦ୍ୟା ମନ୍ଦିର ର ଗୁରୁଜୀ ଗୁରୁମା ବୋଲି ସମ୍ମାନ ଜଣାଇ ଥିଲେ ଜିଲ୍ଲାପାଳ ଡ଼. ସାହୁ। ସମ୍ମାନିତ ଅତିଥି ଭାବେ ସୋନପୁର ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମଣ ମିଶ୍ର ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧାତ୍ମିକ ଦୃଷ୍ଟିରୁ ପୂର୍ଣ୍ଣ ବିକଶିତ କରିବା ଉପରେ ମତପ୍ରକାଶ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପଶ୍ଚିମ ଓଡ଼ିଶା ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ପ୍ରଣବ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ର ଭାବନାକୁ ସୁସଂସ୍କୃତ ଓ ସୁସମ୍ପନ୍ନ କରିବା, ଯୁବ ପିଢି ବିଶ୍ୱ କଲ୍ୟାଣ ନିମନ୍ତେ ସମର୍ପିତ ହେବା ନେଇ ଆଲୋଚନା କରିଥିଲେ। ଏଥି ପାଇଁ ଛାତ୍ରୀଛାତ୍ରମାନେ ଭଲ ପାଠ ପଢିବା, କଠିନ ପରିଶ୍ରମ କରିବାକୁ ଓ ଭଲ ମଣିଷ ଟିଏ ହେବାକୁ ପରାମର୍ଶ ଦେଇଥିଲେ।

## ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ବଳଭଦ୍ର ମାଝୀ



**ଲାଞ୍ଜିଗଡ଼, ୨୩।୧୨(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ୮ ଗୋଟି ଦାବି ନେଇ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କୁ ଦାବିପତ୍ର ଦେବା ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ। ଶ୍ରୀ ମାଝୀଙ୍କ ଦାବିପତ୍ରରେ ଲାଞ୍ଜିଗଡ଼ ବ୍ଲକରେ ୨୬ ଗୋଟି ପଞ୍ଚାୟତରେ ୪୭୨ ଟି ଗାଁ ରହିଛି ତେଣୁ ଆଉ ଏକ ନୂତନ ବ୍ଲକ ଆବଶ୍ୟକ। ରାଜ୍ୟ ସରକାର ତରଫରୁ ଉଚ୍ଚ ଶିକ୍ଷା ପ୍ରସାର ନିଷ୍ପତ୍ତି ନେଇଛନ୍ତି ତାହା ବେନଗାଁ ଓ କମର୍ଦ୍ଧା ଠାରେ +୨ ମହାବିଦ୍ୟାଳୟ ନିର୍ମାଣ କରାଯାଉ।ପାରିପାର୍ଶ୍ୱିକ ଉନ୍ନତି ବେଦାନ୍ତ କମ୍ପାନୀ ଅଗ୍ରସର କଲା ଏଥିରେ ବାହାର ପିଲାଙ୍କୁ ଭର୍ତ୍ତି କଲା ହେଲେ ଦକ୍ଷତା ଓ ଅନାଦକ୍ଷତା ଛାତ୍ରଛାତ୍ରୀମାନଙ୍କୁ କୌଣସି ନିଯୁକ୍ତି ମିଳୁନାହିଁ, ବେଦାନ୍ତ କମ୍ପାନୀରେ ସିଏସଆର୍ ଫଣ୍ଡରୁ ବିଶ୍ୱନାଥପୁର ଅର୍ଦ୍ଧନିର୍ମିତ ଜଗନ୍ନାଥ ମନ୍ଦିର ଏବଂ ଷ୍ଟ୍ରିଟ୍ ଲାଇଟ୍ ମାର୍କେଟ ଓ ପ୍ରତ୍ୟେକ ପଡ଼ାରେ ବ୍ୟବସ୍ଥା କରାଯାଉ। କପାଗୁଡ଼ା, ବସନ୍ତପଡ଼ା କିନାରି, ଜଗନ୍ନାଥପୁର, ବଣ୍ଡେଲ, ଚଣାଲିମା, ଛତ୍ରପୁର, କୋଟଦୁଆର, କେନ୍ଦୁପଡ଼ା ପ୍ରମୁଖ ଗାଁ ଗୁଡିକୁ ଉଚ୍ଛେଦ କରାଯାଉ। ବିଶ୍ୱନାଥପୁର ଠାରୁ ମୁଷାନାଳ ପର୍ଯ୍ୟନ୍ତ ଆରଡି ରାସ୍ତାକୁ ପୂର୍ତ୍ତ ବିଭାଗ ରାସ୍ତାରେ ସାମିଲ କରି ହାତୀଶାଳ ଘାଟିକୁ ପ୍ରଶସ୍ତିକରଣ କରାଯାଉ।

## ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ପାଳିତ



**କୋଲନରା, ୨୩।୧୨(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ସ୍ଥିତ ଥେରୁବାଲି ଶିଶୁମନ୍ଦିରର ୨୬ତମ ବାର୍ଷିକ ଉତ୍ସବ ମହାଆଡ଼ମ୍ବରେ ପାଳିତ ହୋଇଯାଇଛି। ଏହି ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବରେ ବହୁ ସଂଖ୍ୟାରେ ଅଭିଭାବକ ଅଭିଭାବିକା, ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶୁଭେଚ୍ଛୁକ ମାନେ ଉପସ୍ଥିତ ଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ମଞ୍ଜୁଲତା ଜେନା, ସଂମ୍ମାନୀୟ ଅତିଥି ଭାବେ କୋଲନରା ବ୍ଲକ ଉପାଧକ୍ଷ ଶ୍ରୀ ହଳଧର ହିମିରିକା, ଇମ୍ପା କାରଖାନା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଶ୍ରୀ ଦୀପକ କୁମାର ଓଝା, ମୁଖ୍ୟବକ୍ତା ଡ଼ଃ ଭବାନୀ ଶଙ୍କର ଦାସ, ସଭାପତି ଅନୁପ କୁମାର ବିଶ୍ୱାସ, ସମ୍ପାଦକ ଶ୍ରୀ କାହ୍ନୁଚରଣ ପଣ୍ଡା, ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ପାର୍ବତୀ ପଣ୍ଡା ପ୍ରମୁଖ ମଞ୍ଚାସିନ ହୋଇଥିଲେ। ମୁଖ୍ୟବକ୍ତା ଶ୍ରୀ ଦାସ ତାଙ୍କ ଭାଷଣରେ ସରସ୍ୱତୀ ଶିଶୁମନ୍ଦିର ପରି ଶିକ୍ଷାନୁଷ୍ଠାନ ଗୁଡ଼ିକ ଦେଶ ଗଢ଼ାରେ ମୁଖ୍ୟ ଭୂମିକା ନିଭାଉଛନ୍ତି। ନୀତି, ଶିଷ୍ଟାଚାର, ଦେଶଭକ୍ତି ଓ ସଂସ୍କାର ଭିତ୍ତିକ ଶିକ୍ଷା ମାଧମରେ ସୁସଚେତନ ଓ ଦାୟିତ୍ୱବାନ୍ ନାଗରିକ ଗଢ଼ିଉଠନ୍ତି। ଛାତ୍ରଛାତ୍ରୀ ମାନେ ଶିକ୍ଷା ସହ ସମାଜ ପ୍ରତି ଦାୟିତ୍ୱବୋଧ ଧାରଣ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ପାର୍ବତୀ ପଣ୍ଡା ଶିଶୁମନ୍ଦିରର ଶିକ୍ଷା ପଦ୍ଧତି, ଅନୁଶାସନ ଓ ଛାତ୍ରଛାତ୍ରୀଙ୍କ ସାର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇ ବକ୍ତବ୍ୟ ରଖିବା ସହ ବୃତ୍ତ କଥନ କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦେଶଭକ୍ତି ମୂଳକ ଗୀତ, ଓଡ଼ିଶୀ, ସମ୍ବଲପୁରୀ, ମରାଠୀ, ପାଇକ, ବଙ୍ଗାଳି ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ମାତୃଭାରତୀ ଓ ପୂର୍ବ ଛାତ୍ରୀ ମାନଙ୍କ ଦ୍ୱାରା କନ୍ୟା ସୁରକ୍ଷା ଉପରେ ଏକ ସଚେତନ କାର୍ଯ୍ୟକ୍ରମ ପ୍ରଦର୍ଶନ ହୋଇଥିଲା।

## ପୋଷ୍ଟ ଅଫିସ ଦ୍ୱାରା 'ଡାକ ମେଳା' ଅନୁଷ୍ଠିତ

**ବାଲିଆପାଳ ୨୩।୧୨(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ କରଞ୍ଜ ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପରିସରରେ ରେ ପ୍ରତାପପୁର ପୋଷ୍ଟ ଅଫିସ ଦ୍ୱାରା 'ଡାକ ମେଳା'ଅନୁଷ୍ଠିତ ହୋଇଯାଇଛି। ଡାକସେବକ ନିର୍ମଳ ଚନ୍ଦ୍ର ଦାସ ଙ୍କ ଅଧକ୍ଷ୍ୟତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ନାରାୟଣ ପଣ୍ଡା, ମୁଖ୍ୟବକ୍ତା ଭାବେ ସମିତିସଭ୍ୟ ଶାନ୍ତନୁ ମହାପାତ୍ର, ନିମନ୍ତ୍ରିତ ଅତିଥି ଶିକ୍ଷକ ଅନାଦି ଚରଣ ଜେନା, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଡାକମଣ୍ଡଳ ଅଧିକାରୀ ତାପସ ଦାସ, ଉପଅଧିକାରୀ ରମେଶ ଚନ୍ଦ୍ର ସାହୁ, ଜଳେଶ୍ୱର ପଶ୍ଚିମ ଉପଖଣ୍ଡ ନିରୀକ୍ଷକ ବିକ୍ରମ କୁମାର ନାୟକ, ବାଲେଶ୍ୱର ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ମ୍ୟାନେଜର ସୁରଜ ସିଂ ପ୍ରମୁଖ ଡାକ ସେବାର ବିଭିନ୍ନ ଯୋଜନା କୁ ଲୋକାଭିମୁଖୀ କରିବାର ଉଦେଶ୍ୟ ରେ ଉପଭୋକ୍ତା ଙ୍କୁ ଅବଗତ କରିଥିଲେ।ବିଶେଷ କରି ପ୍ରଧାନମନ୍ତ୍ରୀ ଜୀବନଜୋତୀ ଯୋଜନାରେ ବର୍ଷ କୁ ମାତ୍ର ୨୨୮ ଟଙ୍କା ଦେଇ ଦୁଇ ଲକ୍ଷ ର ବୀମା ପାଇପାରିବେ ବୋଲି ଅତିଥି ମାନେ ମତାମତ ରଖିଥିଲେ। ସେହିପରି ନିତ୍ୟଶ୍ରୀ ବିଶ୍ୱାଳ, ଅଜୟ ହାଜିରା ବୁଦ୍ଧିରାମ ସୋରେନ, ହୃଷିକେଶ ପାତ୍ର, ସନ୍ଧ୍ୟାରାଣୀ ସି, ନିବେଦିତା ଦେ, ଅନୁପମା ସେଠୀ ଶର୍ମିଷ୍ଠା ବାରିକ, ସୁକୁମାର ପରିଡା, ବସନ୍ତ ପରିଡା, ସୁମନ ଗିରି, ଆଦିତ୍ୟ ଦାସ, ହରିହର ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

## ବ୍ୟାଙ୍କର ଗ୍ରୀଲ କାଟି ନଗଦ ଟଙ୍କା ଲୁଟ



**ବାଲିଆପାଳ, ୨୩।୧୨(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଜାମକୁଣ୍ଡା ସ୍ଥିତ ୟୁକୋ ବ୍ୟାଙ୍କ ଶାଖା ରୁ ବିଳମ୍ବିତ ରାତି ରେ ଗ୍ରୀଲ କାଟି ନଗଦ ଟଙ୍କା ଏବଂ ଆସବାବପତ୍ର ଲୁଟି ନେଲେ ଦୁର୍ବୃତ୍ତ, ଆଜି ସକାଳେ ସ୍ଥାନୀୟ ଲୋକେ ବ୍ୟାଙ୍କ ଖୋଲା ଥିବା ଦେଖି ବାଲିଆପାଳ ପୋଲିସ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷ ଙ୍କୁ ଖବର ଦେଇ ଥିଲେ, ଖବର ପାଇ ବାଲିଆପାଳ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି, ବ୍ୟାଙ୍କ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପହଞ୍ଚି ଥିବା ବେଳେ କେତେ ଟଙ୍କା ଲୁଟ ହୋଇଛି ସ୍ପଷ୍ଟ ସୂଚନା ମିଳିନି, ଅନ୍ୟ ପଟେ ବ୍ୟାଙ୍କ ଠାରୁ ୨୦୦ମିଟର ଦୂର ରେ ଥିବା ତ୍ରୀନାଥ ଜୁଏଲାର୍ସ ନାମକ ଗହଣା ଦୋକାନ ରୁ ମଧ ସଟର ତାଡି ଟଙ୍କା ଏବଂ ସୁନାଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ ।

## ଖୋଲିଲା ଧାନମଣ୍ଡି: ଜିଲ୍ଲାପାଳ କଲେ ଶୁଭାରମ୍ଭ

**ଦିଗପହଣ୍ଡି, ୨୩।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନ ମଙ୍ଗଳବାର ଦିଗପହଣ୍ଡି ବ୍ଲକ ଫାସିଗୁଡା ଗ୍ରାମ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ପହଞ୍ଚି ହୋମ, ପୂଜାର୍ଚ୍ଚନା କରିବା ସହ ଧାନମଣ୍ଡି ଶୁଭାରମ୍ଭ କରିଥିଲେ । ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର , ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ, ଡିଆର୍‌ସିଏସ୍ ଯୋଗମାୟା ସାବତ , ଏଆରସିଏସ୍ ଦେବାଶିଷ ସ୍ୱାଇଁ , ଏସିଏସଓ ଦେବସ୍ମିତା ମଲ୍ଲିକ, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ , ଦିଗପହଣ୍ଡି ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ମହନ୍ତ ଚିନ୍ମୟାନନ୍ଦ ଦାସ, ସରପଞ୍ଚ ଗୌରୀ ବିଷୋୟୀ, ସମବାୟ ସଭାପତି ଶିବରାମ ପ୍ରଧାନ, ବ୍ଲକ ଯୋଗାଣ ନିରୀକ୍ଷକ ବ୍ରଜେଶ୍ୱର ରୟ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମୁଖ୍ୟଅତିଥି ତଥା ବିଧାୟକ ଚାଷୀମାନେ ମଣ୍ଡିକୁ ଗୁଣାତ୍ମକ ଧାନ ଆଣିବାକୁ କହିଥିଲେ।

## ନର୍ଲା ପଞ୍ଚାୟତ ସମିତିର ୮ମ ଅଧିବେଶନ



**ନର୍ଲା, ୨୩।୧୨(ସଂଚାର ବ୍ୟୁରୋ):** ପଞ୍ଚାୟତ ସମିତି ନର୍ଲାର ଅଷ୍ଟମ ସାଧାରଣ ଅଧିବେଶନ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ବିଡ଼ିଓ ବିପିନ ବିହାରୀ ଦୀପ। ଏଥିରେ କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଅନିରୁଦ୍ଧ ପଧାନ, ବିଧାୟକାଙ୍କ ପ୍ରତିନିଧି ସରୋଜ କୁମାର ରାଉତ, ନର୍ଲା ବ୍ଲକ ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ, ନର୍ଲା ସହକାରୀ ସମ୍ପ୍ରସାରଣ ଯନ୍ତ୍ରୀ ସୁଧାଂଶୁ ମହାଲି ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ, କୃଷି, ଉଦ୍ୟାନ କୃଷି ଆଦି ବିଭିନ୍ନ ବିଷୟରେ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ୨୬ ଗୋଟି ପଞ୍ଚାୟତର ଅନେକ ସରପଞ୍ଚ, ସମିତି ସଭ୍ୟ/ ସଭ୍ୟା, ବିଭିନ୍ନ ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଏସଏସଓ ପ୍ରଦୀପ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।